ଧରିତ୍ରୀ 51 Years
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୨୦/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, July 20/2025 Page 16 ₹ 7.00

୫୧ଶ ଭାଗ ୨୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 235 ମୂଲ୍ୟ₹୭/-

DADLS - 39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା

- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜିକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




**ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ**

OIPR-15001/13/0931/2526

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ଭିଡ଼ରେ ଗାଡ଼ି ମାଡ଼ିଯିବାରୁ ୨୦ ଆହତ

ୱାଶିଂଟନ,୧୯।୭

ଲସ୍ ଏଞ୍ଜେଲସ୍‌ର ଇଷ୍ଟ ହଲିଉଡ୍‌ରେ ଥିବା ସାନ୍ତା ମୋନିକା ବୌଲେଭାର୍ଡଠାରେ ଏକ ଗାଡ଼ି ଗହଳି ମଧ୍ୟକୁ ମାଡ଼ିଯିବାରୁ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ଅନ୍ୟ ୮ରୁ ୧୦ ଜଣ ଗୁରୁତର ଥିବା କୁହାଯାଉଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ତେବେ ଦୁର୍ଘଟଣାର କାରଣ ଓ ଡ୍ରାଇଭର ଧରା ପଡ଼ିଛନ୍ତି କି ନାହିଁ, ତାହା କର୍ତ୍ତୃପକ୍ଷ ସ୍ପଷ୍ଟ କରିନାହାନ୍ତି। ଜରୁରୀ ସେବା କର୍ମଚାରୀମାନେ ଆହତଙ୍କୁ ହସ୍ପିଟାଲ ନେଇଥିଲେ।

### କାର୍ଯ୍ୟଚାପରୁ ବ୍ୟାଙ୍କ ମ୍ୟାନେଜରଙ୍କ ଆତ୍ମହତ୍ୟା

ପୁଣେ,୧୯।୭

ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ବାରାମତିରେ ଜଣେ ବ୍ୟାଙ୍କ ମ୍ୟାନେଜର ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ମିଳିଥିବା ଏକ ନୋଟ୍ ଅନୁଯାୟୀ, କାର୍ଯ୍ୟଚାପରୁ ମ୍ୟାନେଜର ଶିବଶଙ୍କର ମିତ୍ର ଆତ୍ମହତ୍ୟା କରିଥିବା ଜଣାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ବ୍ୟାଙ୍କ ପରିସରରେ ଶିବଶଙ୍କର ରଶି ଲଗାଇ ଆତ୍ମହତ୍ୟା କରିଥିଲେ ବୋଲି ବାରାମତି ଥାନା ଅଧିକାରୀ କହିଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଏବଂ କାର୍ଯ୍ୟଚାପରୁ ବ୍ୟାଙ୍କ ମୁଖ୍ୟ ପରିଚାଳକ ପଦବୀରୁ ଶିବଶଙ୍କର ଗତ ୧୧ ତାରିଖରେ ଇସ୍ତଫା ଦେବା ପରେ ନୋଟିସ୍ ପିରିଅଡ୍‌ରେ କାର୍ଯ୍ୟ କରୁଥିଲେ। ଗୁରୁବାର ବ୍ୟାଙ୍କ ବନ୍ଦ ହେବା ପରେ ସେ ସବୁ କର୍ମଚାରୀଙ୍କୁ ଘରକୁ ଯିବା ପାଇଁ କହି ନିଜେ ପରେ ଯିବେ ବୋଲି କହିଥିଲେ। ରାତି ୯ଟା ୩୦ରେ ୱାଚ୍‌ମ୍ୟାନ୍ ଘରକୁ ଯାଇଥିଲେ। ପୂର୍ବରୁ ଶିବଶଙ୍କର ଜଣେ କର୍ମଚାରୀଙ୍କ ଜରିଆରେ ଆଣିଥିବା ଦଉଡ଼ି ସହାୟତାରେ ରାତି ୧୦ଟାରେ ଆତ୍ମହତ୍ୟା କରିଥିଲେ। ବ୍ୟାଙ୍କ ସିସିଟିଭି କ୍ୟାମେରାରେ ତାଙ୍କ ଆତ୍ମହତ୍ୟା ସମୟର ଦୃଶ୍ୟ କଏଦ ହୋଇଛି। ସେ ଘରକୁ ନ ଫେରିବା ଏବଂ ଫୋନ୍ କଲ୍‌ର ଜବାବ ନ ଦେବାରୁ ମଧ୍ୟରାତ୍ରରେ ତାଙ୍କ ସ୍ତ୍ରୀ ବ୍ୟାଙ୍କରେ ପହଞ୍ଚି କର୍ମଚାରୀମାନଙ୍କୁ ଖବର ଦେଇଥିଲେ। ସେମାନେ ପହଞ୍ଚି ଶାଖା ଖୋଲିଲା ପରେ ମ୍ୟାନେଜର ସିଲିଂରୁ ଝୁଲିପଡ଼ିଥିବା ଦେଖିବାକୁ ପାଇଥିଲେ।

### ଆପ୍ ବିଧାୟକ ଅନ୍‌ମୋଲ ଗଗନ ମାନ୍‌ଙ୍କ ଇସ୍ତଫା

ଚଣ୍ଡିଗଡ଼,୧୯।୭ (ପି.ଟି.)

ପଞ୍ଜାବର ଆପ୍ ନେତା ଅନ୍‌ମୋଲ ଗଗନ ମାନ୍ ଶନିବାର ବିଧାନସଭା ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ରାଜନୀତି ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା Xରେ ଘୋଷଣା କରିଛନ୍ତି। ୩୫ ବର୍ଷୀୟା ମାନ୍ ଖରାର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିବା ପାଇଁ ସେ ବାଚସ୍ପତିଙ୍କୁ ନିବେଦନ କରିଛନ୍ତି। ସେ ଦଳକୁ ଶୁଭେଚ୍ଛା ଜଣାଇବା ସହ ପଞ୍ଜାବର ଆପ୍ ସରକାର ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ସେ ଆଶାବାଦୀ ରହିଛନ୍ତି। ଗାୟିକାରୁ ରାଜନେତା ହୋଇଥିବା ମାନ୍ କ'ଣ ପାଇଁ ରାଜନୀତି ଛାଡ଼ିବାକୁ ନିଷ୍ପତ୍ତି ନେଲେ ସେ ସମ୍ପର୍କରେ କିଛି କହିନାହାନ୍ତି।

# ଶିକ୍ଷାନୁଷ୍ଠାନରେ ଛାତ୍ରୀ ଅସୁରକ୍ଷିତ

**ବାଲେଶ୍ୱର ଜିଲା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନିକଟରେ ଘଟିଥିବା ୨ଟି ଘଟଣା ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଥିବାବେଳେ ଉତ୍ତର ପ୍ରଦେଶର ୨ ଶିକ୍ଷାନୁଷ୍ଠାନରୁ ଛାତ୍ରୀ ନିର୍ଯାତନାର ମାମଲା ସାମ୍ନାକୁ ଆସିଛି। ଲକ୍ଷ୍ନୌସ୍ଥିତ ଏକ ସ୍କୁଲର ଭ୍ୟାନ୍ ଡ୍ରାଇଭର ଜଣେ ୪ ବର୍ଷୀୟା ଝିଅଙ୍କୁ 'ଡିଜିଟାଲ ରେପ୍' କରିଥିବାବେଳେ ଗ୍ରେଟର ନଏଡାର ଶାରଦା ୟୁନିଭର୍ସିଟିରେ ଷ୍ଟାଫ୍‌ଙ୍କ ନିର୍ଯାତନା ସହି ନ ପାରି ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଯୌନ ନିର୍ଯାତନା ଓ ମହିଳା ବିରୋଧୀ ଅପରାଧ ରୋକିବା ପାଇଁ ଦେଶରେ ଅନେକ ଆଇନ ରହିଥିଲେ ମଧ୍ୟ ସେଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରାଯାଉ ନ ଥିବାରୁ ବାରମ୍ବାର ଘଟୁଥିବା ଏଭଳି ଘଟଣାଗୁଡ଼ିକ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଛିଡ଼ା କରାଇଛି।**



## ଲକ୍ଷ୍ନୌରେ ୪ ବର୍ଷୀୟାଙ୍କୁ 'ଡିଜିଟାଲ ରେପ୍' କଲେ ସ୍କୁଲ ଭ୍ୟାନ୍ ଡ୍ରାଇଭର

ଲକ୍ଷ୍ନୌ/ଗ୍ରେଟର ନଏଡା,୧୯।୭

ୟୁପି ରାଜଧାନୀ ଲକ୍ଷ୍ନୌସ୍ଥିତ ଏକ ସ୍କୁଲରେ ୪ ବର୍ଷୀୟା ଝିଅ ଜଣକ ପାଠ ପଢ଼ନ୍ତି। ଭ୍ୟାନ୍ ଡ୍ରାଇଭର ମହମ୍ମଦ ଆରିଫ୍ ଅନ୍ୟ ପିଲାଙ୍କ ସହ ତାଙ୍କୁ ଘରୁ ସ୍କୁଲକୁ ନେବାଆଣିବା କରନ୍ତି। ନିକଟରେ ଶିଶୁକନ୍ୟା ନିଜ ସମ୍ବେଦନଶୀଳ ଅଙ୍ଗରେ ଯନ୍ତ୍ରଣା ଅନୁଭବ କରିବାରୁ ମା'ଙ୍କୁ ଜଣାଇଥିଲେ। ଡାକ୍ତରୀ ଯାଞ୍ଚ ପରେ ଜଣାପଡ଼ିଲା, ସେ ଯୌନ ଅପରାଧର ଶିକାର ହୋଇଛନ୍ତି। ତାଙ୍କ ଗୁପ୍ତାଙ୍ଗରେ କ୍ଷତ ସୃଷ୍ଟି ହୋଇଛି। ପୀଡ଼ିତାଙ୍କ ମା' ଏନେଇ ପ୍ରିନ୍ସିପାଲଙ୍କ ନିକଟରେ ଅଭିଯୋଗ କଲେ। କିନ୍ତୁ ପ୍ରିନ୍ସିପାଲ ପିଲା ଓ ସ୍କୁଲର ସମ୍ମାନ ନଷ୍ଟ ହୋଇଯିବ କହି ନୀରବ ରହିବାକୁ ପରାମର୍ଶ ଦେଲେ। ୨ ଦିନ ଅପେକ୍ଷା କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଭ୍ୟାନ୍ ଚାଳକ ଆରିଫ୍ ନାବାଳିକା ଛାତ୍ରୀଙ୍କୁ ସ୍କୁଲକୁ ନେବା ପାଇଁ ପୁଣି ସେମାନଙ୍କ ଘରକୁ ଆସିଲେ। ମୁହାଁମୁହିଁ ହେବାରୁ ସେ ଜାତିଆଣ ମନ୍ତବ୍ୟ ଦେବା ସହ ଝିଅକୁ ଅପହରଣ କରିନେବେ ବୋଲି ଧମକ ଦେଲେ। ଏନେଇ ଇଷ୍ଟ ଲକ୍ଷ୍ନୌ ଡିସିପି ଶଶାଙ୍କ ସିଂ କହିଛନ୍ତି, ଅଭିଯୋଗ ମିଳିବା ପରେ ଜୁଲାଇ ୧୭ରେ ଆରିଫ୍‌ଙ୍କ ବିରୋଧରେ ମାମଲା ରୁଜୁ ସହ ତାଙ୍କୁ ଗିରଫ କରାଯାଇଛି।

### ଡିଜିଟାଲ ରେପ୍ କ'ଣ ?

ଡିଜିଟାଲ ରେପ୍ ହେଉଛି ଜଣେ ବ୍ୟକ୍ତିଙ୍କ ବିନା ଅନୁମତିରେ ତାଙ୍କ ଗୁପ୍ତାଙ୍ଗରେ ଅଙ୍ଗୁଳି ପ୍ରବେଶ କରାଇବା। 'ଡିଜିଟାଲ'ର ଅର୍ଥ ହାତ କିମ୍ବା ଗୋଡ଼ର ଅଙ୍ଗୁଳି। ଏହାକୁ ଏକ ଗମ୍ଭୀର ଯୌନ ଅପରାଧ ବିବେଚନା କରାଯାଏ। ସାରା ବିଶ୍ୱର ମେଡିକାଲ ପ୍ରଫେସନାଲ ଓ ମାନବାଧିକାର ସଙ୍ଗଠନ ଡିଜିଟାଲ ବଳାତ୍କାରକୁ ପୀଡ଼ିତା/ପୀଡ଼ିତଙ୍କ ଶାରୀରିକ ସ୍ୱାୟତ୍ତତା ଓ ମାନବୀୟ ମର୍ଯ୍ୟାଦା ଉପରେ ଏକ ଗମ୍ଭୀର ହସ୍ତକ୍ଷେପ ବୋଲି ମନେକରନ୍ତି।

## ୟୁନିଭର୍ସିଟି ଷ୍ଟାଫ୍‌ଙ୍କ ନିର୍ଯାତନାରୁ ଛାତ୍ରୀଙ୍କ ଆତ୍ମହତ୍ୟା

ଗ୍ରେଟର ନଏଡାରେ ଥିବା ଶାରଦା ୟୁନିଭର୍ସିଟି ବ୍ୟାଚ୍‌ଲର ଅଫ୍ ଡେଣ୍ଟାଲ ସର୍ଜରି (ବିଡିଏସ୍)ର ଜଣେ ଦ୍ୱିତୀୟ ବର୍ଷ ଛାତ୍ରୀ ନିଜ ଫାକଲ୍ଟିର ୨ ସଦସ୍ୟଙ୍କ ମାନସିକ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଥିବା ଶନିବାର ପୋଲିସ କହିଛି। ୨୧ ବର୍ଷୀୟା ଛାତ୍ରୀଙ୍କ ମୃତଦେହ ତାଙ୍କ ହଷ୍ଟେଲ ରୁମ୍‌ରୁ ଠାବ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ୨ ଫାକଲ୍ଟି ମେମ୍ବରଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ପାଇଁ ୟୁନିଭର୍ସିଟି ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଛି। ଗୌତମବୁଦ୍ଧ ନଗରସ୍ଥିତ ନଲେଜ ପାର୍କ ଥାନା ଅଧୀନରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଛାତ୍ରୀଙ୍କ ମୃତଦେହ ନିକଟରୁ ଜବତ ଏକ ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରାଯାଇଛି ଯେ, ପିସିପି ଏବଂ ଡେଣ୍ଟାଲ ମ୍ୟାଟେରିଆଲ୍ ଶିକ୍ଷକ ମହିନ୍ଦର ଓ ଶଇରିଙ୍କ ଯୋଗୁ ସେ ଆତ୍ମହତ୍ୟା କରିଛନ୍ତି। ଉଭୟେ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଅପମାନିତ କରିଛନ୍ତି। ଦୁହିଁଙ୍କ ଯୋଗୁ ସେ ଦୀର୍ଘଦିନ ଧରି ଅବସାଦରେ ରହିଆସିଥିଲେ। ତେଣୁ ଉଭୟଙ୍କ ସମାନ ଅବସ୍ଥା ହେଉ ବୋଲି ଛାତ୍ରୀ ଚାହୁଁଥିବା ବିଷୟ ଏଥିରେ ଲେଖିଛନ୍ତି। ଛାତ୍ରୀଙ୍କ ଆତ୍ମହତ୍ୟାକୁ ନେଇ କ୍ୟାମ୍ପସରେ ବିକ୍ଷୋଭ କରାଯିବାରୁ ୟୁନିଭର୍ସିଟିର କର୍ମଚାରୀ ମହିନ୍ଦର ଓ ଶଇରିଙ୍କୁ ପୋଲିସ ଗିରଫ କରିଛି। ଅଧିକ ପ୍ରମାଣ ସଂଗ୍ରହ ପାଇଁ ଫୋରେନ୍‌ସିକ ଟିମ୍ କ୍ୟାମ୍ପସରେ ତନାଘନା ଚଳାଇଛି।




ସୁଇସାଇଡ୍ ନୋଟ୍।

ପୀଡ଼ିତାଙ୍କ ପରିବାର ଲୋକେ ମଧ୍ୟ ଫାକଲ୍ଟି ମେମ୍ବରଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଛନ୍ତି। ମୃତ ଛାତ୍ରୀଙ୍କ ଦସ୍ତଖତ ଜାଲିଆତି କରି କ୍ଲାସ୍‌ରେ ତାଙ୍କୁ ଅପମାନିତ କରିବା ସହ ତାଙ୍କୁ ଫେଲ୍ କରାଇଦେବେ ବୋଲି ଧମକ ଦେଇଥିବା ପରିବାର ପକ୍ଷରୁ ଥାନାରେ ଦାଏର ଏତଲାରେ ଉଲ୍ଲେଖ କରାଯାଇଛି। ଝିଅକୁ ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ ବୋଲି ତାଙ୍କ ମା' ସୁନୀତା କହିଛନ୍ତି।

### ନାଇଜରରେ ୨ ଭାରତୀୟଙ୍କୁ ହତ୍ୟା, ଜଣକୁ ଅପହରଣ କଲେ ଆତଙ୍କବାଦୀ

ନିଆମେ,୧୯।୭

ନାଇଜରର ଡୋସୋ ଅଞ୍ଚଳରେ ଆତଙ୍କବାଦୀମାନେ ୨ ଜଣ ଭାରତୀୟଙ୍କୁ ହତ୍ୟା କରିବା ସହ ଅନ୍ୟ ଜଣକୁ ଅପହରଣ କରିନେଇଥିବା ସେଠାକାର ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧୫ ତାରିଖରେ ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ରାଜଧାନୀ ନିଆମେଠାରୁ ୧୩୦ କି.ମି. ଦୂର ଡୋସୋ ଅଞ୍ଚଳରେ ଏକ ନିର୍ମାଣସ୍ଥଳକୁ ଜଗିଥିବା ସେନା ଉପରେ ଅଜଣା ବନ୍ଧୁକଧାରୀମାନେ ଆକ୍ରମଣ କରିଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ମୃତଦେହ ସ୍ୱଦେଶ ପଠାଇବା ଏବଂ ଅପହୃତ ବ୍ୟକ୍ତିଙ୍କ ସୁରକ୍ଷିତ ମୁକ୍ତି ପାଇଁ ଭାରତୀୟ ମିଶନ ପକ୍ଷରୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରହିଛି।

### ଭିଏତ୍‌ନାମରେ ପର୍ଯ୍ୟଟନ ବୋଟ୍ ବୁଡ଼ି ୩୪ ମୃତ

ହାନୋଇ,୧୯।୭

ଭିଏତ୍‌ନାମର ହା ଲଙ୍ଗ ବେ'ରେ ଶନିବାର ପ୍ରବଳ ବର୍ଷା ପବନରେ ଏକ ପର୍ଯ୍ୟଟକ ବୋଟ୍ ବୁଡ଼ିଯିବାରୁ ୩୪ ଜଣଙ୍କ ମୃତ୍ୟୁ ଘଟିବା ସହ ୮ ଜଣ ନିଖୋଜ ହୋଇଛନ୍ତି। ବୋଟ୍‌ରେ ୪୮ ଯାତ୍ରୀ ଓ ୫ କର୍ମଚାରୀ ଥିଲେ। ଏହା ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳ ନିକଟରେ ବୁଡ଼ିଯାଇଥିଲା। ମୃତକମାନେ ଭ୍ରମଣ ପାଇଁ ରାଜଧାନୀ ହାନୋଇରୁ ଆସିଥିଲେ। ସେମାନଙ୍କ ମଧ୍ୟରେ ୨୦ରୁ ଅଧିକ ପିଲା ଥିଲେ। ସୀମା ସୁରକ୍ଷା ଗାର୍ଡମାନେ ୧୧ ଜଣଙ୍କୁ ଉଦ୍ଧାର କରିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ବେଳେ ଆକାଶ ଅନ୍ଧକାର ହୋଇଯାଇଥିଲା। ପରେ କୁଆପଥର ସହ ପବନ ଓ ବର୍ଷା ଜାରି ରହିଥିଲା।

## ୱାଲ୍ ଷ୍ଟ୍ରିଟ୍ ଜର୍ନାଲ ବିରୋଧରେ ଟ୍ରମ୍ପ୍‌ଙ୍କ ମାନହାନି ମାମଲା

### ଏପ୍‌ଷ୍ଟେଇନ୍‌ଙ୍କ ସହ ସମ୍ପର୍କ ରିପୋର୍ଟ

ୱାଶିଂଟନ,୧୯।୭

ଧନୀ ଫାଇନାନ୍ସର ଜେଫ୍ରି ଏପ୍‌ଷ୍ଟେଇନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସମ୍ପର୍କକୁ ନେଇ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ଗୁରୁବାର ଖବର ପ୍ରକାଶ ପାଇଥିଲା। ଏହାର ଦିନକ ପରେ ଟ୍ରମ୍ପ୍ ଉକ୍ତ ଖବରକାଗଜ ଏବଂ ମିଡିଆ ମୋଗଲ ରୁପେର୍ଟ ମୁର୍ଡୋଚ୍‌ଙ୍କ ବିରୋଧରେ ୧୦ ବିଲିୟନ ଡଲାରର ମାମଲା ଦାଏର କରିଛନ୍ତି। ଯୌନ ଅପରାଧରେ ସମ୍ପୃକ୍ତ ଏପ୍‌ଷ୍ଟେଇନ୍‌ଙ୍କ ସହ ଟ୍ରମ୍ପ୍‌ଙ୍କ ସମ୍ପର୍କ ନେଇ ୱାଲ ଷ୍ଟ୍ରିଟ୍ ଜର୍ନାଲ ଖବର ପ୍ରକାଶ କରିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ରିପୋର୍ଟ ଅନୁଯାୟୀ, ଏପ୍‌ଷ୍ଟେଇନ୍ ୨୦୦୩ରେ ପାଳନ କରିଥିବା ୫୦ତମ ଜନ୍ମଦିନ ସମ୍ପର୍କିତ ଏକ ଆଲବମ୍ ଓ ଚିଠି ଦାଖଲ କରିବା ପାଇଁ ତାଙ୍କ ସହଯୋଗୀ ଘିସ୍‌ଲାଇନ୍ ମାକ୍ସୱେଲ ଟ୍ରମ୍ପ୍ ଓ



ଜେଫ୍ରି ଏପ୍‌ଷ୍ଟେଇନ୍

ଅନ୍ୟମାନଙ୍କୁ କହିଥିଲେ। ଉକ୍ତ ଚିଠିରେ ଟ୍ରମ୍ପ୍‌ଙ୍କ ନାଁ ସହ ଉଲଗ୍ନ ମହିଳାଙ୍କ ଅଶ୍ଳୀଳ ଫଟୋ ରହିଥିବାବେଳେ ଏପ୍‌ଷ୍ଟେଇନ୍‌ଙ୍କ ସହ ଟ୍ରମ୍ପ୍‌ଙ୍କ କଳ୍ପିତ ବାର୍ତ୍ତାଳାପ ଥିଲା। ଏହି ଖବର ପ୍ରକାଶ ପାଇବା ପରେ ଟ୍ରମ୍ପ୍ ଓ ତାଙ୍କ ଅନୁଗତ ବେସ୍ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ମାମଲା ପରିଚାଳନା ତରିକାକୁ ନେଇ ଟ୍ରମ୍ପ୍‌ଙ୍କ କେତେଜଣ ସମର୍ଥକ ହ୍ୱାଇଟ୍ ହାଉସ୍‌କୁ ସମାଲୋଚନା କରିଛନ୍ତି। ଟ୍ରମ୍ପ୍ କ'ଣ ପାଇଁ ଉକ୍ତ ଡକ୍ୟୁମେଣ୍ଟକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଚାହୁଁ ନ ଥିଲେ ବୋଲି ପ୍ରଶ୍ନ ଉଠିଛି।

### ବାଣିଜ୍ୟ ଚୁକ୍ତି ନେଇ ଭାରତ, ଆମେରିକା ଟିମ୍ ମଧ୍ୟରେ ପଞ୍ଚମ ପର୍ଯ୍ୟାୟ ଆଲୋଚନା

ନୂଆଦିଲ୍ଲୀ,୧୯।୭(ପି.ଟି.)

ଭାରତ ଓ ଆମେରିକା ମଧ୍ୟରେ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ନେଇ ୨ ଦେଶର ଟିମ୍ ମଧ୍ୟରେ ଚାଲିଥିବା ପଞ୍ଚମ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ୱାଶିଂଟନରେ ଜୁଲାଇ ୧୪ରୁ ଏହି ଆଲୋଚନା ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଭାରତର ମୁଖ୍ୟ ମଧ୍ୟସ୍ଥ ତଥା ବାଣିଜ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ଟିମ୍ ବୁଝାମଣା ପାଇଁ ଯାଇଥିଲା। ଅଗଷ୍ଟ ୧ ପୂର୍ବରୁ ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଉଭୟ ଦେଶ ଚାହୁଁଥିବାରୁ ଏହି ଆଲୋଚନା ଗୁରୁତ୍ୱପୂର୍ଣ୍ଣ। ଆଲୋଚନାରେ କୃଷି, ଗାଡ଼ି ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା। ଏଥିସହିତ ଅଣବିପଣନ ଅର୍ଥନୀତି ଏବଂ ସ୍ୱତନ୍ତ୍ର ରାସାୟନିକ, ଜୈବିକ, ଉପାଦାନ, ଉପକରଣ ଓ ପ୍ରଯୁକ୍ତି ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିବା ଜଣାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ସମେତ ବିଭିନ୍ନ ଦେଶ ଉପରେ ଜବାବୀ ଶୁଳ୍କ ଲଗାଇବାକୁ ଏପ୍ରିଲ ୨ରେ ଘୋଷଣା କରିଥିଲେ। ଏହାର କାର୍ଯ୍ୟକାରିତାକୁ ପ୍ରଥମେ ଜୁଲାଇ ୯ ଏବଂ ପରେ ଅଗଷ୍ଟ ୧ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏହି ସମୟ ମଧ୍ୟରେ ଆମେରିକା ବିଭିନ୍ନ ଦେଶ ସହ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଚାହୁଁଛି।

## ଟ୍ରେନ୍ ଧକ୍କାରେ ୩ ହାତୀ ମୃତ



ରାଞ୍ଚି,୧୯।୭

ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମା ଅନ୍ତର୍ଗତ ରେଳଲାଇନ ଅତିକ୍ରମ କରୁଥିବା ହାତୀ ପଲକୁ ଶନିବାର ସକାଳେ ଜନଶତାବ୍ଦୀ ଏକ୍ସପ୍ରେସ୍ ଧକ୍କା ଦେବାରୁ ୩ ହାତୀଙ୍କ ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗର ବନ୍ସ୍ତୋଲା ରେଳଷ୍ଟେଶନ ନିକଟରେ ଏହି ଦୁର୍ଘଟଣା ଘଟିଥିବାବେଳେ ଏହାକୁ ନେଇ ରେଲ୍‌ୱେ ଏବଂ ବନ ବିଭାଗ ପରସ୍ପରକୁ ଦୋଷାରୋପ କରିଛନ୍ତି। ୭ ଟିକିଆ ହାତୀ ପଲ ଖଡ଼ଗପୁର-ଟାଟାନଗର ରେଲୱେ ସେକ୍ସନର ଏକ ଟ୍ରାକ୍‌କୁ ଅତିକ୍ରମ କରୁଥିବାବେଳେ ଦ୍ରୁତବେଗରେ ଆସୁଥିବା ଶତାବ୍ଦୀ ଏକ୍ସପ୍ରେସ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ୩ ହାତୀ ପ୍ରାଣ ହରାଇଥିବାବେଳେ ଅନ୍ୟ ୪ଟି ବର୍ତ୍ତିଯାଇଥିଲେ। ହାତୀମାନେ ପଶ୍ଚିମବଙ୍ଗର ଝାରଗ୍ରାମ ଜଙ୍ଗଲରୁ ଆସିଥିବା ବିଶ୍ୱାସ କରାଯାଉଛି। ହାତୀ ମୃତ୍ୟୁକୁ ନେଇ ରେଲୱେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ମଧ୍ୟ ଏଥିପାଇଁ ଦାୟୀ ହେବାକୁ ମନା କରିଦେଇଛି। ଉକ୍ତ ଅଞ୍ଚଳ ଦେଇ ହାତୀ ଚଳପ୍ରଚଳ ହେଉଥିବା ସମ୍ପର୍କରେ ରେଲୱେକୁ ଜଣାଇ ଦିଆଯାଇଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବନ ବିଭାଗର ଏହି ଦାବିକୁ ଭୁଲ୍ ଓ ବିଭ୍ରାନ୍ତିକର ବୋଲି ରେଲୱେ କହିଛି। ବନ ବିଭାଗ ପୂର୍ବରୁ ଲିଖିତ ଭାବେ କିମ୍ବା ଫୋନ୍ ଯୋଗେ ଏ ସମ୍ପର୍କରେ କୌଣସି ସୂଚନା ଦେଇ ନ ଥିଲା ବୋଲି ରେଲୱେ ପକ୍ଷରୁ ଅଭିଯୋଗ ହୋଇଛି।

## ବ୍ରହ୍ମପୁତ୍ରରେ ମେଗା ଡ୍ୟାମ୍ ଆରମ୍ଭ କଲା ଚାଇନା



ବେଜିଂ,୧୯।୭

ଭାରତ ସୀମା ନିକଟବର୍ତ୍ତୀ ଦକ୍ଷିଣପୂର୍ବ ତିବ୍ବତରେ ପ୍ରବାହିତ ବ୍ରହ୍ମପୁତ୍ର ନଦୀ ଉପରେ ଚାଇନା ଶନିବାର ବିଶାଳ ଡ୍ୟାମ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଏଥିପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ଉପସ୍ଥିତ ଥିଲେ। ଚାଇନାର ଅଙ୍ଗାରକାମ୍ଳ ହ୍ରାସ ଏବଂ ତିବ୍ବତ ଅଞ୍ଚଳର ବିକାଶ ଲକ୍ଷ୍ୟ ସହ ଜଡ଼ିତ ଏହି ନଦୀବନ୍ଧ ପ୍ରକଳ୍ପକୁ ଗତ ଡିସେମ୍ବରରେ ବେଜିଂ ଅନୁମୋଦନ କରିଥିଲା। ସେଠାରୁ ଉତ୍ପାଦନ ହେବାକୁ ଥିବା ବିଦ୍ୟୁତ୍ ତିବ୍ବତର ଆବଶ୍ୟକତା ପୂରଣ କରିବା ସହ ଅନ୍ୟ ଅଞ୍ଚଳକୁ ସରବରାହ ହେବ। ଏହି ପ୍ରକଳ୍ପରେ ୧୬୭ ବିଲିୟନ ଡଲାର ବ୍ୟୟ ହେବ ବୋଲି ଜଣାପଡ଼ିଛି। ଉକ୍ତ ଡ୍ୟାମ୍ ନିର୍ମାଣ ନଦୀ ତଳଭାଗରେ ଥିବା ଭାରତ ଓ ବାଂଲାଦେଶର ଚିନ୍ତା ବଢ଼ାଇଛି। ଏହା ବ୍ରହ୍ମପୁତ୍ର ନଦୀରେ ଜଳପ୍ରବାହ ଏବଂ ପରିବେଶକୁ ପ୍ରଭାବିତ କରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ଦିଅର ସହ ପ୍ରେମସମ୍ପର୍କରୁ ସ୍ୱାମୀଙ୍କୁ ହତ୍ୟା

ନୂଆଦିଲ୍ଲୀ,୧୯।୭

ଦିଲ୍ଲୀରେ ଦିଅରଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ମୃତକ କରନ ଦେବ (୩୬)ଙ୍କୁ ତାଙ୍କ ସ୍ତ୍ରୀ ସୁସ୍ମିତା ଗତ ୧୩ ତାରିଖରେ ମାତା ରୂପରାନି ମାଗୋ ହସ୍ପିଟାଲକୁ ଆଣି ତାଙ୍କୁ ବିଦ୍ୟୁତ୍ ଶକ୍ ଲାଗିଥିବା କହିଥିଲେ। ହସ୍ପିଟାଲ ପକ୍ଷରୁ କରନଙ୍କୁ ମୃତ ଘୋଷଣା କରାଯିବା ପରେ ତାଙ୍କ ବୟସ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୃତଦେହ ବ୍ୟବଚ୍ଛେଦ କରିବାକୁ ଦିଲ୍ଲୀ ପୋଲିସ କହିଥିଲା। କରନଙ୍କ ସ୍ତ୍ରୀ ଓ ସମ୍ପର୍କୀୟ ଭାଇଙ୍କ ବିରୋଧ ସତ୍ତ୍ୱେ ମୃତଦେହ ବ୍ୟବଚ୍ଛେଦ ପାଇଁ ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲକୁ ପଠାଯାଇଥିଲା। କରନଙ୍କୁ ତାଙ୍କ ସ୍ତ୍ରୀ ଓ ସମ୍ପର୍କୀୟ ଭାଇ ହତ୍ୟା କରିଥିବା ସନ୍ଦେହ ହେଉଛି ବୋଲି ୩ ଦିନ ପରେ ସାନଭାଇ କୁନାଲ ପୋଲିସକୁ



କହିଥିଲେ। ଏଥିସହିତ ସେ ସୁସ୍ମିତା ଓ ରାହୁଲଙ୍କ ମଧ୍ୟରେ ଇନ୍‌ଷ୍ଟାଗ୍ରାମ ଚାଟିଂକୁ ପ୍ରମାଣ ଭାବେ ଉପସ୍ଥାପନ କରିଥିଲେ, ଯେଉଁଥିରେ ହତ୍ୟା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ଚାଟ୍‌ରୁ ସୁସ୍ମିତା ଓ ରାହୁଲଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଓ ଏହି କାରଣରୁ ସେମାନେ କରନଙ୍କୁ ହତ୍ୟା ଯୋଜନା କରିଥିବା ଜଣାପଡ଼ିଥିଲା। ସେମାନେ କରନଙ୍କୁ ରାତ୍ର ଭୋଜନରେ ୧୫ଟି ନିଦ ବଟିକା ଦେଇ ସଂଜ୍ଞାହୀନ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଏହାପରେ ସେମାନେ କରନଙ୍କୁ ବିଦ୍ୟୁତ୍ ଆଘାତ ଦେଇ ମାରିଦେଇଥିଲେ ଓ ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ ଦର୍ଶାଇଥିଲେ। ପୋଲିସ ସୁସ୍ମିତାଙ୍କୁ ହାଜତକୁ ନେଇ ପଚରାଉଚରା କରିବା ପରେ ସେ ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିବା ମାନିଥିଲେ।

## ସଂସଦରେ ଉଠିବ ଏସ୍‌ଆଇଆର୍, ପହଲଗାମ, ଟ୍ରମ୍ପ୍ ପ୍ରସଙ୍ଗ

ନୂଆଦିଲ୍ଲୀ,୧୯।୭

ଜୁଲାଇ ୨୧ରୁ ଆରମ୍ଭ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନରେ ବିରୋଧୀ ଦଳଗୁଡ଼ିକ ପହଲଗାମ୍ ଆକ୍ରମଣ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରସଙ୍ଗ ଉଠାଇବେ। ଶନିବାର ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ଇଣ୍ଡିଆ ବ୍ଲକ୍‌ର ବୈଠକରୁ ଏହା ଜଣାପଡ଼ିଛି। ଅନ୍‌ଲାଇନ୍ ପ୍ରି-ପାର୍ଲାମେଣ୍ଟ ବୈଠକରେ ଦେଶର ସାମ୍ପ୍ରତିକ ରାଜନୈତିକ ସ୍ଥିତି ଉପରେ ଆଲୋଚନା ହୋଇଥିଲା।

ଉକ୍ତ ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା(ଏନ୍‌ସି), ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍(ଜେଏମ୍‌ଏମ୍), ଏନ୍‌ସିପି-ଏସ୍‌ପି ମୁଖ୍ୟ ଶରଦ ପାୱାର, ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ, ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ, ଆର୍‌ଜେଡିର ତେଜସ୍ୱୀ ଯାଦବ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଏସ୍‌ପି, ସିପିଆଇଏମ୍, ସିପିଆଇ, ସିପିଆଇଏମ୍‌ଏଲ୍, ଫରୱାର୍ଡ ବ୍ଲକ୍, ଆଇୟୁଏମ୍‌ଏଲ୍, କେରଳ କଂଗ୍ରେସ ସମେତ ୨୪ ଦଳର ନେତା ସାମିଲ ହୋଇଥିଲେ। ବିରୋଧୀ ନେତାମାନେ ବିହାରରେ ଚାଲିଥିବା ଭୋଟର ତାଲିକାର ସ୍ପେଶିଆଲ ଇନ୍‌ଟେନ୍‌ସିଭ ରିଭିଜନ (ଏସ୍‌ଆଇଆର୍) ପ୍ରସଙ୍ଗରେ ବିତର୍କ ପାଇଁ ଦାବି କରିବେ। ସେହିପରି ପହଲଗାମ୍ ଆକ୍ରମଣକାରୀମାନଙ୍କୁ ଏଯାଏ ଧରିବାରେ ବିଫଳତା ଏବଂ ଅପରେଶନ୍ ସିନ୍ଦୂର ବେଳେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ହସ୍ତକ୍ଷେପ ଯୋଗୁ ଅସ୍ତ୍ରବିରତି ହୋଇଥିବା ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିବେ ବୋଲି ସହମତି ପ୍ରକାଶ ପାଇଛି।

### ଇଣ୍ଡିଆ ବ୍ଲକ୍‌ର ଭର୍ଚୁଆଲ ବୈଠକରେ ୨୪ ଦଳର ନେତା

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ରବିବାର, ଜୁଲାଇ ୨୦/୨୦୨୫ | Bhubaneswar, Sunday, July 20/2025 | ପୃଷ୍ଠା-୧



## 'କିଙ୍ଗ୍' ଶୁଟିଂ ବେଳେ ଶାହରୁଖ ଖାନ୍ ଆହତ

ମୁମ୍ବାଇରେ ଚଳଚ୍ଚିତ୍ର 'କିଙ୍ଗ୍'ର ଶୁଟିଂ ବେଳେ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍ ଆହତ ହୋଇଛନ୍ତି। ସେ ବ୍ରିଟେନରେ ଚିକିତ୍ସିତ ହେଉଛନ୍ତି।

୦୨

୧୪

## ଲକ୍ଷ୍ମୀପ୍ରିୟାଙ୍କୁ ସ୍ୱର୍ଣ୍ଣ ପଦକ

ବିହାରରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଓପନ ଆଥଲେଟିକ୍ସ ମିଟ୍‌ରେ ଓଡ଼ିଶାର ଲକ୍ଷ୍ମୀପ୍ରିୟା କିଷାନଙ୍କ ସହ ୩ ଆଥଲେଟ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେଲେ ଦୁର୍ବୃତ୍ତ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏହାର ସପ୍ତାହ ପରେ ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳରେ ଶନିବାର ସକାଳେ ଆଉ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୧୫ ବର୍ଷୀୟା ଛାତ୍ରୀ ବଡ଼ବାପାଙ୍କ ଘରକୁ ଯିବା ବାଟରେ ୩ ଦୁର୍ବୃତ୍ତ ତାଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଫେରାର ହୋଇଯାଇଛନ୍ତି। ନାବାଳିକା ଜଣକ ନିଆଁରେ ଛଟପଟ ହୋଇ ଚିତ୍କାର କରିବା ସହ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଘର ନିକଟକୁ ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ସେଠାରେ ତୁରନ୍ତ ତାଙ୍କ ପୋଷାକ ବଦଳାଇ ଆମ୍ବୁଲାନ୍ସରେ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଛାତ୍ରୀଙ୍କ ଶରୀରର ୭୦ରୁ ୭୫% ପୋଡ଼ି ଯାଇଥିବାରୁ ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି। ପୀଡ଼ିତାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିବାବେଳେ ତାଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଘଟଣାରେ ସରକାରଙ୍କୁ ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଛନ୍ତି। ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ଗୋଟେ ପରେ ଗୋଟେ ଘଟଣା ଘଟୁଛି ଏବଂ ଅପରାଧୀମାନେ ନିର୍ଭୟରେ ଅପରାଧ କରିଚାଲିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଥିସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କ ଇସ୍ତଫା ଦାବି କରିଛି।



ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଛି।

**ବଳଙ୍ଗା, ୧୯।୭ (କେଦାରେଶ୍ୱର ନନ୍ଦ)**

ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବଳଙ୍ଗା ଥାନା ବାୟାବର(ନୂଆ ଗୋପାଳପୁର) ଗ୍ରାମର ଜଣେ ୧୫ ବର୍ଷୀୟା ନାବାଳିକାଙ୍କ ଉପରେ ୩ଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଏମ୍‌ସ ସ୍ଥାନାନ୍ତର କରାଯାଇଛି। ଗୁରୁତର ଅବସ୍ଥାରେ ଏମ୍‌ସ ବର୍ନ ୟୁନିଟ୍‌ର ଆଇସିୟୁରେ ସେ ଚିକିତ୍ସିତ ହେଉଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବାବେଳେ ତାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ବଳଙ୍ଗା ପୋଲିସ ଏକ ମାମଲା(ନଂ.୧୬୨/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୀ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଏବଂ ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରିବା ସହ ପୀଡ଼ିତାଙ୍କ ଘରକୁ ଯାଇ ପଚରାଉଚରା କରିଛନ୍ତି। ଘଟଣାସ୍ଥଳରୁ ପୋଲିସ ୨ଟି କିରୋସିନ ବାସ୍ନା ଆସୁଥିବା ଖାଲି ବୋତଲ, ଚପଲ ଏବଂ ପୋଡ଼ା କପଡ଼ା ଜବତ କରିଛି। ଅପରପକ୍ଷରେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ବିଡିଓ ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ଜିଲାପାଳ, ଅତିରିକ୍ତ ଏସ୍‌ପି, ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଲୋକଙ୍କୁ ପଚରାଉଚରା କରିଛନ୍ତି।

ପୀଡ଼ିତା ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁସାରେ, ଝିଅ ଚଳିତ ବର୍ଷ ଦଶମ ଶ୍ରେଣୀ ପାସ୍ କରିଥିଲେ। ଶନିବାର ସକାଳେ ☞ପୃଷ୍ଠା-୨

# ଛାତ୍ରୀଙ୍କ ସୁରକ୍ଷା ପାଇଁ 'ଶକ୍ତିଶ୍ରୀ': ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୭(ସୁନିତ୍ ମିଶ୍ର)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ପରେ କଲେଜ, ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ସୁରକ୍ଷା ନେଇ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ରାଜ୍ୟ ସରକାର ଏକ ନନ୍-ନେଗୋସିଏବୁଲ୍ ପଲିସି ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଉଚ୍ଚଶିକ୍ଷା ଅନୁଷ୍ଠାନରେ ଛାତ୍ରୀମାନଙ୍କ ପ୍ରତି ବଢୁଥିବା ଆପରାଧିକ ଘଟଣାକୁ ରୋକିବା ପାଇଁ ଓ ଛାତ୍ରୀମାନଙ୍କୁ ସୁରକ୍ଷିତ ରଖିବା ଲାଗି ରାଜ୍ୟ ସରକାର 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ

କହିଛନ୍ତି। ଶନିବାର ଲୋକସେବା ଭବନଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଏହି ଉଚ୍ଚ ଶିକ୍ଷାନୁଷ୍ଠାନରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯିବ। ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' ସ୍ଥାପନ କରାଯିବ। ଏହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଏହି କେନ୍ଦ୍ରକୁ ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବେ ପରିଚାଳନା କରିବେ। ଏହାସହ ଜିଲାପାଳଙ୍କ ଦ୍ୱାରା ମନୋନୀତ ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦୃଷ୍ଟିକୋଣ ବଦଳିଗଲା**

**ଆଜିର ମନ୍ତବ୍ୟ**

"ଧର୍ମନିରପେକ୍ଷ ଶକ୍ତିଗୁଡ଼ିକ ମଧ୍ୟରେ ଦ୍ୱନ୍ଦ୍ୱ ଓ ବିଭାଜନ ସୃଷ୍ଟି ନ କରି ସେମାନଙ୍କୁ ଏକାଠି କରିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକମାତ୍ର ଉଦ୍ଦେଶ୍ୟ ହେବା ଉଚିତ।
-ଜନ୍ ବ୍ରିଟ୍ଟାସ୍, ସିପିଆଇ(ଏମ୍) ନେତା






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଲୋଚନାଚକ୍ର (କୃତିମ ବୁଦ୍ଧିମତା ଓ ତା'ର ପ୍ରଭାବ), ସ୍ଥାନ: ଉତ୍କଳମଣି ସଭାକକ୍ଷ, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତବର୍ଷୀୟ ଯାଦବ ମହାସଭା, ଓଡ଼ିଶା ୟୁନିଟ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ଅଶୋକା ହୋଟେଲ, ସମୟ: ପୂର୍ବାହ୍ନ ୧୦ଟା
- ଅଭିକ୍ଷା ପକ୍ଷରୁ ଉତ୍କର୍ଷ ପ୍ରତିଯୋଗିତା, ସ୍ଥାନ: କସ୍ତୁରୀବା ନାରୀ ମହଲ, ସମୟ: ସକାଳ ୮ଟା
- ଶିଶୁପାଳଗଡ଼:ଏକ ପ୍ରାଚୀନ ନଗରୀ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା

## କଟକ

- ଏଏସ୍ଆର୍ ଚେସ୍ ସେଣ୍ଟର ପକ୍ଷରୁ ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ଚେସ୍ ଚାମ୍ପିୟନ୍‌ଶିପ୍, ସେରିମୋନିୟମ ମଣ୍ଡପ, ତ୍ରିଶୂଳିଆ, ସମୟ: ସକାଳ ୯ଟା ୩୦।
- ଶିକ୍ଷା ବିକାଶ ସମିତି ପକ୍ଷରୁ ପୂର୍ବ ଛାତ୍ର ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତୁଳସୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଭିପ୍ସା ପକ୍ଷରୁ ଚିତ୍ରକଳା ସମ୍ମାନ ପ୍ରଦାନ, ସ୍ଥାନ: ଝାଞ୍ଜିରୀମଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ଅଫ୍ କଟକ ଇଷ୍ଟର ଅଧିଷ୍ଠାନ ଦିବସ ସମାରୋହ, ସ୍ଥାନ: ହୋଟେଲ ଅଶୋକା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ପ୍ରେସ୍-ଇମ୍ପ୍ରେସ ମିଡିଆ କ୍ଲବର ବାର୍ଷିକ ସମ୍ମିଳନୀ, ସ୍ଥାନ: ଭେନିୟା ପାରାଡାଇଜ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ମୃତିଚାରଣ ସଭା, ସ୍ଥାନ: ମହାପାତ୍ର ଫାର୍ମ ହାଉସ୍, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସାମୂହିକ ଶ୍ରୀ ଗୁରୁ ଦକ୍ଷିଣା ଉତ୍ସବ , ସ୍ଥାନ: ଗାୟତ୍ରୀ ମଣ୍ଡପ, ଖଇରା, ସମୟ: ଅପରାହ୍ନ ୩ଟା।
- ଶ୍ରୀ ଗୁରୁ ଦକ୍ଷିଣା ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ମାର୍କୋଣା, ସିମୁଳିଆ, ସମୟ: ଅପରାହ୍ନ ୩ଟା ୧୫।

## ମୟୂରଭଞ୍ଜ

- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଚିକିଟାମାଟିଆ ପଞ୍ଚାୟତ କାର୍ଯ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ବ୍ରହ୍ମପୁର

- ଦକ୍ଷିଣ ଓଡ଼ିଶା ଥାଇରଡ ସିମ୍ପୋଜିୟମ ଉଦଘାଟନ, ସ୍ଥାନ: ଆଇଏମ୍‌ଏହଲ, ସମୟ: ସକାଳ ୯ଟା।
- ଭାରୋତ୍ତଳନ ପ୍ରତିଯୋଗିତା, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଇନରହ୍ୱିଲ କ୍ଲବର ଇନଷ୍ଟାଲେସନ ସେରେମୋନି
- ସ୍ଥାନ: ରୋଟାରୀ କ୍ଲବ ପରିସର
- ସମୟ: ସନ୍ଧ୍ୟା ୫ଟା

## ଜଗତ୍‌ସିଂହପୁର

- **ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ପ୍ରାଦେଶିକ ଓ କ୍ଷେତ୍ରୀୟ ଖୋ ଖୋ, ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।**

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜାଗୁଳାଇପଡ଼ା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା, ସ୍ଥାନ: କୁସୁମା ପୋଖରୀ ନିକଟ ବିଜୁ ପଟ୍ଟନାୟକ ସନ୍ତରଣାଗାର, ସମୟ: ସକାଳ ୬ଟା।

## ରାୟଗଡ଼ା

- ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ସକାଳ ୯ଟା ୩୦।
- ରାୟଗଡା ଟାଲେଣ୍ଟ ଆୱାର୍ଡ ସିଜନ-୨, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ବର୍ଣ୍ଣମାଳା ଉଦ୍ୟାନ ଉଦ୍‌ଘାଟନ, ସ୍ଥାନ: କୋଷଗୁମୁଡ଼ା ବ୍ଲକ ଫାର୍ଶାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସତ୍ୟସାଇ ସେବା ସମିତି ପରିସର, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ଓଡ଼ିଶା ଅମଲା ସଂଘ ଜିଲା ଶାଖାର ଖବରଦାତା ସମ୍ମିଳନୀ, ସ୍ଥାନ: ସଙ୍ଗମ କଲ୍ୟାଣ ମଣ୍ଡପ, ଜୟନଗର, ଜୟପୁର, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ନୃସିଂହ ଗୁରୁସ୍ମୃତି ସମିତି ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ : ବୀରସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ଶିଳା ଟାୱାର ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ସିପିଏମର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ମାଗଣା ମଧୁମେହ ପରୀକ୍ଷା ଓ ଚିକିତ୍ସା ଶିବିର, ସ୍ଥାନ : ପର୍ଶୁରାମ ଆଶ୍ରମ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ହୀରାଖଣ୍ଡ ସାମ୍ମୁଖ୍ୟ ଆୟୋଜିତ ହୀରାଖଣ୍ଡ ସମ୍ମାନ ସମାରୋହ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ବାଲ୍ କାଉଡିଆ ଯାତ୍ରା, ସ୍ଥାନ: ବ୍ରାହ୍ମଣୀ ନଦୀତଟ, ସମୟ: ସକାଳ ୬ଟା।
- ବୋଲବମ୍ ଯାତ୍ରା, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ, ସମୟ: ସକାଳ ୬ଟା।
- ବ୍ରହ୍ମକୁମାରୀ ପକ୍ଷରୁ ଆଧ୍ୟାତ୍ମିକ ସଭା, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନି, ସମୟ: ସକାଳ ୭ଟା।
- ସାଇ ସରଗମ ମ୍ୟୁଜିକାଲ ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୬, ଟେଲିଫୋନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀ କର୍ମଶାଳା, ସ୍ଥାନ: ୟୁ ନାଇନ୍ କ୍ଲବ, ସମୟ: ଅପରାହ୍ନ ୩ଟା।
- ୩୪ତମ ପତ୍ରପତ୍ରିକା ଦିବସ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।
- ମିରର୍ ଫାଉଣ୍ଡେଶନ ପକ୍ଷରୁ କାଉଡ଼ିଆଙ୍କୁ ପ୍ରସାଦ ବଣ୍ଟନ, ସ୍ଥାନ: ପାନପୋଷ ଛକ, ସମୟ: ଅପରାହ୍ନ ୫ଟା ୩୦।

## କଳାହାଣ୍ଡି

- ରାଜ୍ୟ ବ୍ୟାଡ୍‌ମିଣ୍ଟନ ର୍ୟାଙ୍କିଙ୍ଗ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଉପସ୍ଥିତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ରେଞ୍ଜ କାନ୍ଦୁଲ ଡ଼ଙ୍ଗରି, ସମୟ: ସକାଳ ୯ଟା।

## ବୌଦ୍ଧ

- ସାହାଣୀ କପ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିନ, ସ୍ଥାନ:ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପଶ୍ଚିମ ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କମିଟି ବୈଠକ, ସ୍ଥାନ: ରାଧିକା କଲ୍ୟାଣ ମଣ୍ଡପ, ବୀରମହାରାଜପୁର, ସମୟ: ଅପରାହ୍ନ ୨ଟା।
- ତରଭା ଅନ୍ତର୍ଡା ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ତୃତୀୟାଧିପ ଚତୁର୍ଥକେନ୍ଦ୍ରସ୍ଥ ଯୋଗୁ ବନ୍ଧୁଙ୍କ ପରାମର୍ଶରେ ସ୍ଥଗିତ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆଜି ବନ୍ଧୁମିଳନର ଆନନ୍ଦ ଅନୁଭବ କରିପାରିବେ। ଆକସ୍ମିକ ଭାବରେ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ମନୋଭାବ ବଦଳିଯିବାରୁ ପରିସ୍ଥିତି ମଧ୍ୟ ବଦଳିଯିବ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ବୃଷ** ଧନଭାବରେ ବୃହସ୍ପତି ଥିବାରୁ ଆର୍ଥିକ ସମସ୍ୟା ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ସଭାସମିତି, ସଂଗଠନ, ରାଜନୀତି, ପ୍ରଶାସନ ତଥା ଆଲୋଚନା କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ପାରସ୍ପରିକ ସଦ୍‌ଭାବ ବୃଦ୍ଧି ଲକ୍ଷ୍ୟକରି ଖୁସି ହେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତାପ କରିବାକୁ ସମୟ ପାଇବେ ନାହିଁ।

**ମିଥୁନ** ରବି ଓ ବୁଧ ସଂଯୋଗରୁ ବନ୍ଧୁଙ୍କଠାରୁ ଉଧାର ଆଣିବାକୁ ମନସ୍ଥ କରିପାରନ୍ତି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସୁଧୁରି ଯିବାରେ ସ୍ଥାନୀୟ ବ୍ୟକ୍ତି ସାହାଯ୍ୟ କରିପାରନ୍ତି।

**କର୍କଟ** ଆଜି ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥା ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କିତ ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଚନ୍ଦ୍ର କର୍ମକ୍ଷେତ୍ରରେ ଥିବାରୁ ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ସିଂହ** ରାଶ୍ୟାଧିପ ଦ୍ୱାଦଶସ୍ଥ ହେତୁ ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ଭଲ ରହି ନ ପାରେ। କାମସବୁ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା ଯୋଗୁ ମଜା ମଉଜ କରିବାକୁ ଅବସର ପାଇବେ ନାହିଁ। ପରିସ୍ଥିତିବଶତଃ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**କନ୍ୟା** ଏକାଦଶସ୍ଥ ରାଶ୍ୟାଧିପ ଯୋଗୁ ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଉଚିତ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନିରୁ ଦୁଃଖ ପ୍ରକାଶ କରିପାରନ୍ତି। ସଙ୍ଗୀତ, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି।

**ତୁଳା** ଦୁଃସ୍ଥାନସ୍ଥ ଶୁକ୍ର ଯୋଗୁ ବିଭିନ୍ନ ଦୁର୍ଭାବନା ବଢ଼ିଚାଲିବା ହେତୁ ମନ ଓ କାମ ଶୃଙ୍ଖଳିତ ରହିବ ନାହିଁ। ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଆଜିର ଫେରନ୍ତା ବାଟରୁ ଆପଣ କହିଥିବା ଜିନିଷଟି ଧରି ବନ୍ଧୁ ନିଶ୍ଚୟ ଆସିବେ। ବ୍ୟବସାୟରେ ଲାଭ ନ ହେଲେ ମଧ୍ୟ କ୍ଷତିର ସମ୍ଭାବନା ନାହିଁ କହିଲେ ଚଳେ।

**ବିଛା** କର୍ମାଧିପ ଭାଗ୍ୟଭାବରେ ରହିଥିବାରୁ ସମସ୍ୟା ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ଯେକୌଣସି ବିବାଦୀୟ ପରିସ୍ଥିତିର ସମାଧାନ ପାଇଁ ତତ୍ପର ହୋଇ ସଫଳତା ପାଇବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସମ୍ପର୍କୀୟମାନେ ଉପର ମନରେ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଚେର କାଟିପାରନ୍ତି।

**ଧନୁ** ଦେବଗୁରୁଙ୍କ ସୁପ୍ରଭାବରୁ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ଶନିଙ୍କ କୁପ୍ରଭାବଜନିତ ପ୍ରଶାସନିକ ସ୍ତରରେ ଚାପର ସମ୍ମୁଖୀନ ହେବେ। ଭ୍ରମଣଜନିତ ସାମୟିକ ଅସୁସ୍ଥତା ଦେଖାଦେଇପାରେ। ବ୍ୟବସାୟିକ ସଫଳତା ସାଙ୍ଗକୁ ସାମାଜିକ ସ୍ତରରେ ଲୋକପ୍ରିୟତା ବୃଦ୍ଧି ମନକୁ ଖୁସି କରାଇପାରେ।

**ମକର** ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ଟେନ୍ସନକୁ ଲାଘବ କରିଦେବାରୁ ଆଶ୍ୱସ୍ତି ଅନୁଭବ କରିବେ। ଅନ୍ୟମାନଙ୍କ ସହମତିରେ କାମକରିବା ଫଳରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇଦେବାର ଆଶଙ୍କା ରହିଛି। ଭୁଲ୍ ବୁଝାମଣା ଓ ବୃଥା ସନ୍ଦେହଜନିତ ପାରିବାରିକ କ୍ଷେତ୍ର ଅସନ୍ତୁଳିତ ରହିପାରେ।

**କୁମ୍ଭ** ଆଜି ସତର୍କତାର ଅଭାବ ଯୋଗୁ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜାଇଦେଇପାରନ୍ତି। ବନ୍ଧୁଙ୍କ ସହମତି ସ୍ଥଗିତ ଯୋଜନାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ସ୍ଥଗିତ କାର୍ଯ୍ୟ କିମ୍ବା ଆବଶ୍ୟକ ସାହାଯ୍ୟ, ସହଯୋଗ ପ୍ରତିବେଶୀଙ୍କ ନିକଟରୁ ପାଇବା ସମ୍ଭାବନା ରହିଛି। ସଭାସମିତି, ରାଜନୀତି, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ** କର୍ମକ୍ଷେତ୍ରରେ ଅବହେଳାଜନିତ ଅଟକିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ବ୍ୟତିକ୍ରମକୁ ସୁଧାରିବାର ପ୍ରଯତ୍ନ କରିବେ। ସାମାଜିକ କ୍ଷେତ୍ର, ବ୍ୟବସାୟିକ ସ୍ଥିତି, ଗବେଷଣା, ଆଲୋଚନା, ରାଜନୀତି ଓ ସାହିତ୍ୟରୁ ପ୍ରଶଂସିତ ହେବେ। ପରିବାରରେ ବିବାଦୀୟ ସ୍ଥିତି ଉପୁଜିଥିବାରୁ ଭାବାନ୍ତର ରହିବେ।

ଆଜି ଜୁଲାଇ ୨୦ ତାରିଖ, ଶ୍ରାବଣ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ରବିବାର। ରାଶିନକ୍ଷତ୍ର-କୃତ୍ତିକା/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଏବଂ ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୧ ଗତେ ଘ.୦୯.୪୨ ମଧ୍ୟେ, ଘ.୦୧.୩୦ ଗତେ ଘ.୦୨.୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪.୪୬ ଗତେ ଘ.୦୬.୨୪ ମଧ୍ୟେ ରାହୁ କାଳ।

## 'କିଙ୍ଗ୍' ଶୁଟିଂ ବେଳେ ଶାହରୁଖ ଖାନ୍ ଆହତ



ମୁମ୍ବାଇ: ମୁମ୍ବାଇରେ ଚଳଚ୍ଚିତ୍ର 'କିଙ୍ଗ୍'ର ଶୁଟିଂ ବେଳେ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପିଠିରେ ଆଘାତ ଲାଗିଛି। ଚିକିତ୍ସା ପାଇଁ ସେ ଆମେରିକା ଯାଉଥିବାବେଳେ ଏବେ ବ୍ରିଟେନରେ ଅବସ୍ଥାନ କରିଛନ୍ତି ଓ ସୁସ୍ଥ ହେଉଥିବା ଜଣାପଡ଼ିଛି। ତାଙ୍କ ସହ ତାଙ୍କ ପରିବାର ସଦସ୍ୟ ରହିଛନ୍ତି। ଆଘାତ ସାମାନ୍ୟ ହୋଇଥିବାରୁ ସେ ସୁସ୍ଥ ହେଉଥିବା ଏକ ସୂତ୍ରରୁ କୁହାଯାଇଛି। ତେବେ ଫିଲ୍ମ ଶୁଟିଂ ବନ୍ଦ ରହିଥିଲାବେଳେ ଏହା ସେପ୍ଟେମ୍ବରରୁ ପୁଣି ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଆହତ କାରଣରୁ ଶାହରୁଖ୍ ତାଙ୍କ ଶ୍ରୀଲଙ୍କା ଗସ୍ତ ଯୋଜନାକୁ ସ୍ଥଗିତ ରଖିଛନ୍ତି। ସୂଚନାଯୋଗ୍ୟ, ୨୦୦୨ରେ ବୋନି କପୁରଙ୍କ ଚଳଚ୍ଚିତ୍ର 'ଶକ୍ତି'ର ଶୁଟିଂ ବେଳେ ଶାହରୁଖ ଆହତ ହୋଇଥିଲେ। ସେତେବେଳେ ବ୍ରିଟେନରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ କିଙ୍ଗ୍ ଚଳଚ୍ଚିତ୍ର ଜରିଆରେ ଶାହରୁଖଙ୍କ ଝିଅ ସୁହାନା ଖାନ୍ ବଡ଼ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି।

## ନାବାଳିକାଙ୍କୁ ବଳାତ୍କାର, ବାଳସୁଧାର ଗୃହ ଗଲେ ନାବାଳକ

**ଦିଗପହଣ୍ଡି/ପାଟପୁର,୧୯।୭ (ଅଶେଷ ନାଥ ମିଶ୍ର /ସୀମାଞ୍ଚଳ ସାହୁ)**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅଧୀନ ଏକ ଗାଁର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି। ଏ ନେଇ ନାବାଳିକାଙ୍କ ବାପା ପାଟପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏହାର ତଦନ୍ତ କରି ଗତ ବୁଧବାର ଦିଗପହଣ୍ଡି ସହର ଉପକଣ୍ଠ ଟାଙ୍ଗୁଡ଼ିଦେଇ ପାହାଡ଼ ନିକଟରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ନାବାଳକଙ୍କୁ ଥାନାକୁ ନେଇଥିଲା। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ସମ୍ପୃକ୍ତ ନାବାଳକଙ୍କୁ ବ୍ରହ୍ମପୁର ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ନାବାଳିକାଙ୍କ ସହ ଗତ କିଛିବର୍ଷ ହେଲା ନାବାଳକଙ୍କ ସମ୍ପର୍କ ରହିଥିଲା। ଗତ ବୁଧବାର ନାବାଳିକାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ନାବାଳକ ଜଣକ ଘରେ ପଶି ତାଙ୍କୁ ବଳାତ୍କାର କରିବା ସହ ଅପହରଣ କରିନେଇଥିଲେ। ବାପା ଫେରିବା ପରେ ଝିଅ ଘରେ ନ ଥିବା ଦେଖି ଚାରିଆଡ଼େ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ସନ୍ଧାନ ନ ମିଳିବାରୁ ପାଟପୁର ଥାନାରେ ଏତଲା ଦେଇଥିଲେ। ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଥାନା ମାମଲା ନଂ.୩୪୦/୨୫ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ତଦନ୍ତକାରୀ ଅଧିକାରୀ ଏସ.ଆଇ ଶୁଭଲକ୍ଷ୍ମୀ କଅଁର ସଦଳବଳ ଟାଙ୍ଗୁଡ଼ିଦେଇ ପାହାଡ଼ ନିକଟରୁ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିଲେ।

## ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ସ୍ପଷ୍ଟ ହୋଇଛି: ବିଜେଡି

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର): ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାକୁ ଏକ ସପ୍ତାହ ନ ପୂରୁଣୁ ଶନିବାର ବଳଙ୍ଗାଠାରେ ଜଣେ ନାବାଳିକାକୁ ୩ ଜଣ ଦୁର୍ବୃତ୍ତ କିରୋସିନି ଢାଳି ଜିଅନ୍ତା ଜାଳି ଦେବାକୁ ଉଦ୍ୟମ କରିଛନ୍ତି। ଏହି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳା ଅସୁରକ୍ଷିତ ହୋଇ ପଡ଼ିଥିବା ସ୍ପଷ୍ଟ ହେଉଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶଙ୍ଖ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ବରିଷ୍ଠ ନେତ୍ରୀ ଟୁକୁନି ସାହୁ କହିଛନ୍ତି, ରାଜଧାନୀ ଠାରୁ ମାତ୍ର ୫୦ କିମି ଦୂର ଓ ବଳଙ୍ଗା ଥାନା ଠାରୁ ମାତ୍ର ୧ କିମି ଦୂରରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାକୁ ରାସ୍ତାରୁ ଉଠାଇ ନେଇ ୩ ଜଣ ଦୁର୍ବୃତ୍ତ କିରୋସିନି ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଛନ୍ତି। ଗତ ଶନିବାର ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା ଲୋକଲୋଚନକୁ ଆସିଥିବା ବେଳେ ଶନିବାରରେ ବଳାଙ୍ଗା ଠାରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରାଯାଇଛି। ଏହା ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ସଦ୍ୟତମ ନମୁନା। ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଡବଲ ଇଞ୍ଜିନ ସରକାର ଡବଲ ବିକାଶ ସହିତ ଡବଲ ମା ମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରିବେ ବୋଲି କହିଥିଲେ। କିନ୍ତୁ ରାଜ୍ୟରେ ମହିଳା ସୁରକ୍ଷା ଏବେ ବିପଦରେ ପଡିଛି ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶଙ୍ଖ ଚିଲ ଭାଇ ନମସ୍କାର**
**ମାଟିଆ ଚିଲକୁ ଗୋଇଠା ମାର୍।**

ନିର୍ମଳ ସ୍ୱଚ୍ଛ ବ୍ୟକ୍ତି ହିଁ ଚିର ନମସ୍ୟ ହେବା ସହ ସମସ୍ତଙ୍କ ପ୍ରିୟର ପାତ୍ର ହୋଇଥାନ୍ତି। ତେବେ ମନ୍ଦ ସ୍ୱଭାବ ବ୍ୟକ୍ତିଙ୍କୁ ଆମ ସମାଜରେ ତିରସ୍କାର ମିଳୁଥିବାବେଳେ ସେମାନେ ଦଣ୍ଡ ପାଇବାକୁ ଯୋଗ୍ୟ ଅଟନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଶ୍ରୋତା ବକତା କେହି ନାହିଁ**
**ରୋଦନ କରୁ କାହିଁ ପାଇଁ।**

ନିଜ ଦୁଃଖରେ ସମବେଦନା ଜଣାଇବା ଲାଗି ପାଖରେ କେହି ଉପସ୍ଥିତ ନ ଥିଲେ ସେଠାରେ ଅଯଥା ରୋଦନ କରିବା ନେଇ କୌଣସି ଯଥାର୍ଥତା ରହି ନ ଥାଏ। ବୃଥା ବିଳାପ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବଳଙ୍ଗାରେ ଛାତ୍ରୀଙ୍କୁ ....

ବହି ଦେବାକୁ ବଡ଼ବାପାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଆସି ଝିଅକୁ ଅପହରଣ କରି ତେରହଳ ନିକଟସ୍ଥ ଭାର୍ଗବୀ ନଦୀବନ୍ଧ ତଳକୁ ନେଇଯାଇଥିଲେ। ସେଠାରେ ତିନିଜଣ ଦୁର୍ବୃତ୍ତ କିରୋସିନ ଢାଳି ତାଙ୍କୁ ନିଆଁ ଲଗାଇ ଦେଇଥିଲେ। ଝିଅ ସେମାନଙ୍କ କବଳରୁ ଖସିଆସି ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଚିତ୍କାର କରି ରକ୍ଷା କର ବୋଲି କହିଥିଲେ। ଦୁଃଖିଶ୍ୟାମ ତତ୍କ୍ଷଣାତ ନାବାଳିକା ଝିଅର ଦେହରେ ନିଆଁ ଲାଗିଥିବା ଦେଖି ତାଙ୍କୁ ଉଦ୍ଧାର କରି ଆଉ ଏକ ଡ୍ରେସ୍ ପିନ୍ଧାଇବା ସହିତ ପାଣି ପିଇବାକୁ ଦେଇଥିଲେ। ଝିଅଠାରୁ ଘରର ଠିକଣା ବୁଝି ଖବର ଦେଇଥିଲେ। କେତେଜଣ ଲୋକ ସେଠାରେ ପହଞ୍ଚି ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଡକାଇଥିଲେ। ପରେ ଝିଅକୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ପିପିଲି ଡାକ୍ତରଖାନାକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପୀଡିତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କେନ୍ଦ୍ରାଞ୍ଚଳ ଆଇଜି, ପୁରୀ ଏସ୍‌ପିଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ତୁରନ୍ତ ଧରାଯିବ ବୋଲି ଏସ୍‌ପି ମିଶ୍ର ପ୍ରକାଶ କରିଥିଲେ। ତେବେ ବିଜେଡି ନେତା ଦିଲୀପ ନାୟକ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରତିନିଧି ତଥା ଭାଜପା ନେତା ଶ୍ୟାମସୁନ୍ଦର ନାୟକ ପହଞ୍ଚିଥିଲେ। ଦିଲୀପ କହିଥିଲେ ଯେ, ଯଦି ତୁରନ୍ତ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ରାସ୍ତାକୁ ଓହ୍ଲାଇବା ସହିତ ରାସ୍ତା ଅବରୋଧ କରାଯିବ।

### ଛାତ୍ରୀଙ୍କ ସୁରକ୍ଷା ପାଇଁ ...

- **ଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହେବ**
- **ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ', ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା'**
- **୫ ମହିଳାଙ୍କୁ 'ଶକ୍ତି ଅପା' ଭାବେ ବାଛିବେ ଜିଲାପାଳ**
- **ସବୁ କଲେଜରେ ଲାଗିବ ୨୪ ଘଣ୍ଟିଆ କ୍ୟାମେରା**

'ଶକ୍ତି ଅପା' ଭାବେ ଏଥିରେ କାର୍ଯ୍ୟ କରିବେ। ଶକ୍ତି ଅପାମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଛାତ୍ରୀମାନଙ୍କ ପାଇଁ ମେଣ୍ଟର ଭଳି କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷା ଏବଂ ସଶକ୍ତୀକରଣ ଦିଗରେ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' କାର୍ଯ୍ୟ କରିବ। ଏହି କେନ୍ଦ୍ର '୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜନ କରିବ। ଛାତ୍ରୀମାନଙ୍କୁ ବିଭିନ୍ନ ବ୍ୟାଚ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯିବ। ଏହାସହ ଆଇନଗତ ଅଧିକାର ତଥା ମେଣ୍ଟାଲ ହେଲ୍‌ଥ ସମ୍ପର୍କରେ ମଧ୍ୟ ଛାତ୍ରୀଙ୍କୁ ଶିକ୍ଷା ଦିଆଯିବ। ଶକ୍ତିଶ୍ରୀ ଆପ୍ ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ। ଛାତ୍ରୀମାନଙ୍କ ସଚେତନତା ଓ ଅବଗତି ନିମନ୍ତେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ କଲେଜରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏହାର ନିୟମାବଳୀ ଏବଂ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରିବ। ଏଥିସହ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ଫୋନ୍ ନମ୍ବର ମଧ୍ୟ ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗକୁ ଟେକ୍ସଟ, ଅଡିଓ ବା ଭିଡିଓ ମେସେଜ ମାଧ୍ୟମରେ ଉକ୍ତ ଆପ୍ ଜରିଆରେ ପଞ୍ଜୀକୃତ କରିପାରିବେ। ଅଭିଯୋଗଟି ଆପ୍‌ରେ ପଞ୍ଜୀକୃତ ହୋଇସାରିବା ପରେ ଏହା ସିଧାସଳଖ ଉକ୍ତ ଛାତ୍ରୀ ପଢୁଥିବା ଶିକ୍ଷାନୁଷ୍ଠାନର ଇଣ୍ଟରନାଲ କମିଟିର ଅଧ୍ୟକ୍ଷଙ୍କ ନିକଟରେ ପହଞ୍ଚିବ। ଛାତ୍ରୀମାନେ ଯଦି ଷ୍ଟ୍ରେସ୍, ଆଙ୍ଗ୍‌ଜାଇଟି ଆଦି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ ସେମାନେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ସିଧାସଳଖ କଥା ହୋଇ ଉପଯୁକ୍ତ ପରାମର୍ଶ ନେଇପାରିବେ। ଜରୁରୀ ସ୍ଥିତିରେ ଶକ୍ତିଶ୍ରୀ ମୋବାଇଲ ଆପ୍‌ରେ ରହିଥିବା ଏସ୍‌ଓଏସ୍ ବଟନକୁ ବ୍ୟବହାରକରି ସେମାନେ ଶକ୍ତିଶ୍ରୀ ସାଥୀ ଏବଂ ସଂଯୋଜିକାଙ୍କ ସହ କଥା ହୋଇ ସାହାଯ୍ୟ ପାଇପାରିବେ। ଶକ୍ତିଶ୍ରୀ ମୋବାଇଲ ଆପ୍‌ରେ ବିଭିନ୍ନ ଜିଲାରେ ରହିଥିବା ଲୋକାଲ୍ କମିଟି ସମ୍ବନ୍ଧରେ ମଧ୍ୟ ସବିଶେଷ ବିବରଣୀ ଦିଆଯିବ। ଯଦି କୌଣସି ଛାତ୍ରୀ ହୃଦୟଙ୍ଗମ କରନ୍ତି ଯେ ତାଙ୍କ ଅଭିଯୋଗ ସମ୍ପୃକ୍ତ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ସମାଧାନ ହେଉନାହିଁ, ତେବେ ସେ ନିଜର ଅଭିଯୋଗ ସମ୍ବନ୍ଧରେ ଲୋକାଲ୍ କମିଟିକୁ ଅବଗତ କରାଇପାରିବେ। ଏହି ସଂକ୍ରାନ୍ତୀୟ ଏକ ଏସ୍‌ଓପି ଖୁବ୍‌ଶୀଘ୍ର ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଜାରି କରାଯିବ। ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହେବ। ଲିଙ୍ଗଗତ ସମାନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଶକ୍ତିଶ୍ରୀ ଆକ୍ସନ ଫର୍ ଫିମେଲ ଏମ୍ପାୱାରମେଣ୍ଟ ବା ଏସ୍‌ଏଏଫ୍‌ଇ ନାମକ ଏକ କ୍ୟାମ୍ପେନ୍‌ର ଆୟୋଜନ କରାଯିବ। କ୍ୟାମ୍ପସ ସୁରକ୍ଷାକୁ ନେଇ ପ୍ରତ୍ୟେକ କଲେଜ ନିଜର ଏକ ବାର୍ଷିକ ରିପୋର୍ଟ ପ୍ରତିବର୍ଷ ଡିସେମ୍ବର ୩୧ ସୁଦ୍ଧା ପ୍ରଦାନ କରିବେ। ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବ, ଯଦ୍ୱାରା କଲେଜ କ୍ୟାମ୍ପସକୁ ୨୪ ଘଣ୍ଟା ମନିଟରିଂ କରାଯାଇପାରିବ। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ ଅଧିନିୟମ, ୨୦୧୩ ଏବଂ ଏହି ସମ୍ବନ୍ଧରେ ୟୁଜିସି ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନ୍‌ଲାଇନ କୋର୍ସ ପ୍ରଦାନ କରାଯିବ। ସେହିପରି ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକଦିବସୀୟ କର୍ମଶାଳା 'ଶକ୍ତି ସ୍ୱରୂପିଣୀ'ର ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




# ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଖସିଥିଲା ୫ ଯୁଦ୍ଧବିମାନ: ଟ୍ରମ୍ପ୍

## ପ୍ରଧାନମନ୍ତ୍ରୀ ନୀରବତା ଭାଙ୍ଗି ସଂସଦରେ ଉତ୍ତର ରଖନ୍ତୁ: ରାହୁଲ

ନ୍ୟୁୟର୍କ/ୱାଶିଂଟନ୍,୧୯।୭

ମେ' ୭ରୁ ୧୦ ମଧ୍ୟରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ କରାଯାଇଥିବା 'ଅପରେଶନ ସିନ୍ଦୂର' ବେଳେ ୫ଟି ଯୁଦ୍ଧବିମାନ ଖସିଥିଲା ବୋଲି ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏଥିସହ ତାଙ୍କ ହସ୍ତକ୍ଷେପ ଯୋଗୁ ହିଁ ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ ହୋଇଥିଲା ବୋଲି ଟ୍ରମ୍ପ୍ ପୁନର୍ବାର ଦୋହରାଇଛନ୍ତି। ତେବେ କେଉଁ ଦେଶର ୫ ଏୟାରକ୍ରାଫ୍ଟ ଖସିଥିଲା ତାହା ସେ ସ୍ପଷ୍ଟ କରିନାହାନ୍ତି। ଇତିମଧ୍ୟରେ ଟ୍ରମ୍ପ୍‌ଙ୍କ ଦାବି ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ଦେଶବାସୀଙ୍କ ସତ ଜାଣିବା ଅଧିକାର ରହିଥିବାରୁ ମୋଦି ଏହା ଉପରେ ନୀରବତା ଭଙ୍ଗକରି ପାର୍ଲାମେଣ୍ଟରେ ସତ କୁହନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଭାରତ ପକ୍ଷରୁ 'ଅପରେଶନ ସିନ୍ଦୂର' କରାଯାଇଥିଲା। ସେହି


ଡୋନାଲ୍ଡ ଟ୍ରମ୍ପ୍

ସମୟରେ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ୯ ଆତଙ୍କବାଦୀ ଭିତ୍ତିଭୂମିକୁ ଭାରତୀୟ ସଶସ୍ତ୍ର ବଳ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ସରକାର ଓ ସେନା ପକ୍ଷରୁ ଦାବି କରାଯାଇଥିଲା। ତେବେ ଏହି ଅପରେଶନ ସମୟରେ ଭାରତୀୟ ସେନାର ୬ ରାଫାଲ ଯୁଦ୍ଧବିମାନକୁ ଖସାଇ ଧ୍ୱଂସ କରିଦେଇଥିବା ପାକିସ୍ତାନ ଦାବି କରିଥିଲା। କିନ୍ତୁ ଭାରତ ଏହାକୁ ଖଣ୍ଡନ କରିଚାଲିଥିଲା। ହେଲେ ମେ' ୩୧ରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ସିଙ୍ଗାପୁରରେ ଶାଙ୍ଗ୍ରି-ଲା ଡାଇଲଗ୍‌ରେ ଯୋଗଦେବା ପରିପ୍ରେକ୍ଷୀରେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତ୍‌କାର ଦେବାବେଳେ ଭାରତର କେତୋଟି ଯୁଦ୍ଧବିମାନ ଖସିଥିବା ବିଷୟ ସ୍ୱୀକାର କରିଥିଲେ। ସିଡିଏସ୍ ଏହା ପ୍ରକାଶ କରିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ କୋଡୋଟି ଏୟାରକ୍ରାଫ୍ଟ ଖସିଥିଲା ତାହା ସ୍ପଷ୍ଟ କରି ନ ଥିଲେ। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଖସିଥିବା ସେହି ବିମାନ ସଂଖ୍ୟା କହିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ରିପବ୍ଲିକାନ୍ ସିନେଟରମାନଙ୍କୁ ରାତିଭୋଜନରେ ଆପ୍ୟାୟିତ କରିବାବେଳେ ଟ୍ରମ୍ପ୍ କହିଛନ୍ତି, ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସଦ୍ୟ ସଂଘର୍ଷ ବେଳେ ଆକାଶମାର୍ଗରୁ ୪ କିମ୍ବା ୫ ଜେଟ୍ ଖସିଥିଲା। ବାସ୍ତବରେ ୫ ଯୁଦ୍ଧବିମାନ ଖସିଥିବା ମନେହେଉଛି। ସ୍ଥିତି ଖରାପରୁ ଆହୁରି ଖରାପ ଆଡ଼କୁ ଗତି କରୁଥିଲା। ଦୁଇ ଆଣବିକ ଅସ୍ତ୍ର ସମ୍ପନ୍ନ ଦେଶ ମଧ୍ୟରେ ସଂଘର୍ଷ ବେଳେ ଉଭୟେ ପରସ୍ପରକୁ ଆକ୍ରମଣ କରିଚାଲିଥିଲେ। ଯୁଦ୍ଧର ପରିସୀମା ବଢ଼ିଚାଲିଥିବାବେଳେ ଆମେ ବାଣିଜ୍ୟ ଜରିଆରେ ତାର ସମାଧାନ କରିଥିଲୁ। ଯୁଦ୍ଧାସ୍ତ୍ର ପରିତ୍ୟାଗ ନ କଲେ ଆମେରିକା ଉଭୟ ରାଷ୍ଟ୍ର ସହ ଟ୍ରେଡ୍ ଡିଲ୍ କରିବ ନାହିଁ। ଉଭୟେ ଅତ୍ୟନ୍ତ ଶକ୍ତିଶାଳୀ ଆଣବିକ ରାଷ୍ଟ୍ର ବୋଲି ଟ୍ରମ୍ପ୍ କହିଛନ୍ତି। ଏପରି କି ଟ୍ରମ୍ପ୍ ଅନେକ ଯୁଦ୍ଧକୁ ଅଟକାଇଦେଇଥିବା ଟ୍ରମ୍ପ୍ ଦାବି କରିଛନ୍ତି। ତେବେ ଖସିଥିବା ସେହି ଜେଟ୍‌ଗୁଡ଼ିକ ଭାରତ କିମ୍ବା ପାକିସ୍ତାନର ଅଥବା ଉଭୟ ଦେଶର ଥିଲା ତାହା ଟ୍ରମ୍ପ୍ କହିନାହାନ୍ତି।

ଟ୍ରମ୍ପ୍‌ଙ୍କ ମନ୍ତବ୍ୟ ଆସିବା ପରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର କହିଛନ୍ତି, ଗତ ୭୦ ଦିନ ଭିତରେ ଆମେରିକା ରାଷ୍ଟ୍ରପତି ଅନେକ କିଛି ଦାବି କଲେଣି। ତାଙ୍କ ମନ୍ତବ୍ୟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ବିବୃତି ରଖି ସବୁକିଛି ସ୍ପଷ୍ଟ କରିଦେବା ଉଚିତ। ମୋଦିଜୀ ୫ ଜେଟ୍‌କୁ ନେଇ ସତ କ'ଣ ? ଏହା ଜାଣିବା ଅଧିକାର ଦେଶର ରହିଛିବୋଲିରାହୁଲX'ରେକହିଛନ୍ତି।

# ବଜ୍ରପାତରେ ଟଳିପଡ଼ିଲେ ଚାଷୀ

ଭଦ୍ରକ,୧୯।୭(ସନାତନ ରାଉତ)

ଭଦ୍ରକ ଜିଲା ବନ୍ତ ଥାନା ଆଡ଼ିଆ ପଞ୍ଚାୟତ ଜିରିଣା ଗ୍ରାମରେ ଶନିବାର ଅପରାହ୍ନରେ ବିଲରେ ଥିବାବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଚନ୍ଦ୍ରଶେଖର ଜେନା(୫୬)। ସୂଚନା ଅନୁଯାୟୀ, ଚନ୍ଦ୍ରଶେଖରଙ୍କ ଜମିରେ ଟ୍ରାକ୍ଟର ହଳ କରୁଥିବାରୁ ସେ ବିଲରେ ଉପସ୍ଥିତ ଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ ସମୟରେ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା। ଚନ୍ଦ୍ରଶେଖର ବିଲ ହିଡ଼ରେ ଠିଆ ହୋଇଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଘର ନିକଟକୁ ଆଣିଥିଲେ। ପରେ ବନ୍ତ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଚନ୍ଦ୍ରଶେଖରଙ୍କର ୩ ଝିଅ ଓ ଗୋଟିଏ ପୁଅ ଥିବାବେଳେ ତାଙ୍କ ମୃତ୍ୟୁରେ ପରିବାର ବେସାହାରା ହୋଇଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି।

# କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା, ଆଇସିସି ଭୂମିକାକୁ ନେଇ ଖୋଳତାଡ଼

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

- ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍, ଉଚ୍ଚଶିକ୍ଷା ବିଭାଗ ତଦନ୍ତ କମିଟି, କ୍ରାଇମବ୍ରାଞ୍ଚ ଟିମ୍‌ର ଛାନ୍‌ଭିନ୍
- ପେଟ୍ରୋଲ ପମ୍ପ୍‌ର ସିସିଟିଭି ଯାଞ୍ଚ

ବାଲେଶ୍ୱର, ୧୯।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅବହେଳା, ଦୁର୍ଘଟଣା ନା ଷଡ଼ଯନ୍ତ୍ର ଯୋଗୁ ଛାତ୍ରୀଜଣକ ଜୀବନ ହାରିଲେ ସେନେଇ ଜୋରଦାର ତନାଘନା ଚାଲିଛି। ଆତ୍ମାହୁତି ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ କରିବା ପାଇଁ ୩ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଖୋଳତାଡ଼ କରାଯାଉଛି। ତଦନ୍ତ ସମୟରେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଓ କମିଟିର ଭୂମିକାକୁ ଗୁରୁତ୍ୱ ଦିଆଯାଇଛି। ଅପରପକ୍ଷରେ ଶୁକ୍ରବାର ରାତିରେ ନିକଟସ୍ଥ ତାରିଣୀ ପେଟ୍ରୋଲ ପମ୍ପରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚିଥିଲେ। କର୍ମଚାରୀ ଓ ମ୍ୟାନେଜରଙ୍କୁ ପଚରାଉଚୁରା କରିଥିଲେ। ଘଟଣା ଦିନ ଜଣେ ଛାତ୍ରୀ ସେଠାରୁ ବୋତଲରେ ପେଟ୍ରୋଲ ନେଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପେଟ୍ରୋଲ ପମ୍ପର ସିସିଟିଭି ଯାଞ୍ଚ ସହ ସିସିଟିଭି ଫୁଟେଜ୍ କଏଦ କରିଥିଲେ।

ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ୪ଜଣିଆ ଟିମ୍ ଦ୍ୱିତୀୟ ଦିନରେ ଶନିବାର ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପ୍ରଫେସର ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ପ୍ରଫେସର ସୁଷମା ଯାଦବ, ଡ. ନୀର୍ଜା ଗୁପ୍ତା ଓ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଲା ପହଞ୍ଚି ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଘଟଣା ସମ୍ପର୍କରେ ବିଭିନ୍ନ ଦିଗକୁ ନେଇ ବାରମ୍ବାର ପଚାରି ବୁଝିଥିଲେ। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ଶାଖାର ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଲି ରାଉତ ଏବଂ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳି ପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ପୃଥକ୍ ଭାବେ ଘଟଣାର ଛାନ୍‌ଭିନ୍ କରିଛନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷ, ଆଇସି କମିଟି ସଦସ୍ୟ ଓ ପ୍ରାୟ ୨୩ଜଣ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରି ସବିଶେଷ ତଥ୍ୟ ହାସଲ କରିଛନ୍ତି। ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା ଓ ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ ମୁର୍ମୁଙ୍କୁ ମଧ୍ୟ ଏହି ଟିମ୍ ପଚରାଉଚରା କରିଥିଲେ। ଉଚ୍ଚଶିକ୍ଷା ବିଭାଗକୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି କମିଟି ଅଧ୍ୟକ୍ଷ ତଥା ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାତ୍ର ତଦନ୍ତ ନିଷ୍କର୍ଷ ଉପରେ କୌଣସି ତଥ୍ୟ ଦେବାକୁ ସେ ମନା କରିଥିଲେ।



ଏଫ୍‌ଏମ୍ କଲେଜରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍।

# ସୌମ୍ୟାଶ୍ରୀଙ୍କ ପରିବାରକୁ ମିଳିଲା ୨୦ଲକ୍ଷ ଟଙ୍କାର ଚେକ୍


ଏମ୍‌ପି ପ୍ରତାପ ଷଡଙ୍ଗୀ ସୌମ୍ୟାଶ୍ରୀଙ୍କ ମାତାପିତାଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରୁଛନ୍ତି।

ଭୋଗରାଇ, ୧୯।୭(ପ୍ରଦୀପ ଦାସ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ରାଜ୍ୟ ସରକାର ଘୋଷଣା କରିଥିବା ୨୦ଲକ୍ଷ ଟଙ୍କାର ସହାୟତା ରାଶି ଚେକ୍ ଶନିବାର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପୀଡ଼ିତାଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ଏହାସହ ଜିଲା ରେଡକ୍ରସ ପକ୍ଷରୁ ୨୫ହଜାର ଟଙ୍କା ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ମୃତା ଛାତ୍ରୀଙ୍କ ପରିବାରକୁ ଦେଇଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପଳାସିଆ ଗ୍ରାମରେ ଅପରାହ୍ନରେ ଏମ୍‌ପି ଓ ଜିଲା ପ୍ରଶାସନ ମୃତା ଛାତ୍ରୀଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହିତ ଏହି ସହାୟତା ରାଶି ମାତାପିତାଙ୍କୁ ପ୍ରଦାନ କରିଛନ୍ତି। ସହାୟତା ରାଶି ପ୍ରଦାନ ବେଳେ ଭୋଗରାଇ ତହସିଲଦାର ସୂର୍ଯ୍ୟକାନ୍ତ ନାୟକ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା, ପୂର୍ବତନ ଭାଜପା ଜିଲାସଭାପତି ଉମାକାନ୍ତ ମହାପାତ୍ର, ଭୋଗରାଇ ଭାଜପା ନେତା ଆଶିଷ କୁମାର ପାତ୍ର, ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ ଓ ସରପଞ୍ଚ ଦିଲୀପ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପୂର୍ବରୁ ଆଇସିସିକୁ ଗୁହାରି ଜଣାଇଥିଲେ ବାପା

ବାଲେଶ୍ୱର, ୧୯।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଏଚ୍‌ଓଡି ସମୀର ସାହୁ ମାନସିକ ନିର୍ଯାତନା ଦେଉଥିବା ନେଇ ଗତ ୧ ତାରିଖରେ ତତ୍କାଳୀନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କଠାରେ ଅଭିଯୋଗ ହୋଇଥିଲା। କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ କରାଯାଇ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ୭ଦିନ ଭିତରେ ପଦକ୍ଷେପ ନିଆଯିବ ବୋଲି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସୌମ୍ୟାଶ୍ରୀଙ୍କ ବାପା ଅଧ୍ୟକ୍ଷଙ୍କ ନିକଟରେ ପହଞ୍ଚିଥିଲେ। ଏ ଦିଗରେ ଦୃଷ୍ଟି ଦିଆ ନ ଗଲେ ଝିଅ କିଛି ବି କରିପାରେ ବୋଲି ଆଇସିସି ନିକଟରେ ଲିଖିତ ଅଭିଯୋଗରେ ଦର୍ଶାଇଥିଲେ।

କଲେଜରେ ଏତେ ଶିକ୍ଷକ ଥିଲା ବେଳେ ସମୀର ସାର୍‌ଙ୍କ ନାଁରେ ଅଭିଯୋଗ କାହିଁକି ବୋଲି ପ୍ରଶ୍ନ ଉଠାଇଥିଲେ। ଝିଅ ୨୦/୨୨ ଦିନ କଲେଜ ଯାଇ ନ ଥିବା କଥା ସମୀର ସାର୍‌ଙ୍କୁ ସେ ଜଣାଇଥଲେ। ଝିଅ ପାଠ ପଢୁନି କହିବାରୁ ପାଠ ମନସ୍କ କରାଇବାକୁ ସାର୍‌ଙ୍କୁ କହିଥିଲେ। ଝିଅକୁ ପଚାରିବାରୁ ୪ ମିନିଟ୍ ବିଳମ୍ବ ହେବାରୁ କ୍ଲାସ ବାହାରେ ଛିଡ଼ା କରିବା ସହ ସମୀର ସାର୍ ଅପମାନିତ କରି ବାହାର କରିଦେବା କଥା କହିଥିଲେ। ଝିଅର ସାଙ୍ଗମାନଙ୍କ ସହ କଥା ହୋଇ ମାନସିକ ଅବସାଦ କଥା ଜାଣିଥିଲି। କ୍ଲାସ୍‌ରେ ୬ ବର୍ଷ ରଖିବେ କହି ଅପମାନିତ କରିଥିଲେ ସାର୍। ଏଥିପାଇଁ କିଛି ପିଲା ଝିଅକୁ ଟାହି ଟାପରା କରୁଥବା ସାଙ୍ଗମାନେ ଜଣାଇଥିଲେ। ସାର୍‌ଙ୍କ ଅଶାଳୀନ ମନ୍ତବ୍ୟ ଓ ଅଶ୍ଳୀଳ ଇଙ୍ଗିତ ସମ୍ପର୍କରେ ଝିଅ ତା' ମାଆଙ୍କୁ କହିଥିଲା ବୋଲି ସୌମ୍ୟାଶ୍ରୀଙ୍କ ବାପା ଅଧ୍ୟକ୍ଷ ଓ ଆଇସିସି ନିକଟରେ ଜଣାଇଥିଲେ।






ତୁମର ମନ, ପ୍ରାଣ(ହୃଦୟ) ଓ ଦେହ- ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି- ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି- ଏହି ପରର ଯୁଦ୍ଧରତ ଆବେଗଗୁଡ଼ିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଦନର ଫଳ। -ଶ୍ରୀମା



# ଦୃଷ୍ଟିକୋଣ ବଦଳିଗଲା



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା)କୁ ଏବେ କର୍ପୋରେଟ୍‌ପ୍ରେମୀ ରାଜନୈତିକ ପାର୍ଟି ଭାବେ ଦେଖାଯାଉଛି। ଭାଜପାର ସମର୍ଥକମାନେ କହନ୍ତି, ଭାରତର ଶିଳ୍ପକରଣ ପାଇଁ ଏହା ଆବଶ୍ୟକ ଏବଂ ସରକାରଙ୍କର ଏଥିରେ କୌଣସି ନେଣଦେଣ ନାହିଁ। ହେଲେ ବିରୋଧୀ ଅଭିଯୋଗ କରନ୍ତି, ଏହା ହେଉଛି ସମ୍ପର୍କ ପୁଞ୍ଜିବାଦ। କିନ୍ତୁ ଭାଜପା ଏହି ଧାରାରେ ଆରମ୍ଭ ହୋଇ ନ ଥିଲା। ବାସ୍ତବରେ ଭାଜପା ଅତୀତରେ ଯାହାକୁ ବିରୋଧ କରିଥିଲା ଏବେ ସେସବୁ କାହିଁକି କରୁଛି, ତାହାର ସିଦ୍ଧାନ୍ତରେ ପହଞ୍ଚି ହେଉନାହିଁ। ଅବଶ୍ୟ ଗୋଟିଏ ରାଜନୈତିକ ଦଳ ତାହାର ସ୍ଥିତିରେ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି। କିନ୍ତୁ କାହିଁକି ଏହା କରୁଛି, ତାହା ପଚାରିବା ବି ଅନୁଚିତ ହେବନି। ଦଳ ଭିତରେ ତୀବ୍ର ବିତର୍କ ପରେ କଂଗ୍ରେସ ଉଦାରୀକରଣ ଆଡ଼କୁ ମୁହାଁଇଥିଲା। ନରସିଂହ ରାଓ ସୁଧାରନୀତିଗୁଡ଼ିକୁ ପାସ୍ କରିବା ପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଏବଂ ତାଙ୍କ ଦଳର ଏମ୍‌ପି ତଥା ନାଗରିକଙ୍କୁ ସେସବୁ ଯୁକ୍ତିଯୁକ୍ତ ବୋଲି ବୁଝାଇବାକୁ ପଡ଼ିଥିଲା। ଜନସଂଘ ତାହାର ପ୍ରାରମ୍ଭିକ ଇସ୍ତାହାରରେ ମୁକ୍ତବଜାର ନୀତିକୁ ବିରୋଧ କରିଥିଲା, ହେଲେ ଏବେ (ଭାଜପା) ତାହାର ସମର୍ଥକ ପାଲଟିଛି। ଏହା ସେତେବେଳେ କହିଥିଲା, ଦେଶ ଅର୍ଥ ବ୍ୟବସ୍ଥାର ନିର୍ଦ୍ଦିଷ୍ଟ କ୍ଷେତ୍ରରେ ମାଲିକାନା ଉତ୍ତରଦାୟିତ୍ୱ ଓ ପରିଚାଳନାକୁ ଗ୍ରହଣ କରିବା ଉଚିତ। ୧୯୫୪ ଏବଂ ପୁନର୍ବାର ୧୯୭୧ରେ, ଭାରତୀୟ ନାଗରିକଙ୍କ ମାସିକ ଆୟକୁ ୨୦:୧ ଅନୁପାତରେ ଅତିବେଶିରେ ୨,୦୦୦ ଟଙ୍କା ଏବଂ ଅତିକମ୍‌ରେ ୧୦୦ ଟଙ୍କାରେ ସୀମିତ ରଖିବ ବୋଲି ସଙ୍କଳ୍ପ ନେଇଥିଲା। ଏହି ଅନୁପାତକୁ ହ୍ରାସ କରି ୧୦:୧ରେ ପହଞ୍ଚିବା ଯାଏ ଲଗାତର କାମ ଜାରି ରଖିବ ଏବଂ ସମସ୍ତ ଭାରତୀୟ ସେମାନଙ୍କ ସ୍ଥିତି ଆଧାରରେ ଏହି ସୀମା ମଧ୍ୟରେ ଆୟ ରଖିପାରିବେ। ଏହି ସୀମା ବାହାରେ ଜଣେ ବ୍ୟକ୍ତି ଅଧିକ ଆୟ କଲେ ତାହାକୁ ବିକାଶ କାର୍ଯ୍ୟ ପାଇଁ ସରକାର ଦାନ, ଟିକସ, ବାଧ୍ୟତାମୂଳକ ଋଣ ଓ ନିବେଶ ମାଧ୍ୟମରେ ନେବେ। ପାର୍ଟି ମଧ୍ୟ ସହରରେ ବାସୋପଯୋଗୀ ଘରର ଆକାର ଉପରେ କଟକଣା ଲଗାଇବ ଏବଂ ୧୦୦୦ ବର୍ଗ ଗଜ୍‌ରୁ ଅଧିକ ପ୍ଲଟ୍‌କୁ ଅନୁମତି ଦେବ ନାହିଁ। କେବଳ ପ୍ରତିରକ୍ଷା ଓ ମହାକାଶ କ୍ଷେତ୍ରକୁ ଛାଡ଼ିଦେଲେ, ଆଉ ସବୁ ଶିଳ୍ପରେ ଦଳ ଯାନ୍ତ୍ରିକୀକରଣକୁ ବିରୋଧ କରିଥିଲା। କାରଣ ଏହା ଚାହୁଁଥିଲା ମେଶିନ ବଦଳରେ ଶ୍ରମିକମାନେ କାମ କରନ୍ତୁ । ଦଳ ପ୍ରଥମରୁ ଯାନ୍ତ୍ରିକୀକରଣକୁ ଉତ୍ସାହିତ କରିବା ପରେ କୃଷିରେ ଏହାକୁ ବିରୋଧ କରିଥିଲା। ୧୯୫୪ରେ ପାର୍ଟି କହିଥିଲା, ଦୀର୍ଘଦିନ ଧରି ଚାଷ ହେଉ ନ ଥିବା ଜମିକୁ ହଳ କରିବା ପାଇଁ କେବଳ ଟ୍ରାକ୍ଟର ବ୍ୟବହାର କରାଯିବ ଏବଂ ସାଧାରଣ ହଳ ପାଇଁ ଅନୁମତି ଦିଆଯିବ ନାହିଁ। କାରଣ ବଳଦ ଓ ଷଣ୍ଢ ହତ୍ୟା ରୋକି ସେମାନଙ୍କୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଥିଲା। ପାର୍ଟି କହିଥିଲା, ଉପଭୋକ୍ତା ସାମଗ୍ରୀ ଓ ବିଳାସ ସାମଗ୍ରୀ ଆମଦାନୀକୁ ଉତ୍ସାହିତ କରାଯିବ ନାହିଁ। ସ୍ୱଦେଶୀ ସାମଗ୍ରୀ ପାଇଁ ସ୍ଥାନୀୟ ଶିଳ୍ପକୁ ସବ୍‌ସିଡି ଏବଂ ଟାରିଫ୍ ସୁରକ୍ଷା ଦିଆଯିବ। ବନ୍ଦ ଓ ଆନ୍ଦୋଳନ ଭଳି ଶ୍ରମିକ ଅଧିକାରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ।

୧୯୫୭ରେ ଦଳ ଘୋଷଣା କରିଥିଲା, ଆର୍ଥିକ ବ୍ୟବସ୍ଥାରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିବ ଏବଂ ତାହା ଭାରତୀୟ ଜୀବନ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି କରାଯିବ। ତେବେ ଏହି ମୂଲ୍ୟବୋଧ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ନ ଥିଲା କିମ୍ବା ଏହି ବୈପ୍ଳବିକ ପରିବର୍ତ୍ତନ ଭବିଷ୍ୟତରେ ଇସ୍ତାହାରରେ ନିଆଯିବ କି ନାହିଁ ତାହା ଦର୍ଶାଯାଇ ନ ଥିଲା। ୧୯୬୭ରେ ଇସ୍ତାହାରରେ କହିଥିଲା ଯେ, ଯୋଜନାବଦ୍ଧ ଅର୍ଥ ବ୍ୟବସ୍ଥାକୁ ସମର୍ଥନ କରିବ, କିନ୍ତୁ ଯୋଜନାକୁ ବଦଳାଇ ଆଞ୍ଚଳିକଭିତ୍ତିରେ ଓ ପ୍ରୋଜେକ୍ଟ ଆଧାରରେ ମାଇକ୍ରୋ ଇକୋନୋମିକ୍ସ ବ୍ୟବସ୍ଥାକୁ ଗ୍ରହଣ କରିବ। ଏହା ଚାହିଁଥିଲା ବ୍ୟବସ୍ଥାଗତ ହସ୍ତକ୍ଷେପ, କିନ୍ତୁ ସବୁଠି ନୁହେଁ। ଏହା ଘରୋଇ ନିବେଶକୁ ଉତ୍ସାହିତ କରିଥିଲା, କିନ୍ତୁ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ। ନାଗରିକ ସ୍ୱାଧୀନତା କ୍ଷେତ୍ରରେ ପାର୍ଟିର ଦୃଷ୍ଟିକୋଣରେ ମଧ୍ୟ ସମାନ ପ୍ରକାର ପରିବର୍ତ୍ତନ ସାମ୍ନାକୁ ଆସିଛି। ୧୯୫୪ରେ ଜନସଂଘ କହିଥିଲା, ଯୁକ୍ତିଯୁକ୍ତ କଟକଣା ଲଗାଇ ବାକ୍ ସ୍ୱାଧୀନତାର କଣ୍ଠରୋଧ କରିଥିବା ପ୍ରଥମ ସାମ୍ବିଧାନିକ ସଂଶୋଧନକୁ ହଟାଇବ। ଏହି ସଂଶୋଧନ ବିଶେଷକରି ଅଭିବ୍ୟକ୍ତିର ସ୍ୱାଧୀନତାକୁ ଶେଷ କରିଥିଲା, କାରଣ କଟକଣାର ତାଲିକା ବ୍ୟାପକ ଥିଲା। କିନ୍ତୁ ୧୯୫୪ ପରେ ପ୍ରଥମ ସଂଶୋଧନକୁ ରଦ୍ଦ କରିବା ଏବଂ ନାଗରିକଙ୍କ ବାକ୍, ସଂଗଠନ ଓ ସମାବେଶ ସ୍ୱାଧୀନତା ପୁନଃସ୍ଥାପିତ କରିବା ଦାବି ଜନସଂଘର ଇସ୍ତାହାରରୁ ଅଦୃଶ୍ୟ ହୋଇଗଲା। କୌତୂହଳର ବିଷୟ, ଜନସଂଘ କହିଥିଲା ଯେ, ଏହା ପ୍ରିଭେଣ୍ଟିଭ ଡିଟେନ୍‌ଶନ ଆଇନ(ବିନା ବିଚାରରେ କୌଣସି ବ୍ୟକ୍ତିକୁ ଅଟକ ରଖିବା)କୁ ହଟାଇବ, ଯାହା ବ୍ୟକ୍ତି ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ବିରୋଧ କରେ। ଏହି ପ୍ରତିଶ୍ରୁତି ପୁନର୍ବାର ୧୯୫୦ ଦଶନ୍ଧିରେ ଦୋହରାଇଥିଲା। ତେବେ ସମୟକ୍ରମେ ସଂଘ ଏବଂ ଭାଜପା ପ୍ରିଭେଣ୍ଟିଭ ଡିଟେନ୍‌ଶନର ସବୁଠୁ ବଡ଼ ସମର୍ଥକ ପାଲଟିଗଲେ । ଏବେ ସିଭିଲ୍ ସୋସାଇଟି ଏବଂ ବିରୋଧୀ ରାଜନେତାଙ୍କ ପାଇଁ 'ଜେଲ ନଟ୍‌ବେଲ୍' ସେମାନଙ୍କର ନୀତି ହୋଇଯାଇଛି।

ପ୍ରଶ୍ନ ହେଉଛି, ପାର୍ଟି କାହିଁକି ଅନିୟନ୍ତ୍ରିତ ଭାବେ ଗତି କରୁଛି ଏବଂ କାହିଁକି ଏଭଳି ପରିବର୍ତ୍ତନ ହେଉଛି ସେ ବିଷୟରେ କହିନାହିଁ? ଉତ୍ତର ହେଉଛି, ମୂଳ ସ୍ଥିତିକୁ ଯିବା ଲାଗି ଏହାର କୌଣସି ବିଚାର ନ ଥିଲା। କଂଗ୍ରେସ ଶାସନ ସମୟରେ ଯାହା ଘଟୁଥିଲା କେବଳ ତାହାକୁ ଦୃଷ୍ଟିରେ ରଖି ଜନସଂଘ ନିଜ ଇସ୍ତାହାର ପ୍ରସ୍ତୁତ କରୁଥିଲା। ନେହେରୁ ଭୂମି ସଂସ୍କାର ଆରମ୍ଭ କରିଥିଲେ, ଜନସଂଘ ତାହାଠାରୁ ଭଲ ସଂସ୍କାର କିଭଳି ଆଣିବ ସେ ସମ୍ପର୍କରେ ତା' ଇସ୍ତାହାରରେ ପାରାଏ ଦି'ପାରା ଯୋଡ଼ିଥିଲା। ଇନ୍ଦିରା ଗାନ୍ଧୀ ଲ୍ୟାଣ୍ଡ ସିଲିଂ ବିଷୟରେ କହିଥିଲା ବେଳେ ଜନସଂଘ ତାହାର ଲ୍ୟାଣ୍ଡ ସିଲିଂ କେମିତି ହେବ ତାହା ଦର୍ଶାଇଥିଲା। ଏକ ଯୋଜନାବଦ୍ଧ ଅର୍ଥ ବ୍ୟବସ୍ଥା ସବୁଠୁ ଭଲ ଥିଲା, କିନ୍ତୁ ଜନସଂଘ ଏହାକୁ ମାଇକ୍ରୋସ୍ତରୀୟ ଓ ପ୍ରୋଜେକ୍ଟ କୈନ୍ଦ୍ରିକ କରିବାକୁ ଯୋଜନା କଲା। ଯାନ୍ତ୍ରିକୀକରଣ ମଧ୍ୟ ଭଲ, କିନ୍ତୁ ଅତ୍ୟଧିକ ଯାନ୍ତ୍ରିକୀକରଣ ନୁହେଁ, କାରଣ ଏହା ବେରୋଜଗାର ସୃଷ୍ଟି କରିବ। ଏଣୁ ଏହା ଭାରତୀୟ ଆଧୁନିକୀକରଣ ହେବା ଦରକାର। ଶେଷରେ ୧୯୯୧ରେ କଂଗ୍ରେସ ତାହାର ଆର୍ଥିକ ଦୃଷ୍ଟିକୋଣ ପରିବର୍ତ୍ତନ କରିଥିଲା। ତାହାକୁ ଲକ୍ଷ୍ୟକରି ଭାଜପା ମଧ୍ୟ ପରିବର୍ତ୍ତନ କଲା, ସେଥିପାଇଁ ଆମେ ଆଜି ଏହି ସ୍ଥିତିରେ ହିଁ ପହଞ୍ଚିଛୁ।

Email:aakar.patel@gmail.com

# ବଡ଼ଲୋକଙ୍କ ବଡ଼ପଣ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନିଜ ପ୍ରତିଷ୍ଠା, ପ୍ରାଚୁର୍ଯ୍ୟ ଓ ପ୍ରତିପତ୍ତିରେ ସମାଜଠୁଁ ବଡ଼ଲୋକର ମାନ୍ୟତା ହାସଲ କରିଥିବା ବହୁ ବ୍ୟକ୍ତିଙ୍କ ବହୁବିଧ ଛୋଟପଣ ପ୍ରତ୍ୟକ୍ଷ କରିସାରି ମନ ବିଷେଇ ଉଠୁଥିଲା ବେଳେ ଯଦି କେବେ କେଉଁ ବଡ଼ଲୋକଙ୍କ ବଡ଼ପଣ କାନରେ ପଡ଼େ, ତେବେ ଏକ ମୁଗ୍ଧ ଅନୁଭବରେ ଜଡ଼ସଡ଼ ହୋଇ ଯାଏ ହୃଦୟ। ସେଇ ବଡ଼ଲୋକ ଜଣଙ୍କୁ ଶତ ପ୍ରଣିପାତ କରିବାକୁ ମନରେ ଇଚ୍ଛା ଜାଗେ। ସକଳ ବିଘଟନ ସତ୍ତ୍ୱେ ଏ ସଂସାର ତଥାପି ଅପରିବର୍ଜନୀୟ ବୋଲି ମନରେ ବିଶ୍ୱାସ ଜନ୍ମେ। ଏହି ମନସ୍ତାତ୍ତ୍ୱିକ ଦିଗଟିକୁ ଅଧିକ ବିସ୍ତାରିତ କରିବାକୁ ଆମ ସାମାଜିକ ଜୀବନରେ ସଂଘଟିତ ଦୁଇଟି ସମାନ ପ୍ରକାର ଘଟଣାକୁ ଅନୁଧ୍ୟାନ କରାଯାଉ ଓ ଲକ୍ଷ୍ୟ କରାଯାଉ ବ୍ୟକ୍ତିର ମନସ୍ତତ୍ତ୍ୱରେ ଏହାର ପ୍ରଭାବକୁ।

ପ୍ରଥମ ଘଟଣାଟି ଆମ ରାଜ୍ୟର, ପ୍ରାୟ କୋଡ଼ିଏ ବର୍ଷ ତଳର। ରାଜ୍ୟ ପ୍ରଶାସନର ଜଣେ ଉଚ୍ଚପଦସ୍ଥ ଅଧିକାରୀ ସରକାରୀ କାର୍‌ରେ ଆସୁଥିଲେ ତାଙ୍କ କଟକ ଅଫିସରୁ ରାଜଧାନୀ ଭୁବନେଶ୍ୱର। ଗାଡ଼ି ଛାଡ଼ିବାର କିଛି ସମୟ ପରେ ସେ ଲକ୍ଷ୍ୟକଲେ ଗାଡ଼ିର ଡ୍ରାଇଭର ରହି ରହି କାଶୁଛି। ସାମାନ୍ୟ ସର୍ଦ୍ଦିରୋଗରେ ଆକ୍ରାନ୍ତ ଥିବା ଡ୍ରାଇଭରକୁ ହଠାତ୍ ଗାଡ଼ି ଫେରାଇବାକୁ ନିର୍ଦ୍ଦେଶ ଦେଲେ ହାକିମ ଓ ଅଫିସରେ ପହଞ୍ଚି ଅନ୍ୟ ଏକ ଡ୍ରାଇଭରକୁ ଧରି ଭୁବନେଶ୍ୱର ଆସିଲେ। ବର୍ଷେ ପରେ ଅବସର ନେବାକୁ ଯାଉଥିବା ତାଙ୍କ ନିୟମିତ ଡ୍ରାଇଭରଙ୍କୁ ବୁଝିବା ବିଳମ୍ବ ହେଲାନାହିଁ ଯେ ପ୍ରକୃତି ପ୍ରଦତ୍ତ ଥଣ୍ଡାବ୍ୟାଧିଟି ପାଇଁ ତାଙ୍କୁ ତାଙ୍କ ମୁନିବ ପରିତ୍ୟାଗ କରିଛନ୍ତି। ମନେ ମନେ ଭାଳିହେଲେ-''ଡ୍ରାଇଭର ଭଳି ଛୋଟଲୋକଟିଏ ବୋଲି ସିନା ମୁଁ କର୍ମଚ୍ୟୁତ ହୋଇଗଲି। ତେବେ ବାବୁଙ୍କ ଭଳି ବଡ଼ଲୋକମାନେ କ'ଣ ରୋଗବ୍ୟାଧିରୁ ମୁକ୍ତ? ତାଙ୍କୁ କ'ଣ ଥଣ୍ଡା ସର୍ଦ୍ଦି ଅବା କାଶ କେବେ କବଳିତ କରିନାହିଁ? ସେତେବେଳେ ତ ମୁଁ ତାଙ୍କୁ ଗାଡ଼ିରେ ନେଇ ଯିବା ପାଇଁ କେବେ ଅସ୍ୱୀକାର କରିନାହିଁ! ହାକିମ ଓ ଡ୍ରାଇଭରଙ୍କ ସମ୍ପର୍କର ଭିନ୍ନ ପରିଭାଷାର ଅନ୍ୟ ଏକ ଦୃଷ୍ଟାନ୍ତ ପ୍ରସଙ୍ଗରେ ଏବେ ଆଖି ପକାଇବା ଦ୍ୱିତୀୟ ଘଟଣାଟି ଉପରେ।

ଘଟଣାଟି ପ୍ରାୟ ପାଞ୍ଚବର୍ଷ ତଳର। ଘଟିଛି କର୍ନାଟକର କୁର୍ଗ ଜିଲାରେ। ଡ୍ରାଇଭର ଭାବେ ପ୍ରାୟ ବାରଜଣ ଜିଲାପାଳଙ୍କ ସାରଥି ହୋଇଥିଲେ ପରାମି ଶିବମ୍। ଛତିଶବର୍ଷ କାର୍ଯ୍ୟ ସମ୍ପାଦନ ପରେ ଅବସର ନେଲେ। ତାଙ୍କ ପାଇଁ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଲା। ଜିଲାପାଳ ତାଙ୍କୁ ବିଦାୟ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କଲେ। ସମସ୍ତଙ୍କଠୁଁ ବିଦାୟ ନେଇ ସେ ନିଜ ଘରକୁ ବାହୁଡ଼ିବାର ଉପକ୍ରମ କରୁଥିଲା ବେଳେ ତାଙ୍କୁ ଅପେକ୍ଷା କରୁଥିଲା ତାଙ୍କ ଜୀବନର ପରମତମ ଆଶ୍ଚର୍ଯ୍ୟ। ଯେଉଁ ଗାଡ଼ିଟି ଚଳାଇ ସେ ପ୍ରତିଦିନ ଜିଲାପାଳଙ୍କୁ ନେବା ଆଣିବା କରୁଥିଲେ, ସେଇ ଗାଡ଼ିର ଷ୍ଟିୟରିଂ ଧରି ବସି ରହିଥିଲେ ଖୋଦ ଜିଲାପାଳ ଟି. ଆନ୍‌ବାଝାଗନ। ସେ ଶିବମ୍‌କୁ ପଛ ସିଟ୍‌ରେ ବସିବାକୁ କହିଲେ, ଯେଉଁଠି ସେ ସବୁଦିନେ



ବସି ଅଫିସ ଆସୁଥିଲେ। ଏଭଳି ବିଚିତ୍ର ଆଦେଶ ପାଳନ କରିବାକୁ ଅମଙ୍ଗ ହେବାରୁ କଲେକ୍ଟର ବୁଝାଇଦେଲେ- ''ଗତ ଛତିଶବର୍ଷ ଧରି ନିରବଚ୍ଛିନ୍ନ ଭାବେ ମୋ ଭଳି ବାରଜଣ କଲେକ୍ଟରଙ୍କୁ ତୁମେ ଗାଡ଼ିରେ ବସାଇ ନେଉଥିଲ। ସେମାନଙ୍କର ଜଣେ ପ୍ରତିନିଧି ଭାବେ ଆଜି ପ୍ରଥମ ଓ ଶେଷଥର ପାଇଁ ମୁଁ ତୁମକୁ ନେଇ ତୁମ ଘରେ ଛାଡ଼ିଦେଇ ଆସିବି।''

ଆଖିରୁ ଲୁହ ଝରାଇ ଛିଡ଼ା ହୋଇଥିଲେ ଶିବମ୍। ଏହି ଅପୂର୍ବ ଦୃଶ୍ୟଟିକୁ ଅବଲୋକନ କରୁଥିଲେ ଅଫିସ୍‌ର ଅନ୍ୟ କର୍ମଚାରୀ। କେବଳ କୁର୍ଗ ଜିଲା ପ୍ରଶାସନର ଇତିହାସରେ ନୁହେଁ, ଉଚ୍ଚ ପଦବୀଧାରୀ ବଡ଼ଲୋକଙ୍କ ଅଧସ୍ତନ କର୍ମଚାରୀଙ୍କ ପ୍ରତି ଆଚରଣର ଇତିହାସରେ ଯୋଡ଼ିହୋଇ ଯାଇଥିଲା ନିଚ୍ଛକ ମାନବତାର ଏକ ଉଜ୍ଜ୍ୱଳ ଅଧ୍ୟାୟ। ରାଜରାଜୁଡ଼ା ଯୁଗର ଅବସାନ ପରେ ବି ଏଠି ଯେଉଁଠି ବଡ଼ଲୋକ ବୋଲାଉଥିବା ହାକିମମାନଙ୍କ ସାମନ୍ତବାଦୀ ଆଚରଣର ନଗ୍ନ ନମୁନା ଆଦୌ ବିରଳ ନୁହେଁ, ଯେଉଁଠି ହାକିମଙ୍କ କାର୍ ଅଟକିଲା ମାତ୍ରେ, ତାହାର ଦ୍ୱାର ଖୋଲିଦେବା ପାଇଁ ସେବକଟିଏ ଛିଡ଼ାହୋଇ ରହିବା ତାଙ୍କ ସମ୍ଭ୍ରାନ୍ତପଣ ପାଇଁ ଏକ ବାଞ୍ଛିତ ସମ୍ମାନ, ସେଠି ଆନ୍‌ବାଝାଗନମାନଙ୍କ ବଡ଼ପଣ ଏକ ବିରଳ ବ୍ୟତିକ୍ରମ!

ଆମ ଦେଶ ବାହାରର ଆଉ ଏକ ବିରଳ ଦୃଷ୍ଟାନ୍ତ। ଏପରି ଚମକପ୍ରଦ ଘଟଣା ପ୍ରାୟତଃ ସଚରାଚର ଆଖିରେ ପଡ଼େନାହିଁ। ଆଉ ଯେତେବେଳେ ପଡ଼େ ସେତେବେଳେ ଏକ ଅନିର୍ବଚନୀୟ ଅଫୁରନ୍ତ ଆନନ୍ଦରେ ହୃଦୟ ପୂରିଉଠେ। ବଡ଼ଲୋକଙ୍କ ବଡ଼ପଣ ଆଗରେ ସ୍ୱତଃ ମୁଣ୍ଡ ନଇଁଯାଏ। ଏକଦା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍‌ସନ ଏକ ଜରୁରୀ କାର୍ଯ୍ୟ ପାଇଁ ତାଙ୍କର ଅନ୍ୟତମ ସହଯୋଗୀ ଗଲ୍‌ବ୍ରେଥଙ୍କୁ ଟେଲିଫୋନ୍ କଲେ। କାର୍ଯ୍ୟଟି ଅତ୍ୟନ୍ତ ଗୋପନୀୟ ହୋଇଥିବାରୁ ତାଙ୍କ ବ୍ୟକ୍ତିଗତ ସହାୟକଙ୍କୁ ସମ୍ପୃକ୍ତ ନ କରି ନିଜେ ଫୋନ୍ କଲେ। ଅପରପଟରୁ ଫୋନ୍ ଧରିଲେ ବ୍ରେଥଙ୍କ ଘରୋଇ ଅର୍ଦ୍ଦଳି। ଗଲବ୍ରେଥ ସେତେବେଳେ ବିଶ୍ରାମ ନେଉଥିବାରୁ ତାଙ୍କୁ ଉଠାଇବା ପାଇଁ ଆଦେଶ ନାହିଁ ବୋଲି ସେ ଜଣାଇଦେଲେ। ରାଷ୍ଟ୍ରପତି ଜନ୍‌ସନ ନିଜର ପରିଚୟ ଦେଲେ ଓ ଅତ୍ୟନ୍ତ ଜରୁରୀ ଆବଶ୍ୟକ ଥିବାରୁ ତାଙ୍କ ସାହେବଙ୍କୁ ଫୋନ ପାଖକୁ ଡାକିବାକୁ ସେ ସେବକଟିକୁ କହିଲେ। ଆମେରିକାର ସବୁ ମୁନିବଙ୍କ ମୁନିବଙ୍କୁ ଏଥର ସ୍ପଷ୍ଟ ଶୁଣାଇଦେଲେ ସେଇ ଅର୍ଦ୍ଦଳି- ମୁଁ ଗଲବ୍ରେଥଙ୍କ କର୍ମଚାରୀ ଆପଣଙ୍କର ନୁହେଁ।

ସାଧାରଣ ଭାବେ ଆଶା କରିବା କଥା, ସେବକଟିର ଏହି ଔଦ୍ଧତ୍ୟରେ ଅପମାନିତ ରାଷ୍ଟ୍ରପତି ଜନ୍‌ସନ ତାଙ୍କ ପ୍ରତି ଉଚିତ ଶାସ୍ତିବିଧାନ କରିଥାନ୍ତେ। ନିଦରୁ ଉଠି ନିଜ ଅର୍ଦ୍ଦଳି ପାଖରୁ ସବୁ ଶୁଣି ଗଲ୍‌ବ୍ରେଥ ମଧ୍ୟ ଏହା ହିଁ ଆଶା କରୁଥିଲେ। ମାତ୍ର ଜନ୍‌ସନଙ୍କ ଭଳି ବଡ଼ଲୋକଙ୍କ ମହଙ୍ଗା ବଡ଼ପଣ ସମ୍ପର୍କରେ ସାରା ଜଗତ ଜାଣିଲା, ଯେତେବେଳେ ଗଲବ୍ରେଥ ରାଷ୍ଟ୍ରପତିଙ୍କୁ ଫୋନ କରି ତାଙ୍କ ସେବକଟିର ବିଶୃଙ୍ଖଳିତ ଆଚରଣ ପାଇଁ କ୍ଷମା ମାଗୁଥିଲେ ସେତେବେଳେ ତାଙ୍କୁ ଚମକାଇ ଦେଇ ଜନ୍‌ସନ କହିଲେ- ''ଏତେ ବିଶ୍ୱସ୍ତ ଆଜ୍ଞାବହ ଯେଉଁ ଦେଶରେ ଅଛନ୍ତି, ସେଇ ଦେଶର ରାଷ୍ଟ୍ରପତି ଭାବେ ମୁଁ ଗର୍ବିତ।'' ଟିକିଏ ରହି ଜନ୍‌ସନ ପୁଣି କଥା ଯୋଡ଼ିଲେ, ''ତୁମେ ତୁମର ସେଇ ସେବକଟିକୁ ମୋତେ ଦିଅନ୍ତ କି ଗଲବ୍ରେଥ! ମୁଁ ତାଙ୍କୁ ମୋ ପାଖରେ ରଖିବାକୁ ଚାହୁଁଛି।''

ରାଷ୍ଟ୍ରପତି ଭଳି ସର୍ବୋଚ୍ଚ ପଦବୀରେ ରହି ବି ଜଣେ କେତେ ଅହଂକାରଶୂନ୍ୟ ହୋଇପାରନ୍ତି, ତାହା ହିଁ ତାଙ୍କର ବଡ଼ପଣ। ଅଳ୍ପଦିନ ତଳେ ଆମ ରାଜ୍ୟର ଏକ ପ୍ରମୁଖ ଜିଲାର ଜିଲାପାଳ ତାଙ୍କ ଘରୋଇ କାର୍ଯ୍ୟରେ ନିୟୋଜିତ ଜଣେ ସରକାରୀ ପିଅନଙ୍କ ସାମାନ୍ୟ ତ୍ରୁଟି ପାଇଁ ତାଙ୍କୁ ଏମତି ନିର୍ଯାତନା ଦେଇଥିଲେ ଯେ କର୍ମଚାରୀ ଜଣକ ଶେଷରେ କାନ୍ଦି କାନ୍ଦି ଗଣମାଧ୍ୟମ ଆଗରେ ତାଙ୍କ ଦୁଃଖ ବୟାନ କରିଥିଲେ। ସେ ଯଦି ଥରେ ଭାବିଥାନ୍ତେ, ଯେଉଁ ପଦବୀ ପାଇଁ ତାଙ୍କର ଏହି ବଡ଼ଲୋକର ଅହଂକାର ସେଇ ପଦବୀ ଦିନେ ଚାଲିଯିବ ଓ ତାଙ୍କୁ ସମାଜ ଆଉ ବଡ଼ଲୋକରେ ଗଣିବନାହିଁ!

ଏମିତି କିନ୍ତୁ ଭାବୁଥିଲେ ଆମ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ। ତାଙ୍କ ଆବାସିକ କାର୍ଯ୍ୟାଳୟରେ ନିୟୋଜିତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥରେ କାର୍ଯ୍ୟାଳୟ କକ୍ଷଟି ଓଳାଉଥିଲା ବେଳେ ତାଙ୍କ ଅସାବଧାନତାରୁ କାଳି ଦୁଆତଟି ତଳେ ପଡ଼ି ଭାଙ୍ଗିଗଲା। ଦୁଆତଟି ସହିତ ତଳକୁ ପଡ଼ି ସମ୍ପୂର୍ଣ୍ଣ ଭାବେ କାଳିରେ ଭିଜି ନଷ୍ଟ ହୋଇଗଲା ଡକ୍ଟର ପ୍ରସାଦ ଲେଖିଥିବା ଏକ ଜରୁରୀ ନୋଟ୍‌ଶିଟ୍ । ପିଅନ ଜଣକ ଆତଙ୍କିତ ହୋଇପଡ଼ିଲେ। ସେହି କକ୍ଷକୁ ପଶିଆସିଲେ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଓ ସବୁ କଥା ଲକ୍ଷ୍ୟ କଲେ। ପିଅନଟିକୁ ଚାହିଁ ଅତ୍ୟନ୍ତ ସହଜ ଭାବରେ କହିଲେ ଦୁର୍ଘଟଣା ସବୁବେଳେ ଅଚାନକ ହୋଇଥାଏ। ସେଥିପାଇଁ ଏତେ ବ୍ୟସ୍ତ କାହିଁକି? ପ୍ରଥମ ଥର ପାଇଁ ରାଷ୍ଟ୍ରପତିଙ୍କ ପିଠି ଥାପୁଡ଼ାର ସ୍ପର୍ଶ ପାଇ ସେ କଇଁ କଇଁ ହୋଇ କାନ୍ଦି ଉଠିଲେ।

ବଡ଼ ଲୋକଙ୍କ ବଡ଼ପଣର ଏହି ପଟାନ୍ତରବିହୀନ ଦୁଇ ରାଷ୍ଟ୍ରପତିଙ୍କ ଦୃଷ୍ଟାନ୍ତ କାଳ କାଳକୁ ସେମାନଙ୍କୁ ଜନସ୍ମୃତିରେ ସଞ୍ଜୀବିତ କରିରଖିଛି। ଉଚ୍ଚ ପଦବୀରେ ଆସୀନ ସଭିଙ୍କ ଉଚ୍ଚତା ଆପେ ଆପେ ବଢ଼ିଯାଏ ନାହିଁ। ସେଥିପାଇଁ ଲୋଡ଼ାପଡ଼େ ଆତ୍ମପ୍ରେରିତ ବଡ଼ପଣ। ପଦପଦବୀ, ପ୍ରତିଷ୍ଠା, ପ୍ରତିପତ୍ତି ଆଦି ଯେତେ ଯାହା ବଡ଼ଲୋକଙ୍କର ପରିମାପକ ତାହା ସାମୟିକ। ଆଜି ଅଛି କାଲିକୁ ନାହିଁ। ମାତ୍ର ଯାହା ନିତ୍ୟ ନୂତନ ସଦା ଚିରନ୍ତନ ତାହା ହେଉଛି ମଣିଷର ଅନ୍ତର୍ନିହିତ ମାନବତା, ହୃଦୟବତ୍ତା ଓ ଅପର ପାଇଁ ସମ୍ମାନବୋଧ। ଏତକ ନ ଥିଲେ ବଡ଼ଲୋକରେ ଗଣାହେବେ ସିନା ବଡ଼ପଣବିହୀନ ବ୍ୟକ୍ତିସତ୍ତା ପାଇଁ ନା ଥିବ କାହାର ସମ୍ମାନ ନା ଥିବ ସମାଜର ସ୍ୱୀକୃତି।

ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଆମେରିକା କାହାର ମିତ୍ର



ରବିନାରାୟଣ ସାମଲ

ଇସ୍ରାଏଲ୍ ଓ ଆମେରିକା ଆଗପଛ କରି ଇରାନ୍ ଉପରେ ଝାମ୍ପି ପଡ଼ିଲେ। ଇରାନ୍‌ର ଅପରାଧ? ପରମାଣୁ ଅସ୍ତ୍ର ତିଆରି କରୁଛି, ବିଶ୍ୱ ପାଇଁ ବିପଦ! ଯେଉଁମାନେ ପରମାଣୁ ଅସ୍ତ୍ର ତିଆରି କରି ଗଚ୍ଛିତ ରଖିଛନ୍ତି ସେମାନେ ବିପଦ ହେଲେ ନାହିଁ, ଇରାନ୍ ତିଆରି କରୁଥିବାରୁ ବିପଦ ହୋଇଗଲା। ଅଜବ ଯୁକ୍ତି! ତଥ୍ୟ କହେ- ବିଶ୍ୱର ୯ଟି ଦେଶ ପାଖରେ ୧୨ ହଜାରରୁ ଊର୍ଦ୍ଧ୍ୱ ପରମାଣୁ ଅସ୍ତ୍ର ରହିଛି। ସେଥିମଧ୍ୟରୁ ଆକ୍ରମଣକାରୀ ରାଷ୍ଟ୍ର ଆମେରିକା ପାଖରେ ୫,୧୭୭ଟି ଏବଂ ଇସ୍ରାଏଲ୍ ପାଖରେ ୯୦ଟି। ତେବେ ବିଶ୍ୱ ପାଇଁ ବିପଦ କିଏ? ଇରାନ୍?

ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ରଖିଥିବା ଅଭିଯୋଗ ଆଣି ୨୦୦୩ ମସିହାରେ ଇରାକ୍ ଉପରେ ଆକ୍ରମଣ କଲା ଆମେରିକା। ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଗଲା। କିନ୍ତୁ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ରର ସାମାନ୍ୟତମ ଚିହ୍ନବର୍ଣ୍ଣ ମିଳିଲା ନାହିଁ। ମୋଦି ସରକାରଙ୍କ ଭଳି ବାଜପେୟୀଙ୍କ ସରକାର ସେତେବେଳେ ଆମେରିକାର ସମର୍ଥକ ସାଜିଥିଲେ। ଇରାନ୍ ଉପରେ ଆମେରିକାର ଆକ୍ରମଣକୁ ନିନ୍ଦା କରି ପାର୍ଲାମେଣ୍ଟରେ ବିରୋଧୀ ଦଳ ଏକ ପ୍ରସ୍ତାବ ଆଗତ କଲେ। ମାତ୍ର ବାଜପେୟୀ ସରକାର ତାହା ଗ୍ରହଣ କଲେ ନାହିଁ। ପାର୍ଲାମେଣ୍ଟ ଅଚଳ ହୋଇଗଲା। ଶେଷରେ ସରକାର ବାଧ୍ୟ ହୋଇ ଦୁଇଧାଡ଼ିଆ ନିନ୍ଦା ପ୍ରସ୍ତାବଟିଏ ଗୃହୀତ କଲେ। ଆମେରିକା ସହ ଅପ୍ରିୟ ନ ହେବାକୁ ତାହା ପୁଣି ଇଂଲିଶ୍‌ରେ ଲେଖା ନ ହୋଇ ହିନ୍ଦୀରେ ଲେଖା ହେଲା।

କହିବା ଅନାବଶ୍ୟକ ଯେ, ଆମେରିକା ଏକ ସାମ୍ରାଜ୍ୟବାଦୀ ରାଷ୍ଟ୍ର। ଅନ୍ୟ ଦେଶ ଉପରେ ଆଧିପତ୍ୟ ଜାହିର କରି ତାର ବଜାରକୁ ଦଖଲ କରିବା ହେଉଛି ଲକ୍ଷ୍ୟ। ୱାର୍‌ସ ଚୁକ୍ତିଭୁକ୍ତ କମ୍ୟୁନିଷ୍ଟ ଦେଶଗୁଡ଼ିକୁ ଭୟ କରି ନାଟୋ ମେଣ୍ଟଭୁକ୍ତ ରାଷ୍ଟ୍ରମାନେ ଶୀତଳ ଯୁଦ୍ଧ ଚଳାଇଥିଲେ। ସୋଭିଏଟ୍ ୟୁନିଅନ ସମେତ ଆଉ କେତେକ ସମାଜବାଦୀ ରାଷ୍ଟ୍ରର ପତନ ପରେ ୱାର୍‌ସ ଚୁକ୍ତି ଅକାମୀ ହୋଇଗଲା। ନାଟୋ ମେଣ୍ଟର ରାଷ୍ଟ୍ରମାନେ ଆମେରିକା ନେତୃତ୍ୱରେ ଉଷ୍ମ ଯୁଦ୍ଧ ଚଳାଇଲେ। ଭିଏତ୍‌ନାମ ଓ ଆଫଗାନିସ୍ତାନରୁ ଆମେରିକା ଲାଙ୍ଗୁଡ଼ ଜାକି ପଳାଇ ଆସିଥିଲେ ମଧ୍ୟ ତାହାର ଖୋଇ ଛାଡ଼ିନାହିଁ। ଇରାନ୍, ୟେମେନ୍, ସିରିଆ, ସୋମାଲିଆ ସହିତ ପ୍ରତ୍ୟକ୍ଷ ଯୁଦ୍ଧରେ ଆମେରିକା ସାମିଲ ହୋଇଥିଲା ବେଳେ ଗାଜା, ୟୁକ୍ରେନ୍ ଭଳି ଆଉ କେତେକ ଦେଶରେ ପରୋକ୍ଷ ଯୁଦ୍ଧରେ ସାମିଲ ହୋଇଛି। ୮୦ଟି ଦେଶର ୭୫୦ଟି ସ୍ଥାନରେ ସାମରିକ ଘାଟି ପ୍ରତିଷ୍ଠା କରି ଅଣ-ନାଟୋ-ମେଣ୍ଟ ରାଷ୍ଟ୍ରକୁ କରାୟତ୍ତ କରିବାକୁ ବସିଛି। ଅଧା ପୃଥିବୀ ଅତିକ୍ରମ କରି ଇରାନ୍ ଉପରେ ଆକ୍ରମଣ କରିଛି।

ବହୁ ବର୍ଷ ଧରି ସାମ୍ରାଜ୍ୟବାଦ ବିରୋଧରେ ଭାରତର ଅବସ୍ଥାନ ନିର୍ଣ୍ଣାୟକ ଥିଲା। ମାତ୍ର



ଅଟଳ ବିହାରୀ ବାଜପେୟୀଙ୍କ ସରକାର ଆସିବା ପରେ ଭାରତ କ୍ରମେ କ୍ରମେ ଆମେରିକା ମୁହାଁ ହେଲା। ଆମ ଦେଶର ଅର୍ଥନୀତି ଓ ବୈଦେଶିକ ନୀତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଲା। ଆମେରିକା ହାଣ୍ଡିରେ ଫୁଟଣ ଫୁଟିଲେ ଭାରତରେ ତାହା ବାସୁଥିଲା। ସହଜରେ ତ ଏବେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଓ ଟ୍ରମ୍ପ୍ ପ୍ରଶାସନ ମଧ୍ୟରେ ଆଉ ପାଣି ଗଳୁନି! ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି ଟ୍ରମ୍ପ୍‌ଙ୍କ ମଧ୍ୟସ୍ଥତାରେ ସମ୍ଭବ ହୋଇଛି ବୋଲି ସେ ବାରମ୍ବାର ମନ୍ତବ୍ୟ ଦେଉଥିବା ବେଳେ କେନ୍ଦ୍ର ସରକାର ଦୃଢ଼ତାର ସହ ତାକୁ ଖଣ୍ଡନ କରୁନାହାନ୍ତି। ବାଜପେୟୀଙ୍କ ଶାସନ କାଳରେ ହୋଇଥିବା କାର୍ଗିଲ ଲଢ଼େଇରେ ଆମେରିକା ହସ୍ତକ୍ଷେପ କରିଥିବାର ଠୋସ୍ ପ୍ରମାଣ ରହିଛି।

୨୦୧୯ରେ 'ହାଓଡ଼ି ମୋଦି' କାର୍ଯ୍ୟକ୍ରମରେ ଟ୍ରମ୍ପ୍‌ଙ୍କ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାରେ ନିର୍ବାଚନ ପ୍ରଚାର କରିଥିଲେ। ଏପଟେ ଟ୍ରମ୍ପ୍‌ଙ୍କ ବିଜୟ କାମନା କରି ହିନ୍ଦୁ ମହାସଭା ଭାରତର ବିଭିନ୍ନ ସ୍ଥାନରେ ଯଜ୍ଞ ମଧ୍ୟ ଆୟୋଜନ କରିଥିଲା। ଦୁର୍ଭାଗ୍ୟକୁ ଟ୍ରମ୍ପ୍ ପରାଜିତ ହେଲେ। ତା' ସତ୍ତ୍ୱେ ରାଷ୍ଟ୍ରପତି ହେବାକୁ ଏକ ଅସଫଳ ଉଦ୍ୟମ କରିଥିଲେ।

ପହଲଗାମ୍ ଘଟଣା ପରେ ଭାରତର ୮ଟି ବହୁଦଳୀୟ ପ୍ରତିନିଧି ଦଳ ଆମେରିକା ସମେତ ବିଭିନ୍ନ ରାଷ୍ଟ୍ର ଗସ୍ତ କଲେ। ଫଳ କ'ଣ ହେଲା ତାହା ଜଣାପଡ଼ିଲା ନାହିଁ। କାନାଡ଼ାରେ ଅନୁଷ୍ଠିତ ଜି-୭ ଦେଶର ସମ୍ମିଳନୀ ଅଧାରୁ ଟ୍ରମ୍ପ୍ ଚାଲିଆସି ଘୋଷଣା କଲେ- 'ଆଇ ଲଭ୍ ପାକିସ୍ତାନ'। ଆମେରିକାର ସମ୍ମତିରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ପାକିସ୍ତାନର ବିକାଶ ଲାଗି ୭ ବିଲିଅନ୍ ଡଲାର ଋଣ ମଞ୍ଜୁର କଲା। ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିର୍‌ଙ୍କୁ ଜଣେ ସ୍ୱତନ୍ତ୍ର ଅତିଥି ଭାବେ ଟ୍ରମ୍ପ୍ ତାଙ୍କ ଉତ୍ସବକୁ ନିମନ୍ତ୍ରଣ କଲେ। ପହଲଗାମ୍ ଓ ଇରାନ୍ ଯୁଦ୍ଧ ମଧ୍ୟରେ ଏସବୁ ଘଟିଗଲା। ବହୁଦଳୀୟ ପ୍ରତିନିଧି ମଧ୍ୟ ଆମେରିକା ଯାଇ ଫେରିଆସିଛନ୍ତି। ବାଣିଜ୍ୟିକ ଶୁଳ୍କ ଲାଗୁ କଲାବେଳେ ଟ୍ରମ୍ପ୍ ଭାରତ ପ୍ରତି ସାମାନ୍ୟତମ ଅନୁକମ୍ପା ଦେଖାଇ ନାହାନ୍ତି କି ପାକିସ୍ତାନକୁ ସାହାଯ୍ୟ ସହଯୋଗରେ ଆଦୌ ହେଳା କରିନାହାନ୍ତି। ଏସବୁ ସତ୍ତ୍ୱେ ଆମେରିକା କୁଆଡ଼େ ଭାରତର ବନ୍ଧୁ!

ଉଭୟ ଭାରତ ଓ ପାକିସ୍ତାନର ପିଠି ଥାପୁଡ଼େଇ ଆମେରିକା ଯେ ଫୁଲାଏ ମାଂସ ନେଇଯାଉଛି ଏକଥା କେହି ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି। ଏବେ ବି ସମୟ ଅଛି, ଭାରତ ତା'ର ବୈଦେଶିକ ନୀତିର ସମୀକ୍ଷା କରୁ। ପଡ଼ୋଶୀ ରାଷ୍ଟ୍ର ସହ ମିତ୍ରତା ସ୍ଥାପନ କରି ସାମ୍ରାଜ୍ୟବାଦୀ ଆମେରିକାର କଳା କାରସାଦିକୁ ପ୍ରତିହତ କରୁ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ମକା ଖାଇ ଚୋପା (ହସ୍କ)କୁ ଏଣେ ତେଣେ ଆଉ ପକାଇବାକୁ ପଡ଼ିବନି। ଏହାର ପୁନଃ ବିନିଯୋଗ କରାଯିବାର ଉପାୟ ସାମ୍ନାକୁ ଆଣିଛନ୍ତି ମଣିପୁର ସେନପତି ଜିଲାର ଫ୍ଲୋରିଷ୍ଟ ନେଲି ଛାଛେୟା। ସେ ହସ୍ତକଳାରେ ଶିକ୍ଷା ଲାଭ କରିଛନ୍ତି। ନେଲି ମକା ଚୋପାରୁ ଜୈବ କଣ୍ଢେଇ ତିଆରି କରୁଛନ୍ତି ଏବଂ ଏହା ଶୀଘ୍ର ମାଟିରେ ମିଶିଯାଇପାରୁଛି। ଏହି କାର୍ଯ୍ୟରେ ସେ ଅନେକ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଏହି କଣ୍ଢେଇଗୁଡ଼ିକୁ ସେମାନେ ହାତରେ ସିଲାଇକରି ତିଆରି କରୁଛନ୍ତି। ନେଲି ମଧ୍ୟ ରୋଷେଇ ଘରୁ ବାହାରୁ ଥିବା ବର୍ଜ୍ୟକୁ ଏହି କଣ୍ଢେଇ ତିଆରିରେ ବ୍ୟବହାର କରୁଛନ୍ତି। କଣ୍ଢେଇରେ ଉଦ୍ଭିଦରୁ ପ୍ରସ୍ତୁତ ଜୈବ ରଙ୍ଗ ବ୍ୟବହାର କରୁଛନ୍ତି। ନେଲି ଆଖପାଖ ଗାଁର ମକାଚାଷୀ ଓ ଦୋକାନୀଙ୍କଠାରୁ ମକା ଚୋପା ସଂଗ୍ରହ କରୁଛନ୍ତି । ସେ ମଧ୍ୟ ଏହି କଣ୍ଢେଇ ତିଆରି ସମ୍ପର୍କରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଜୁଲାଇ ୧୯୭୬

- ସଂଖ୍ୟାଲଘୁ ମୁସଲମାନମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ସଂସ୍ଥା ନାମରେ ଏକ ସଂସ୍ଥା ଗଠନ କରାଯାଇଛି।
- ଭାରତୀୟ ଲୌହ ଓ ଇସ୍ପାତ କମ୍ପାନୀର ପରିଚାଳନା ଭାରତ ସରକାର ନିଜ ହାତକୁ ନେବା ପାଇଁ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲୀ ଅହମ୍ମଦ ଏକ ଅଧ୍ୟାଦେଶ ଜାରି କରିଛନ୍ତି।

## ଚିରନ୍ତନୀ

ସନ୍ଧ୍ୟାଲୋକ ତଳେ ଏକା
ସଜଳ କଜ୍ଜଳରେଖା-
ଜଳ ଧାରାଟିଏ ଯାଏ ବହି,
କ୍ଳାନ୍ତ ପଦେ ମୁଁ ଏକାକୀ
ତରୁତଳ କରି ସାକ୍ଷୀ
ବିଶ୍ରମିଛି ଶଯ୍ୟାହୀନ ମହୀ ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | | 9 | |
| 5 | 9 | 8 | | | 4 | | 3 | |
| 6 | | | | | 7 | 4 | | |
| | 4 | | | | 6 | 8 | 7 | |
| | | | | | | | | |
| | | 9 | 4 | 7 | | | | |
| | | | | | 3 | | 6 | 5 |
| | | | 2 | | | | | |
| 2 | 6 | | 9 | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 2 | 8 | 7 | 9 | 5 | 6 | 3 |
| 9 | 6 | 7 | 5 | 2 | 3 | 1 | 4 | 8 |
| 5 | 3 | 8 | 1 | 6 | 4 | 2 | 9 | 7 |
| 8 | 9 | 5 | 6 | 4 | 2 | 3 | 7 | 1 |
| 7 | 4 | 3 | 9 | 5 | 1 | 6 | 8 | 2 |
| 1 | 2 | 6 | 3 | 8 | 7 | 4 | 5 | 9 |
| 6 | 7 | 1 | 2 | 9 | 5 | 8 | 3 | 4 |
| 2 | 8 | 4 | 7 | 3 | 6 | 9 | 1 | 5 |
| 3 | 5 | 9 | 4 | 1 | 8 | 7 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମେଦବୃଦ୍ଧି ରୋଗର କାରଣ

ମହାଶୟ,

ଡାକ୍ତରମାନେ କହନ୍ତି, ମେଦବୃଦ୍ଧି ହିଁ ରୋଗର କାରଣ। ପୋଲିସ ବିଭାଗର କନ୍‌ଷ୍ଟେବଲଠାରୁ ଆରମ୍ଭ କରି ଉପର ଅଫିସରମାନଙ୍କୁ ଦେଖିଲେ ଦୟା ଲାଗେ। ସେମାନଙ୍କର ଏତେ ମେଦ ବୃଦ୍ଧି ପାଇଛି, ଅବସର ପରେ ସେମାନେ ତ ରୋଗାକ୍ରାନ୍ତ ହୋଇଯିବେ। ସେମାନେ ତ ଏବେ ଚୋର ଡକାୟତଙ୍କ ସାମ୍ନା କରିପାରୁ ନ ଥିବେ। କେବଳ ପୋଲିସ ବର୍ଦ୍ଦିଟା ପିନ୍ଧିଥାନ୍ତି, ହାତରେ ଲାଠି ବା ବନ୍ଧୁକ ଥାଏ ବୋଲି ଲୋକେ ଡରିଥାନ୍ତି। ନଚେତ୍ ସେମାନଙ୍କର ବପୁ ଦେଖିଲେ ଲୋକେ ଆରାମରେ ଖସି ଯିବେ। ଏମିତି ବି ଅତ୍ୟଧିକ ମୋଟା ହୋଇ ସେମାନଙ୍କର ପେଟ ବାହାରି ପଡ଼ିବା ଫଳରେ ସେମାନେ ଅସୁନ୍ଦର ଦେଖାଯାଉଛନ୍ତି। ତେଣୁ ସରକାରଙ୍କୁ ଅନୁରୋଧ, ବ୍ୟାୟାମ କରି ଫିଟ୍ ରହିବାକୁ ପୋଲିସଙ୍କୁ ପରାମର୍ଶ ଦିଅନ୍ତୁ। ଫଳରେ ଅବସର ପରେ ସେମାନେ ସୁସ୍ଥ ସବଳ ରହି ଜୀବନ ଜିଇ ପାରିବେ।

-ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସ୍ୱାସ୍ଥ୍ୟାବସ୍ଥା ଗୁରୁତର, ଚିକିତ୍ସାରେ ୧୪ଜଣିଆ ଡାକ୍ତରୀ ଟିମ୍

ଭୁବନେଶ୍ୱର, ୧୯।୭ (ବନ୍ଦନା ସେଠୀ)

ଦୁର୍ବୃତ୍ତମାନେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ପୁରୀ ଜିଲା ବଳଙ୍ଗା ଅଞ୍ଚଳର ନାବାଳିକା ଏବେ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଶରୀରର ପ୍ରାୟ ୭୦ରୁ ୭୫ ପ୍ରତିଶତ ପୋଡ଼ି ଯାଇଥିବା ଏମ୍ସର ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ସେ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି ଓ କଥାବାର୍ତ୍ତା କରୁଛନ୍ତି। କିନ୍ତୁ ତାଙ୍କ ମାନସିକ ଅବସ୍ଥା ଭଲନାହିଁ। ତେଣୁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଦରକାର ରହିଛି। ତେବେ ଆଗାମୀ ୪୮ରୁ ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିଥିବା ଡା. ବିଶ୍ୱାସ କହିଛନ୍ତି। ଡାକ୍ତର ସଞ୍ଜୟ ଗିରିଙ୍କ ନେତୃତ୍ୱରେ ୧୪ ଜଣିଆ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଛି। ଏହି ଟିମ୍‌ରେ ପ୍ରଫେସର ଅନୁପମ ଦେ, ପ୍ରଫେସର ମନୋଜ ପାଣିଗ୍ରାହୀ, ଡ. ଦେବାଶିଷ ଆଚାର୍ଯ୍ୟ, ଡ. ଆଲୋକ ସାହୁ, ଡ. ରିତେଶ ପଣ୍ଡା, ଡ. ସିନ୍ଧୁ ସୁଧା ସାହୁ, ଡ. ସୁବର୍ଣ୍ଣ ମିତ୍ର, ଡ. ପ୍ରୀତି ମୀନା, ଡ. ତରୁଣ କୁମାର ପାତ୍ର, ଡ. ଶ୍ୟାମସୁନ୍ଦର ବେହେରା, ଡ. ଦେବଶ୍ରୀ ଦାସ, ଡ. ମହାଲିଙ୍ଗମ ଓ ପ୍ରିୟଦର୍ଶିନୀ ସାହୁ ରହିଥିବା ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ପୀଡ଼ିତାଙ୍କ ଚିକିତ୍ସା ଯେପରି ପ୍ରଭାବିତ ନ ହେବ ଓ ସଂକ୍ରମଣ ନ ହେବ ସେଥିପାଇଁ ଏମ୍ସ କର୍ତ୍ତୃପକ୍ଷ ବର୍ନ ୱାର୍ଡ ବାହାରେ ନୋଟିସ ଲଗାଇବା ସହ ଗହଳି ଓ ଉଚ୍ଚ ଶବ୍ଦ ଏଡ଼ାଇବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି। ବ୍ୟାରିକେଡ୍ ଲଗାଯିବା ସହ ପୋଲିସ ମୁତୟନ କରାଯାଇ ଅବାଧ ପ୍ରବେଶ ଉପରେ କଟକଣା ଲଗାଯାଇଛି। ହସ୍ପିଟାଲ ପ୍ରବେଶ ସ୍ଥାନରୁ ଦୂରରେ ରହିବାକୁ ଏବଂ ହସ୍ପିଟାଲ ଲବି ଭିତରେ ଏକାଠି ନ ହେବାକୁ ଅନୁରୋଧ କରାଯାଉଛି। ଘଟଣାସ୍ଥଳ ସମ୍ବେଦନଶୀଳ ଥିବାରୁ ବ୍ୟାରିକେଡ ବାହାରକୁ ଏବେ ନେତା ଓ କର୍ମୀଙ୍କୁ କଢ଼ାଯିବା ପାଇଁ ଯୋଜନା କରାଯାଇଛି।

## ବର୍ନ ୱାର୍ଡ ସମ୍ମୁଖରୁ ଗହଳି ଏଡ଼ାଇବାକୁ ନୋଟିସ

## ଏମ୍‌ସରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ

ଭୁବନେଶ୍ୱର, ୧୯।୭(ବନ୍ଦନା ସେଠୀ)

ପୁରୀ ଜିଲା ବଳଙ୍ଗାରେ ଶନିବାର ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ଏମ୍‌ସରେ ଚିକିତ୍ସାଧୀନ ନାବାଳିକା ଛାତ୍ରୀଙ୍କ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯାଇଛି। ସେପଟେ ପୀଡ଼ିତାଙ୍କ ମା' ବଳଙ୍ଗା ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ପୀଡ଼ିତାଙ୍କ ମା' କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅକୁ ପୋଡ଼ିମାରି ଦେବାକୁ ଉଦ୍ୟମ କରାଯାଇଥିଲା। ଶନିବାର ସକାଳେ ଝିଅ ତା'ର ବଡ଼ବାପାଙ୍କ ଘରକୁ ବହି ଦେବାକୁ ଯାଉଥିବାବେଳେ ପୂର୍ବରୁ ଟାର୍ଗେଟ କରିଥିବା ୩ଜଣ ଦୁର୍ବୃତ୍ତମାନେ ତାଙ୍କୁ ଅପହରଣ କରି ଭାର୍ଗବୀ ନଦୀ ବନ୍ଧ ନିକଟକୁ ନେଇଯାଇଥିଲେ। ସେଠାରେ ଝିଅ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଝିଅ ଉପସ୍ଥିତ ବୁଦ୍ଧି ଲଗାଇ ଚିତ୍କାର କରିବା ସହ ସେମାନଙ୍କ ପାଖରୁ ଖସି ଆସିଥିଲେ। ସ୍ଥାନୀୟଲୋକେ ଉଦ୍ଧାର କରି ଝିଅକୁ ଚିକିତ୍ସା ପାଇଁ ପଠାଇଥିଲେ। ଯେଉଁ ୩ ଅଭିଯୁକ୍ତ ଅପହରଣ କରିଥିଲେ, ସେମାନଙ୍କୁ ତୁରନ୍ତ ଗିରଫ କରାଯାଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପୀଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି।


କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଏମ୍ସ ପରିସରକୁ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସରକାରୀ ବାସଭବନ ନିକଟରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ପୀଡ଼ିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍‌ସ ନେବାକୁ ସରକାର ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୭(ସୁନିତ୍ ମିଶ୍ର)

ପୁରୀ ଜିଲାର ବଳଙ୍ଗାଠାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକାଙ୍କ ଦେହରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଏ ଘଟଣାରେ ପୋଲିସ ଆମୂଳଚୂଳ ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ପୀଡ଼ିତା ବର୍ତ୍ତମାନ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଛନ୍ତି। ପୀଡ଼ିତାଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାର ସମ୍ପୃକ୍ତ ପୀଡ଼ିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍‌ସରେ ଚିକିତ୍ସା କରିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସ୍ଥିତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଏବଂ ସିଏମ୍‌ଓ ଏମ୍‌ସ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଯଦି ତାଙ୍କୁ ଏୟାରଲିଫ୍ଟ କରିବା ପାଇଁ ପରିସ୍ଥିତି ଅନୁକୂଳ ହୁଏ ଏବଂ ଏଥିପାଇଁ ଭୁବନେଶ୍ୱର ଏମ୍‌ସର ନିର୍ଦ୍ଦେଶକ ଅନୁମୋଦନ ଦିଅନ୍ତି, ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଦିଲ୍ଲୀ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଏହି ଘଟଣାରେ ଅପରାଧୀ ଯେଉଁଠାରେ ଥିଲେ ବି ନିଶ୍ଚିତ ଧରାପଡ଼ିବେ। ପୋଲିସ ଟିମ୍ ଅପରେଶନ ମୋଡ୍‌ରେ ଅଛନ୍ତି। ଆଇନ ଅନୁଯାୟୀ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଏହା ସରକାରଙ୍କ ଗୁରୁତର ବ୍ୟବସ୍ଥାଗତ ବିଫଳତା: ନବୀନ

ଭୁବନେଶ୍ୱର, ୧୯।୭(ସୁନିତ୍ ମିଶ୍ର)



ବଳଙ୍ଗା ଅଞ୍ଚଳରେ ଜଣେ ନାବାଳିକାଙ୍କୁ କେତେଜଣ ନିଆଁ ଲଗାଇବା ଘଟଣା ଗଭୀର ମର୍ମାହତ କରିଛି। ଦିନ ଦ୍ୱିପ୍ରହରରେ ଏଭଳି ହତ୍ୟା ଉଦ୍ୟମକୁ ତୀବ୍ର ବିରୋଧ କରୁଛୁ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ନବୀନ ତାଙ୍କ ସାମାଜିକ ଗଣମାଧ୍ୟମ ଜରିଆରେ ପୋଷ୍ଟକରି କହିଛନ୍ତି, ଏଫ୍‌ଏମ୍ କଲେଜରେ ଛାତ୍ରୀ ମୃତ୍ୟୁବରଣ କରିବାର ସପ୍ତାହେ ଏବଂ ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବାର ମାସକ ଭିତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମହିଳାଙ୍କ ବିରୋଧରେ ଓଡ଼ିଶାରେ ଏଭଳି ଅବିଶ୍ୱସନୀୟ ଘଟଣା ଘଟିବା ଏକ ଦୈନିକ କାର୍ଯ୍ୟରେ ପରିଣତ ହେଲାଣି। ଏହା ସରକାରଙ୍କ ଏକ ଗୁରୁତର ବ୍ୟବସ୍ଥାଗତ ବିଫଳତା। ଏସବୁଥିରୁ ଜଣାପଡୁଛି ଅପରାଧୀମାନେ ଏ ସରକାରରେ ଆଉ ଦଣ୍ଡବିଧାନକୁ ଭୟ କରୁନାହାନ୍ତି। ସରକାରଙ୍କ ନିଷ୍କ୍ରିୟତା ଏବଂ ରାଜନୈତିକ ପୃଷ୍ଠପୋଷକତା କାରଣରୁ ମହିଳାମାନେ ଓଡ଼ିଶାରେ କେତେମାତ୍ରାରେ ଅସୁରକ୍ଷିତ ହେଲେଣି ତାହା ସ୍ପଷ୍ଟ ବୁଝାପଡୁଛି। ସରକାର ତୁରନ୍ତ ସକ୍ରିୟ ହୋଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ, ଯେପରି ଅପରାଧୀମାନେ ଗିରଫ ହେବେ। ସରକାର ଯଦି ସଚେତନ ନ ହେବେ ଏଭଳି ଘଟଣା ଆହୁରି ବଢ଼ିବ ବୋଲି ନବୀନ କହିଛନ୍ତି।

# ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

## ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି

ରଣପୁର/ଭୁବନେଶ୍ୱର, ୧୯।୭ (ସୁକାନ୍ତ କିଶୋର ଡାକୁଆ/ ସତ୍ୟଜିତ ରାଉତ)

ବାଲେଶ୍ୱର ପରେ ପୁରୀ ଜିଲାରେ ଜଳିଯାଇଛନ୍ତି ଜଣେ ଛାତ୍ରୀ। ସପ୍ତାହ ଅନ୍ତରରେ ଶନିବାର ଦୁଇଟି ଯାକ ଘଟଣା ଘଟିଛି। ଗତ ୧୨ ତାରିଖରେ ଯୌନ ନିର୍ଯାତନା ପାଇଁ ବାଲେଶ୍ୱରରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେଇଥିବାବେଳେ ୧୯ ତାରିଖରେ ପୁରୀ ଜିଲା ବଳଙ୍ଗା ଥାନା ବାୟାବର ଗାଁ ରାସ୍ତାରେ ୧୫ ବର୍ଷୀୟା ଛାତ୍ରୀଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଛନ୍ତି ୩ ଦୁର୍ବୃତ୍ତ। ଗୁରୁତର ଅବସ୍ଥାରେ ଛାତ୍ରୀଙ୍କୁ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସା କରାଯାଉଛି। ଶରୀରର ୭୦ଭାଗ ପୋଡ଼ି ଯାଇଥିବାରୁ ସେ ମୃତ୍ୟୁ ସହ ସଂଗ୍ରାମ ଚଳାଇଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ସାରା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି ହୋଇଛି। ପୀଡ଼ିତାଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା, ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଓ ପୀଡ଼ିତାଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବିରେ ଶନିବାର ନୟାଗଡ଼ ଜିଲା ରଣପୁର ଅଞ୍ଚଳର ଉତ୍କଳୀୟମ୍ ଫାଉଣ୍ଡେଶନ ତରଫରୁ ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ମାମଲା(ଡାଏରୀ ନଂ. ୧୬୯୫୧/ଆଇଏନ୍/ ୨୦୨୫)ରୁଜୁ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ତଥା ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ ମାମଲାର ଅଭିଯୋଗକାରୀ ଅଛନ୍ତି। ସେହିପରି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଏ ସମ୍ପର୍କରେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ୍ ଦାଖଲ କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଓ ପୀଡ଼ିତାଙ୍କୁ ନ୍ୟାୟ ସହ କ୍ଷତିପୂରଣ ଯୋଗାଇଦେବାକୁ ସେ ଅଭିଯୋଗପତ୍ରରେ ପ୍ରାର୍ଥନା କରିଛନ୍ତି। ପୀଡିତାଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଯୋଗାଇ ଦିଆଯାଉ। ଏଭଳି ଘଟଣାର ପୁନରାବୃତ୍ତି ନ ହେବାକୁ ବ୍ୟବସ୍ଥା କରିବା ଓ ଡିଜିପି ଏବଂ ମୁଖ୍ୟ ଶାସନ ସଚିବଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମଗାଯାଉ ବୋଲି ଜୟନ୍ତ ଦାବି କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ଜୟନ୍ତଙ୍କ ଅଭିଯୋଗକୁ ଗ୍ରହଣ କରାଯାଇ ଡେଏରୀ ନଂ. ୧୬୯୪୯/ଆଇଏନ୍/୨୦୨୫ ରୁଜୁ କରାଯାଇଛି।

# ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତିବଦ୍ଧ: ମନମୋହନ

ଭୁବନେଶ୍ୱର, ୧୯।୭(ସୁନିତ୍ ମିଶ୍ର)

ପୁରୀ ଜିଲା ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବଳଙ୍ଗା ଅଞ୍ଚଳରେ ଘଟିଥିବା ଘୃଣ୍ୟ ଘଟଣାରେ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ମନମୋହନ କହିଛନ୍ତି, ଏହି ଘଟଣା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଉକ୍ତ ଘଟଣା କେବଳ ଜଣେ ନାବାଳିକାଙ୍କ ଉପରେ ଅତ୍ୟାଚାର ନୁହେଁ, ବରଂ ସମ୍ପୂର୍ଣ୍ଣ ମାନବିକତା ଉପରେ ଆଘାତ। ଆମ ସରକାର ଏହି ଘଟଣାକୁ ଅତ ୟନ୍ତ ଗମ୍ଭୀରତାର ସହ ନେଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତିବଦ୍ଧ। ନ୍ୟାୟ ସୁନିଶ୍ଚିତ କରିବା ସରକାରଙ୍କ ପ୍ରଥମ ଦାୟିତ୍ୱ। ଅପରାଧୀମାନେ ଯେପରି ଦୃଷ୍ଟାନ୍ତମୂଳକ ଦଣ୍ଡ ପାଆନ୍ତୁ ସେଥିଲାଗି ସେମାନେ ଚେଷ୍ଟା କରିବେ। ଏମ୍‌ସରେ ଚିକିତ୍ସିତ ହେଉଥିବା ନାବାଳିକାଙ୍କ ଆଶୁ ଆରୋଗ୍ୟ ଓ ତାଙ୍କ ପରିବାରକୁ ଏହି କଠିନ ସମୟକୁ ସାମ୍ନା କରିବାକୁ ଶକ୍ତି ଯୋଗାଇବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ବୋଲି ମନମୋହନ କହିଛନ୍ତି।

# ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ, ମହିଳା କଂଗ୍ରେସ

ଭୁବନେଶ୍ୱର, ୧୯।୭(ସୁନିତ୍ ମିଶ୍ର)

ପୁରୀ ଜିଲା ବଳଙ୍ଗା ଥାନା ବାୟାବର ଗାଁ ରାସ୍ତାରେ ଶନିବାର ଜଣେ ୧୫ ବର୍ଷୀୟା ନାବାଳିକା ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଜିଅନ୍ତା ପୋଡ଼ି ମାରିବାକୁ ଉଦ୍ୟମ କରିଛନ୍ତି। ପୀଡ଼ିତା ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ବହୁ ନେତୃବର୍ଗ ଶନିବାର ପୀଡ଼ିତାଙ୍କ ପରିବାରଙ୍କୁ ଏମ୍‌ସ୍‌ରେ ସାକ୍ଷାତ କରିଛନ୍ତି। ଘଟଣାରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସରକାରୀ ବାସଭବନ ଘେରାଉ କରିଛନ୍ତି। 'ମହିଳାଙ୍କୁ ନ୍ୟାୟ ଦିଅ', 'ମହିଳା ଅତ୍ୟାଚର ବନ୍ଦ କର' ଏବଂ 'ପ୍ରଭାତୀ ପରିଡ଼ା ଇସ୍ତଫା ଦିଅ' ସ୍ଲୋଗାନ ଦେଇ ଯୁବ କଂଗ୍ରେସ କର୍ମୀମାନେ ପ୍ରଭାତୀଙ୍କ ସରକାରୀ ବାସଭବନ ଫାଟକ ପାଖରେ ବସି ଧାରଣା ଦେଇଥିଲେ। କିଛି ସମୟ ପରେ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଗିରଫ କରିନେଇଛି। ଏହି ଅବସରରେ ରଞ୍ଜିତ ପାତ୍ର କହିଛନ୍ତି, ନାରୀ ସୁରକ୍ଷାକୁ ନେଇ ଉପମୁଖ୍ୟମନ୍ତ୍ରୀ ଫମ୍ପା ଭାଷଣ ମାରୁଛନ୍ତି। କାରଣ ତାଙ୍କ ନିର୍ବାଚନମଣ୍ଡଳୀରେ ମହିଳା ଅସୁରକ୍ଷିତ। ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ଥାନା ଅଧୀନରେ କେତେଜଣ ଦୁର୍ବୃତ୍ତ ଜଣେ ନାବାଳିକାକୁ ପେଟ୍ରୋଲ ଢାଳି ପୋଡ଼ିଦେଇଛନ୍ତି। ନାବାଳିକା ଏମ୍‌ସ୍‌ରେ ଭର୍ତ୍ତି ହୋଇଛନ୍ତି। ସରକାର ନାବାଳିକାଙ୍କ ପରିବାରକୁ ୨ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ସହ ଅପରାଧୀଙ୍କୁ ତୁରନ୍ତ ଗିରଫକରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଯୁବ କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି। ଯୁବନେତା ସୟଦ ୟାସିର ନୱାଜ କହିଛନ୍ତି, ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀର ଜଣେ ନାବାଳିକାକୁ ଦୁର୍ବୃତ୍ତମାନେ ଜିଅନ୍ତା ପୋଡ଼ିଦେଉଛନ୍ତି। ପୀଡିତାଙ୍କୁ ତତ୍‌କ୍ଷଣାତ ଦେଖିବା ପାଇଁ ଉପମୁଖ୍ୟମନ୍ତ୍ରୀ ଏମ୍‌ସ୍ ଆସିବାର ସତ୍‌ସାହସ ରଖିଲେ ନାହିଁ। ଭାଜପା ସରକାର ମହିଳାଙ୍କ ପ୍ରତି ବିଶ୍ୱାସଘାତକତା କରିଛି। ସୁରକ୍ଷାର ପ୍ରତିଶ୍ରୁତି ଦେଇ ଭୋଟ ନେଇଯିବା ପରେ ଏବେ ମହିଳାଙ୍କୁ ସୁରକ୍ଷା ଦେବାରେ ଭାଜପା ସରକାର ସକ୍ଷମ ହେଉନାହିଁ ବୋଲି ସେ କହିଛନ୍ତି।

ଅନ୍ୟପଟେ ମହିଳା କଂଗ୍ରେସ ପକ୍ଷରୁ ମଧ୍ୟ ଏହି ଘଟଣାରେ ଉପମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରିବାକୁ ଉଦ୍ୟମ କରାଯାଇଛି। ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ମହିଳା କର୍ମୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ କରିଥିଲେ। 'ବେଟି ପଢ଼ାଓ ବେଟି ବଚାଓ' ସ୍ଲୋଗାନ ଦେଉଥିବା ଭାଜପା ସରକାରଙ୍କ ଶାସନରେ ମହିଳା, ଛାତ୍ରୀମାନେ ସବୁଠୁ ଅଧିକ ଅସୁରକ୍ଷିତ। ରାଜ୍ୟ ସରକାରଙ୍କ ବିଫଳତା ଏବଂ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିବାବେଳେ ନାରୀ ଆଉ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି ବୋଲି ବାହିନୀପତି ଅଭିଯୋଗ କରିଛନ୍ତି। କିଛି ସମୟ ପରେ ପୋଲିସ ଆସି ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା।

# ଶ୍ରୀକାନ୍ତଙ୍କ ଅଧ୍ୟକ୍ଷତାରେ ଏମ୍‌ସ ଗଲା କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି



ଭୁବନେଶ୍ୱର, ୧୯।୭(ସୁନିତ୍ ମିଶ୍ର)

ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦିଆଯିବା ଘଟଣାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ସ୍ପର୍ଶକାତର ଘଟଣାର ତଥ୍ୟ ଅନୁଧ୍ୟାନ କରିବା ପାଇଁ ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ତତ୍କାଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତାଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କୁ ଭେଟି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାୟିତ୍ୱ ଦିଆଯାଇଛି। ତଦନୁଯାୟୀ ଉକ୍ତ କମିଟି ସଦସ୍ୟମାନେ ଭୁବନେଶ୍ୱର ଏମ୍‌ସକୁ ଯାଇ ପୀଡ଼ିତାଙ୍କୁ ଭେଟ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ସେହିପରି ପରିବାରବର୍ଗଙ୍କ ସହ ଆଲୋଚନାକରି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ତଥ୍ୟ ଅନୁଧ୍ୟାନ ସମୟରେ କମିଟିର ଅଧ୍ୟକ୍ଷ ଶ୍ରୀକାନ୍ତ ଜେନାଙ୍କ ସମେତ ବରିଷ୍ଠ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ଦେବାଶିଷ ପଟ୍ଟନାୟକ, ପ୍ରଦେଶ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି, ୟାସିର ନୱାଜ, ରଞ୍ଜିତ ପାତ୍ର ଓ ଅନ୍ୟମାନେ ଥିଲେ। ଏହି କମିଟିରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସୋନାଲି ସାହୁ, ମନୀଷା ଦାସ ପଟ୍ଟନାୟକ ଓ ଉଦିତ ପ୍ରଧାନ ପ୍ରମୁଖ ରହିଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ଦାୟିତ୍ୱରୁ ହଟିଲେ ଏମ୍‌ପିସି କଲେଜ ପରୀକ୍ଷା ନିୟନ୍ତ୍ରକ

ବାରିପଦା, ୧୯।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଜିଲାପାଳଙ୍କଠାରେ ଫେରାଦ ହୋଇଥିଲେ ଛାତ୍ରୀଛାତ୍ର

କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ପାଇଁ ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ଏମ୍‌ପିସି (ମହାରାଜା ପୂର୍ଣ୍ଣଚନ୍ଦ୍ର) ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି। ଏନେଇ ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଶନିବାର ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମହାବିଦ୍ୟାଳୟର ୨ୟ ଓ ୩ୟ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବାରୁ ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଅଳ୍ପଦିନ ପରେ ୪ର୍ଥ ସେମିଷ୍ଟର ପରୀକ୍ଷା ହେବାକୁ ଥିବାବେଳେ ପରୀକ୍ଷାଫଳକୁ ନେଇ ଛାତ୍ରୀଛାତ୍ର ଆଶଙ୍କାରେ ରହିଥିଲେ। ପୂର୍ବ ପରୀକ୍ଷାରେ ବ୍ୟାକ୍ ଥିବା ନେଇ ସନ୍ଦେହ ଜାତ ହେଉଥିବା ବେଳେ ଏହାକୁ ନେଇ ସଙ୍ଗେ ସଙ୍ଗେ ପୂର୍ବ ପାଠର ପ୍ରସ୍ତୁତି ହୋଇ ପରୀକ୍ଷା ଦେବା ସମ୍ଭବ ହୋଇପାରୁ ନ ଥିଲା। ଫଳରେ ଦୁଇଟି ସେମିଷ୍ଟରର ପରୀକ୍ଷା ଫଳ ପ୍ରକାଶ କରିବାକୁ ଛାତ୍ରୀଛାତ୍ର ଅଧ୍ୟକ୍ଷା ଆଲବର୍ଟିନା ତିର୍କୀଙ୍କ ଦୃଷ୍ଟିକୁ ଆଣିଥିଲେ। ଏ ସମ୍ପର୍କରେ ଛାତ୍ରୀଛାତ୍ର ପରୀକ୍ଷା ନିୟନ୍ତ୍ରକ ରାଇମଣି ମାର୍ଣ୍ଡିଙ୍କୁ ବାରମ୍ବାର ଜଣାଇବା ପରେ ସେମାନଙ୍କୁ ସେମିଷ୍ଟରରେ ବ୍ୟାକ୍ କରିଦିଆଯିବ ବୋଲି ଧମକ ଦେଇଥିଲେ। ଏହାକୁ ନେଇ ଶୁକ୍ରବାର ଛାତ୍ର ଅଶାନ୍ତି ତେଜିବା ସହ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ପରେ କଲେଜ ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଣୁ ଛାତ୍ରୀଛାତ୍ର ଜିଲାପାଳଙ୍କ ନିକଟରେ ଫେରାଦ ହୋଇ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଦାୟିତ୍ୱ ଦେଇ ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ହେମକାନ୍ତ ସୟ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ବିଭାଗ ଅଧିକାରୀ ଓ ଅତିରିକ୍ତ ଜିଲାପାଳ ମଲ୍ଲିକ ଶନିବାର ଏହି ମହାବିଦ୍ୟାଳୟକୁ ଯାଇ ସମସ୍ତ ଘଟଣାର ତଦନ୍ତ କରିଥିଲେ। ଏଥିରେ ପରୀକ୍ଷା ନିୟନ୍ତ୍ରକଙ୍କ କାର୍ଯ୍ୟରେ ଅବହେଳା ନେଇ ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟାଳୟ ଚିଠି ନଂ. ୨୫୦୫/୧୯ ଜୁଲାଇ ୨୦୨୫ରେ ଦାୟିତ୍ୱରୁ ଅପସାରଣ କରାଯାଇଛି। ସେହି ସ୍ଥାନରେ ଅତିରିକ୍ତ ପ୍ରଫେସର ଅନନ୍ତ କୁମାର ନାୟକଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାସହ ୨ୟ ସେମିଷ୍ଟରର ପରୀକ୍ଷାଫଳ ପ୍ରକାଶ କରାଯାଇଥିବା ବେଳେ ଆସନ୍ତା ୨୩ ତାରିଖରେ ବାକି ରହିଥିବା ପରୀକ୍ଷାଫଳ ପ୍ରକାଶ କରାଯିବ ବୋଲି ଜଣାଯାଇଛି। ସେହିପରି ସମସ୍ତ ଛାତ୍ରୀଛାତ୍ରଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଦାବିଗୁଡ଼ିକ ପୂରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁ ମୃତ

ବିଞ୍ଝାରପୁର,୧୯।୭(ରାମକୃଷ୍ଣ ଦାସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ମାଁସଡ଼ା ପଞ୍ଚାୟତ ଖରିଆ ପୋଖରୀରେ ବୁଡ଼ି ଜଣେ ୬ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାଁସଡ଼ା ପଞ୍ଚାୟତ ବନ୍ଧସାହି ଗ୍ରାମର ମନୋଜ ଜେନାଙ୍କ ପୁଅ ପ୍ରଭାତ। ଶନିବାର ସକାଳେ ଶିଶୁପୁତ୍ର ଘର ପାଖ ପୋଖରୀ ନିକଟରେ ଖେଳୁଥିବା ସମୟରେ ପୋଖରୀ ଭିତରକୁ ଚାଲିଯାଇଥିଲେ। ଦେଖଣାହାରୀ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ଏହା ସମ୍ଭବ ହୋଇ ନ ଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରି ଶିଶୁଙ୍କୁ ଉଦ୍ଧାର କରିଥିଲା। ପରେ ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଶିଶୁଙ୍କ ପରିବାରକୁ ତୁରନ୍ତ ସରକାରୀ ଯୋଗାଇଦେବା ପାଇଁ ମାଁସଡ଼ା ଗ୍ରାମର ସାମାଜିକ କର୍ମୀ ରଞ୍ଜନ ଜେନା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବରୀ,୧୯।୭(ମହେନ୍ଦ୍ର ସ୍ୱାଇଁ): ବରୀ–ରାମଚନ୍ଦ୍ରପୁର ଥାନା ଅଧୀନ ବାଲିବିଲ ସ୍ଥିତ ସାଇ ମନ୍ଦିର ନିକଟ ଏକ ପାଣି ଟାଙ୍କି ସିଡ଼ିରେ ରଶିଲଗାଇ ଶନିବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ରମ୍ଭା ପଞ୍ଚାୟତ ପଘିରା ଗ୍ରାମର ବିପିନ ମଲ୍ଲିକଙ୍କ ପୁଅ କାହ୍ନା ମଲ୍ଲିକ(୨୨)। ଗ୍ରାମବାସୀ ପ୍ରାତଃ ଭ୍ରମଣ କରିବାବେଳେ ଏହାଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା। ଅଗ୍ନିଶମ କର୍ମଚାରୀ ଭଗବାନ ନାୟକ, ରଶ୍ମିରଞ୍ଜନ ଲେଙ୍କା, ଏଚ୍‌ବି ସାମଲ, ସତ୍ୟବ୍ରତ ନାୟକ, ଆଦିକନ୍ଦ ପରିଡ଼ା ଓ ତପନ ମଲ୍ଲିକ ପହଞ୍ଚି ଯୁବକଙ୍କ ମୃତଦେହକୁ ତଳକୁ ଓହ୍ଲାଇଥିଲେ। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ଯୁବକ ଜଣକ କାହିଁକି ହତ୍ୟା କଲେ ତାହା ଜଣାପଡ଼ିନାହିଁ। ଏନେଇ ପୋଲିସ ନଂ.୧୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଦୁର୍ଘଟଣାରେ ଗୋଡ଼ ହରାଇଥିବା ମହିଳାଙ୍କ ମୃତ୍ୟୁ

ଛତିଆ,୧୯।୭(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଛତିଆ କଲେଜ ସମ୍ମୁଖରେ ହାଇୱା ଧକ୍କାରେ ଗୋଡ଼ ହରାଇଥିବା ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଛତିଆ ପଞ୍ଚାୟତ ଇଚ୍ଛାନଗର ପାଟଣା ଗ୍ରାମର ସରସ୍ୱତୀ ପାଗଳ। ସେ କଲେଜ ଛକରେ ଏକ ଚା' ଦୋକାନ କରିଥିଲେ। ଶୁକ୍ରବାର ରାଜପଥ ଅପର ପାର୍ଶ୍ୱରୁ ପାଣି ନେଇ ଦୋକାନକୁ ଆସୁଥିଲେ। ଏହି ସମୟରେ କଟକ ପଟୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଏକ ହାଇୱା ତାଙ୍କୁ ଧକ୍କା ଦେବା ସହ ତାଙ୍କ ଗୋଡ଼ ଉପରେ ଚଢ଼ି ଯାଇ କିଛି ବାଟ ଘୋଷାରି ନେଇଥିଲା। ଫଳରେ ଶାରୀରରୁ ତାଙ୍କ ଗୋଡ଼ ଅଲଗା ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧୀନ ଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବରୀ,୧୯।୭(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ବାଲିଆସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ଦାମୋଦର ସାହୁଙ୍କ ମା' ସ୍ୱର୍ଣ୍ଣଲତା ସାହୁଙ୍କ ମୃତ୍ୟୁ ହୋଇଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା।



ସେ ଜଣେ ଧର୍ମପ୍ରାଣା ମହିଳାଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବନ୍ୟାବିପନ୍ନଙ୍କୁ ୩ ଦିନ ରିଲିଫ ପ୍ରଦାନ ଦାବି



ବନ୍ୟାଞ୍ଚଳ ପରିଦର୍ଶନରେ ଆସିଥିବା କଂଗ୍ରେସ ତଥ୍ୟ ଅନୁସନ୍ଧାନକାରୀ ଦଳର ସଦସ୍ୟମାନେ।

## କଂଗ୍ରେସ ତଥ୍ୟ ଅନୁସନ୍ଧାନକାରୀ ଦଳର ବନ୍ୟାଞ୍ଚଳ ପରିଦର୍ଶନ

ଚଣ୍ଡିଖୋଲ,୧୯।୭ (ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ, ଗୋପାଳପୁର, ପତରାଜପୁର, ମଖିପଡ଼ା, ଅଚ୍ୟୁତବସନ୍ତ ଓ ବାଲିଚନ୍ଦ୍ରପୁର ପଞ୍ଚାୟତ ବନ୍ୟା ପାଣିରେ କ୍ଷତିଗ୍ରସ୍ତ ହୋଇଛି। ତେଣୁ ତୁରନ୍ତ ବନ୍ୟା ବିପନ୍ନଙ୍କୁ ୩ଦିନ ପାଇଁ ରିଲିଫ, ଗୋଖାଦ୍ୟ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ପ୍ରଦେଶ କଂଗ୍ରେସ କମିଟିର ତଥ୍ୟ ଅନୁସନ୍ଧାନକାରୀ ଟିମ୍ ଦାବି କରିଛି। ସେହିପରି ବନ୍ୟା ପରବର୍ତ୍ତୀ ସମୟରେ ପାନୀୟ ଜଳ ବିଶୋଧନ ଏବଂ ବିଭିନ୍ନ ରୋଗ ବ୍ୟାପିବା ଆଶଙ୍କାଥିବାରୁ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବାକୁ ଟିମ୍ ପକ୍ଷରୁ ଦାବି କରାଯାଇଛି।

ଶନିବାର ତଥ୍ୟ ଅନୁସନ୍ଧାନ କାରୀ ଟିମର ଅଧକ୍ଷ ମାଗୁଣି ଜେନା, ଆବାହକ ସୁଧାଂଶୁ ଶେଖର ଦେଓ, ପର୍ଯ୍ୟବେକ୍ଷକ ମୋହନ ହେମ୍ବ୍ରମ ଓ ସଂଗ୍ରାମ ସାହାଣୀ ପ୍ରମୁଖ ବଡ଼ଚଣା ବ୍ଲକର ବନ୍ୟା କ୍ଷତିଗ୍ରସ୍ତ ପଞ୍ଚାୟତ ବୁଲି ଦେଖିବା ପରେ ଏହି ଦାବି କରିଛନ୍ତି। ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ସୁରେଶ ସାହାଣୀ, ଚର୍ଚ୍ଚିତ ମହଲା, ପ୍ରବୀର ବଳ, ଜୟପ୍ରକାଶ ବିଶ୍ୱାଳ, ବିଳାସ ଚନ୍ଦ୍ର ବାରିକ, ମାନଭଞ୍ଜନ ରାଉତ ରାୟ, ରବୀନ୍ଦ୍ର ରାଉତରାୟ, ସଞ୍ଜୟ କର, ନାରାୟଣ ମଲ୍ଲିକ, ସରୋଜ ଜେନା, ବଟକୃଷ୍ଣ ଦାସ, ଅଶୋକ ରାଉତ, ଧର୍ମାନନ୍ଦ ବଳ ଓ ଅଶୋକ ବେହେରା ପ୍ରମୁଖ ଟିମକୁ ସ୍ୱାଗତ କରିବା ସହ ବନ୍ୟାଞ୍ଚଳ ବୁଲାଇ ଦେଖାଇଥିଲେ।

# ରାଜ୍ୟସ୍ତରୀୟ କିକ୍‌ବକ୍ସିଂରେ ଛାତ୍ରଙ୍କୁ ସ୍ୱର୍ଣ୍ଣପଦକ




କିକ୍ ବକ୍ସିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଛାତ୍ର ଜ୍ୟୋତିପ୍ରକାଶ ମହାପାତ୍ର ।

ଯାଜପୁରରୋଡ୍,୧୯।୭ (ପବିତ୍ର ରଞ୍ଜନ ମହାନ୍ତି):

ଓକୋ ଓଡ଼ିଆ ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିୟନଶିପରେ ଯାଜପୁରର ଛାତ୍ର ଜ୍ୟୋତିପ୍ରକାଶ ମହାପାତ୍ର ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଯାଜପୁର ଜିଲା କୋରେଇ ବ୍ଲକ ବଡ଼ବିରୁଆଁ ଗ୍ରାମର ସୁଶାନ୍ତ ମହାପାତ୍ର ଏବଂ ଗୀତାଞ୍ଜଳି ମହାପାତ୍ରଙ୍କ ସାନପୁଅ ଜ୍ୟୋତିପ୍ରକାଶ ଯାଜପୁର ଜିଲା ତରଫରୁ ପ୍ରତିନିଧିତ୍ୱ କରି ଏହି ସଫଳତା ହାସଲ କରିଛନ୍ତି। ସେ ଯାଜପୁର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରୀଡ଼ା ବିଭାଗର ଶିକ୍ଷକ ରଞ୍ଜନ ସୂତାରଙ୍କ ତତ୍ତ୍ୱାବଧାନରେ ଟ୍ରେନିଂ ନେଇ ସଫଳତା ହାସଲ କରିଥିବା କହିଛନ୍ତି। ଏହି ସଫଳତା ପରେ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ତରଫରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ବ୍ରେଲି ଉପକରଣ ପ୍ରଦାନ

ଯାଜପୁର ସଦର,୧୯।୭(ସମର ବିଜୟ ଶରଣ):

ଯାଜପୁର ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଶନିବାର ଅପରାହ୍ନରେ ଦଶରଥପୁର ନେତାଜୀ ଦୃଷ୍ଟିବାଧିତ ସ୍ୱତନ୍ତ୍ର ବିଦ୍ୟାଳୟର ମୋଟ ୫ ଛାତ୍ରୀଛାତ୍ରଙ୍କୁ ବ୍ରେଲି ଉପକରଣ ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ଉପକରଣ ବଣ୍ଟନ କରିବା ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଅଭିଭାବକ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ନାୟକ, ସମ୍ପାଦକ ସ୍ୱର୍ଣ୍ଣଲତା ରାଉତ, କମ୍ପ୍ୟୁଟର ଶିକ୍ଷକ ପ୍ରୀତିକାନ୍ତ ଜେନା, ସୋମନାଥ ମଲିକ, କନିଷ୍ଠ କିରାଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଛାତ୍ରୀଛାତ୍ରଙ୍କୁ ବ୍ରେଲି ଉପକରଣ ପ୍ରଦାନ କରାଯାଉଛି।

## ଗୋଟିଏ ଦିନରେ ୨ ଯୁବକଙ୍କ ଆତ୍ମହତ୍ୟା -ଜଣେ ମହିଳା ଗୁରୁତର

ଛତିଆ,୧୯।୭(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚମ୍ପାପୁର ପଞ୍ଚାୟତରେ ଗୋଟିଏ ଦିନରେ ଦୁଇ ଯୁବକ ଆତ୍ମହତ୍ୟା କରିଛନ୍ତି। ଅନ୍ୟଜଣେ ମହିଳା ଗୁରୁତର ହୋଇଛନ୍ତି। ପଞ୍ଚାୟତ ଅଧୀନ ପ୍ରାଣନାଥପୁର ଗ୍ରାମର ଶିବ ସାହୁଙ୍କ ପୁଅ ରଞ୍ଜନ ସାହୁ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେହିପରି ସପନପୁର ଗ୍ରାମର ହରିହର ସ୍ୱାଇଁଙ୍କ ସ୍ତ୍ରୀ ଓ ବଡ଼ପୁଅ ପ୍ରକାଶ ବିଷପିଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ପ୍ରକାଶଙ୍କ ମୃତ୍ୟୁ ହୋଇଛି। ତାଙ୍କ ମା' ଚିକିତ୍ସାଧୀନ ଅଛନ୍ତି।

# ସୁକିନ୍ଦା ବିକାଶରେ ବାଧକ ସାଜୁଛି ବିଜେଡି: ଭାଜପା



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଭାଜପା ନେତାମାନେ।

ସୁକିନ୍ଦା,୧୯।୭(ସତ୍ୟଜିତ ଦାଶ):

ସୁକିନ୍ଦା ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ବାଧକ ସାଜୁଛି ସୁକିନ୍ଦା ବିଜେଡି। ବିଶେଷ କରି ବିଭିନ୍ନ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟକୁ ନେଇ ଏନ୍‌ଜିଟିରେ ମିଥ୍ୟା ତଥ୍ୟ ଉପସ୍ଥାପନ କରାଯାଇ କାମରେ ରୋକ ଲଗାଯାଉଛି। ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଏହି କାର୍ଯ୍ୟ କରି ସଫଳ ହୋଇଛନ୍ତି। ସୁକିନ୍ଦା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଏହି ଅଭିଯୋଗ କରାଯାଇଛି। ସୁକିନ୍ଦା ବିଧାୟକଙ୍କ ପ୍ରତିନିଧି ଶେଖର ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ ସୁକିନ୍ଦା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏକଥା କହିଛନ୍ତି। ସେମାନଙ୍କ କହିବା ମୁତାବକ, ସୁକିନ୍ଦା ଓ ଦାନଗଦି ବ୍ଲକରେ ଜଙ୍ଗଲ ଜମି କିସମ ପରିବର୍ତ୍ତନ ନ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯାଇଛି। ସେତେବେଳେ ବିରୋଧୀ ଦଳ ତରଫରୁ ଏହାକୁ କେବେ ବିରୋଧ କରାଯାଇ ନ ଥିଲା। ମାତ୍ର ସୁକିନ୍ଦାରେ ୩୫ ବର୍ଷ ଧରି ଶାସନ ଗାଦି ମାଡି ବସିଥିବା ଘଡ଼େଇ ପରିବାର ଲୋକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ଶିକ୍ଷା ଅନୁଷ୍ଠାନର ବିକାଶମୂଳକ କାର୍ଯ୍ୟକୁ ଅଟକାଇଛନ୍ତି। ଏହାକୁ ସାଧାରଣ ଲୋକେ ନାପସନ୍ଦ କରିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲା ଭାଜପା ସାଧାରଣ ସମ୍ପାଦକ ସୁଧାଂଶୁ ଭଞ୍ଜ, ଉପସଭାପତି ପୁଷ୍ପକ ମହାପାତ୍ର, ପଙ୍କପାଳ ସରପଞ୍ଚ ସ୍ମୃତିରଞ୍ଜନ ସ୍ୱାଇଁ, ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ, ଦାନଗଦି ମଣ୍ଡଳ ସଭାପତି କୃପାସିନ୍ଧୁ ସାମନ୍ତରାୟ ପ୍ରମୁଖ ଉପସ୍ଥିତଥିଲେ।

# ସାଧୁଗୌରେଶ୍ୱର ମହାବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା




ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ।

ଦଶରଥପୁର,୧୯।୭ (ସୁଶାନ୍ତ କୁମାର ବେହୁରିଆ):

ଦଶରଥପୁର ବ୍ଲକ କନିକାପଡ଼ାସ୍ଥିତ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଛାତ୍ରନେତା ଓମପ୍ରକାଶ ପୃଷ୍ଟି, ଶୁଭଶଙ୍କର ଦାସ, ବିଶ୍ୱଜିତ ସେଠୀ, ରଞ୍ଜିତ ସାହୁ, ସତ୍ୟନାରାୟଣ ପରିଡ଼ା, ସୁବ୍ରତ ସାହୁ ଓ ଗୌରବ ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ ଆୟୋଜିତ ଏହି ସଭାରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଛି। ଏଭଳି ଘଟଣା ଅନ୍ୟ କେଉଁଠି ନ ଘଟୁ ବୋଲି ଉପସ୍ଥିତ ଛାତ୍ରୀଛାତ୍ର ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ଅଧ୍ୟକ୍ଷଙ୍କୁ ଛାତ୍ରୀଛାତ୍ର ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଚାରାରୋପଣ

ଧର୍ମଶାଳା,୧୯।୭(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ କୁମାରୀ ପଞ୍ଚାୟତ ପଣ୍ଡୁକେଶ୍ୱରୀ ମନ୍ଦିର ପରିସରରେ ଚାରାରୋପଣ କରାଯାଇଛି। ସଂଘ ସଭାପତି ଆଶାତରୁ ନାୟକ, ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ସଙ୍ଗଠନ ସମ୍ପାଦକ ପୀତବାସ ପାତ୍ର, ବଟକୃଷ୍ଣ ସାହୁ, କୋଷାଧ୍ୟକ୍ଷ ଭିକାରି ଚରଣ ମଳିକଙ୍କ ନେତୃତ୍ୱରେ ବହୁ ସଭ୍ୟ ଯୋଗଦେଇ ବଉଳ, ଅଁଳା, ଅଶୋକା, ବେଲ ଓ କାଜୁ ଚାରାରୋପଣ କରିଥିଲେ। ପରେ ମନ୍ଦିର ଚତୁପାର୍ଶ୍ୱ ସଫେଇ କରାଯାଇଥିଲା।




ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଧର୍ମଶାଳା ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟମାନେ।

# ହୃଦ୍‌ଘାତରେ ମୃତ ଯୁବକଙ୍କ ପରିବାରକୁ ସହାୟତା



ବିଧାୟକ ହିମାଂଶୁ ଶେଖର ସାହୁ ମୃତ ଯୁବକଙ୍କ ପରିବାର ସଦସ୍ୟଙ୍କୁ ଭେଟୁଛନ୍ତି।

କାଏମା,୧୯।୭(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଳବା ଗ୍ରାମର କୃଷ୍ଣଚନ୍ଦ୍ର ଦାସଙ୍କ ସାନପୁଅ ସନ୍ତୋଷ ଦାସ(୩୫)ଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଜାଣିବା ପରେ ବିଧାୟକ ହିମାଂଶୁ ଶେଖର ସାହୁ ତାଙ୍କ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବିଧାୟକ ଯୁବକଙ୍କ ପରିବାର ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ଆଶ୍ୱାସନା ଦେବା ସହ ୫୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଛନ୍ତି। ଗତ ୧୩ ତାରିଖରେ ସନ୍ତୋଷ ସାଙ୍ଗମାନଙ୍କ ସହ ଭୋଜି ଖାଇ ସାରିବା ପରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ସନ୍ତୋଷ ଜଣେ ଭାଜପା ସଦସ୍ୟ ଥିଲେ।

# ବନ୍ୟାବିପନ୍ନଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

ବରୀ,୧୯।୭(ମହେନ୍ଦ୍ର ସ୍ୱାଇଁ):

ବନ୍ୟା ଦ୍ୱାରା ବରୀ ବ୍ଲକ୍ ଅଞ୍ଚଳର ସବୁଠୁ ଅଧିକ ପ୍ରଭାବିତ ହୋଇଛି ଅନ୍ୟାସୀପୁର ପଞ୍ଚାୟତର ଦଳିତ ବସ୍ତି। ଉକ୍ତ ବସ୍ତିର ୧୦ରୁ ଊର୍ଦ୍ଧ୍ୱ ପରିବାର ବ୍ରାହ୍ମଣୀ ନଦୀର ବାମ ପାର୍ଶ୍ୱରେ ଥିବା ନଦୀ ବନ୍ଧ ନିକଟରେ ବସବାସ କରନ୍ତି। ସେମାନେ ଅଦ୍ୟାବଧି ପାଣି ଘେରରେ ରହିଛନ୍ତି। ସେମାନଙ୍କ ଘର ଭୁଶୁଡି ପଡ଼ିଛି। ଏହି ଖବର ପାଇବା ପରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ବିଡିଓ ଅସିତ କୁମାର ମହାନ୍ତି, ତହସିଲଦାର ଦମୟନ୍ତି ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ଅଶୋକ ସାମଲ, ବ୍ଲକ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଦୁର୍ଯ୍ୟୋଧନ ପାତ୍ର, ଯୁବନେତା ପ୍ରବୀର ଧଳ, ପ୍ରାକ୍ତନ ସମିତିସଭ୍ୟ ଶାନ୍ତନୁ ମଲ୍ଲିକ ପ୍ରମୁଖ ଘଟଣାସ୍ଥଳକୁ ଯାଇ ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ପଲିଥିନ ଯୋଗାଇ ଦେଇଛନ୍ତି। ଆଗାମୀ ଦିନରେ ସେମାନଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ବ୍ଲକ୍ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି।



ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଓ ପ୍ରଶାସନିକ ଅଧିକାରୀମାନେ ବନ୍ୟା ବିପନ୍ନଙ୍କୁ ଭେଟୁଛନ୍ତି।

# ଆଶଙ୍କାରେ ବଞ୍ଚୁଛନ୍ତି ଜିଲାର ୨ ଲକ୍ଷ ଲୋକ

- ସୁନାମି ମୁକାବିଲା ଗ୍ରାମ ଚିହ୍ନଟରେ ସୀମିତ
- ତଟାଞ୍ଚଳ ପାଇଁ ପ୍ରାଚୀର ହୋଇପାରିବ ହେନ୍ତାଳବଣ
- ଲୁଣାବନ୍ଧ ଉଚ୍ଚତା ୬ ମିଟର, କେନାଲ ଆବଶ୍ୟକ

କେନ୍ଦ୍ରାପଡ଼ା, ୧୯।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ସମ୍ବେଦନଶୀଳ ନୁହନ୍ତି। ବର୍ତ୍ତମାନ ବନ୍ୟା ବିପତ୍ତିକୁ ଜିଲାର ୧୮ ପଞ୍ଚାୟତର ଲକ୍ଷାଧିକ ଲୋକ ଯୁଝୁଛନ୍ତି। ବନ୍ଧବାଡ଼ ନିର୍ମାଣ ପ୍ରତି କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ସେହିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଲା ରାଜନଗର ବ୍ଲକର ୪୬ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୧୮ ଗ୍ରାମକୁ ସୁନାମିପ୍ରବଣ ବୋଲି ଚିହ୍ନଟ କରିଛନ୍ତି। ଓସ୍‌ଡମା ପକ୍ଷରୁ ସମୁଦ୍ର ତଟଠାରୁ ପ୍ରାୟ ଦେଢ଼ କିଲୋମିଟର ଭୂଭାଗ ଅଞ୍ଚଳରେ ସୁନାମି ପ୍ରାକୃତିକ ବିପର୍ଯ୍ୟୟ ଆସି ପାରେ ବୋଲି ତଦନ୍ତ ରିପୋର୍ଟ ୨୦୦୫ ପ୍ରଦାନ କରାଯାଇଥିଲା। ଏହି ଚିହ୍ନଟ କାର୍ଯ୍ୟକ୍ରମକୁ ଇତିମଧ୍ୟରେ ପ୍ରାୟ ୨୦ ବର୍ଷ ହୋଇଛି। ବିଶେଷଜ୍ଞମାନେ ଦେଇଥିବା ପରାମର୍ଶ କାର୍ଯ୍ୟକାରୀ ହୋଇନାହିଁ। ସମୁଦ୍ର ସାମାନ୍ୟ ଉତ୍ତାଳ ହେଲେ ପାଣି ଲୁଣାବନ୍ଧ ଡେଇଁ ଭୂଭାଗ ଅଞ୍ଚଳକୁ ପଶିଯାଉଛି। ଏପରି କି ସାତଭାୟା ପଞ୍ଚାୟତର ଗ୍ରାମଗୁଡିକ ଜଳପତ୍ତନ ଉଚ୍ଚତା ବୃଦ୍ଧି ପାଇଁ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ଏଠାରେ ଥିବା ଅଧିବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ସୁନାମି ପ୍ରଭାବକୁ ହେନ୍ତାଳବଣ ସାମାନ୍ୟ କିଛି କମ୍ କରିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ତେବେ ମଧୁରଜଳର ଅଭାବ, ତଟାଞ୍ଚଳରେ ଚିଙ୍ଗୁଡି ଘେରି ନିର୍ମାଣ, ହେନ୍ତାଳବଣ ଜବରଦଖଲକାରୀଙ୍କ କବଳକୁ ଯିବା ପରି ସାମ୍ପ୍ରତିକ ସ୍ଥିତି ଏହି ସୁରକ୍ଷା ପ୍ରଚୀର ସୃଷ୍ଟିରେ ବାଧା ସାଜିଛି। ଫଳରେ ୬୪ ଗ୍ରାମର ୨ ଲକ୍ଷରୁ ଅଧିକ ଲୋକ ସୁନାମି ବିପର୍ଯ୍ୟୟରୁ ମୁକୁଳିବା ନେଇ ଆଶଙ୍କାରେ ଅଛନ୍ତି। ସୁନାମି ଆସିଲେ ଧନ, ଜୀବନ ସହ ଚାଷବାସ ନଷ୍ଟ ହେବ। ଏହି ବିପର୍ଯ୍ୟୟ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ୩୨୮ଟି ଗ୍ରାମକୁ ସୁନାମିପ୍ରବଣ ବୋଲି ଚିହ୍ନଟ କରିଥିଲେ। କେନ୍ଦ୍ରାପଡ଼ା ଜିଲାର ୪୮ କିଲୋମିଟର ତଟ ମଧ୍ୟରୁ ୨୮ କି.ମି. ଅଞ୍ଚଳରେ ତଟକ୍ଷୟ ହେଉଛି। ଏହି ସ୍ଥାନରେ ଲୁଣାମାଟି ଓ କଂକ୍ରିଟ ବନ୍ଧ ନିର୍ମାଣ ପାଇଁ ପ୍ରାଥମିକସ୍ତରରେ ଆଲୋଚନା ହୋଇଥିଲା। ଏପରିକି ସର୍ବାଧିକ ତଟକ୍ଷୟ ହେଉଥିବା ରାଜନଗର ବ୍ଲକ ପେଣ୍ଠଠାରେ ୫୦୫ ମିଟରର ଜିଓ ସିନ୍ଥେଟିକ ଟ୍ୟୁବ ୱାଲ ୨୦୧୮ ମସିହାରେ ପ୍ରାୟ ୩୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। ଏହି ଟ୍ୟୁବ ୱାଲ ଏବେ ଜୁଆର ମାଡରେ ନଷ୍ଟ ହେବାରେ ଲାଗିଛି।




୨୦୦୬ ମସିହାରେ ଗୋଆ ଜାତୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଟି. ଜି. ଜଗତାପ, ଡ. ବି. ସି. ଇନଗୋଲିଓ, ଡ. କେ. ମୁସା ପ୍ରମୁଖ ଗବେଷଣା ପାଇଁ କେନ୍ଦ୍ରାପଡ଼ା ତଟାଞ୍ଚଳ ଆସିଥିବାବେଳେ ହେନ୍ତାଳବଣ ସୃଷ୍ଟିକୁ ଗୁରୁତ୍ୱ ଦେଇଥିଲେ। ତଟାଞ୍ଚଳରେ ହେନ୍ତାଳବଣ ସୁନାମିର ପ୍ରଭାବକୁ ହ୍ରାସ କରିପାରିବ, ଏଥିସହ ଲୁଣା ତଟବନ୍ଧକୁ ଅନ୍ୟୁନ ୬ ମିଟର ରଖାଯିବାକୁ ସେମାନେ ରିପୋର୍ଟରେ ପରାମର୍ଶ ଦେଇଥିଲେ। ଜିଲାର ୭୪୪ କିଲୋମିଟର ମଧ୍ୟରୁ ୩୧୭ କି.ମି. ତଟବନ୍ଧ ଅସୁରକ୍ଷିତ ବୋଲି ୨୦୨୨ ଏପ୍ରିଲରେ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟରେ ଦେଖାଯାଇଛି। ଏଥିମଧ୍ୟରୁ ନିକଟରେ ୩୨ କି.ମି. ତଟବନ୍ଧ ୬ ମିଟର ଉଚ୍ଚ ହେବ ବୋଲି ରାଜ୍ୟ ସରକାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଅପରପକ୍ଷରେ ତଟାଞ୍ଚଳରେ ଗଢ଼ି ଉଠୁଥିବା ଚିଙ୍ଗୁଡି ଘେରି ହେନ୍ତାଳବଣକୁ ଧ୍ୱଂସ କରୁଛି। ସେହିପରି ଅନୁପ୍ରବେଶକାରୀଙ୍କ ହାତକୁ ଜଙ୍ଗଲ ଜମି ଚାଲିଯାଉଛି। ହେନ୍ତାଳବଣ ସୃଷ୍ଟି ପାଇଁ ଲୁଣା ସହ ଆନୁପାତିକ ଭାବେ ମଧୁର ଜଳ ଆବଶ୍ୟକ। ଜିଲାର ପ୍ରବାହିତ ନଦୀର ସ୍ରୋତ ବିଭିନ୍ନ ପ୍ରକଳ୍ପ ପାଇଁ କମ ରହୁଛି। ଏଥିପାଇଁ ତଟାଞ୍ଚଳରେ ସମସ୍ତ ନଦୀକୁ ଯୋଡିବା ପାଇଁ ବୃହତ କେନାଲର ଆବଶ୍ୟକତା ଅଛି। ଏହାଦ୍ୱାରା ପାନୀୟ ଜଳ, ବନ୍ୟା, ଜଳସେଚନ, ହେନ୍ତାଳବଣ ସୃଷ୍ଟି ଆଦିରେ ଥିବା ସମସ୍ୟାର ସମାଧାନ ହୋଇପାରିବ। ପ୍ଲାକାର୍ଡ, ମକ୍‌ଡ୍ରିଲ ଓ ସ୍ଥାନାନ୍ତର ମାଧ୍ୟମରେ ବିପତ୍ତିରୁ ସାମୟିକ ଉଦ୍ଧାର ମିଳିବ। ତେବେ ଏହା ସ୍ଥାୟୀ ପ୍ରତିକାର ନୁହେଁ ବୋଲି ପରିବେଶବିତ୍, ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## କାଇ ବିରୁଡ଼ି ଆକ୍ରମଣରେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

ମହାକାଳପଡ଼ା, ୧୯।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)


ବିରୁଡି ଆକ୍ରମଣରେ ମୃତ ଅଙ୍ଗନୱାଡି କର୍ମୀ ଅଭୟାଲକ୍ଷ୍ମୀ ରାଉତ। (ଫାଇଲ ଫଟୋ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ରାଜଗଡ ପଞ୍ଚାୟତ ଗୟାସପୁର ଗ୍ରାମରେ ଗୁରୁବାର ଅଙ୍ଗନୱାଡ଼ି କର୍ମୀ ଅଭୟାଲକ୍ଷ୍ମୀ ରାଉତ (୫୩) କେନ୍ଦ୍ର ବନ୍ଦକରି ଘରକୁ ଫେରି କୌଣସି କାମରେ ବାଡ଼ିକୁ ଯାଇଥିଲେ। ବାଡ଼ିରେ ଏକ ଗାତ ଉପରେ ଗୋଡ଼ ତାଙ୍କ ପଡିଯାଇଥିଲା। ଫଳରେ ଗାତରୁ ସଂଖ୍ୟାଧିକ କାଇ ବିରୁଡ଼ି ବାହାରି ସଂଘବଦ୍ଧ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

ଗୟାସପୁର ଗ୍ରାମର ମହିଳା ଅଙ୍ଗନୱାଡି କର୍ମୀ ଅଭୟାଲକ୍ଷ୍ମୀ କୌଣସି କାମରେ ନିଜ ବାଡ଼ିକୁ ଯାଇଥିଲେ। ବାଡ଼ିରେ ଥିବା ଛୋଟ ଗାତରେ ଗୋଡ଼ ପଡ଼ିବାରୁ ହଠାତ୍ ସେଥିରୁ ସଂଖ୍ୟାଧିକ କାଇ କଳା ବିରୁଡ଼ି ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ କୌଣସି ଉପାୟ ନ ପାଇ ନିକଟରେ ଥିବା ପୋଖରୀକୁ ଡେଇଁପଡ଼ିଥିଲେ। ତଥାପି ବିରୁଡ଼ି ଦଳ ପୋଖରୀରେ ତାଙ୍କୁ ଆକ୍ରମଣକରି ଚାଲିଥିଲେ। ମହିଳା ଯେତେ ଥର ମୁଣ୍ଡ ବୁଡାଇ ଉଠିଲା ବେଳକୁ ଚାରିପାଖରେ ବିରୁଡ଼ି ଘେରିଯାଇ ଛାଡି ନ ଥିଲେ। ସେ ଚିତ୍କାର କରିବାରୁ ପଡ଼ୋଶୀ ଓ ପରିବାର ଲୋକ ଶୁଣି କୌଣସି ଉପାୟରେ ଉଦ୍ଧାରକରି ପ୍ରଥମେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥାରେ ଉନ୍ନତି ନ ଆସିବାରୁ ଶୁକ୍ରବାର କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇ ଘରକୁ ଫେରିବା ପରେ ଗାଁ ଶ୍ମଶାନରେ ସଂସ୍କାର କରାଯାଇଛି। ଏହି ଅଭାବନୀୟ ଘଟଣାକୁ ନେଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଏହି କର୍ମୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଦମ୍ପତିଙ୍କ ଆତ୍ମହତ୍ୟା ଘଟଣା: ଶାଶୁଶ୍ୱଶୁରଙ୍କୁ କୋର୍ଟ ଚାଲାଣ

ରାଜନଗର, ୧୯।୭ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ନଳିତପାଟିଆ ଗାଁରେ ଦମ୍ପତିଙ୍କ ଆତ୍ମହତ୍ୟା ଘଟଣାରେ ଶାଶୁଶ୍ୱଶୁରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଶାଶୁଶ୍ୱଶୁରଙ୍କୁ କେନ୍ଦ୍ରାପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଦମ୍ପତି ପ୍ରତାପ ନାୟକ, ସ୍ତ୍ରୀ ସସ୍ମିତା ନାୟକ ୧୫ ତାରିଖ ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିଲେ। ୧୬ ତାରିଖରେ ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବନ୍ଦ ଘରୁ ଦମ୍ପତିଙ୍କ ଝୁଲନ୍ତା ମୃତଦେହକୁ ଜବତ କରିଥିଲା। ସସ୍ମିତାଙ୍କ ଭାଇ ନିତ୍ୟାନନ୍ଦ ଦାସ ୧୭ ତାରିଖରେ ତାଙ୍କ ଭଉଣୀଙ୍କୁ ଯୌତୁକ ଲାଗି ମାନସିକ ଓ ଶାରୀରିକ ନିର୍ଯାତନା ଶାଶୁଘର ଲୋକେ ଦେଉଥିଲେ। ଏହାକୁ ସହି ନ ପାରି ସସ୍ମିତା ଆତ୍ମହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆଇଆଇସି ବିନୋଦ ମଲିକ ଶନିବାର ମୃତ ପ୍ରଦୀପଙ୍କ ବାପା ପଞ୍ଚାନନ ନାୟକ (୬୦) ଓ ମା'ସତ (୫୫)ଙ୍କୁ ନଂ. ୮୫/୨୫ରେ ମାମଲା ରୁଜୁ କରାଯାଇଛି।

## ମହିଳା କର୍ମଚାରୀଙ୍କୁ ଅସଦାଚରଣ କରି ଯୁବକ ଅଟକ

ଆଳି, ୧୯।୭ (ବନମାଳୀ ସେନାପତି)

ମହିଳା କର୍ମଚାରୀଙ୍କୁ ଅସଦାଚରଣକରି ଯୁବକ ଥାନାରେ ଶନିବାର ଅଟକ ରହିଛନ୍ତି। ଏଭଳି ଏକ ଘଟଣା ଘଟିଯାଇଛି ଆଳି ଥାନା ଅନ୍ତର୍ଗତ ବାଳକାଟିରେ। କଟକ-ଚାନ୍ଦବାଲି ରାସ୍ତାର ବାଳକାଟି ନିକଟରେ ଥିବା ଏସ୍‌ବିଆଇ ମିନି ବ୍ୟାଙ୍କ ଶାଖାରେ ଜଣେ ମହିଳା କର୍ମଚାରୀ ଶନିବାର ଅପରାହ୍ନରେ କାର୍ଯ୍ୟ କରୁଥିଲେ। କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ଯୁବକ ସେଠାରେ ପହଞ୍ଚି ମହିଳା କର୍ମଚାରୀଙ୍କୁ ଏକୁଟିଆ ପାଇ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ସେ ଯିବାବେଳେ ମହିଳାଙ୍କ ମୋବାଇଲ ଓ ଗାଡି ଚାବି ଛଡାଇ ନେଉଥିଲେ। ମହିଳା ଜଣକ ପାଟି କରିଥିଲେ। ସେଠାରେ ସ୍ଥାନୀୟ ଲୋକେ ପହଞ୍ଚିଯିବା ସହ ମିନିବ୍ୟାଙ୍କ ମାଲିକ ପହଞ୍ଚି ଥିଲେ। ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଯୁବକଙ୍କୁ ଅଟକ ରଖାଯାଇ ପୋଲିସକୁ ଖବର ଦିଆଯାଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି।

## ଶିକ୍ଷା, ପାନୀୟ ଜଳ ଉପରେ ଗୁରୁତ୍ୱ


ବୈଠକରେ ବିଧାୟକ ଅରବିନ୍ଦ ମହାପାତ୍ର, ଦୁର୍ଗା ପ୍ରସନ୍ନ ନାୟକ ଓ ଅନ୍ୟମାନେ।

ମାର୍ଶାଘାଇ, ୧୯।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

- ମାର୍ଶାଘାଇ ପଞ୍ଚାୟତ ସମିତି ବୈଠକରେ ପୋଲିସ ମୁତୟନ
- ବାହାରେ ରହିଲେ ଗଣମାଧ୍ୟମ ପ୍ରତିନିଧି

ମାର୍ଶାଘାଇ ବ୍ଲକ୍ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତିର ୫ମ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଯୋଗଦେଇଥିଲେ। ଜିପିଡିଓ ସୋନାଲି ବେଉରା ପୂର୍ବ ବିବରଣୀ ପାଠ କରିଥିଲେ। ବୈଠକ ଆରମ୍ଭ ହେବା ପରେ ଗଣମାଧ୍ୟମ ପ୍ରତିନିଧି ପ୍ରବେଶ କଲା ପରେ ବିଡିଓ ପଞ୍ଚାନନ ମଲ୍ଲିକ ଆପଣମାନେ କେବଳ ଫଟୋ ଉଠାନ୍ତୁ, ବୈଠକ ବେଳେ ବାହାରେ ରୁହନ୍ତୁ ବୋଲି କହିଥିଲେ। ମାତ୍ର ପୋଲିସ ବୈଠକରେ ଉପସ୍ଥିତ ଦେଖିବାକୁ ମିଳିଥିଲା। ଏଥିରେ ଅନ୍ତେଇ ସରପଞ୍ଚ ସଞ୍ଜୟ କୁମାର ସେଠୀ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ସରକାରଙ୍କ ପକ୍ଷରୁ ସ୍ଥିରୀକୃତ ଗାଇଡ୍‌ଲାଇନ ଅନୁସାରେ କାର୍ଯ୍ୟ କରିବାକୁ ବିଡିଓଙ୍କ ମାଧ୍ୟମରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପରୁ ସବୁ ଗାଁକୁ ପିଇବା ପାଣି ଯିବାରେ ବିଳମ୍ବ ତଥା ଯେଉଁ ଗ୍ରାମକୁ ପାଣି ଯାଉଛି ତାହା ଗୋଳିଆ ବୋଲି ସମିତି ସଭ୍ୟ ରଞ୍ଜିତ ପ୍ରଧାନ କହିଥିଲେ। ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଓ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ପ୍ରକଳ୍ପ କାମ ଉପରେ ସମିତି ସଭ୍ୟ ପ୍ରସନ୍ନ ସାହୁ ଆଲୋଚନାକରି ଅଧ୍ୟକ୍ଷାଙ୍କଠାରୁ ଉତ୍ତର ଚାହିଁଥିଲେ। ସିଳିପୁର ପଞ୍ଚାୟତର ସଂଗ୍ରାମପୁର ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ପୁନରୁଦ୍ଧାର ପାଇଁ ଦାବି ରଖିଥିଲେ। ସମିତି ସଭ୍ୟ ସୁନତୀ ସାହୁ ପ୍ରତି ୨ ମାସରେ ବୈଠକ ପାଇଁ ଦାବି କରିଥିଲେ। ବିଧାୟକ ଦ୍ୱୟ ସମସ୍ତେ ମିଳିମିଶି କାମ କଲେ ଉନ୍ନୟନ କାର୍ଯ୍ୟର ସୁଫଳ ମିଳିପାରିବ ବୋଲି କହିଥିଲେ। ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି ଧନ୍ୟବାଦ ଦେଇଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ପ୍ରତାପ ମଲ୍ଲିକ, ଦୁର୍ଗାବତୀ ପ୍ରଧାନ, ସାଂସଦ ପ୍ରତିନିଧି ବିଜୟ ନାୟକ, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି ମଞ୍ଚାସୀନ ଥିଲେ। ସରପଞ୍ଚ ସଞ୍ଜୟ ସେଠୀ, ଭାଗବତ ବେହେରା, ମନୋଜ ସ୍ୱାଇଁ, ମନୋଜକାନ୍ତ ପରିଡା, ରମେଶ ଲେଙ୍କା, ଅଶାନ୍ତି ସ୍ୱାଇଁ, ନମିତାବାଳା ରଥ, ବିକ୍ରମ କେଶରୀ ଦାଶ, ପ୍ରଭାତ ଦାସ, ସମିତି ସଭ୍ୟ ରଞ୍ଜିତ ପ୍ରଧାନ, ସୁନତୀ ସାହୁ, ଅଭିଷେକ ବେହେରା, ସଞ୍ଜୟ ପାତ୍ର, ଶରତ ପ୍ରଧାନ, ସୁପ୍ରଭା ଜେନା, ଜ୍ୟୋତିର୍ମୟୀ ଦାସ ଆଲୋଚନାରେ ଭାଗ ନେଇଥିଲେ।

## ନବ ବଧୂହତ୍ୟା ଅଭିଯୋଗ, ପୋଲିସର ତଦନ୍ତ ଆରମ୍ଭ

ପଟ୍ଟାମୁଣ୍ଡାଇ, ୧୯।୭ (କଳ୍ପତରୁ ନାୟକ)


କାବେରୀ ପାଢ଼ୀ

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବଡପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ବୋହୂ କାବେରୀ ପାଢ଼ୀଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଶନିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୨୬୮/୨୫ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, କାଠିଆପଡ଼ା ଗ୍ରାମର ବିକ୍ରମ ପାଢ଼ୀଙ୍କ ପୁଅ ଶିବପ୍ରସାଦ ୬ ମାସ ତଳେ ରାଜନଗର ଅଞ୍ଚଳର ଜୟଦେବ ପାଢ଼ୀଙ୍କ ଝିଅ କାବେରୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ୨ମାସ ପରେ କାବେରୀଙ୍କୁ ଅଧିକ ଯୌତୁକ ପାଇଁ ଶାଶୁ ଘର ଲୋକ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ଏ ନେଇ କାବେରୀ ତାଙ୍କ ଭଉଣୀ ଓ ପରିବାରକୁ ବାରମ୍ବାର ଫୋନ ଯୋଗେ ଜଣାଇ ଆସୁଥିଲେ। ଶୁକ୍ରବାର ରାତିରେ କାବେରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେବେ ଶନିବାର ଶାଶୁଘର ଲୋକେ କାବେରୀଙ୍କୁ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଛାଡ଼ି ଦେଇ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ କାବେରୀଙ୍କ ଭଉଣୀ ଓ ପରିବାର ଲୋକ ଚିକିତ୍ସାଳୟରେ ପହଞ୍ଚିବା ପରେ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଉଦ୍ୟମ କରିବାବେଳେ କାବେରୀଙ୍କ ପରିବାର ଲୋକ ଛାଡି ନ ଥିଲେ। ଏଥିପାଇଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ସ୍ଥାନୀୟ ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଥିବା ବେଳେ ଶାଶୁଘର ଲୋକେ ଫେରାର ହୋଇ ଯାଇଛନ୍ତି।

## ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷାକଲେ: ବୈଜୟନ୍ତ


ମେଗା ପାନୀୟ ଜଳ ପ୍ରକଳ୍ପର ସ୍ଥିତି ଏମ୍‌ପି ବୈଜୟନ୍ତ ପଣ୍ଡା ସମୀକ୍ଷା କରୁଛନ୍ତି।

ରାଜକନିକା, ୧୯।୭
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ବରୁଣାଠାରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ଶନିବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ପହଞ୍ଚି ସମୀକ୍ଷା କରିଛନ୍ତି। ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ରାଜକନିକା, ଆଳି ଓ ପଟ୍ଟାମୁଣ୍ଡାଇ ୩ଟି ବ୍ଲକର ୯୧ଟି ପଞ୍ଚାୟତର ଅଧିବାସୀଙ୍କୁ ଟ୍ୟାପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାର ଲକ୍ଷ୍ୟ ରଖି ୧୦୬ କୋଟି ବ୍ୟୟ ଅଟକଳରେ ରାଜକନିକା ବ୍ଲକ ବରୁଣାଠାରେ ୨୦୨୨ରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କରି ଲୋକଙ୍କୁ ପାଣି ଯୋଗାଇ ଦିଆଯିବ ଏମ୍‌ପି ପଣ୍ଡା ଗୁରୁତ୍ୱ ଦେଇଥିଲେ। ଏହି ପ୍ରକଳ୍ପର କାର୍ଯ୍ୟକୁ ଏଲ୍ ଏଣ୍ଡ ଟି କମ୍ପାନୀ କରୁଥିବା ନେଇ କମ୍ପାନୀ ପକ୍ଷରୁ ଉପସ୍ଥିତ ଅଧିକାରୀ, ଜିଲା ଓ ରାଜକନିକା ବ୍ଲକ ଅଧିକାରୀମାନେ ଏମ୍‌ପିଙ୍କୁ ସ୍କେଚ ମାଧ୍ୟମରେ ସଙ୍କେତ ଦ୍ୱାରା ଅବଗତ କରାଇଥିଲେ। ଏହି ପ୍ରକଳ୍ପଟି ଆସନ୍ତା ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବା ନେଇ ଠିକା କମ୍ପାନୀର ଅଧିକାରୀ ସୂଚନା ଦେଇଛନ୍ତି। ଆହୁରି ମଧ୍ୟ ଖରସ୍ରୋତାରୁ ପାଣି ଉଠାଇ ଏହି ପ୍ରକଳ୍ପରେ ବିଶୋଧନ କରାଯାଇ ପାନୀୟ ଉପଯୋଗୀ ହେବା ପରେ ୩ଟି ବ୍ଲକରେ ଥିବା ସମସ୍ତ ଓଭରହେଡ ଟାଙ୍କି ସହ ସଂଯୋଗ କରାଯିବାର ପ୍ରାବଧାନ ଅଛି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏମ୍‌ପିଙ୍କ ଗସ୍ତରେ ଆଳି ନିର୍ବାଚନମଣ୍ଡଳୀ ଭାଜପା ଶିବିର ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ଏମ୍‌ପିଙ୍କ ସହ ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ଆଳି ନିର୍ବାଚନମଣ୍ଡଳୀର ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା ଓ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର ଭାଜପା ନେତ୍ରୀ ଗୀତାଞ୍ଜଳି ସେଠୀ, ପାନୀୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ବସନ୍ତ ସେଠୀ, ଏସ୍‌ଡିଓ ଅଶୋକ କୁମାର ସାହୁ, ଜେଇ ସଞ୍ଜୟ କୁମାର ପଣ୍ଡାଙ୍କ ସମେତ ଭାଜପା ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ବାତ୍ୟା, ବନ୍ୟା ଆଶ୍ରୟସ୍ଥଳ କାମରେ ଆସୁନି

ପଟ୍ଟାମୁଣ୍ଡାଇ, ୧୯।୭ (କଳ୍ପତରୁ ନାୟକ)

- ବିପନ୍ନଙ୍କୁ ଉଦ୍ଧାର ପାଇଁ ନାହାନ୍ତି ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ
- ତଟବନ୍ଧର ସୁରକ୍ଷା ନେଇ ପ୍ରଶ୍ନବାଚୀ
- ସୁବଳପୁରଠାରେ ଅତଡ଼ା ଖସୁଛି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳବାସୀଙ୍କ ପାଇଁ ବନ୍ୟା ଚିର ସହଚର ହୋଇଛି। ବର୍ଷା ମାସ ଆସିଲେ ବ୍ରାହ୍ମଣୀ, ବୈତରଣୀ, କାଣୀ ଇତ୍ୟାଦି ନଦୀକୂଳବାସୀ ଭୟରେ କାଳାତିପାତ କରିଥାନ୍ତି। ବନ୍ୟା ଦୁର୍ଗତଙ୍କୁ ସୁରକ୍ଷା ଦେବାକୁ ପ୍ରତିବର୍ଷ ରାଜନେତାମାନେ ଖାଲି ପ୍ରତିଶ୍ରୁତି ଦେଇଥାନ୍ତି। ଦୁର୍ବଳ ନଦୀବନ୍ଧର ମରାମତି, ଆବଶ୍ୟକସ୍ଥଳେ ନଦୀବନ୍ଧ ନିର୍ମାଣ ଆଦି ଅନେକ ସ୍ୱପ୍ନ ଦେଖାଇଥାନ୍ତି। ଏପରି କି ଜୀବନ ସୁରକ୍ଷା ଦୃଷ୍ଟିରୁ ବତ୍ୟା, ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ଦୃଢ଼ୋକ୍ତି ପ୍ରକାଶ କରିଥାନ୍ତି। ମାତ୍ର ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁ ବନ୍ୟା ଆଶଙ୍କା ତଥା ବିପଦ ସମୟରେ ଆଶ୍ରୟସ୍ଥଳ କାର୍ଯ୍ୟରେ ଲାଗୁ ନାହିଁ। ନଦୀର ବହୁ ସ୍ଥାନରେ ପଥର ପ୍ୟାକିଂ ଖସି କଟ୍‌ଅପ୍ ସୃଷ୍ଟି ହୋଇ ଘରେ ବାହାରେ ଆଣ୍ଠୁଏ ପାଣି ରହିଛି। କେତେ ସ୍ଥାନରେ ଆଶ୍ରୟସ୍ଥଳ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ଯାଇଛି। ଏବେ ପଟ୍ଟାମୁଣ୍ଡାଇର ଧୋୟାଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ହେଲେ ଏଠାରେ ଥିବା ବନ୍ୟା ଆଶ୍ରୟସ୍ଥଳରେ ରହିବା ଅନୁପଯୋଗୀ ହୋଇପଡ଼ିଛି। ସ୍ୱେଚ୍ଛାସେବୀ ଅଭାବରୁ ବିପନ୍ନମାନେ ନଦୀବନ୍ଧରେ ଆଶ୍ରୟ ନେବା ସହ ଗୃହପାଳିତ ପ୍ରାଣୀଙ୍କୁ ଉଚ୍ଚା ରାସ୍ତାରେ ଛାଡ଼ି ଦେଇଛନ୍ତି।

୧୯୯୯ ମହାବାତ୍ୟା ପରେ ରାଜ୍ୟ ସରକାର ବନ୍ୟାବାତ୍ୟା ଦାଉରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ (ଓସ୍‌ଡମା) ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଗଠନ କରିଥିଲେ। ଏହି ପ୍ରାଧିକରଣ ପଟ୍ଟାମୁଣ୍ଡାଇ ପ୍ରଭାବିତ ଅଞ୍ଚଳରେ ୧୩ଟି ବନ୍ୟାବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିଥିଲା। ସେଥିମଧ୍ୟରୁ ଧୋୟାଞ୍ଚଳରେ ଅଳପୁଆ, ଫେଣ୍ଡପାଳର ଦାଣ୍ଡିସାହି, ସିଂହଗାଁ, ଶ୍ରୀରାମପୁର, ପାଳପାଟଣା, ବାଲିପାଟଣା ଆଦି ପଞ୍ଚାୟତରେ ଏହି ଆଶ୍ରୟସ୍ଥଳ ନିର୍ମାଣ କରାଯାଇଥିଲା। ମାତ୍ର ସେଥିମଧ୍ୟରୁ ଅଳପୁଆ ଆଶ୍ରୟସ୍ଥଳ ଭାଙ୍ଗିରୁଜି ଯିବାରୁ ଜିଲା ପ୍ରଶାସନ ୨୦୨୨ରେ ତାହାକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲା। ହେଲେ ସେଠାରେ ଅଦ୍ୟାବଧି ନୂତନ ଆଶ୍ରୟସ୍ଥଳ ହୋଇନାହିଁ। ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ ଅଳପୁଆରେ ଏକ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ସାମାଜିକ କର୍ମୀ ଗଗନ ମହାଳିକ, ଅଶୋକ ନାୟକ, କିଶୋର ରାଉତ ପ୍ରମୁଖ ଦାବି କରିଛନ୍ତି।


ଅଳପୁଆ ପୁରୁଣା ବାତ୍ୟା ଆଶ୍ରୟସ୍ଥଳୀ।

ଧୋୟାଞ୍ଚଳବାସୀ ନରେନ୍ଦ୍ର ଧଳ, ଦୀପକ ବିଶ୍ୱାଳ, ସଞ୍ଜୀବ ମଲ୍ଲିକ, ପ୍ରଶାନ୍ତ ସ୍ୱାଇଁ, ବିଶ୍ୱଜିତ ମହାନ୍ତି, ପବିତ୍ର ସାମଲ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ନୂଆ ପୁରୁଣାକୁ ମିଶାଇ ଏବେ ୧୩ଟି ଆଶ୍ରୟସ୍ଥଳ ସମେତ କର୍ଣ୍ଣାଟକ ସରକାରଙ୍କ ପକ୍ଷରୁ କେତେକ ସ୍ଥାନରେ ଛୋଟ ଆଶ୍ରୟସ୍ଥଳ ରହିଛି। ଚଳିତ ବନ୍ୟାରେ ଏହି ଆଶ୍ରୟସ୍ଥଳକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଶ୍ରୟସ୍ଥଳ ନିର୍ମିତ ହୋଇଛି ସତ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତ ନ ଥିବା କୁହାଯାଉଛି। ସବୁ କେନ୍ଦ୍ରରେ ୧୫୦୦-୨୦୦୦ ଲୋକଙ୍କ ପାଇଁ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସରଞ୍ଜାମ ଯୋଗାଇ ଦିଆଯିବା ସହ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ରଖାଯାଇଥିଲା। ମାତ୍ର ଏବେ ବିପନ୍ନମାନଙ୍କୁ ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା ଯୋଗାଇବାକୁ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ଆଉ ନାହାନ୍ତି। ଚଳିତ ବନ୍ୟାରେ ଆଶ୍ରୟସ୍ଥଳ ଫାଙ୍କା ରହିଛି। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଅଳପୁଆ ପଞ୍ଚାୟତ ଦାମୋଦର ପାଟଣା, ସୁବଳପୁର, ମଣିରାମପୁର ପ୍ରଭୃତି ଗ୍ରାମଗୁଡିକ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ। ୧୮ ଫୁଟରୁ ଅଧିକ ବନ୍ୟା ଜଳ ଆସିଲେ ଲୋକେ ଭୟରେ ଅନିଦ୍ରା ହୋଇ ରାତ୍ରି କାଟିଥାନ୍ତି। ଚଳିତ ବନ୍ୟାରେ ବ୍ରାହ୍ମଣୀ ନଦୀର ବାମପାର୍ଶ୍ୱ ସୁବଳପୁରଠାରେ ନଦୀ କୂଳ ଅତଡ଼ା ଖାଇବା, ଅଧିକ ବିପଦ ସୃଷ୍ଟି କରୁଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୁବଳପୁର ଗାଁର ୪୫ ପରିବାରଙ୍କ ଢିଅପାଖକୁ କୂଳ ଖାଇ ମାଡ଼ି ଆସିଛି। ବେଆଇନ ବାଲି ଉଠାଣ ଯୋଗୁ ନଦୀବନ୍ଧ ଦୁର୍ବଳ ହେବାରୁ ଅନେକଙ୍କ ଚାଷଜମି ନଦୀରେ ମିଶି ଗଲାଣି। ଅଧିକାଂଶ ଲୋକଙ୍କ ଜୀବିକା ଚାଷବାସ ହୋଇଥିଲେ ବି ନଦୀ କୂଳ ଖାଉଥିବାରୁ ଜମିକୁ ପଡ଼ିଆ ପକାଇଛନ୍ତି। ଆଳି ବନ୍ଧବାଡ଼ ଡିଭିଜନ ଅଧୀନରେ ଥିବା ବ୍ରାହ୍ମଣୀ ଘେରିବନ୍ଧ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଭାବେ ରହିଛି ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଆଳି ବନ୍ଧବାଡ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ସସ୍ମିତ ସାହୁଙ୍କୁ ପଚାରିବାରେ ଏହି ଘଟଣା ସମ୍ପର୍କରେ ଅବଗତ ଅଛି। ଏହି କାର୍ଯ୍ୟ ପାଇଁ ବ୍ୟୟବରାଦ କରାଯାଇ ଖୁବ୍‌ଶୀଘ୍ର ହାତକୁ ନିଆଯିବ ବୋଲି କହିଛନ୍ତି।

## ଏମ୍‌ପି ପ୍ରତିନିଧି ହେଲେ ଭବାନୀ

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ସହରର ଭାଜପା ଯୁବନେତା ଭବାନୀ ଶଙ୍କର ପଣ୍ଡାଙ୍କୁ ଦିଗପହଣ୍ଡି ଏନ୍‌ଏସି ପାଇଁ ବ୍ରହ୍ମପୁର ଏମ୍‌ପିଙ୍କ ପ୍ରତିନିଧି ଭାବେ ନିଯୁକ୍ତ କରାଯାଇଛି। ବ୍ରହ୍ମପୁର ଏମ୍‌ପି ଡ଼.ପ୍ରଦୀପ କୁମାର ପାଣିଗ୍ରାହୀ ଏ ସମ୍ପର୍କରେ ଏକ ପତ୍ର ଲେଖି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ଅବଗତ କରାଇଛନ୍ତି। ଭବାନୀ ବ୍ରହ୍ମପୁର ଏମ୍‌ପି, ଦିଗପହଣ୍ଡି ବିଧାୟକ ଡ଼ା.ସିଦ୍ଧାନ୍ତ ମହାପାତ୍ର, ଭାଜପା ଜିଲା ସଭାପତି ସରୋଜ ସାବତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଭାଜପା ରାଜ୍ୟ ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ରଥଙ୍କ ସମେତ ଅନ୍ୟମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

**ସଂକ୍ଷେପରେ**

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

ବେଲଗୁଣ୍ଠା,୧୯।୭(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ନାଥ ରଥଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ବେଲଗୁଣ୍ଠା ଥାନା ଏସ୍‌ଆଇ ଅଭୟ ପ୍ରଧାନ, ଅନୁଷ୍ଠାନ ସମ୍ପାଦକ ପବିତ୍ର ସାହୁ, କୋଷାଧ୍ୟକ୍ଷ ସିଏଚ୍ ରବୀନ୍ଦ୍ର ନାଥ ସୁବୁଦ୍ଧି, ପରିଚାଳନା କମିଟି ସଦସ୍ୟା ସସ୍ମିତା ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ଆଦିତ୍ୟ ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟୁତ ଧାରାର ଚୁମ୍ବକୀୟ ପ୍ରଭାବ, ଜଳ ପ୍ରବନ୍ଧନ, ଶକ୍ତି ସଂରକ୍ଷଣ, କୃଷି, ସୌରଶକ୍ତି, ବଳର ପ୍ରକାର ଏବଂ ସମ୍ବେଦକ ସମ୍ପର୍କରେ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ଶିଶୁ ବାଟିକା ଠାରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ୧୭୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଓମାଲ ଗୌଡ଼, ଭଜ ରାମ ସ୍ୱାଇଁ, ପବିତ୍ର ମୋହନ ନାୟକ, ଅକ୍ଷୟ ଦାସ, ବିଜୟ ସ୍ୱାଇଁ, ବସନ୍ତ ଜେନା, ବିଜୟ ଲେଙ୍କା, ରମେଶ ପାତ୍ର ପ୍ରମୁଖ ବିଚାରକ ରୂପେ ଯୋଗ ଦେଇଥିଲେ।

## ମୁନା ପ୍ରଧାନ ଆସିକା ଏମ୍‌ପିଙ୍କ ଧରାକୋଟ ବ୍ଲକ ପ୍ରତିନିଧି

ଧରାକୋଟ,୧୯।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ) ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ ଧରାକୋଟ ବ୍ଲକର ଉନ୍ନତି ଓ ବିକାଶ କାର୍ଯ୍ୟ ତରାନ୍ୱିତ ପାଇଁ ଢଉଗାଁ ପଞ୍ଚାୟତ ସୁନାମୋହି ଗ୍ରାମର ମୁନା ପ୍ରଧାନଙ୍କୁ ଧରାକୋଟ ବ୍ଲକ ପ୍ରତିନିଧି ଭାବରେ ମନୋନୀତ କରିଛନ୍ତି। ଏନେଇ ସେ ଜିଲା ପ୍ରଶାସନକୁ ଜଣାଇଛନ୍ତି। ପ୍ରଧାନ ଚାକିରି ଛାଡ଼ି ୨୦୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗ ଦେଇଥିଲେ। ଦୁଇଟି ପଞ୍ଚାୟତ ନିର୍ବାଚନରେ ସେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ବେଳେ ୨୦୧୯ ସାଧାରଣ ନିର୍ବାଚନ ରେ ଦଳ ପକ୍ଷରୁ ତାଙ୍କୁ ଖଣ୍ଡପଡା ବିଧାନସଭା ଆସନ ପାଇଁ ବିସ୍ତାରକ ଭାବେ ଦାୟିତ୍ୱ ମିଳିଥିଲା। ଏଥିପାଇଁ ସେ ଏମ୍‌ପି ଓ ଆସିକା ଜିଲା ଭାଜପା ସଭାପତି ବିଜୟ ସ୍ୱାଇଁଙ୍କୁ କୃତଜ୍ଞତା ଜଣାଇ ମିଳିଥିବା ଦାୟିତ୍ୱକୁ ସେ ନିଷ୍ଠାର ସହ ତୁଲାଇବେ ବୋଲି ପ୍ରଧାନ କହିଛନ୍ତି।

## ବିଓପିଟି ସହ ଗଞ୍ଜାମ ମହାବିଦ୍ୟାଳୟର ଏମ୍‌ଓୟୁ ସ୍ୱାକ୍ଷର

ଗଞ୍ଜାମ,୧୯।୭(ବିଦ୍ୟାଧର ସାହୁ) ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଏକ ସ୍ୱୟଂଶାସିତ ସଂସ୍ଥା ବିଓପିଟି (ପୂର୍ବାଞ୍ଚଳ) କୋଲକାତା ସହିତ ଗଞ୍ଜାମ ମହାବିଦ୍ୟାଳୟ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନରେ ବାଣିଜ୍ୟ ବିଭାଗ ମୁଖ୍ୟ ପୁରୁଷୋତ୍ତମ ପାତ୍ର, ସୁମନ ସେଠୀ ଓ ଜଗଦୀଶ ପାଢ଼ୀଙ୍କ ସହଯୋଗରେ ଏହା ସଫଳ ହୋଇଛି। ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାନିବାସ ସମୟର ପ୍ରଶିକ୍ଷଣକୁ ପ୍ରୋତ୍ସାହନ ଦେବା ଭାରତ ସରକାରଙ୍କ ଲକ୍ଷ୍ୟ । ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷର ବାଣିଜ୍ୟ ଶିକ୍ଷାର୍ଥୀଙ୍କଠାରୁ ଏହି ଏମ୍‌ଓୟୁ କାର୍ଯ୍ୟକାରୀ ହେବ। ବାଣିଜ୍ୟରେ ସ୍ନାତକୋତ୍ତର ତୃତୀୟ ବର୍ଷରେ ଶିକ୍ଷାନିବାସ ପ୍ରଶିକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ ମାସିକ ୯ ହଜାର ଟଙ୍କା ଲେଖାଏ ବିଦ୍ୟାର୍ଥୀ ପାଇବେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମାତ୍ର ୫ଟି ମହାବିଦ୍ୟାଳୟ ମଧ୍ୟରେ ଗଞ୍ଜାମ ମହାବିଦ୍ୟାଳୟ ସ୍ଥାନିତ ହୋଇଛି। ବିଭାଗୀୟ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ସହ ମଧ୍ୟ ଆଭାସୀରେ ଏନେଇ ଆଲୋଚନା ହୋଇଛି।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା

ଫୁଲବାଣୀ,୧୯।୭ (ରାକେଶ କୁମାର ରାଉତ)

ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ଶନିବାର ତାଲା ପକାଇଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ୍ ଦଡକି ପଞ୍ଚାୟତର ବେଣାକେରା ଗ୍ରାମରେ। ସୂଚନା ଅନୁସାରେ, ବେଣାକେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏହି ଅଞ୍ଚଳର ଏକ ପୁରାତନ ବିଦ୍ୟାଳୟ। ବର୍ତ୍ତମାନ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଥିବା ବେଳେ ନିକଟରେ ବାଲବାଟିକା ମଧ୍ୟ ଖୋଲିଛି। ପ୍ରାୟ ୫୦ ଜଣ ଛାତ୍ରୀଛାତ୍ର ରହିଛନ୍ତି । ପୂର୍ବରୁ ଏଠାରେ ୫ ଜଣ ଶିକ୍ଷୟିତ୍ରୀଶିକ୍ଷକ ଥିଲେ। ଗତ ମେ' ମାସରେ ଜଣେ ଶିକ୍ଷକ ଅବସର ଗ୍ରହଣ କରିଥିବା ବେଳେ ୨ଜଣ


ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର।

ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇ ଥିବାରୁ ଏବେ ବିଦ୍ୟାଳୟରେ ମାତ୍ର ୨ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି । ଯାହା ଫଳରେ ପାଠପଢା ବାଧାପ୍ରାପ୍ତ ହୋଇଛି। ବିଦ୍ୟାଳୟ ପରିଚାଳନାରେ ମଧ୍ୟ ଅଚଳାବସ୍ଥା ଦେଖାଦେଇଛି। ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ନ ଶୁଣିବାରୁ ବାଧ୍ୟ ହୋଇ ଶନିବାର ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରଙ୍କୁ ଧରି ଧାରଣାରେ ବସି ରହିଥିଲେ। ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ କହିଛନ୍ତି। ଏହି ଖବର ପାଇ ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ତୁରନ୍ତ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫୁଲବାଣୀ ବିଇଓ ରଞ୍ଜନ କହଁର ପହଞ୍ଚି ଗ୍ରାମବାସୀ ଓ ଅଭିଭାବକଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସ୍କୁଲ ଫାଟକରୁ ତାଲା ଖୋଲିଥିଲା।

## ସିଆରପି-ସିଏମ୍ ସଂଘର ଦାବିପତ୍ର ପ୍ରଦାନ

ଛତ୍ରପୁର,୧୯।୭ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):

ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ସିଆରପି-ସିଏମ କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ସୁଚାରୁରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରି ଆସୁଛନ୍ତି। ସେମାନେ ମାସକୁ ୬ ହଜାର ୧ଶହ ଟଙ୍କା ପାଉଥିଲେ। ବର୍ତ୍ତମାନ ସିଆରପି-ସିଏମମାନଙ୍କୁ ମାସିକ ଦରମା ପ୍ରଦାନ ବାବଦରେ କାର୍ଯ୍ୟ ଅନୁଯାୟୀ ଇନସେନଟିଭ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ କରାଯିବା ପାଇଁ ମିଶନ ଶକ୍ତି ବିଭାଗ ତରଫରୁ ଚିଠି କରାଯାଇଛି। ଏଥିପାଇଁ ସିଆରପି-ସିଏମମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭାରତୀୟ ମଜୁଦର ସଂଘ ଦ୍ୱାରା ପରିଚାଳିତ ସିଆରପି ସିଏମ ଆସୋସିଏସନ ତରଫରୁ ୪ ଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ସିଆରପି ସିଏମମାନଙ୍କ ପାଇଁ ଇନସେନଟିଭକୁ ବନ୍ଦ କରାଯାଇ ମାସିକ ବେତନ ୧୦ ହଜାର ଟଙ୍କା ପ୍ରଦାନ କରିବା, ଅନଲାଇନ କାର୍ଯ୍ୟ ପାଇଁ ଟାବଲେଟ ପ୍ରଦାନ, ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଆକାଉଣ୍ଟରେ ପ୍ରଦାନ, ସାମାଜିକ ସୁରକ୍ଷା ପ୍ରଦାନ ଦାବି ଉଲ୍ଲେଖ କରାଯାଇଛି।

## ନଦୀ ପାର୍ଶ୍ୱ ପଥର ବନ୍ଧ ନିର୍ମାଣରେ ତ୍ରୁଟି ଅଭିଯୋଗ

### ପମ୍ପହାଉସ୍ ପଛ ପାର୍ଶ୍ୱ ପଥର ପ୍ୟାକିଂ ନ କରି ଛାଡ଼ି ଦେଇଛି ବିଭାଗ


ପଥର ପ୍ୟାକିଂ ହୋଇ ନ ଥିବାରୁ ବିପଦସଙ୍କୁଳ ସ୍ଥିତିରେ ଥିବା ପମ୍ପହାଉସ।

ପାରଳାଖେମୁଣ୍ଡି,୧୯।୭(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ବାପୁଜିପେଣ୍ଠଠାରୁ ଶରଧାପୁର ମଧ୍ୟରେ ପ୍ରବାହିତ ହେଉଥିବା ମହେନ୍ଦ୍ରତନୟା ନଦୀର ଦୁଇ ପାର୍ଶ୍ୱରେ ୪ ମାସ ହେଲା ପଥରବନ୍ଧ କାମ ଚାଲୁ ରହିଛି। ଏହି ନଦୀ ତଟରେ ଉଠାଜଳସେଚନ ବିଭାଗ ଦ୍ୱାରା ଚାଷଜମିକୁ ଜଳସେଚନ ପାଇଁ ପମ୍ପହାଉସ ରହିଛି। ହେଲେ ନଦୀ ତଟରେ ଥିବା ପମ୍ପହାଉସଗୁଡ଼ିକର ପଛ ପାର୍ଶ୍ୱେ ପଥର ପ୍ୟାକିଂ ନ କରି ଛାଡି ଦେଇଥିବାରୁ ତାହା ବିପଦସଙ୍କୁଳ ଅବସ୍ଥାରେ ଅଛି। କୌଣସି ସମୟରେ ପମ୍ପଗୃହଟି ଭୁଶୁଡ଼ି ପଡିବାର ଆଶଙ୍କା ଦେଖା ଦେଇଛି। ଏନେଇ ବାପୁଜୀପେଣ୍ଠ ଅଞ୍ଚଳର ଚାଷୀ ପଥରବନ୍ଧ ନିର୍ମାଣ କରୁଥିବା ଠିକାଦାରଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପମ୍ପହାଉସ ନମ୍ବର ୩ ଓ ୫ର ପଛପାର୍ଶ୍ୱରେ ପଥର ପ୍ୟାକିଂ ନ ହେଲେ କୌଣସି ସମୟରେ ଏହା ଭୁଶୁଡି ପଡିବ। ଏ ନେଇ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ମୋହିତ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଲେ, ଚାଷୀମାନେ ଅଭିଯୋଗ କରିବା ପରେ ସେ ପମ୍ପହାଉସ ଓ ନଦୀତଟ ବୁଲି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଦୁଇ ଦିନ ମଧ୍ୟରେ ପମ୍ପହାଉସ ପଛପାର୍ଶ୍ୱରେ ପଥର ପ୍ୟାକିଂ ନିର୍ମାଣ କାମ ଆରମ୍ଭ ହେବ, ଯାହାଦ୍ୱାରା ପମ୍ପହାଉସଗୁଡ଼ିକ ସୁରକ୍ଷିତ ରହିବ ବୋଲି ସେ ପ୍ରକାଶ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

ରମ୍ଭା,୧୯।୭(ବନବାସୀ ସେଠୀ)

ଓଡ଼ିଶା ଜଙ୍ଗଲ ପରିବେଶ ଓ ଜଳବାୟୁ ବିଭାଗ ଗଞ୍ଜାମ ପକ୍ଷରୁ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରାଙ୍କୁ ଚଳିତବର୍ଷର ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ୧୦ହଜାର ଟଙ୍କା, ମାନପତ୍ର ସହ ଉପଢୌକନ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରକୃତି ସୁରକ୍ଷା, ବୃକ୍ଷରୋପଣ ସହ ବିଦ୍ୟାଳୟରେ ସବୁଜ ପରିବେଶ ସୃଷ୍ଟି କରି ଅଞ୍ଚଳବାସୀଙ୍କୁ ଏ ଦିଗରେ ସଚେତନ କରିବାରେ ତାଙ୍କ ଭୂମିକା ପାଇଁ ତାଙ୍କୁ ସମ୍ମାନ ମିଳିଛି। ଛତ୍ରପୁର ସିନ୍ଦୁରାପଲୀ ନିକଟସ୍ଥ ନଗର ବନଠାରେ ହୋଇଥିବା ଜିଲାସ୍ତରୀୟ ଉତ୍ସବରେ ଜିଲା ଆରସିସିଏଫ୍ ଡ. ବିଶ୍ୱନାଥ ନିଲନାଭର୍ (ଆଇଏଫ୍‌ଏସ୍), ଏସ୍‌ପି ଶୁଭେନ୍ଦୁ ପାତ୍ର, ଡିଏଫ୍‌ଓ ସୁନେ ଖୋଖର, ଘୁମୁସର ସାଉଥ୍ ଡିଭିଜନ ଡିଏଫ୍‌ଓ, ବିପାସା ପାରୁଲ, ଉପଜିଲାପାଳ ଦିନା ଦସ୍ତାଗିର୍, ଘୁମୁସର ନର୍ଥ ଡିଭିଜନ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଉପସ୍ଥିତ ଥିଲେ। ଖଣ୍ଡଦେଉଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ. ଶଙ୍କର ନାରାୟଣ ବେଜ ସଂଯୋଜନା କରିଥିଲେ।

## ଖରିଫ ଜଳସେଚନ ପରିଚାଳନା ନେଇ ଅଧିବେଶନ

**ବାଘୁଆ ଜଳସେଚନ ପ୍ରକଳ୍ପ**

ବୁଗୁଡ଼ା,୧୯।୭(କାଳିଚରଣ ଦାଶ)- ବାଘୁଆ ଜଳସେଚନ ପ୍ରକଳ୍ପର ଖରିଫ ଜଳସେଚନ ପରିଚାଳନା ନିମନ୍ତେ ଏକ ସାଧାରଣ ଅଧିବେଶନ ଶନିବାର ବୁଗୁଡ଼ା ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳ ସଭାପତିତ୍ୱ କରିଥିଲେ। ସେ ଅଧିବେଶନ ସମ୍ପର୍କରେ ସୂଚନା ଦେଇ ଆଗାମୀ ଖରିଫ ଋତୁରେ ପର୍ଯ୍ୟାୟକ୍ରମେ ଜଳର ସୁଷମ ବଣ୍ଟନ ନେଇ ଆଲୋଚନା କରିଥିଲେ। ବର୍ତ୍ତମାନ ଜଳଭଣ୍ଡାରରେ ଶତକଡା ୧୫.୮୭ ମିଟର ଅର୍ଥାତ୍ ୪୯୨.୦୯ ହେକ୍ଟର ମିଟର ଜଳ ଗଚ୍ଛିତ ଥିବାରୁ ଚିନ୍ତା ପ୍ରକଟ କରିଥିଲେ। ଉପସ୍ଥିତ ଚାଷୀଙ୍କୁ ଜଳସେଚନ ପରିଚାଳନା ସକାଶେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବାଘୁଆ ଜଳଭଣ୍ଡାରରେ ଗଚ୍ଛିତ ଜଳର ସ୍ଥିତିକୁ ଲକ୍ଷ୍ୟ ରଖି ଆସନ୍ତା ୩୦ ତାରିଖଠାରୁ ଉଭୟ ବାମ ଓ ଡାହାଣ କେନାଲ ଦ୍ୱାରା ଜଳସେଚନ ପାଇଁ ନିଷ୍ପତ୍ତି ହୋଇଥିଲା। ଅଧିବେଶନରେ ପୋଲସରା ଓ ବୁଗୁଡ଼ାର କୃଷି ବିଭାଗ ଅଧିକାରୀ ଯୋଗଦେଇ ଧାନ ଚଳିର ଯତ୍ନ ଓ ରୋଗ, ପୋକ ପରିଚାଳନା ଉପରେ ଆଲୋକପାତ କରିଥିଲେ। ସହକାରୀ ଯନ୍ତ୍ରୀ କେଶବ ଖଟାଇ ସ୍ୱାଗତ ସୂଚନା ଦେଇଥିଲେ। ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ ସହଯୋଗ କରିଥିଲେ। ସହକାରୀ ଯନ୍ତ୍ରୀ ବିଶ୍ୱଜୀବନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅଧିବେଶନରେ ଟିନିଶିଳ୍ପ ଅଧିକାରୀ, କୃଷି ଅଧିକାରୀଙ୍କ ସମେତ ବିଭିନ୍ନ ପାଣି ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ।

## ମୋହନା ପଞ୍ଚାୟତ ସମିତି ବୈଠକ

ମୋହନା, ୧୯।୭(ମନ୍ମଥ ମିଶ୍ର) ମୋହନା ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷ ରଞ୍ଜିବ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ମୋହନାରେ ପାନୀୟ ଜଳ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏନେଇ ଚାଲିଥିବା ମେଗା ପ୍ରକଳ୍ପ କାମ ଧିମେଇ ଚାଲିଥିବା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଅବ୍ୟବସ୍ଥାର ସମାଧାନ ପାଇଁ ଉପସ୍ଥିତ ଜନପ୍ରତିନିଧିମାନେ ଆଲୋଚନା ବେଳେ ଦାବି କରିଥିଲେ। ବୈଠକରେ ବିଡିଓ ରାଜୀବ ଦାସ, ବ୍ଲକ ଉପାଧ୍ୟକ୍ଷା ବାଲ୍ମୀନା ଅଧିକାରୀ, ଏମ୍‌ପି ପ୍ରତିନିଧି ଜିତେନ୍ଦ୍ର ବେହେରା,ଏବିଡିଓ ରମାକାନ୍ତ ଚୌଧୁରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ନାରାୟଣ ପାଢ଼ୀ ଓ ଜିପିଡିଓ ଦୀପକ ପ୍ରଧାନ ଉପସ୍ଥିତ ଥିଲେ। ପରେ ମୋହନା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମିତ ହୋଇଥିବା ସୁଭଦ୍ରା ଶକ୍ତି କାଫେକୁ ବିଧାୟକ ଉଦ୍‌ଘାଟନ କରିଥିଲେ।

## ୬ ଛାତ୍ରୀଛାତ୍ର ଅସୁସ୍ଥ ଘଟଣା:ଟିକା ନୁହେଁ,ଭୁତାଣୁ ଜନିତ ଜ୍ୱର

ଦାରିଙ୍ଗବାଡ଼ି,୧୯।୭ (ଅରୁଣ ସାହୁ) ଦାରିଙ୍ଗବାଡି ବ୍ଲକ୍ କିରିକୁଟି ପଞ୍ଚାୟତ ପାଟାଙ୍ଗି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ୬ଜଣ ଛାତ୍ରୀଛାତ୍ର ଅସୁସ୍ଥ ଘଟଣାରେ ରାଜ୍ୟ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅନୁସାରେ ଜିଲା ଅତିରିକ୍ତ ସ୍ୱାସ୍ଥ୍ୟାଧିକାରୀ ପ୍ରସନ୍ନ ତ୍ରିପାଠୀ ତଦନ୍ତ କରିବାକୁ ପାଟାଙ୍ଗି ବିଦ୍ୟାଳୟ ସମେତ ସିମନବାଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିଥିଲେ। ସେ ବିଦ୍ୟାଳୟରେ ଅସୁସ୍ଥ ଥିବା ଛାତ୍ରୀଛାତ୍ରଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ସେମାନଙ୍କ ଭୂତାଣୁଜନିତ ଜ୍ୱର, ଥଣ୍ଡା, କାଶ, ବ୍ୟଥା ଆଦି ରହିଥିବା ସେ କହିଛନ୍ତି। ଟିକା ଯୋଗୁ କୌଣସି ସମସ୍ୟା ହୋଇନାହିଁ। ଛାତ୍ରୀଛାତ୍ରଙ୍କ ମ୍ୟାଲେରିଆ ମଧ୍ୟ ପରୀକ୍ଷା କରାଯାଇଥିଲା। ସେଭଳି କିଛି ସମସ୍ୟା ନାହିଁ ବୋଲି ତ୍ରିପାଠୀ କହିଛନ୍ତି।

# ମିଥ୍ୟା ଆରୋପ କରି ଆଣୁଛନ୍ତି ଅନାସ୍ଥା

**ସରପଞ୍ଚ ସଂଘର ଦାବିପତ୍ର ପ୍ରଦାନ**

ପୋଲସରା/ଛତ୍ରପୁର,୧୯।୭(ସୁବ୍ରତ ବେହେରା/ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଗଞ୍ଜାମ ଜିଲାରେ ସରପଞ୍ଚଙ୍କ ବିଭିନ୍ନ ସମସ୍ୟା ନେଇ ଜିଲା ସଂଘ ପକ୍ଷରୁ ଛତ୍ରପୁର ଉପଜିଲାପାଳ ଏବଂ ଗଞ୍ଜାମ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ସରକାର ପରିବର୍ତ୍ତନ ପରେ ବିଭିନ୍ନ ସ୍ଥାନରେ ୱାର୍ଡ ମେମ୍ବରମାନେ ମିଥ୍ୟା ଆରୋପ ଲଗାଇ ରାଜନୈତିକ ଉଦ୍ଦେଶ୍ୟରେ ଅନାସ୍ଥା ପ୍ରସ୍ତାବ ଆଣି ସରପଞ୍ଚମାନଙ୍କୁ ହଇରାଣ କରୁଛନ୍ତି । ପୋଲସରା ବ୍ଲକ ବାଲିଛାଇ ପଞ୍ଚାୟତର ସରପଞ୍ଚ ସିଲୁ ବେହେରାଙ୍କୁ ତାଙ୍କର ଉତ୍ତମ କାର୍ଯ୍ୟ ପାଇଁ ଜିଲା ପ୍ରଶାସନ ତରଫରୁ ଜୁନ ୧୬ ତାରିଖରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁର୍ଭାଗ୍ୟର ବିଷୟ ତାଙ୍କ


ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ୱାର୍ଡ ମେମ୍ବରମାନେ ଜୁଲାଇ ୧୧ରେ ଅନାସ୍ଥା କରାଇଥିଲେ। ଯଦି ଏପରି ଭାବରେ ଉଦ୍ଦେଶ୍ୟ ପ୍ରଣୋଦିତ ଅଭିଯୋଗ ଆସେ ତାହେଲେ ଉପଯୁକ୍ତ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରପଞ୍ଚମାନେ ଜନସାଧାରଣଙ୍କ ଦ୍ୱାରା ସିଧାସଳଖ ନିର୍ବାଚିତ ହୋଇଥିବା ସ୍ଥଳେ ସେମାନଙ୍କ ବିରୋଧରେ ମିଥ୍ୟା ଆରୋପ ଲଗାଇବା ଦୁର୍ଭାଗ୍ୟଜନକ ବୋଲି ଜିଲା ସଭାପତି ମନୋରଞ୍ଜନ ଗୌଡ କହିଛନ୍ତି। ୱାର୍ଡମେମ୍ବର ମାସିକ ବୈଠକରେ ଲଗାତାର ୩ଟିରେ ଅନୁପସ୍ଥିତ ଥିଲେ ସଭ୍ୟପଦ ରଦ୍ଦ ହୁଏ। ଅନାସ୍ଥା ଆଣିବା ପୂର୍ବରୁ ଏହାକୁ ଠିକ ଭାବେ ପାଳନ କରାଯାଇଛି ନା ନାହିଁ ତର୍ଜମା କରାଯାଉ। ବାଲିଛାଇ ସରପଞ୍ଚଙ୍କ ଅନାସ୍ଥା କ୍ଷେତ୍ରରେ ଏହା ପାଳନ ହୋଇଛି କି ନାହିଁ ତଦନ୍ତ ହେଉ ବୋଲି ଦାବି କରି ନ୍ୟାୟ ପ୍ରଦାନ କରାଯାଉ ବୋଲି ଗଞ୍ଜାମ ଜିଲା ସରପଞ୍ଚ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଗଞ୍ଜାମ ଜିଲା ସରପଞ୍ଚ ସଂଘ ପକ୍ଷରୁ ପୋଲସରା ମାତୃଶକ୍ତି କଲ୍ୟାଣ ମଣ୍ଡପଠାରେ ଏ ନେଇ ଖବରଦାତା ସମ୍ମିଳନୀ କରାଯାଇଥିଲା। ସେଥିରେ ଜିଲା ସଭାପତି ଗୌଡ, ଉପ ସଭାପତି କୃଷ୍ଣ ଚନ୍ଦ୍ର ବୌଳା, ଉପଦେଷ୍ଟା ନୀଳାଚଳ ସାହୁ, ଆଇନ ପରାମର୍ଶଦାତା ସୁଶାନ୍ତ ସାହୁ, ସରପଞ୍ଚ ମନୋଜ ପ୍ରଧାନ, ସୁସିତ ସାହୁ, କାର୍ତ୍ତିକ ଜେନା, ଉତ୍କଳ ପ୍ରଧାନ, ଜିତୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଢଉଗା-ଶେରଗଡ଼ ଜାତୀୟ ରାଜପଥ କାର୍ଯ୍ୟ ଅଧାପନ୍ତରିଆ

ଶେରଗଡ଼,୧୯।୭ (ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ଦେଇ ଯାଇଥିବା ୩୫୬ ନଂ. ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚିନୁର ପର୍ଯ୍ୟନ୍ତ କରାଯିବାକୁ ନିଷ୍ପତ୍ତି ପରେ ଏମ୍‌ଏସ୍‌ଆଇଏଲ୍ ଦ୍ୱାରା ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଦାୟିତ୍ୱ ନେଇଥିବା ସଂସ୍ଥା ଏବେ ଢଉଗାଠାରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରୁଛି। ଉକ୍ତ ରାସ୍ତା ଢଉଗାଠାରୁ ବାହାଡଗୁଡା, ନୂଆପଲ୍ଲି, ଖମାର, ପାତ୍ରପୁର, ନୂଆଗାଁ, ଦଶମୁଣ୍ଡଳି, ଢ଼ିଙ୍କିଶାଳ, ଆମୁଆଡ଼ି, ପଦ୍ମପୁର, ପଞ୍ଚୁଆଣି, ସାଗରପଲ୍ଲୀ ଗ୍ରାମ ଛକ ଦେଇ ଶେରଗଡ଼ରେ ପହଞ୍ଚିବ। ତେବେ ଦାୟିତ୍ୱ ନେଇଥିବା ସଂସ୍ଥା ନିର୍ମାଣରେ ଅହେତୁକ ବିଳମ୍ବ କରୁଥିବାରୁ ଯାତାୟାତରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣକାରୀ ସଂସ୍ଥା ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ପକାଇ ବିଳମ୍ବ କରୁଛି। ସଂସ୍ଥାର କର୍ମଚାରୀ କିମ୍ବା ଅଧିକାରୀଙ୍କୁ ଜଣାଇଲେ ସେ କିଛି ଶୁଣୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥ ବିଭାଗର କାର୍ଯ୍ୟାଳୟ ପାରଳାଖେମୁଣ୍ଡିରେ ଥିବା ବେଳେ ରାସ୍ତା ନିର୍ମାଣ ସମୟରେ କେହି କର୍ମଚାରୀ ରହୁନାହାନ୍ତି। ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ନିର୍ମାଣ ଠିକ ସମୟରେ ସାରିବାକୁ ସାଧାରଣରେ ଦାବି ହେଉଛି।

## ମତ୍ସ୍ୟଜୀବୀଙ୍କୁ ଜୀବନ ରକ୍ଷାକାରୀ ଉପକରଣ ବଣ୍ଟନ

ଛତ୍ରପୁର,୧୯।୭ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁର ନିକଟ ଟାକିରିଆ ବ୍ରହ୍ମପୁରଠାରେ ଶନିବାର ମତ୍ସ୍ୟ ନିର୍ଦ୍ଦେଶାଳୟ ଓଡ଼ିଶା ଏବଂ ସିଫ ନେଟଙ୍କ ମିଳିତ ଆନୁକୂଲ୍ୟରେ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ନିମନ୍ତେ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ୩ ଦିନିଆ ଏହି ଶିବିରରେ ମତ୍ସ୍ୟଜୀବୀଙ୍କୁ ମାଛଧରା ପୋତ ପରିଚାଳନା ନିମନ୍ତେ ବ୍ୟବହୃତ ଯୋଗାଯୋଗ ଓ ନୌଚାଳନା ଉପକରଣ ଆଦି ଦକ୍ଷତା ପ୍ରଶିକ୍ଷଣ ଦିଆଯାଇଛି। ସିଫ ନେଟ ବିଶାଖାପାଟଣାରୁ ଆସିଥିବା ଟେକ୍ନିସିଆନମାନେ ବୈଜ୍ଞାନିକ ପ୍ରଣାଳୀରେ ମାଛଧରିବା ନିମନ୍ତେ ବିଭିନ୍ନ ଉପକରଣର ବ୍ୟବହାର ଓ ଏହାର ସୁଫଳ ଉପରେ ପ୍ରୟାଗୀଠାରୁ ପାତି ସୁନାପୁର ପର୍ଯ୍ୟନ୍ତ ଭାଗ ନେଇଥିବା ସମସ୍ତ ମତ୍ସ୍ୟଜୀବୀଙ୍କୁ ଅବଗତ କରାଇଥିଲେ।


ମତ୍ସ୍ୟଜୀବୀଙ୍କୁ ବିଧାୟକ ଲାଇଫ ଜ୍ୟାକେଟ ପ୍ରଦାନ କରୁଛନ୍ତି।

ଶେଷଦିନରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଶିବିରରେ ଯୋଗଦେଇଥିବା ମତ୍ସ୍ୟଜୀବୀଙ୍କୁ ଜୀବନ ରକ୍ଷାକାରୀ ଉପକରଣ ଲାଇଫ ବୟ ଓ ଲାଇଫ ଜ୍ୟାକେଟ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଉପ ମତ୍ସ୍ୟନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଗଞ୍ଜାମ ଜିଲା ମତ୍ସ୍ୟ ଅଧିକାରୀ ବିବି ଜେ ସାହୁ ଯୋଗ ଦେଇଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ(ସାମୁଦ୍ରିକ) ସୁବ୍ରତ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ପୂଜା ରାଣୀ ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ କୁଞ୍ଜ ବିହାରୀ ଦାଶ, ସହକାରୀ ମତ୍ସ୍ୟ ଅଧିକାରୀ, ସୋନାପୁର, ବିଶ୍ୱଭୂଷଣ ଜେନା,ସହକାରୀ ମତ୍ସ୍ୟ ଅଧିକାରୀ,ଗଞ୍ଜାମ ଓ ଜେଏଫଟିଏ ଗୀତାରାଣୀ ନାୟକଙ୍କ ସମେତ ସାଗର ମିତ୍ରମାନେ ଉପସ୍ଥିତ ଥିଲେ।

## ଜନଜାତିଙ୍କ ଜୀବନଶୈଳୀ ଦେଖିବେ ପର୍ଯ୍ୟଟକ

■ପର୍ଯ୍ୟଟନ ବିଭାଗର ଏକ୍ସପର୍ଟଙ୍କ ଦ୍ୱାରା ମିଳିତ ସର୍ଭେ ଆରମ୍ଭ
■ଗାଁ ଭିତରେ ହେବ ହୋମ ଷ୍ଟେ ବ୍ୟବସ୍ଥା

ଦାରିଙ୍ଗବାଡ଼ି,୧୯।୭ (ଅରୁଣ ସାହୁ): କନ୍ଧମାଳ ଜିଲାର ପର୍ଯ୍ୟଟନକ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଆଉ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି। କନ୍ଧମାଳ ଜିଲାରେ ଆଦିବାସୀଙ୍କ ଚଳଣି, ପାରମ୍ପରିକଖାଦ୍ୟ, ନାଚ, ବାଦ୍ୟଯନ୍ତ୍ର, ପୂଜାପାର୍ବଣ, ଅଳଙ୍କାର ଧାରଣ, ଚାଷ ବିଷୟରେ ଜାଣିବାକୁ ସମସ୍ତଙ୍କର ଆଗ୍ରହ ରହିଛି। ତେଣୁ ଏସବୁ ଜାଣିବା ଓ ଗାଁଗାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ରୋଜଗାର ବୃଦ୍ଧି ସହ ସ୍ୱାବଲମ୍ବୀ କରାଯିବା ପାଇଁ ସରକାର ଯୋଜନା କରୁଛନ୍ତି। ଏହାସହ ଜନଜାତିଙ୍କ ବସ୍ତିରେ ଖାଲି ପଡ଼ିଥିବା ଜମିରେ ହୋମଷ୍ଟେର ବ୍ୟବସ୍ଥା କରିବା ପାଇଁ ଜନଜାତି ଉନ୍ନୟନ ସଂସ୍ଥା ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ଏକ୍ସପର୍ଟଙ୍କ ଦ୍ୱାରା ସର୍ଭେ କରାଯାଉଛି। ତୁମୁଡିବନ୍ଧ ବ୍ଲକ୍ ବେଲଘର ପର୍ଯ୍ୟଟନକ୍ଷେତ୍ରର ଦେଓଗଡ଼ଠାରେ ହୋମଷ୍ଟେ କରାଯିବାକୁ


ସର୍ଭେ ଟିମ୍ ଅନୁଧ୍ୟାନ କରୁଛନ୍ତି।

ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଶନିବାର ସର୍ଭେ ଦଳ ଦାରିଙ୍ଗବାଡି ବ୍ଲକ୍‌ର ଗ୍ରୀନବାଡି ପଞ୍ଚାୟତ ସମେତ ସିଆଙ୍ଗବାଲିର କିସୁବାଡ଼ି ଦାସିଙ୍ଗବାଡି ପଞ୍ଚାୟତର ମିଡ଼ିୟୁବାନ୍ଧା ଜଳପ୍ରପାତ, ଦାରିଙ୍ଗବାଡି ପଞ୍ଚାୟତର ହିଲଭିୟୁ ପାର୍କ ନିକଟ ହାତୀମୁଣ୍ଡା ପଞ୍ଚାୟତ ପୀଡିକାରିପି ଆଦି ଅଞ୍ଚଳରେ ସର୍ଭେ କରୁଛନ୍ତି। ଏନେଇ ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା କହିଛନ୍ତି ଯେ ଏହା ସରକାରଙ୍କ ଧରଣୀ ଆବା ଜନଜାତୀୟ ଗ୍ରାମୀଣ ଉତ୍କର୍ଷ ଅଭିଯାନ। ଭାରତ ଦର୍ଶନ ଚିନ୍ତାକଳ୍ପରେ ପର୍ଯ୍ୟଟନକ୍ଷେତ୍ରର ବିକାଶ ଯୋଜନାରେ ଏହା କରାଯିବ। ଗାଁ ମଝିରେ ହୋମଷ୍ଟେ କରାଗଲେ ଗାଁର ବାସ୍ନାକୁ ପର୍ଯ୍ୟଟକ ଅନୁଭବ କରିବେ। ପର୍ଯ୍ୟଟକ ମାନେ ଦାରିଙ୍ଗବାଡି ବୁଲିବାକୁ ଆସି ଦିନରେ ଆସି ଦିନରେ ଫେରିଯାଇଥାନ୍ତି। ଯଦି ସେମାନଙ୍କ ପାଇଁ ଗାଁରେ ହୋମଷ୍ଟେ ବ୍ୟବସ୍ଥା ହେବ ତେବେ ସେମାନେ ରାତ୍ରିଯାପନ କରିବା ସହ ଗାଁ ବିଷୟରେ ଜାଣିପାରିବେ। ଗାଁର ବୃଦ୍ଧ ମାନଙ୍କଠାରୁ ପୁରୁଣା ସ୍ମୃତି କାହାଣୀ ଭଳି ଶୁଣି ପାରିବେ। ପର୍ଯ୍ୟଟକଙ୍କ ସୁବିଧା ପାଇଁ ହୋମଷ୍ଟେରେ ମୌଳିକ ବ୍ୟବସ୍ଥା ରହିବା ସହ ସମ୍ପୂର୍ଣ୍ଣ ଗାଁ ଭଳି ହୋମଷ୍ଟେଟି ପର୍ଯ୍ୟଟକଙ୍କୁ ଅନୁଭୂତି ହୋଇପାରିବ। ସର୍ଭେ ଦଳରେ ବାଲିଗୁଡା ଆଇଟିଡିଏର ପ୍ରକଳ୍ପ ପ୍ରଶାସକଙ୍କ ସହ ଭୁବନେଶ୍ୱରର ପର୍ଯ୍ୟଟନ ବିଭାଗର ଏକ୍ସପର୍ଟ ଶ୍ରଦ୍ଧା ହୋତାଙ୍କ ସମେତ ଅନ୍ୟମାନେ ସାମିଲ ରହିଛନ୍ତି।

# ଅସୁରକ୍ଷିତ ସେତୁ, ହାଲୁକା ପଦକ୍ଷେପ

■ କେନ୍ଦ୍ରାପଡା ସର୍କଲର ଚିଫ୍ କନ୍‌ଷ୍ଟ୍ରକ୍ସନ ଇଞ୍ଜିନିୟରଙ୍କ ଉଦ୍‌ବେଗ
■ ଅବମାନନା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଚେତାବନୀ

**ଯାଜପୁର,୧୯।୭ (ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟର ବିଭିନ୍ନ ସ୍ଥାନରେ ସେତୁ ଦବିଯିବା କିମ୍ବା ଭୁଶୁଡି ଧନଜୀବନ ହାନି ହେବା ଭଳି ଅନେକ ଉଦାହରଣ ରହିଛି। ଏହିକ୍ରମରେ ରାଜ୍ୟ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଦୁର୍ବଳ ସେତୁଗୁଡ଼ିକୁ ଚିହ୍ନଟ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହିତ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବାକୁ ନିର୍ଦ୍ଦେଶ ହେଉଛି। ଏହିକ୍ରମରେ ଯାଜପୁର ବ୍ଲକ ପିଡକ୍ଲୁଡି ରାସ୍ତାଠାରୁ ପଣସା ପଞ୍ଚାୟତକୁ ସଂଯୋଗ କରୁଥିବା କୁଶି ନାଳ ସେତୁର ମାନ ଉପରେ ତଦନ୍ତ କରିବାକୁ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ର ନିର୍ବାହୀ ଯନ୍ତ୍ରୀଙ୍କୁ ୧୮।୩।୨୦୨୫ରେ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀ ଏହି ନିର୍ଦ୍ଦେଶ ଉପରେ ତୁରନ୍ତ ପଦକ୍ଷେପ ନ ନେଇ ଅବମାନନା କରିଥିବା କେନ୍ଦ୍ରାପଡ଼ା-ଯାଜପୁର ଗ୍ରାମ୍ୟ ନିର୍ମାଣ ସର୍କଲ୍‌ର ଚିଫ୍ କନ୍‌ଷ୍ଟ୍ରକ୍ସନ ଇଞ୍ଜିନିୟର(ସିସିଇ) ଉଦ୍‌ବେଗ ପ୍ରକାଶ କରିଛନ୍ତି। 'ଆପଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ହାଲୁକା ଭାବରେ ଗ୍ରହଣ କରୁଛନ୍ତି ଏବଂ ସେତୁର ସଂଶୋଧନ ପାଇଁ ତୁରନ୍ତ ପଦକ୍ଷେପ ନେଇନାହାନ୍ତି' ବୋଲି ସିସିଇ ୧୭।୭।୨୦୨୫ରେ ନିର୍ବାହୀ ଯନ୍ତ୍ରୀଙ୍କୁ ଚେତାବନୀ ଦେଇଛନ୍ତି। ଏଭଳି ଖାମଖିଆଲ ମନୋଭାବ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ହୋଇପାରେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

ନିର୍ବାହୀ ଯନ୍ତ୍ରୀ କୁଶି ସେତୁ ଉପରେ କୌଣସି ପଦକ୍ଷେପ ନ ନେବା ପରେ ନିଜେ ସିସିଇ ୧୬।୭।୨୦୨୫ରେ ସେତୁ ସ୍ଥାନର ଯାଞ୍ଚ କରିଥିଲେ। ସେତୁଟି ଅତ୍ୟନ୍ତ ଅସୁରକ୍ଷିତ ରହିଥିବା ସେ ତଦନ୍ତରେ ଅନୁଭବ କରିଥିଲେ। ତେଣୁ ସେତୁ ଉପରେ ଏବଂ ତଳେ ଯାନବାହନ, ପଦଯାତ୍ରୀ, ଗୋରୁଗାଈ ଚଳାଚଳ ସମେତ ସମସ୍ତ ପ୍ରକାରର ଯାତାୟାତକୁ ବନ୍ଦ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଏହାବାଦ୍ ତଦନ୍ତ ରିପୋର୍ଟରେ ସେ ଦର୍ଶାଇଛନ୍ତି ଯେ, ସେତୁ ରାସ୍ତାରେ ସମସ୍ତ ପ୍ରକାରର ଗତିବିଧିକୁ ବନ୍ଦ କରିବା ପାଇଁ ଯାଜପୁର ଜିଲାପାଳ ଏବଂ ଏସପିଙ୍କୁ ତୁରନ୍ତ ଅନୁରୋଧ କରାଯିବା ଉଚିତ। ଯାନବାହନ ଏବଂ ପଦଚାରୀଙ୍କ ପାଇଁ ସେତୁ ସମ୍ପର୍କରେ ସତର୍କତାମୂଳକ ସୂଚନା ଫଳକ ସର୍ବନିମ୍ନ ଦୁଇଟି ସ୍ଥାନରେ ଅର୍ଥାତ୍ ସେତୁ ପୂର୍ବରୁ ୫୦ ମିଟର ଏବଂ ଉଭୟ ପାର୍ଶ୍ୱରୁ ସେତୁ ନିକଟରେ ସ୍ଥାନିତ କରାଯିବା ଉଚିତ। ଏହି ମାମଲାରେ ଯେକୌଣସି ଅବହେଳାକୁ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ଉପରୋକ୍ତ ନିର୍ଦ୍ଦେଶାବଳୀ ଅବମାନନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିସିଇ ଚେତାବନୀ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, କୁଶି ସେତୁ ଦୁର୍ବଳ ହୋଇଥିବା ନେଇ ଚଇନିପୁର ସରପଞ୍ଚ, ଜିଲା ପରିଷଦ ସଭ୍ୟଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିବା ପରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ତଦନ୍ତ କରିଥିଲେ। ତଦନ୍ତରେ ସେତୁଟି ୯ ବର୍ଷର ପୁରୁଣା ହୋଇଥିବାବେଳେ ଆଲାଏନ୍‌ମେଣ୍ଟ ସ୍ତରର ଦୂରତା ପ୍ରାୟ ୧ ମିଟର ହୋଇଛି। ରାତି ସମୟରେ ସେତୁ ନିକଟରୁ ନିୟମିତ ଭାବେ ବାଲି ଉତ୍ତୋଳନ ହେଉଥିବାରୁ ଅର୍ଡିନାରି ଗ୍ରାଉଣ୍ଡ ଲେଭଲ(ଓଜିଏଲ୍) କ୍ରମଶଃ ତଳକୁ ଖସୁଛି। ଫଳରେ ସେତୁର ଭିତ୍ତିଭୂମି(ଫାଉଣ୍ଡେଶନ) ଦୁର୍ବଳ ହୋଇପଡ଼ିଥିବା ତଦନ୍ତରେ ଜଣାପଡ଼ିଥିଲା। ତେଣୁ ସେତୁ ନିକଟରୁ ବାଲି ଉତ୍ତୋଳନ ବନ୍ଦ କରି ତାହାକୁ ସୁରକ୍ଷା ଦେବାକୁ ଯାଜପୁର ଜିଲାପାଳଙ୍କୁ ୯।୪।୨୦୨୫ରେ ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅନୁରୋଧ କରିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ, ଏହି ଗୁରୁତର ବିଷୟକୁ ସମସ୍ତେ ଖାମଖିଆଲ ଭାବେ ଗ୍ରହଣ କରିଛନ୍ତି। ୧୧।୭।୨୦୨୫ରେ ଯାଜପୁର ବ୍ଲକ ପଣସା ପଞ୍ଚାୟତ ବେଲେଶ୍ୱର ନିକଟସ୍ଥ ବୈତରଣୀ ନଦୀ ଉପରେ ବିଜୁ ସେତୁର ୩ଟି ସ୍ଲାବରେ ପ୍ରାୟ ୧ ଫୁଟ ପର୍ଯ୍ୟନ୍ତ ଦବିଯାଇଥିବା ଦେଖି ଅଞ୍ଚଳବାସୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଦେଇଥିଲେ। ଏହାପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଅନୁସାରେ ତୁରନ୍ତ ସେତୁର ଉଭୟ ପାର୍ଶ୍ୱରେ ଯାତାୟାତ ନିଷିଦ୍ଧ ବୋଲି ଦର୍ଶାଇ ସୂଚନା ଫଳକ ଲଗାଯାଇଥିଲା। କିନ୍ତୁ କୁଶି ସେତୁକୁ ନେଇ କାହିଁକି ପ୍ରଶାସନ ଅବହେଳା ପ୍ରଦର୍ଶନ କରିଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ସେତୁ ନିକଟରୁ ବେଆଇନ ବାଲି ଉତ୍ତୋଳନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ବିଭାଗ ପକ୍ଷରୁ କାରଣ ଦର୍ଶାଯାଉଛି। ତେଣୁ ଲଘୁ ଖଣି ବିଭାଗ ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ସେତୁଗୁଡ଼ିକ ସୁରକ୍ଷିତ ରହିପାରିବ ବୋଲି ମତପ୍ରକାଶ ପାଇଛି।


ଅସୁରକ୍ଷିତ ଅବସ୍ଥାରେ ଥିବା କୁଶି ସେତୁ

# ବାଲିଚନ୍ଦ୍ରପୁର ଷ୍ଟେଟ୍ ବ୍ୟାଙ୍କର କ୍ୟାଶିୟର ଫେରାର

**ଚଣ୍ଡିଖୋଲ,୧୯।୭ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ରାହାଡ଼ପୁର କଳାପଥର ଖଣି ଲିଜ୍‌ଧାରୀ ମିର୍ଜା ଅକିବ ଅଲି ବେଗ୍‌ଙ୍କୁ ଶତାଧିକ ବ୍ୟକ୍ତି ଘେରି ଯାଇ ପ୍ରାୟ ୩ ଘଣ୍ଟା ଅଟକ ରଖି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଲିଜ୍‌ଧାରୀ ମିର୍ଜାଙ୍କ ଅଭିଯୋଗ ଆଧାରରେ ଜେନାପୁର ଥାନାରେ ୨୩୫/୧୯।୭।୨୦୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏଥିରେ ଟୁବୁଲା ଟୁବୁଲି, ସିପୁମ, ରବି ଦାସ, ଜୁଡୁକା, ବବନ, କୁନା, ବିକି ପ୍ରମୁଖ ୫୦୦ ଜଣଙ୍କ ନାମରେ ଆର୍ମ୍ସ ଆକ୍ଟ ୨୫ ସମେତ ଭାରତୀୟ ନ୍ୟାୟ ସଂହିତା ଦଫା ୧୧୫(୨), ୧୨୬(୨),୩(୫) ଲାଗୁ ହୋଇଛି। ଅଭିଯୋଗ ଅନୁସାରେ ମିର୍ଜା ତାଙ୍କ ଖଣି ରାହାଡ଼ପୁର ଅଞ୍ଚଳକୁ ଯାଇଥିବା ସମୟରେ ପ୍ରଥମେ ୨୦ରୁ ୨୫ ଜଣ ଏବଂ ପରେ ୫୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଲୋକେ ତାଙ୍କୁ ଘେରି ଯାଇଥିଲେ। ତାଙ୍କ ଛାତି ଉପରେ ଚଢ଼ି ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏହାପୂର୍ବରୁ ଅଭିଯୋଗକାରୀ ମିର୍ଜା ଜେନାପୁର ଥାନାଧିକାରୀ, ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ, ଏସ୍‌ପି ଓ ଜିଲାପାଳଙ୍କୁ ଲିଜ୍ ପାଇଥିବା ଉକ୍ତ ଖଣିରୁ କାମ କରିବାକୁ ଦିଆଯାଉ ନ ଥିବା ନେଇ ମେଲ୍ ଯୋଗେ ଦୃଷ୍ଟି ଆକର୍ଷଣ କରିଥିଲେ।

# ଖରସ୍ରୋତା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି

**ସିଂହପୁର,୧୯।୭ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ଯୁକ୍ତ ତିନି ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଭାଗର ମୁଖ୍ୟ ଅଧ୍ୟାପକ କୈଳାଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଭାରପ୍ରାପ୍ତ ଅଧ୍ୟକ୍ଷା ମମତାମୟୀ ସାମଲ, ବକ୍ତାଭାବେ ପ୍ରଧ୍ୟାପକ ଶ୍ରୀକାନ୍ତ ନାୟକ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ବିଜୟ କୁମାର ପତି, ଗଗନ ବିହାରୀ ବେହେରା ଓ ଅରୁଣ ସାମଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ବିଦ୍ୟାର୍ଥୀ ଜୀବନ ଜାପନର ମାର୍ଗ ପ୍ରଦର୍ଶନ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ସାହୁ, ସତ୍ୟ ନାରାୟନ ଗୁପ୍ତା ସଭା ଆୟୋଜନ କରିଥିଲେ। ଅଧ୍ୟାପକ ଜଳଧର ସାହୁ ଧନ୍ୟବାଦ ଦେଇଥିଲେ।

# ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଛାଡ଼ିଲା ପୋଲିସ

**ଚଣ୍ଡିଖୋଲ,୧୯।୭(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣାସ୍ଥିତ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ବଡ଼ଚଣା ପୋଲିସ ୨୪ ଘଣ୍ଟା ଅଟକ ରଖିବା ପରେ ଶୁକ୍ରବାର ରାତିରେ ଛାଡ଼ିଦେଇଛି। ଅଧ୍ୟକ୍ଷ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଗତ ମାର୍ଚ୍ଚରେ ଛାତ୍ରୀଙ୍କ ଅଭିଭାବକ ଅଭିଯୋଗ କରିଥିଲେ। ଯାଜପୁର ଏସ୍‌ପି, ଗଣଶିକ୍ଷା ବିଭାଗ ଓ ଗଣ ଶିକ୍ଷାମନ୍ତ୍ରୀଙ୍କୁ ମଧ୍ୟ ସେମାନେ ଅଭିଯୋଗ କରିଥିଲେ। ହେଲେ ସେ ସମୟରେ ପୋଲିସ କିମ୍ବା ଅନ୍ୟ କୌଣସି ବିଭାଗ କିଛି ପଦକ୍ଷେପ ନେଇ ନ ଥିଲେ। ବାଲେଶ୍ୱର ଏଫ୍‌ଏମ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁପରେ ଏହି ପୁରୁଣା ଅଭିଯୋଗକୁ ବାହାର କରି ପୋଲିସ ଅଧ୍ୟକ୍ଷଙ୍କୁ ଗୁରୁବାର ରାତିରେ ଉଠାଇ ନେଇଥିଲା। ଅଭିଯୋଗକାରୀଙ୍କୁ ପୁନର୍ବାର ଅଭିଯୋଗ କରିବାକୁ ପୋଲିସ ପକ୍ଷରୁ କୁହାଯାଇଥିଲା। ମାତ୍ର ଛାତ୍ରୀଙ୍କ ଅଭିଭାବକ ପୁର୍ନବାର ଅଭିଯୋଗ କରିବାକୁ ରାଜି ହୋଇ ନ ଥିଲେ। ତେଣୁ ପୋଲିସ ବ୍ୟକ୍ତିଗତ ମୁଚାଲିକାରେ ଶୁକ୍ରବାର ରାତିରେ ଅଧ୍ୟକ୍ଷଙ୍କୁ ଛାଡ଼ି ଦେଇଥିଲା। ଏହି ଘଟଣାର ବଡ଼ଚଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ଧର୍ମଶାଳା,୧୯।୭(ବଟକୃଷ୍ଣ ପରିଡ଼ା):**

ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଧର୍ମଶାଳା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ପାଖର ଗ୍ରାମର ଅମରେନ୍ଦ୍ର ଖିଲାର। ଅମରେନ୍ଦ୍ର ବିବାହର ପ୍ରତିଶ୍ରୁତି ଦେଇ ଏକ ବର୍ଷ ହେଲା ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ପରବର୍ତ୍ତୀ ସମୟରେ ବିବାହ ପାଇଁ ଅରାଜି ହୋଇଥିଲେ। ଏପରିକି ୧୮ ବର୍ଷ ପୁରିଲେ କୋର୍ଟ ମ୍ୟାରେଜ୍ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲୋ। ମାତ୍ର ଯୁବତୀଙ୍କୁ ୧୯ ବର୍ଷ ହୋଇଥିବା ସେ କହିଥିଲେ। ହେଲେ ଯୁବକ ଜଣକ ବିବାହ ପାଇଁ ଅରାଜି ହୋଇଥିଲେ। ଯୁବତୀ ବିବାହ ପାଇଁ ବାଧ୍ୟ କରିବାରୁ ତାଙ୍କ ଭିଡିଓ ରେକର୍ଡିଂ ଭାଇରାଲ କରିଦେବ ବୋଲି ଯବକ ଧମକଚମକ ଦେଇ ଆସୁଥିଲେ। ଏନେଇ ଯୁବତୀ ଜଣଙ୍କ ଗତ ୧ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୧୫/୨୫ରେ କେଶ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଅମରେନ୍ଦ୍ର ସେହି ଦିନରୁ ଫେରାର୍ ହୋଇଯାଇଥିଲେ। ଶୁକ୍ରବାର ରାତିରେ ଜାରକା ବଜାର ନିକଟରୁ ପୋଲିସ ତାଙ୍କୁ କାବୁ କରିଥିଲା ବୋଲି ଏସ୍‌ଆଇ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ଚତୁର୍ଥୀଦିନ ନାବାଳିକା କନ୍ୟା ଉଦ୍ଧାର

**ଯାଜପୁର ଟାଉନ,୧୯।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

**ସଚେତନତା ଅଭାବ ଯୋଗୁ ବଳି ପଡୁଛନ୍ତି ନାବାଳିକା**

ଯାଜପୁର ଜିଲାରେ ଦିନକୁ ଦିନ ବାଲ୍ୟ ବିବାହ ବଢୁଥିବା ଅଭିଯୋଗ ହୋଇଆସୁଛି। ଜିଲା ଶିଶୁ ମଙ୍ଗଳ କମିଟି ଓ ଜିଲା ଶିଶୁ ସୁରକ୍ଷା ୟୁନିଟର ତାଗିଦ ପରେ ମଧ୍ୟ ବାଲ୍ୟ ବିବାହ ଚାଲିଛି। ଏହିକ୍ରମରେ ଚତୁର୍ଥୀ ଦିନ ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଯାଜପୁର ଜିଲା କୋରେଇ ଥାନା ଅଞ୍ଚଳରେ ବିବାହ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। କୌଣସି ସୂତ୍ରରୁ ଖବର ପାଇ କେନ୍ଦୁଝର ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ, ଚାଇଲ୍ଡ ହେଲ୍‌ପ ଲାଇନର ସଦସ୍ୟ ନାବାଳିକାଙ୍କ ଘରେ ପହଞ୍ଚି ନାବାଳିକାଙ୍କ ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ନାବାଳିକାଙ୍କ ବୟସ ୧୬ ବର୍ଷ ହୋଇଥିବାରୁ ଏହି ବାଲ୍ୟ ବିବାହ ଏକ ଅପରାଧ ବୋଲି ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଥିଲା। ୧୮ ବର୍ଷ ପୂର୍ବରୁ ବାହାଘର ହୋଇପାରିବ ନାହିଁ ବୋଲି କୁହାଯାଇଥିଲା। ଯଦି ୧୮ ବର୍ଷ ପୂର୍ବରୁ ବାହାଘର ହୁଏ ତେବେ କ'ଣ ଅସୁବିଧା ହୁଏ ସେ ସମ୍ପର୍କରେ ବୁଝାଇବା ସହିତ ଏହି ବାହାଘରକୁ ବାତିଲ କରିବା ପାଇଁ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନାବାଳିକାଙ୍କ ପରିବାର ଲୋକେ ତାଙ୍କ ଝିଅଙ୍କୁ ଧାର୍ଯ୍ୟ ହୋଇଥିବା ଦିନରେ କୋରେଇ ଥାନା ଅଞ୍ଚଳର ଜଣେ ୨୦ ବର୍ଷୀୟ ପୁଅ ସହିତ ବିବାହ କରାଇଥିଲେ। ଗତ ୧୮ ତାରିଖ ଦିନ ନାବାଳିକାଙ୍କ ଶାଶୁଘର ଚତୁର୍ଥୀ ପାଇଁ ପ୍ରସ୍ତୁତି ହେଉଥିବାବେଳେ ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟ କୌଣସି ସୂତ୍ରରୁ ଖବର ପାଇ ନାବାଳିକାଙ୍କୁ ତାଙ୍କ ଶାଶୁଘରୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଇଥିଲେ। ବର୍ତ୍ତମାନ ସଂପୃକ୍ତା ନାବାଳିକା ୱାନ୍ ଷ୍ଟପ୍ ସେଂଟରରେ ରହିଛନ୍ତି। ଏହାଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଶିଶୁ ମଙ୍ଗଳ କମିଟିର ଅଧିକାରୀ ରେକ୍‌ସୋନା ଜେନା କହିବା ସହ ନାବାଳିକାଙ୍କୁ ପାଠ ପଢ଼ାଯିବ ବୋଲି ସେ ସୂଚନା ଦେଇଛନ୍ତି। ନାବାଳିକାଙ୍କ ପରିବାର ଲୋକେ ସଚେତନତା ଅଭାବରୁ ଏହି ବିବାହ କରାଇଛନ୍ତି ବୋଲି ଜିଲା ଶିଶୁ ମଙ୍ଗଳ ଅଧିକାରିଣୀଙ୍କ ପାଖରେ ସ୍ୱୀକାର କରିଛନ୍ତି। ନାବାଳିକାଙ୍କୁ ବିବାହ କରିଥିବା ସଂପୃକ୍ତ ଯୁବକ ଫେରାର ହୋଇ ଯାଇଛନ୍ତି। ଅନ୍ୟପକ୍ଷରେ ନାବାଳିକାମାନେ ବାଲ୍ୟ ବିବାହରେ ବଳି ପଡୁଛନ୍ତି ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିବା ସହ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

# ଚୋରା ମଦ ବିକ୍ରି ଅଭିଯୋଗରେ ୨ ଗିରଫ

**କାଳିଆପାଣି,୧୯।୭(ଅସିତ ମହାନ୍ତ):**

ଚୋରା ମଦ ବିକ୍ରି ଅଭିଯୋଗରେ କାଳିଆପାଣି ପୋଲିସ ୨ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କାଙ୍କଡ଼ପାଳ ପଞ୍ଚାୟତ କାଙ୍କଡ଼ପାଳ ଗାଁର ଗୟାଧର ପରିଡ଼ା(୩୩) ଓ ସନାତନ ବେହେରା(୪୫)। ଗୟାଧର ବେଧଡ଼କଭାବେ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଶୁକ୍ରବାର ସେ ମଦ ବିକ୍ରି କରୁଥିବା ଖବର ପାଇ ଏସ୍‌ଆଇ ଦୁଷ୍ମନ୍ତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଏଥିସହିତ ତାଙ୍କ ନିକଟରୁ ୧୦ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ସନାତନ ମଦ ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଏ ନେଇ ଯଥାକ୍ରମେ ନଂ.୭୯/୨୫ ଓ ୮୦/୨୫ରେ ମାମଲା ରୁଜୁ ହୋଇଛି।

# ମହିଳାଙ୍କଠାରୁ ଲୁଟ୍

**ଚଣ୍ଡିଖୋଲ/ବଡ଼ଚଣା,୧୯।୭ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ଥାନା ଚଣ୍ଡିଖୋଲ-ଡୁବୁରୀ ରାସ୍ତାର ବାଇପାସ ନିକଟରୁ ଶନିବାର ସନ୍ଧ୍ୟାରେ ଜଣେ ମହିଳାଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଭ୍ୟାନିଟ ବ୍ୟାଗ ଛଡ଼ାଇ ନେଇ ପଳାଇ ଯାଇଛନ୍ତି। ଲୁଟ୍‌ର ଶିକାର ମହିଳା ହେଲେ ଛତିଆ ନିକଟ ଛେଦା ଗ୍ରାମର ଅନିତା ଦାସ। ଅନିତା ଓ ଅମିତାଭ ବାରିକ ଏକ ସ୍କୁଟି ଯୋଗେ ଚଣ୍ଡିଖୋଲ ଛକ ଆସୁଥିବାଲେ। ଏହି ସମୟରେ ଏକ କଳା ପଲସରରେ ୩ ଦୁର୍ବୃତ୍ତ ଆସି ଅନିତାଙ୍କ ନିକଟରୁ ଭ୍ୟାନିଟ ବ୍ୟାଗ ଛଡାଇ ନେଇ ଡୁବୁରୀ ଆଡେ ଦ୍ରୁତଗତିରେ ପଳାଇ ଯାଇଥିଲେ। ଭ୍ୟାନିଟ ବ୍ୟାଗରେ ଏକ ମୋବାଇଲ ଫୋନ, ୧୫୦୦ ଟଙ୍କା ଓ ଏଟିଏମ କାର୍ଡସହିତ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିଲା। ଏନେଇ ଅନିତା ଚଣ୍ଡିଖୋଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ଦୁର୍ବୃତ୍ତଙ୍କୁ ଧରିବାକୁ ଜୋରଦାର ପ୍ରୟାସ ଆରମ୍ଭ କରିଛି। ଅନ୍ୟପକ୍ଷରେ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ-କଟକ ଓ ୫୩ନମ୍ବର ଜାତୀୟ ରାଜପଥ ଡୁବୁରୀ-ପାରାଦୀପ ରାସ୍ତାରେ ଦୈନିକ ରାହାଜାନୀ, ଲୁଟ ବୃଦ୍ଧି ପାଉଛି। ଦୁଇଟି ଜାତୀୟ ରାଜପଥରେ ପାଟ୍ରୋଲିଂ ଜୋରଦାର କରିବାକୁ ସାଧାରଣରେ ଦାବି ହୋଇଛି।

# ଉତ୍କଳ ସାହିତ୍ୟ ସମାଜର ବନ୍ଧୁମିଳନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଧର୍ମଶାଳା,୧୯।୭(ବଟକୃଷ୍ଣ ପରିଡ଼ା):**

ଉତ୍କଳ ସାହିତ୍ୟ ସମାଜ ଯାଜପୁର ଜିଲା ଶାଖାର ବନ୍ଧୁମିଳନ, କବିତାପାଠ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠାନର ଆବାହକ ଡାକ୍ତର ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସୃଜନୀ କ୍ଲବ ସହଯୋଗରେ ଅରେଇକଣା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ସାହିତ୍ୟିକ ସୂର୍ଯ୍ୟମଣି ଖୁଣ୍ଟିଆ, ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା, ଧର୍ମଶାଳା ସାହିତ୍ୟ ସମାଜ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଶିଶୁ ମନସ୍ତତ୍ତ୍ୱ ଆଧାରିତ ଓ ଶିଶୁ ମନଲାଖି ଅସଲି ଅନୁଭବର ସାହିତ୍ୟ ହିଁ ଶିଶୁ ସାହିତ୍ୟ ବୋଲି କହିଥିଲେ। ଚଳିତ ବର୍ଷ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ସାହିତ୍ୟିକ ରାଜକିଶୋର ପାଢ଼ୀଙ୍କୁ ଉତ୍କଳ ସାହିତ୍ୟ ସମାଜ ଯାଜପୁର ଶାଖା, ଗୋକର୍ଣ୍ଣିକା ସାହିତ୍ୟ ସମାଜ ଓ ଅରେଇକଣା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଅତିଥିମାନେ ସ୍ମାରକୀ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଂଯୋଜିକା ସଂଯୁକ୍ତା ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଗଣେଶ୍ୱର ବେହେରାଙ୍କ ସଂଯୋଜନାରେ ବିଦ୍ୟାଳୟର ୧୫ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପକ ତୁହିନାଶୁ ରଥ, ଅଧ୍ୟାପକ ପ୍ରଶାନ୍ତ ସାହୁ, ଗାୟତ୍ରୀ ମିଶ୍ର, ପ୍ରଣତି ପ୍ରୀତି ନନ୍ଦା ନାୟକ, ଅକ୍ଷୟ ବାରିକ, ଜିତେନ୍ଦ୍ର ବେହେରା, ପ୍ରହଲ୍ଲାଦ ପଣ୍ଡା, ରାମଚନ୍ଦ୍ର ଦାସ, ପ୍ରଭାତ ମଲ୍ଲିକ, ବୈଦ୍ୟନାଥ ପଣ୍ଡା, ସୁବାସ ଚନ୍ଦ୍ର ମହାପାତ୍ର, ଯୁଗୋଳ କିଶୋର ଦାସ, ଖଗେଶ୍ୱର ସାହୁ, ବନସ୍ମିତା ପଣ୍ଡା, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ବ୍ୟଙ୍ଗକବି ବାଇଧର ମାଝି ଧନ୍ୟବାଦ ଦେଇଥିଲେ।

"ମା' ଙ୍କ ନାମରେ ଗଛଟିଏ"
୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା

ମା' ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ଅଧୀନରେ ନିମ୍ନଲିଖିତ ୧୮(ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ, ଅନୁଷ୍ଠାନ ମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟର ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦବାକୁ ପଡ଼ିବ। ଏତତ୍ ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡ଼ିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।
ବି.ଦ୍ର : (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି।
(୨) ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ।

| ନଂ. | ବନାଞ୍ଚଳ (ରେଞ୍ଜ) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣୀଧର ପାଲି | ୧୨୬୪୪୮ | ଶ୍ରୀ ତାପସ କୁମାର ଶତପଥୀ, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ.ବଲାଙ୍ଗ | ୪୭୯୧୦ | ଶ୍ରୀ ସଦାଶିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଳିପୋଷ | ଗଡ଼ଗୁଆଁ | ୧୧୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପୋଳ | ୬୩୭୦୨୬୩୬୧୯ |
| ୬ | କୁଳିପୋଷ | ତୁଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ତାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୭୨୮୨ |
| ୮ | ତାମଡା | ଧାତ୍ କିପୋସ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ତାମଡା | ତାମଡା | ୨୦୦୦୦ | ଶ୍ରୀ ଚାରୁଆ ଓରାମ, ବନରକ୍ଷୀ | ୭୮୪୯୦୭୩୨୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୫୨୧୨୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଡେଇଡିହା | ୩୫୦୦୦ | ଶ୍ରୀ ଈଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୧୬୨୨୯୨୪୩ |
| ୧୩ | ଜର୍ଡା | କାଉଁସୀ ବାହାଲ | ୧୫୦୦୦ | ଶ୍ରୀ ପ୍ରତାପ କୁମାର ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୯୨୧୫୬ |
| ୧୬ | ବରସୁଆଁ | ତେଙ୍ଗୁଳା | ୫୧୭୫ | ଶ୍ରୀମତୀ ସରିତା ସାହୁ, ବନପାଳ | ୮୭୬୩୪୯୨୧୭୮ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | ଜାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଳ, ବନରକ୍ଷୀ | ୭୮୫୫୦୩୮୭୪୪ |
| | | ସମୁଦାୟ : | ୭୨୯୧୫୨ | ବନଖଣ୍ଡ କାର୍ଯ୍ୟାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୧୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼

OFFICE OF THE PRINCIPAL
GOKUL PARVATI RURAL DEGREE COLLEGE, KUNTARA
DIST.: SAMBALPUR, ODISHA - 768227
Email: gokulparvati@gmail.com
TENDER/QUOTATION CALL NOTICE
Sealed tenders/quotations are invited from intending registered manufactures/firms/suppliers having PAN/GST registration with IT Clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting. Internet facilities, Odia literature & language books through Regd. Post/Speed Post on or before 3 P.M. on 31.07.2025.
For details of the requirement with specification terms and conditions please contact Mob. No. 7655028730 and visit website: gprcollegekuntara.in.
The undersigned reserves the right to cancel part or whole of the tenders/quotations without specifying any reason thereof.
Sd./- Principal-cum-Secretary
G.P.R. Degree College, Kuntara,
Dist.: Sambalpur

OFFICE OF THE EXECUTIVE ENGINEER
PLANNING AND INVESTIGATION DIVISION
ROAD CONSTRUCTION DEPARTMENT (RCD),RANCHI
NirupanBhawan, 3rd Floor, Room No. 401,56-Set,
Doranda,Ranchi-834002
e-Procurement ( Short Tender Notice )
Letter of Invitation (LOI) No.-13/2025-26
2nd Call
e-Tender Ref No:–RCD/PID/RANCHI/13/2025-26 Date:-18.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of Murma Khurd PWD Road to Pandu Main Road via Dhanchabar including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Palamu District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 9 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.07.2025,At 05:30 PM |
| 7 | Online Last Date/Time of Bid Submission | 06.08.2025, 12:00 noon |
| 8 | Date and Time of Bid opening | 07.08.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 355580 Road(25-26).D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).
Executive Engineer,
Planning & Investigation Division,
Road Construction Department, Ranchi.
PR 357762 (Road) 25-26 (D)

# ବନ୍ୟାଞ୍ଚଳକୁ ୧୦୪୫ କୁଇଣ୍ଟାଲ ଗୋଖାଦ୍ୟ ମଞ୍ଜୁର

ପଟ୍ଟାମୁଣ୍ଡାଇ, ୧୯।୭ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ଅନ୍ତର୍ଗତ ବ୍ରାହ୍ମଣୀ ନଦୀରେ ବନ୍ୟା ଯୋଗୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ୧୦ଟି ପଞ୍ଚାୟତ ଓ ପୌରାଞ୍ଚଳର ୯ଟି ୱାର୍ଡ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ସାଧାରଣ ଲୋକେ ଓ ଗୃହପାଳିତ ପ୍ରାଣୀଙ୍କ ଉଚ୍ଚ ସ୍ଥାନରେ ନେଇ ରଖିଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ସମସ୍ତ ବିପନ୍ନଙ୍କୁ ରିଲିଫ, ପଲିଥିନ, ଔଷଧ ଓ ଗୋଖାଦ୍ୟ ଯୋଗାଇ ଦିଆଯାଇ ନ ଥିଲା। ମାତ୍ର ଶୁକ୍ରବାର କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ବନ୍ୟା ଅଞ୍ଚଳକୁ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଥିଲେ। ତୁରନ୍ତ ବିପନ୍ନ ଲୋକମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ବେହେରା ଜିଲାପାଳ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହ ଯୋଗାଯୋଗ କରିଥିଲେ। ପ୍ରତିଶ୍ରୁତି ଅନୁଯାୟୀ ଶନିବାର ପ୍ରଶାସନ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ପାଇଁ ୧୦୪୫ କୁଇଣ୍ଟାଲ ଗୋଖାଦ୍ୟ ମଞ୍ଜୁର କରାଯାଇ ମଧ୍ୟାହ୍ନରେ ଯୋଗାଇ ଦିଆଯାଇଛି।



ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖରେ ପହଞ୍ଚିଥିବା ଗୋଖାଦ୍ୟ ଟ୍ରକ୍।

ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ଧୀରେ ଧୀରେ କମିବାରେ ଲାଗିଛି। ଶନିବାର ଅଳଭା ନିକଟରେ ଜଳସ୍ତର ପାଖାପାଖି ୧୭ ଫୁଟ ରହିଛି। ଚଳିତ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକ୍‌ର ସିଂହଗାଁ, ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହି, କଲୁଡ଼ିଆ, ନୀଳକଣ୍ଠପୁର, ଶ୍ରୀରାମପୁର, ବାଲିଯାତଣା, ବାଞ୍ଚରା, ବଳଭଦ୍ରପୁର, ଡାମରପୁର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବନ୍ୟାଜଳ ବୋହୁଥିବାରୁ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସଂଗ୍ରହ କରିବାକୁ ସକ୍ଷମ ହେଉନାହାନ୍ତି। କେତେକ ପଡ଼ାଗ୍ରାମରେ ନଳକୂପ ବନ୍ୟା ଜଳରେ ବୁଡ଼ିଥିବାରୁ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବନ୍ୟାବିପନ୍ନ ଲୋକମାନେ ପାଣି ଘେରରେ ଥିବାବେଳେ ଗୃହପାଳିତ ପ୍ରାଣୀମାନଙ୍କ ଅବସ୍ଥା ଖରାପ ହୋଇ ପଡ଼ିଛି। ଚାଷଜମିକୁ ଚାରିବାକୁ ଯାଇ ନ ପାରି ପ୍ରାଣୀମାନେ ରାସ୍ତାରେ ଉପାସ ରହିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ନନ୍ଦିନୀନଗର, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ବାଲିପଡ଼ା, ନୂଆଗାଁ, କଉଡ଼ିପଲ୍ଲୀ ବନ୍ୟାବିପନ୍ନ ଲୋକମାନେ ଜଳବନ୍ଦୀରେ ଅଛନ୍ତି। ଘର ଭିତରେ ବନ୍ୟାଜଳ ଭରିରହିଛି। ଏଥିଯୋଗୁ ଅଧିକାଂଶ କଚ୍ଚାଘର ଭାଙ୍ଗିଗଲାଣି ବୋଲି ଲୋକେ ଅଭିଯୋଗ କରୁଛନ୍ତି। କେତେଜଣ ଲୋକ ରାସ୍ତା ଉପର ଏବଂ ସୁରକ୍ଷିତ ଥିବା କୋଠାରେ ଆଶ୍ରୟ ନେଇଛନ୍ତି। ଅନ୍ୟପକ୍ଷରେ ସରକାରୀ ରିଲିଫ ପହଞ୍ଚି ନ ଥିବାରୁ ବନ୍ୟାବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଶନିବାର ୧୦୪୫ କୁଇଣ୍ଟାଲ ଗୋଖାଦ୍ୟ ଆସିଛି। ସେଥି ମଧ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ପାଇଁ ୮୭୯ କୁଇଣ୍ଟାଲ ଓ ପୌରାଞ୍ଚଳ ପାଇଁ ୧୬୬ କୁଇଣ୍ଟାଲ ଗୋଖାଦ୍ୟ ମଞ୍ଜୁର କରାଯାଇଛି। ଗୋଖାଦ୍ୟ ବଣ୍ଟନ ଆରମ୍ଭ ହୋଇଛି। ବ୍ଲକର ବିଭିନ୍ନ ପଞ୍ଚାୟତ ଓ ପୌରାଞ୍ଚଳର ୱାର୍ଡଗୁଡ଼ିକ ସ୍ଥିତି ଦେଖି ପର୍ଯ୍ୟାୟକ୍ରମେ ଗୋଖାଦ୍ୟ ବଣ୍ଟନ କରାଯିବ ବୋଲି ବିଡିଓ ଅଶୋକ ମହାନ୍ତି ଓ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

# ପୁଅକୁ ଝୁରି ଭୋକ ଉପାସରେ ପଡ଼ିଛନ୍ତି ଆଦିବାସୀ ବୃଦ୍ଧା

## ଭତ୍ତା କି ରାଶନ ଚାଉଳ ମିଳୁନାହିଁ

ମହାକାଳପଡ଼ା, ୧୯।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଖଟିଖିଆ, କୃଷକ, ମୂଲିଆ, ଆଦିବାସୀ, ଦଳିତମାନଙ୍କ ବିକାଶ କରୁଥିବା କହୁଛନ୍ତି। ଏଥିପାଇଁ ସରକାରୀ ତହବିଲରୁ ବହୁ ଅର୍ଥ ବ୍ୟୟ ହେଉଛି। ହେଲେ ସେମାନଙ୍କୁ ସରକାର ସାମାଜିକ ସୁରକ୍ଷା ଯୋଜନାରେ ରାଶନ ଚାଉଳ ମିଳୁନି। ସାମାଜିକ ସୁରକ୍ଷା ଯୋଜନାରେ ବିଧବା ଭତ୍ତା ପ୍ରଦାନ କରାଯାଉଛି। ହେଲେ ଜଣେ ଆଦିବାସୀ ବୃଦ୍ଧା ଏବେବି ବିଧବା ଭତ୍ତା ଓ ରାଶନ ଚାଉଳ ପାଉ ନ ଥିବା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ୨୦୧୩ ରେ ସ୍ୱାମୀ ଆରପାରିକୁ ଚାଲିଗଲା ପରେ ସମ୍ପୂର୍ଣ୍ଣ ଏକାକୀ ହୋଇ ପଡ଼ିଛନ୍ତି। ପୁଅଟିଏ ଥିଲା ବର୍ଷେ ହେବ କେଉଁଆଡେ ଚାଲିଯାଇଛି। ତା'ର କିଛି ଖୋଜ ଖବର ମିଳୁନାହିଁ। ଏଭଳି ଦେଖିବାକୁ ମିଳୁଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାସି ପଞ୍ଚାୟତର ବାରନମ୍ବର ଆଦିବାସୀ ସାନ୍ତାଳୀ ଗ୍ରାମର ଶାକ୍ରା ହାଁସଦା(୬୮)କ୍ଷେତ୍ରରେ। ସ୍ୱାମୀ ଚନ୍ଦ୍ରକାନ୍ତ ହାଁସଦା ୧୨ବର୍ଷ ପୂର୍ବରୁ ଆରପାରିକୁ ଚାଲିଗଲେଣି। ହେଲେ ସେଦିନଠାରୁ ଶାକ୍ରାଙ୍କ ଜୀବନ ଦୁର୍ବିଷହ ହୋଇ ପଡ଼ିଛି। ଏକମାତ୍ର ୨୦ ବର୍ଷର ପୁଅ ନାରାୟଣ ବର୍ଷେ ହେଲା କେଉଁଠି ଯାଇଛି ତାହାର ପତ୍ତା ମିଳୁନାହିଁ।



ବାର ନମ୍ବର ଗ୍ରାମର ଆଦିବାସୀ ସାନ୍ତାଳୀ ବୃଦ୍ଧା ଶାକ୍ରା ହାଁସଦା।

ପୁଅର ଫେରିବା ବାଟକୁ ଚାହିଁ ମା' ଶାକ୍ରା ଚାହିଁ ବସିଛନ୍ତି। ପରିବାରକୁ ସରକାରୀ ଯୋଜନାରେ ରାଶନ ଚାଉଳ ଓ ବିଧବା ଭତ୍ତା ମିଳୁନି। କିଭଳି ଚଳିବେ ମୁଣ୍ଡକୁ ବୁଦ୍ଧି ଦିଶୁନି ବୋଲି ଶାକ୍ରା କହିଛନ୍ତି। ରାତି ପାହିଲେ ପେଟକୁ ଦାନା ଯୋଗାଡ଼ କରିବା ପାଇଁ ଚିନ୍ତା ଘାରିଛି। ଯିଏ ଯାହା ଦେଲା ବାଡ଼ିର ଶାଗ, ପଖାଳ ଲୁଣରେ ଜୀବନ ବିତୁଛି। ଏହି ଆଦିବାସୀ ସାନ୍ତାଳୀ ବିଧବା ମହିଳା ଶାକ୍ରାଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରି ସହାୟତା ଯୋଗାଇ ଦେବା ପାଇଁ ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ, ସୁବାସ ସ୍ୱାଇଁ ପ୍ରମୁଖ କହିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ାଙ୍କୁ ପଚାରିବାରେ ବୃଦ୍ଧାଙ୍କ ଆବଶ୍ୟକ ସରକାରୀ ପ୍ରମାଣପତ୍ର ମିଳିଲେ ଆବେଦନ କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଦୁମୁକା ପଞ୍ଚାୟତରେ ମୋ ତହସିଲ କାର୍ଯ୍ୟକ୍ରମ

ମାର୍ଶାଘାଇ, ୧୯।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦୁମୁକା ପଞ୍ଚାୟତଠାରେ ମୋ ତହସିଲ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣ ବିଭିନ୍ନ ସେବା ପାଇବାକୁ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିବାବେଳେ ଠିକ ସମୟରେ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ଏଥିପାଇଁ ଏବେ ଆଉ ତହସିଲକୁ ଦୌଡିବାକୁ ପଡ଼ିବ ନାହିଁ। ଏଥିଯୋଗୁ ଉଚିତ ସମୟ ମଧ୍ୟରେ ସେବା ଯୋଗାଇଦେବାକୁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ମାର୍ଶାଘାଇ ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ଦାସ କହିଛନ୍ତ। କାର୍ଯ୍ୟକ୍ରମରେ ଦୁମୁକା ଆରଆଇ ଅରବିନ୍ଦ ଦାସ, ରତ୍ନାକର ସାମଲ, ଅଭିମନ୍ୟୁ ସେଠୀ, ଦୁମୁକା ସରପଞ୍ଚଙ୍କ ପ୍ରତିନିଧି ସାରଦା ପ୍ରସନ୍ନ ବେଉରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୨୪ଟି ପଟ୍ଟା ବଣ୍ଟନ ହେବା ସହିତ ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ୩୫ଟି ଅଭିଯୋଗ ହୋଇଥିଲାବେଳେ ୪ ଟି ସାମୁହିକ ଅଭିଯୋଗ, ପାନୀୟ ଜଳ ସମସ୍ୟା ଓ ନାଳ ସଫେଇ ଉପରେ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏଥିସହ କାନପୁର ଗ୍ରାମକୁ ରେଭିନ୍ୟୁ ଗ୍ରାମରେ ପରିଣତ କରିବାକୁ ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗକୁ ସମାଧାନ କରିବାକୁ ତହସିଲ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ତହସିଲଦାର ଦାସ କହିଥିଲେ।




ତହସିଲ ପକ୍ଷରୁ ଲୋକଙ୍କୁ ଜମିପଟ୍ଟା ଦିଆଯାଉଛି।

# ବାଣୀକଣ୍ଠଙ୍କ ସଙ୍ଗୀତ ଜଗତକୁ ଅବଦାନ ଅବିସ୍ମରଣୀୟ



ଯୁବ କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କେନ୍ଦ୍ରାପଡ଼ା, ୧୯।୭ (ଜଗନ୍ନାଥ ଧଳ)

ପଦ୍ମଶ୍ରୀ ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନଙ୍କ ଶ୍ରାଦ୍ଧ ଉତ୍ସବ ସହରର ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ସଦନ ସଭାପତି ଅମ୍ବିକା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ କେନ୍ଦ୍ରାପଡ଼ାରେ ଜନ୍ମିତ ବାଣୀକଣ୍ଠ ନିମାଇଁ ଚରଣଙ୍କ ଓଡ଼ିଶା ସଙ୍ଗୀତ ଜଗତକୁ ଅବଦାନ ଅବିସ୍ମରଣୀୟ ବୋଲି ଅତିଥିମାନେ ମତ ଦେଇଥିଲେ। ସମାରୋହରେ ଶିକ୍ଷାବିତ୍ ଡ. ଶରତ ଚନ୍ଦ୍ର ପଣ୍ଡା, ବାଣୀକଣ୍ଠଙ୍କ ସ୍ୱର ସାଧକ କଣ୍ଠଶିଳ୍ପୀ ଦୀନବନ୍ଧୁ ତ୍ରିପାଠୀ, ବୁଦ୍ଧିଜୀବୀ ଚୌଧୁରୀ ଅମିତାଭ ଦାସ ଓ ନାତି ଆଇନଜୀବୀ ପ୍ରଣବ ହରିଚନ୍ଦନ ଯୋଗଦେଇ ନିମାଇଁ ଚରଣଙ୍କ ସ୍ମୃତିଚାରଣ କରିଥିଲେ। ସେମାନେ କହିଥିଲେ, ଶ୍ରୀଜଗନ୍ନାଥଙ୍କ ସମର୍ପିତ ଭକ୍ତ ତଥା ଚାମର ସେବକ ନିମାଇଁ ଚରଣଙ୍କ ଜୀବନଗାଥାରେ ସ୍ୱରରେ ସର୍ବଦା ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ସଙ୍ଗୀତ ଜଗତରେ ଏକ ନିଆରା ସ୍ୱର ନୀରବିଯାଇଥିଲେ ମଧ୍ୟ ଏବେବି ତାଙ୍କର ଭଜନ ସାରା ବିଶ୍ୱରେ ଝଙ୍କୃତ ହେଉଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ଯୁବ କଣ୍ଠଶିଳ୍ପୀ ଶିବାନନ୍ଦ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜନଚେତନା ବହୁମୁଖୀ ସମବାୟ ସମିତି ସହଯୋଗରେ ସଙ୍ଗୀତ ସଦନ ପକ୍ଷରୁ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ବାଣୀକଣ୍ଠଙ୍କ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ସଙ୍ଗୀତ ସଦନ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମ୍ପାଦକ ଉମାକାନ୍ତ ଜେନା, ସମୀର ରଞ୍ଜନ ଦାସ, ନୃତ୍ୟଗୁରୁ ଖଟୁଆ, ହେମନ୍ତ କୁମାର ଜେନା, ଗଣେଶ୍ୱର ସାହୁ, ସରୋଜକାନ୍ତ ସାହୁ, ହିରଣ୍ୟ କୁମାର ପଣ୍ଡାଙ୍କ ସମେତ ସଙ୍ଗୀତ ସଦନର କର୍ମକର୍ତ୍ତା ଏହି ସମାରୋହର ପରିଚାଳନା କରିଥିଲେ । ଏଥିରେ ବହୁ ସଂସ୍କୃତି ପ୍ରେମୀ ଯୋଗଦେଇଥିଲେ।

# ହାଇକୋର୍ଟଙ୍କ ରହିତାଦେଶ ନିର୍ଦ୍ଦେଶ: ଓଳାଭର ବଜାର ଉଚ୍ଛେଦ ସ୍ଥଗିତ

ରାଜକନିକା, ୧୯।୭ (ରବୀନ୍ଦ୍ର କୁମାର ଦାସ)

ହାଇକୋର୍ଟଙ୍କ ଶନିବାର ରହିତାଦେଶ ନିର୍ଦ୍ଦେଶ ପରେ ଆସନ୍ତା ଜୁଲାଇ ୨୨କୁ ଥିବା ରାଜକନିକା ବ୍ଲକ ଓଳାଭର ବଜାର ଜବରଦଖଲ ଉଚ୍ଛେଦ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରହିଥିବା ସୂଚନା ମିଳିଛି। ଓଳାଭର ବଜାରକୁ ଜୁଲାଇ ୨୨ରେ କନିକା ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ତାଗିଦ ନୋଟିସକୁ ନେଇ ଓଳାଭର ବଣିକ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବଣିକ ସଂଘର ଆବେଦନକୁ ଗ୍ରହଣ କରି ଉଚ୍ଛେଦ ପ୍ରକ୍ରିୟାକୁ ରହିତାଦେଶ ଲଗାଇଛନ୍ତି। ତେଣୁ ଆସନ୍ତା ଜୁଲାଇ ୨୨ ତାରିଖରେ ଉଚ୍ଛେଦ ପ୍ରକ୍ରିୟା ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରହିବ ବୋଲି କନିକା ତହସିଲଦାର ଭାନୁମତି ମାଝୀ ସୂଚନା ଦେଇଛନ୍ତି।

OFFICE OF THE PRINCIPAL

GOKUL PARVATI RURAL DEGREE COLLEGE, KUNTARA

DIST.: SAMBALPUR, ODISHA - 768227

Email: gokulparvati@gmail.com

TENDER/QUOTATION CALL NOTICE

Sealed tenders/quotations are invited from intending registered manufactures/firms/suppliers having PAN/GST registration with IT Clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting. Internet facilities, Odia literature & language books through Regd. Post/Speed Post on or before 3 P.M. on 31.07.2025.

For details of the requirement with specification terms and conditions please contact Mob. No. 7655028730 and visit website: gprcollegekuntara.in.

The undersigned reserves the right to cancel part or whole of the tenders/quotations without specifying any reason thereof.

Sd./- Principal-cum-Secretary
G.P.R. Degree College, Kuntara,
Dist.: Sambalpur

# ବନ୍ୟା: ଛାତ ଉପରେ ଷଣ୍ଢ

ରାଜନଗର, ୧୯।୭ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଅଞ୍ଚଳରେ ବ୍ରାହ୍ମଣୀ ଓ ଶାଖା ନଦୀ ହଂସୁଆରେ ବନ୍ୟା ଜଳ ପ୍ରବାହିତ ହେଉଛି। ରାଜନଗର ବଜାର ସଂଲଗ୍ନ ହଂସୁଆ ନଦୀ କୂଳରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନିର୍ମାଣ ହୋଇଥିବା ୨ ମହଲା ଘର ଉପରେ ବନ୍ୟା ପାଇଁ ନିଜକୁ ସୁରକ୍ଷିତ ମଣି ଏକ ଷଣ୍ଢ ସିଡି ବାଟ ଦେଇ ଛାତ ଉପରେ ରହିଛି।



ବନ୍ୟା ଯୋଗୁ ଏକ ଷଣ୍ଢ ଘର ଉପରେ ଚଢ଼ିଯାଇଛି।

# ଗାଡ଼ି ଚାଳକଙ୍କୁ ମାଡ଼ମାରି ୨ ଗିରଫ

ମାର୍ଶାଘାଇ, ୧୯।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ମଙ୍ଗଳା ଛକଠାରେ ଶୁକ୍ରବାର ରାତିରେ ଟ୍ରେଲର ଚାଳକଙ୍କୁ ଟଙ୍କା ମାଗି ବିଫଳ ହେବାରୁ ନିସ୍ତୁକ ମାଡ଼ ମରିବା ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ପାରାଦୀପ ଥାନା ଅନ୍ତର୍ଗତ ବଡ଼ପଡିଆ ଅଞ୍ଚଳର ନିରାକାର ବେହେରା ଓରଫ ବାବୁନା ଓ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଇପୁର ଗ୍ରାମର ସତ୍ୟଜିତ ଦାଶ (୨୮)।

ପ୍ରକାଶ ଯେ, ବିହାର ରାଜ୍ୟ ଛାପ୍ରା ଜିଲା ବେଟାୟା ଗ୍ରାମର ରାମ ପ୍ରକାଶ ଶୁକ୍ରବାର ରାତିରେ ଡୁବୁରୀରୁ ଟ୍ରେଲର ଗାଡି ଯୋଗେ ଆଇରନ ସ୍ଲାବ ବୋଝେଇ କରି ପାରାଦୀପ ଯାଉଥିଲେ। ମାର୍ଶାଘାଇ ନିକଟରେ ଏକ ହୋଟେଲରେ ଖାଇ ସାରି ଗନ୍ତବ୍ୟ ପଥରେ ଯାଉଥିବାବେଳେ ମଙ୍ଗଳା ଛକ ନିକରେ ହଠାତ ୬ ଯୁବକ ଗାଡ଼ି ଆଗକୁ ଆସି ଅଟକାଇ ଥିଲେ। ଗାଡ଼ି ଅଟକିବା ପରେ ୨ପଟ କ୍ୟାବିନରେ ଛିଡା ହୋଇ ୫ ହଜାର ଟଙ୍କା ମାଗିଥିଲେ। ସେ ମନା କରିବା ପରେ ଗାଡ଼ି ଭିତରୁ ଟାଣିଆଣି ବାହାରେ ନିସ୍ତୁକ ମାଡ଼ ମାରିଥିଲେ। ଚାଳକ ଜଣକ ଚିତ୍କାର କରିବାରୁ ସ୍ଥାନୀୟ କେତେଜଣ ଦୋକାନୀ ଓ ଅନ୍ୟ ଲୋକମାନେ ପହଞ୍ଚି ଯିବାରୁ ୪ ଜଣ ଦୌଡ଼ି ପଳାଇ ଯାଇଥିବାବେଳେ ୨ ଜଣଙ୍କୁ ଧରି ପୋଲିସକୁ ଜିମା ଦେଇଥିଲେ। ପୋଲିସ ନଂ. ୨୦୮/ରେ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

# ଘାଟରେ ଡଙ୍ଗା ବାନ୍ଧିବାକୁ ନେଇ ସଂଘବଦ୍ଧ ଆକ୍ରମଣ, ଜଣେ ଗୁରୁତର

ମହାକାଳପଡ଼ା, ୧୯।୭ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାସି ମତ୍ସ୍ୟ ଜେଠୀ ନଦୀଘାଟରେ ମାଛ ଧରା ଗିଲଟିଙ୍ଗି ବୋଟ୍ ବାନ୍ଧିବାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଶନିବାର ସଂଘର୍ଷ ଘଟିଥିଲା। ଏଥିରେ ଜଣେ ଗୁରୁତର ହୋଇଥିବା ବେଳେ ପୃଥକ୍ ପୃଥକ୍ ଭାବେ ୨ଟି ମାମଲା ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଘାଟ କୂଳରେ ଗୋଗୁଲ ମାଝୀ ଓ ସୁବାସ ମାଝୀ ନିଜ ବୋଟ୍ ସପନ ରାୟଙ୍କ ଘର ସମ୍ମୁଖ ନଦୀ କୂଳରେ ବାନ୍ଧିଥିଲେ। ଫଳରେ ସପନଙ୍କ ପରିବାର ତୀବ୍ର ବିରୋଧ କରିଥିଲେ। ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ପରେ ଏହି ବିବାଦରେ ସପନଙ୍କୁ ଗୋକୁଲଙ୍କ ପରିବାର ଲୋକେ ସଂଘବଦ୍ଧ ଭାବେ ତଳେ ପକାଇ ଡଙ୍ଗାରେ ଥିବା ଏକ ଧାରୁଆ କଟୁରିରେ ମୁଣ୍ଡକୁ ଚୋଟ ମାରିଥିଲେ। ଗୋକୁଲଙ୍କ କଟୁରି ଚୋଟରେ ସପନଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ସପନଙ୍କ ସ୍ତ୍ରୀ ଓ ତାଙ୍କ ପୁଅମାନଙ୍କୁ ଆକ୍ରମଣ କରିବାକୁ ଗୋକୁଲଙ୍କ ପରିବାର ଲୋକ ଉଦ୍ୟମ କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଚିକିତ୍ସା ଲାଗି ସପନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କ ମୁଣ୍ଡରେ ୬ଟି ଷ୍ଟିଚ୍ ପଡ଼ିଥିବା ପରିବାର ଲୋକେ କହିଛନ୍ତି। ଏ ନେଇ ସପନଙ୍କ ପୁଅ ସୌମ୍ୟଜିତ ରାୟ ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୪୭/୨୫ରେ ମାମଲା ରୁଜୁକରି ଆକ୍ରମଣ କରିଥିବା ପରିବାର ସଦସ୍ୟମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷରେ ସପନଙ୍କ ପରିବାର ଲୋକମାନେ ଆମକୁ ଆକ୍ରମଣ କରିଥିବା ନେଇ ସୁବାସ ମାଝୀ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୃଥକ୍ ଭାବେ ନଂ. ୧୪୮/୨୫ରେ ମାମଲା ରୁଜୁ ସହ ତଦନ୍ତ ଚାଲିଥିବା ଆଇଆଇସି ଦୀନବନ୍ଧୁ ପ୍ରଧାନ ସୂଚନା ଦେଇଛନ୍ତି।

"ମା' ଙ୍କ ନାମରେ ଗଛଟିଏ"

୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା

ମା' ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ଅଧୀନରେ ନିମ୍ନଲିଖିତ ୧୮(ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ, ଅନୁଷ୍ଠାନ ମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟର ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦବାକୁ ପଡ଼ିବ। ଏତତ୍ ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡ଼ିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର : (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି।
(୨) ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ।

| ନଂ. | ବନାଞ୍ଚଳ (ରେଞ୍ଜ) | ତାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣୀଧର ପାଲି | ୧୨୬୪୪୮ | ଶ୍ରୀ ତାପସ କୁମାର ଶତପଥୀ, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ.ବଲାଙ୍ଗ | 4୭୯୧୦ | ଶ୍ରୀ ସଦାଶିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଲିପୋଷ | ଗଡ଼ରୁଆଁ | ୧୧୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପୋଳ | ୬୩୭୦୨୬୩୬୧୯ |
| ୬ | କୁଲିପୋଷ | ଡ଼ଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ତାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୭୨୮୨ |
| ୮ | ତାମଡା | ଧାତ୍ କିପୋସ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ତାମଡା | ତାମଡା | ୨୦୦୦୦ | ଶ୍ରୀ ଚାରୁଆ ଓରାମ, ବନରକ୍ଷୀ | ୭୮୪୯୦୭୩୨୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୫୨୧୨୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଢେଇଡିହା | ୩୫୦୦୦ | ଶ୍ରୀ ଈଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୧୬୨୯୨୪୩ |
| ୧୩ | ଜର୍ଡା | କାଉଁସୀ ବାହାଲ | ୧୫୦୦୦ | ଶ୍ରୀ ପ୍ରତାପ କୁମାର ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୯୨୧୫୬ |
| ୧୬ | ବରସୁଆଁ | ତେଙ୍ଗୁଲା | ୫୧୭୫ | ଶ୍ରୀମତୀ ସରିତା ସାହୁ, ବନପାଳ | ୮୭୬୩୪୯୨୧୭୮ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | ଜାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଳ, ବନରକ୍ଷୀ | ୭୮୫୫୦୩୮୭୪୪ |
| | | ସମୁଦାୟ : | ୭୨୯୧୫୨ | ବନଖଣ୍ଡ କାର୍ଯ୍ୟାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୧୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼

OFFICE OF THE EXECUTIVE ENGINEER
PLANNING AND INVESTIGATION DIVISION
ROAD CONSTRUCTION DEPARTMENT (RCD),RANCHI
NirupanBhawan, 3rd Floor, Room No. 401,56-Set,
Doranda,Ranchi-834002

e-Procurement ( Short Tender Notice )

Letter of Invitation (LOI) No.-13/2025-26

2nd Call

e-Tender Ref No:–RCD/PID/RANCHI/13/2025-26 Date:-18.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of Murma Khurd PWD Road to Pandu Main Road via Dhanchabar including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Palamu District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 9 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. **As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023.** |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.07.2025,At 05:30 PM |
| 7 | Online Last Date/Time of Bid Submission | 06.08.2025, 12:00 noon |
| 8 | Date and Time of Bid opening | 07.08.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 355580 Road(25-26).D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.

PR 357762 (Road) 25-26 (D)

# ଚାରା ବଣ୍ଟନକୁ ନେଇ ଉଦ୍‌ବେଗ




ପଞ୍ଚାୟତ ସମିତି ବୈଠକରେ ଯୋଗ ଦେଇଥିବା ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

## ନୟାଗଡ଼ ପଞ୍ଚାୟତ ସମିତି ବୈଠକ

- ଚାରା ରୋପଣର ତଦନ୍ତ କରିବ କମିଟି
- ଅନ୍ତ୍ୟୋଦୟ ଗୃହ ଯୋଜନାରେ ମିଳୁନି ବିଲ୍

ନୟାଗଡ଼, ୧୯।୭ (ଲୋକନାଥ ମିଶ୍ର)

ନୟାଗଡ଼ ପଞ୍ଚାୟତ ସମିତିର ବୈଠକ ଶନିବାର ବ୍ଲକର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ ଏଥିରେ ଅଧକ୍ଷତା କରିଥିବାବେଳେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ବିଡିଓ ଐଶର୍ଯ୍ୟା ଭୂୟାଁ ବୈଠକରେ ଉପସ୍ଥିତ ଥିଲେ। ତେବେ ବନବିଭାଗର ଗଛ ବଣ୍ଟନର ସଂଖ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ନବଘନପୁର ପଞ୍ଚାୟତରେ ୭୦ ଗଛ ବଣ୍ଟନ ହୋଇଥିବାବେଳେ ବନବିଭାଗ ସେହି ସଂଖ୍ୟା ୨୦୦ ଦେଖାଇଥିଲା। ଗଛ କିଏ ନେଇଛନ୍ତି ତଥ୍ୟ ମାଗିବା ପରେ ବନ ବିଭାଗ ଦେଇ ପାରି ନ ଥିଲା। ୩ ବର୍ଷରେ ବ୍ଲକର ୨୯ ପଞ୍ଚାୟତରେ କେତେ ଚାରା ରୋପଣ ହୋଇଛି, କେତେ ଗଛ ବଞ୍ଚିଛି ସେନେଇ ପ୍ରତି ପଞ୍ଚାୟତରେ ଏହାର ତଦନ୍ତ କରାଯିବ। ଏନେଇ ବ୍ଲକ ଅଧକ୍ଷଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି। ପଞ୍ଚାୟତରେ ଆବାସ ଯୋଜନା ପରି ଅନେକ ସର୍ଭେ ହେଉଛି। ତେବେ ସର୍ଭେଗୁଡିକରେ ସରପଞ୍ଚ କି ସମିତି ସଭ୍ୟଙ୍କୁ ସାମିଲ କରାଯାଉନି। ଲାଇନ ବିଭାଗରେ ହେଉଥିବା ସର୍ଭେ ଓ ଅନ୍ୟ କାର୍ଯ୍ୟଗୁଡିକରେ ସରପଞ୍ଚ, ସମିତି ସଭ୍ୟମାନଙ୍କୁ ସାମିଲ କରିବାକୁ ଦାବି ଉଠିଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀ ଘରର ପ୍ରଥମ ପର୍ଯ୍ୟାୟ ୪୦ ହଜାର ଉଠାଇ ସାରିଲେଣି। ତେବେ ଛାତ ପକାଇଲା ପରେ ୬୫ ହଜାର ବିଲ୍ ହେଉନି। ଜିଓ ଟ୍ୟାଗିଂ ହେଉ ନ ଥିବାରୁ ବିଲ୍ ହେଉ ନ ଥିବା କୁହାଯାଉଛି। ବହୁ ହିତାଧିକାରୀ ବିଲ୍ ନ ପାଇ ହଇରାଣ ହେଉଛନ୍ତି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କ କିପରି ଶୀଘ୍ର ବିଲ୍ ମିଳିପାରିବ ସେନେଇ ପଦକ୍ଷେପ ନେବାକୁ ଗୃହରେ କୁହାଯାଇଛି। ସେହିପରି କମ୍ୟୁନିଟ୍ ହେଲଥ ସେଣ୍ଟର ପୂର୍ଣ୍ଣାଙ୍ଗ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଉଦ୍ୟାନ,କୃଷି, ଜଳ ବିଭାଜିକା, ଶିକ୍ଷା ପରି ବିଭାଗକୁ ନେଇ ମଧ୍ୟ ଆଲୋଚନା ହୋଇଛି। ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ ଧନ୍ୟବାଦ ଦେଇଥିଲେ।

# ମଧ୍ୟାହ୍ନଭୋଜନ ପାଇଁ ଛାତ୍ରୀଛାତ୍ର ହନ୍ତସନ୍ତ

ଖଣ୍ଡପଡ଼ା, ୧୯।୭ (ଅଜୟ କୁମାର ମହାରଣା)

ଖଣ୍ଡପଡା ସହରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟଦେଇ ଗତି କରୁଛି । ଦୈନିକ ମଧ୍ୟାହ୍ନ ଭୋଜନ ଖାଇବା ନିମନ୍ତେ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଧ୍ୟାହ୍ନ ଭୋଜନ ଖାଇବା ନିମନ୍ତେ ଆବଶ୍ୟକ କକ୍ଷ ନାହିଁ। ଛାତ୍ରୀଛାତ୍ରମାନେ କେତେବେଳେ ବିଦ୍ୟାଳୟର ବାରଣ୍ଡାରେ ତ କେତେବେଳେ ତଳେ ବସି ଏକାଠି ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ସେହପରି ବର୍ଷା ସମୟରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବାରଣ୍ଡାରେ ଛିଡାହୋଇ ମଧ୍ୟାହ୍ନ ଭୋଜନ କରୁଛନ୍ତି। ଏବେ ଉକ୍ତ ବିଦ୍ୟାଳୟରେ ୬ଷ୍ଠରୁ +୨ ବିଜ୍ଞାନ ଶ୍ରେଣୀରେ ୪୮୦ ଜଣ ଛାତ୍ରୀଛାତ୍ର ପାଠ ପଢ଼ୁଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ନିମନ୍ତେ ଏକ ଡାଇନିଂ ଗୃହ ନିର୍ମାଣ ସହ ସେମାନଙ୍କ ରହିବା ନିମନ୍ତେ ଛାତ୍ରାବାସର ଆବଶ୍ୟକତା ରହିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ବିଦ୍ୟାଳୟର ଅଧକ୍ଷା ଶୁଭଲକ୍ଷ୍ମୀ ସାହୁଙ୍କୁ ପଚାରିବାରେ ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସୂଚନା ଦେଇଛନ୍ତି। ନୟାଗଡ଼ ଜିଲାପାଳ ଓ ଖଣ୍ଡପଡ଼ା ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଯାତ୍ରୀ ବିଶ୍ରାମାଗାର ନିର୍ମାଣରେ ବିଳମ୍ବ

ଖଣ୍ଡପଡ଼ା, ୧୯।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ତ୍ରିନାଥ ଛକରେ ଥିବା ପୁରାତନ ଯାତ୍ରୀ ବିଶ୍ରାମାଗାରକୁ ଭଙ୍ଗାଯାଇ ନୂତନ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟ ଗତ ୩ମାସ ତଳେ ଆରମ୍ଭ ହୋଇଥିଲେ ହେଁ ଅଦ୍ୟାବଧି ଯାତ୍ରା ବିଶ୍ରାମାଗାର ନିର୍ମାଣ କାମ ଶେଷ ହୋଇନାହିଁ। ଦୈନିକ ସେହି ସ୍ଥାନରୁ ଯାତ୍ରୀବାହୀ ବସ ଯୋଗେ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଖରା, ବର୍ଷା, ଶୀତ କାକରରେ ଲୋକମାନେ ମୁଖ୍ୟରାସ୍ତା ପାର୍ଶ୍ୱରେ ଛିଡା ହୋଇ ବସକୁ ଅପେକ୍ଷା କରୁଛନ୍ତି। ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୧୯।୭ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଟାଉନ ଥାନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ କେରଳରୁ ଗିରଫ କରିଛି। ସେ ହେଲେ ବଡଗଡ ଥାନା ଅଞ୍ଚଳର ନନ୍ଦନ ନାୟକ । ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ବଡଗଡ ଥାନା ଅଞ୍ଚଳର ନାବାଳିକା ବ୍ରହ୍ମପୁର ତୁଳସୀନଗର ଅଞ୍ଚଳରେ ରହି ପାଠ ପଢୁଥିଲେ।

# ଟାୱାର ହେଉନି କାର୍ଯ୍ୟକ୍ଷମ, ପଦାରେ ଚାଲିଛି ଅଫିସ୍ କାମ

ନୂଆଗାଁ, ୧୯।୭ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଆଦିବାସୀ ଅଧ୍ୟୁଷିତ ଗୁମୀ, କାପ୍ତାପଲି ପଞ୍ଚାୟତରେ ମୋବାଇଲ ନେଟ୍‌ୱାର୍କ ନାହିଁ। ଏଥିପାଇଁ ଅନେକ ସମସ୍ୟା ଦେଖା ଦେଉଛି। ଏପରିକି ନେଟ୍‌ୱାର୍କ ନ ଥିବାରୁ କାପ୍ତାପଲି ପଞ୍ଚାୟତର ଅଫିସ କାର୍ଯ୍ୟ ନେଟ୍‌ୱାର୍କ ଆସୁଥିବା ଏକ ବାଇଗଣ ପଦାରେ କରାଯାଉଛି। ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସମ୍ପ୍ରତି ସମସ୍ତ ଅଫିସରେ କାଗଜ କଲମ କାମ ଅପେକ୍ଷା ଅଧିକ ଡିଜିଟାଲ ମାଧ୍ୟମରେ କାମ ହେଉଛି। ପ୍ରତି ସରକାରୀ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ କରାଯାଉଛି। ଛାତ୍ରୀଛାତ୍ରମାନଙ୍କୁ ଡିଜିଟାଲ ମାଧ୍ୟମରେ ଆଧୁନିକ ଜ୍ଞାନ କୌଶଳରେ ଶିକ୍ଷାଦାନ କରିବା ପାଇଁ ସ୍କୁଲଗୁଡିକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି। କିନ୍ତୁ ନୂଆଗାଁ ବ୍ଲକର ଗୁମୀ, କାପ୍ତାପଲୀ ଭଳି ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତରେ ନେଟ୍‌ୱାର୍କ ନାହିଁ। ଗୋଟିଏ ପଟେ ମୋବାଇଲ ଅତ୍ୟାବଶ୍ୟକ ହୋଇ ପଡିଥିବା ବେଳେ ଅନ୍ୟପଟେ ମୋବାଇଲ ଚଳାଇବା ପାଇଁ ଭିତ୍ତିଭୂମିର ଅଭାବ ରହିଛି। ଫଳରେ ସାଧାରଣ ଲୋକମାନେ ଅନେକ ହଇରାଣ ହେବା ସହ କୌଣସି ସରକାରୀ କାର୍ଯ୍ୟ ହୋଇ ପାରୁ ନାହିଁ । ଏ ନେଇ ବାରମ୍ବାର ଅଭିଯୋଗ ପରେ ନେଟ୍‌ୱାର୍କ ସମସ୍ୟା ଦୂର କରିବା ପାଇଁ ବିଭିନ୍ନ ସ୍ଥାନରେ ବିଏସ୍ଏନ୍ଏଲ୍ ଟାୱାର ସ୍ଥାପନ କରି ଲୋକମାନଙ୍କ ସମସ୍ୟା ଦୂର କରାଗଲା ବୋଲି ନେତାମାନେ ଡିଣ୍ଡିମ ପିଟିଲେ। କିନ୍ତୁ ଟାୱାର ସ୍ଥାପନ କରି କେବଳ ଲୋକମାନଙ୍କୁ ମନକୁ ବୁଝାଇ ଦିଆଗଲା ହେଲେ ଟାୱାରକୁ କାର୍ଯ୍ୟକ୍ଷମ କରାଗଲା ନାହିଁ। କାପ୍ତାପଲି ଛକ ନିକଟରେ ୩୦ ମାର୍ଚ୍ଚ ୨୦୨୪ରେ ଟାୱାର ସ୍ଥାପନ କରାଯାଇଥିଲେ ମଧ୍ୟ ଆଜି ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇ ନାହିଁ। ସାଧାରଣ ଲୋକମାନେ ରାଶନ ସାମଗ୍ରୀ ପାଇବା ପାଇଁ ଇ-କେୱାଇସି ବାଧ୍ୟତାମୂଳକ ତାହା ପୁଣି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କରିବାକୁ ପଡିବ। ତେଣୁ ପଞ୍ଚାୟତ ଅଧିକାରୀ, ସରପଞ୍ଚ ରାତି ଅଧରେ ଗାଁକୁ ଯାଇ ନେଟ୍‌ୱାର୍କ ଆସୁଥିବା ସ୍ଥାନରେ ବସି ଇ-କେୱାଇସି କରାଇଥିଲେ। ସେହିପରି କାପ୍ତାପଲି ପଞ୍ଚାୟତର କୌଣସି ଅନଲାଇନ କାମ କିମ୍ବା ଜିଓଟ୍ୟାଗ୍ କାମ ପଞ୍ଚାୟତ କାର୍ଯ୍ୟାଳୟଠାରୁ କିଛି ଦୂରରେ ଏକ ବାଇଗଣ ବଗିଚାର ନିର୍ଦ୍ଦିଷ୍ଟ ସ୍ଥାନରେ ବସି କରିବାକୁ ପଡୁଛି। ତେଣୁ କାପ୍ତାପଲି ପଞ୍ଚାୟତ ଏଡିଇଓ ସୌମ୍ୟରଞ୍ଜନ , ପିଇଓ ସସ୍ମିତ ଶୁଭଦର୍ଶନ ମହାପାତ୍ର ଓ ସରପଞ୍ଚ ସାରସଧର ସାହୁ ଉକ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ବସି କାମ କରୁଥିବା କହିଥିଲେ। ତେବେ ନୂତନ ଭାବେ ସ୍ଥାପନ କରାଯାଇଥିବା ଟାୱାରକୁ କାର୍ଯ୍ୟକ୍ଷମ କରିବା ପାଇଁ କାପ୍ତାପଲି ସରପଞ୍ଚ ସାହୁ ଦାବି କରିଛନ୍ତି।



କାପ୍ତାପଲିଠାରେ କାର୍ଯ୍ୟକ୍ଷମ ହୋଇ ନ ଥିବା ଟାୱାର।



ବାଇଗଣ ପଦାରେ ବସି ଅନ୍‌ଲାଇନ କାମ କରୁଛନ୍ତି ପଞ୍ଚାୟତ କର୍ମଚାରୀ ।

# ସୌମ୍ୟାଶ୍ରୀଙ୍କ ପାଇଁ ମହମବତି ଶୋଭାଯାତ୍ରା




ଶୋଭାଯାତ୍ରାରେ ବାହାରିଥିବା ଯୁବ କଂଗ୍ରେସର କର୍ମକର୍ତ୍ତା।

ରଣପୁର, ୧୯।୭ (ସୁକାନ୍ତ କିଶୋର ଡାକୁଆ)

ବାଲେଶ୍ୱର ଏଫ୍ଏମ୍ ସ୍ୱୟଂଶାସିତ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ରଣପୁର ବିଧାନସଭା ଯୁବ କଂଗ୍ରେସ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରକାଶ ଚନ୍ଦ୍ର ନାୟକ ଓ ରାଜ୍ୟ ଛାତ୍ର କଂଗ୍ରେସ ପୂର୍ବତନ ସମ୍ପାଦକ ଅନୀଲ ଛୁଆଳସିଂଙ୍କ ନେତୃତ୍ୱରେ ଏହି ମହମବତୀ ଶୋଭାଯାତ୍ରା ରଘୁଦିବାକର ସ୍ମୃତି ମଣ୍ଡପଠାରୁ ବାହାରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହିତ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ନୟାଗଡ଼ ଜିଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ନାୟକ, ରଣପୁର ନଗର କଂଗ୍ରେସ ସଭାପତି ସତ୍ୟରଞ୍ଜନ ମଲ୍ଲ, ନୟାଗଡ ଜିଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ମିର ଅବୁବକର ସିଦ୍ଦିକ, ସୁରେଶ ମହାରଣା, ସଞ୍ଜୟ ମହାନ୍ତି, ଦ୍ୱିତୀକୃଷ୍ଣ ସାମନ୍ତରା, ଅମ୍ଳାନ ଅଂଶୁମାନ ସାହୁ, ଅନୁରାଗ ସ୍ୱାଇଁ, କାହ୍ନା ବିଶ୍ୱାଳ ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମହିଳାଙ୍କ ଜାଲରେ ଯୁବକ, ଚଞ୍ଚକତା କରି ୨.୫୫ ଲକ୍ଷ ନେଇଗଲେ

ବ୍ରହ୍ମପୁର, ୧୯।୭ (ସୁବାସ ଚନ୍ଦ୍ର ପାଢ଼ୀ)

ସାଇବର ଗ୍ୟାଙ୍ଗର ଜନୈକା ମହିଳାଙ୍କ ଜାଲରେ ବ୍ରହ୍ମପୁରର ଜଣେ ଯୁବକ ପଡି ଟଙ୍କା ହରାଇଛନ୍ତି। ମହିଳା ଜଣକ ଚଞ୍ଚକତା କରି ୨ ଲକ୍ଷ ୫୫ ହଜାର ଟଙ୍କା ନେଇଯାଇଛନ୍ତି। ସେବିରେ ପଞ୍ଜିକୃତ ହୋଇଥିବା ଏକ ସଂସ୍ଥାର ସହଯୋଗୀ ସଂସ୍ଥା ପକ୍ଷରୁ ଏହି ଠକେଇ କରାଯାଇଥିବା ନେଇ ବ୍ରହ୍ମପୁର ସାଇବର ଓ ଅପରାଧ ଥାନା ଅଭିଯୋଗ ହୋଇଛି। ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଘଟଣାରୁ ପ୍ରକାଶ ଯେ, ବ୍ରହ୍ମପୁର ସିଦ୍ଧାର୍ଥନଗର ଅଞ୍ଚଳରେ ରହୁଥିବା ଜଣେ ଯୁବକଙ୍କ ନିକଟକୁ କିଛିମାସ ତଳେ ୱାଟସଆପ ଜରିଆରେ ଅନଲାଇନ ଟ୍ରେଡିଂ କରିବାକୁ ଏକ ମେସେଜ ଆସିଥିଲା । ଟି-୨-ଆଇଏନ ନିଫ୍ଟି ଓ ସେନସେକ୍ସ ଟ୍ରେଡର୍ସ ହବ ନାମକ ଏକ ୱାଟସଆପ ଗ୍ରୁପରୁ ଏହି ମେସେଜ ଆସିଥିବା ବେଳେ ଯୁବକ ଜଣଙ୍କ ଉକ୍ତ ମେସେଜ ଦେଖିବା ପରେ ସଂପୃକ୍ତ କମ୍ପାନୀ ବିଷୟରେ ଯାଞ୍ଚ କରିଥିଲେ । ଏହି ପ୍ରିଭିଲେଜଡ ଟ୍ରେଡିଂ ଗ୍ରୁପଟି ସେବି ଦ୍ୱାରା ପଞ୍ଜିକୃତ ଇଣ୍ଡିଆ ମନି ପ୍ରାଇଭେଟ ଲିମଟେଡ ନାମକ ଏକ କମ୍ପାନୀର ସହଯୋଗୀ ସଂସ୍ଥା ବୋଲି ସେ ଜାଣିବା ପରେ ସେଥିରେ ଇନଭେଷ୍ଟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ତେବେ ଉପରୋକ୍ତ ୱାଟସଆପ ଗ୍ରୁପର ଆଡମିନ କୁହାଯାଉଥିବା ଶୈଳଜା ପାଇକ ନାମକ ଜଣେ ମହିଳା ଅଭିଯୋଗକାରୀ ଯୁବକଙ୍କ ସହ ବ୍ୟକ୍ତିଗତ ଚାଟିଂ କରି ଅନଲାଇନରେ ଇନଭେଷ୍ଟ କରି ମୋଟା ଅଙ୍କର କମିଶନ ହାସଲ କରିବାକୁ ପ୍ରବର୍ତ୍ତାଇଥିଲେ। ତାଙ୍କ କଥାରେ ପଡି ଯୁବକ ଜଣଙ୍କ ଏକ ପ୍ରିଭିଲେଜଡ ଟ୍ରେଡିଂ ଆକାଉଣ୍ଟ ଖୋଲିଥିଲେ । ଏହି ଟ୍ରେଡିଂ ଗ୍ରୁପର ଆକାଉଣ୍ଟସ ମ୍ୟାନେଜର ରାଘବ ଶର୍ମା ତାଙ୍କୁ ବିଭିନ୍ନ କମ୍ପାନୀର ଆଇପିଓ, ୟୁସି ଷ୍ଟକ ଓ ବ୍ଲକ ଷ୍ଟକ ବିଷୟରେ ବୁଝାଇଥିଲେ। କମ୍ପାନୀର ସମସ୍ତ ଦିଗକୁ ଯାଞ୍ଚ କରିବା ପରେ ଏହା ବିଧିବଦ୍ଧ ଅନଲାଇନ ଟ୍ରେଡିଂ ସଂସ୍ଥା ଓ ସେବି ଦ୍ୱାରା ପଞ୍ଜିକୃତ ବୋଲି ଯୁବକ ଜଣଙ୍କ ହୃଦବୋଧ କରି ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ଜମା କରିଥିଲେ । ଏହି ୪୦ ହଜାର ଟଙ୍କା ତାଙ୍କ ନାମରେ ଖୋଲା ଯାଇଥିବା ଟ୍ରେଡିଂ ଆକାଉଣ୍ଟରେ ପ୍ରଦର୍ଶିତ ହୋଇଥିଲା । ସେ ଯେଉଁ କମ୍ପାନୀର ଷ୍ଟକ କିଣିଥିଲେ ଉକ୍ତ ଷ୍ଟକ ମୂଲ୍ୟ କମ ବେଶୀ ହେଲେ ଯୁବକ ଜଣଙ୍କ ଇନଭେଷ୍ଟ କରିଥିବା ଟଙ୍କା ମଧ କମ ବେଶୀ ହେଉଥିଲା । ପରେ ଏକାଧିକ ପର୍ଯ୍ୟାୟରେ ମୋଟ ୨ ଲକ୍ଷ ୫୫ ହଜାର ଟଙ୍କା ଇନଭେଷ୍ଟ କରିଥିଲେ । ସେ ମାସାଧିକ କାଳ ଟ୍ରେଡିଂ ମଧ କରିଥିଲେ। ଏହା ଭିତରେ ଟି-୨-ଆଇଏନ ନିଫ୍ଟି ଓ ସେନସେକ୍ସ ଟ୍ରେଡର୍ସ ହବ ଗ୍ରୁପର ନାଁ ବଦଳି ଯାଇ ଟି-ଭିଆଇପି-୧ ଆଇଏନ ଇନଷ୍ଟରନାଲ ଟ୍ରେଡିଂ ଗ୍ରୁପ ହୋଇଯାଇଥିଲା। ତେବେ କିଛି ଦିନ ଟ୍ରେଡିଂ କରିବା ପରେ ଯୁବକ ଜଣଙ୍କ ଯେତେବେଳେ ନିଜ ଷ୍ଟକ ବିକ୍ରି କରି ଟଙ୍କା ଉଠାଇବାକୁ ଚାହିଁଥିଲେ ତାହା ସମ୍ଭବ ହୋଇନଥିଲା । ଏପରିକି ତାଙ୍କୁ ଅଧିକରୁ ଅଧିକ ଟଙ୍କା ଇନଭେଷ୍ଟ କରିବାକୁ କୁହାଯାଇଥିଲା। ଏହାପରେ ଯୁବକ ଜଣଙ୍କ କମ୍ପାନୀର କର୍ମଚାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିବା ବେଳେ ତାହା ସମ୍ଭବ ହୋଇନଥିଲା। ତାଙ୍କ ନାମରେ ଖୋଲା ଯାଇଥିବା ଟ୍ରେଡିଂ ଆକାଉଣ୍ଟ ମଧ ଅଚଳ ହୋଇ ଯାଇଥିଲା । ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଯୁବକ ଜଣଙ୍କ ଥାନାକୁ ଯାଇ ଅଭିଯୋଗ କରିଛନ୍ତି।

# ନବରଙ୍ଗପୁର, ଭୁବନେଶ୍ୱର ବିଜୟୀ

## ଆନ୍ତଃଜିଲା ସାହାଣୀ କପ୍

ବ୍ରହ୍ମପୁର, ୧୯।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଜୋନ୍‌ରେ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଆନ୍ତଃଜିଲା ପୁରୁଷ ବର୍ଗ ଫୁଟବଲ ପ୍ରତିଯୋଗିତାର ଶନିବାର ଚତୁର୍ଥ ଦିନ ମ୍ୟାଚରେ କୋରାପୁଟ ଓ ମୟୂରଭଞ୍ଜ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ କୋରାପୁଟ ଓ ମାଲକାନଗିରି ଜିଲା ମଧ୍ୟରେ ହୋଇଥିଲା। କୋରାପୁଟ ୨-୦ ଗୋଲରେ ମାଲକାନଗିରିକୁ ପରାସ୍ତ କରିଛି। ମ୍ୟାଚ ରେଫେରି ଭାବେ ଶିବ ଶଙ୍କର ପଣ୍ଡା, ଶିବ ପ୍ରସାଦ ସାମନ୍ତରାୟ, ଦିଗବିଜୟ ଦାସ, ଶିବ ଦେହୁରୀ ଦାୟିତ୍ୱ ତୁଲାଇଥିଲେ। ଦ୍ୱିତୀୟ ମ୍ୟାଚ ରାୟଗଡା ଓ ମୟୂରଭଞ୍ଜ ଜିଲା ମଧ୍ୟରେ ହୋଇଥିଲା। ମୟୂରଭଞ୍ଜ ୯-୦ ଗୋଲରେ ରାୟଗଡାକୁ ହରାଇ ବିଜୟୀ ହୋଇଛି। ପରେଶ ଭୋଇ, ବଳରାମ ସେ, ଅମିତ ସିଂ, ଜଗନ୍ନାଥ ମାଝୀ ଏହି ମ୍ୟାଚରେ ରେଫରୀ ଥିଲେ। ଉଭୟ ମ୍ୟାଚର କମିଶନର ଭାବେ ସୁଜିତ କୁମାର ପାତ୍ର ଉପସ୍ଥିତ ଥିଲେ। ପି. ମନ୍ମଥ ରାଓ, ଡମ୍ବୁରୁ ଗନ୍ତାୟତ, ଗଞ୍ଜାମ ଜିଲା କ୍ରୀଡା ସଂଘର ଆଜୀବନ ସଦସ୍ୟ ନବକିଶୋର ପ୍ରଧାନ, ଗଞ୍ଜାମ ଜିଲା ଆଥଲେଟିକ ସଂଘର ସହ ସମ୍ପାଦକ ପ୍ରମୋଦ ମହାରଣା, ପୂର୍ବତନ ଫୁଟବଲ ଖେଳାଳି ଏସ. ସି ପ୍ରଧାନ ପ୍ରମୁଖ ଅତିଥି ଥିଲେ। ପୂର୍ବତନ ବରିଷ୍ଠ ଫୁଟବଲ୍ ଖେଳାଳି ଏଲ. କେ ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, ରାଜେନ୍ଦ୍ର ଗନ୍ତାୟତ, ଜେ. ବି. ପିଟର, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ,ଜି. ଏମ. ବାବୁ, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳି ଉପସ୍ଥିତ ଥିବା ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।


## "ମା' ଙ୍କ ନାମରେ ଗଛଟିଏ"
### ୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା

ମା' ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ଅଧୀନରେ ନିମ୍ନଲିଖିତ ୧୮(ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ, ଅନୁଷ୍ଠାନ ମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟର ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦବାକୁ ପଡ଼ିବ। ଏତତ୍ ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡ଼ିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର : (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି।
(୨) ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ।

| ନଂ. | ବନାଞ୍ଚଳ (ରେଞ୍ଜ) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣୀଧର ପାଲି | ୧୨୬୪୪୮ | ଶ୍ରୀ ତାପସ କୁମାର ଶତପଥୀ, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ.ବଲାଙ୍ଗ | 4୭୯୧୦ | ଶ୍ରୀ ସଦାଶିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଲିପୋଷ | ଗଡ଼ରୁଆଁ | ୧୧୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପୋଳ | ୬୩୭୦୨୬୩୬୧୯ |
| ୬ | କୁଲିପୋଷ | ଡ଼ଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ତାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୭୨୮୨ |
| ୮ | ତାମଡା | ଧାତ୍ କିପୋସ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ତାମଡା | ତାମଡା | ୨୦୦୦୦ | ଶ୍ରୀ ଚାରୁଆ ଓରାମ, ବନରକ୍ଷୀ | ୭୮୪୯୦୭୩୨୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୫୨୧୨୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଡେଇଡିହା | ୩୫୦୦୦ | ଶ୍ରୀ ଈଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୧୬୨୯୨୪୩ |
| ୧୩ | ଜର୍ଡା | କାଉଁସୀ ବାହାଲ | ୧୫୦୦୦ | ଶ୍ରୀ ପ୍ରତାପ କୁମାର ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୯୨୧୫୬ |
| ୧୬ | ବରସୁଆଁ | ଡେଙ୍ଗୁଳା | ୫୧୭୫ | ଶ୍ରୀମତୀ ସରିତା ସାହୁ, ବନପାଳ | ୮୭୬୩୪୯୨୧୭୮ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | ଜାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଳ, ବନରକ୍ଷୀ | ୭୮୫୫୦୩୮୭୪୪ |
| | | ସମୁଦାୟ : | ୭୨୯୧୫୨ | ବନଖଣ୍ଡ କାର୍ଯ୍ୟାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୧୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼



OFFICE OF THE PRINCIPAL
GOKUL PARVATI RURAL DEGREE COLLEGE, KUNTARA
DIST.: SAMBALPUR, ODISHA - 768227
Email: gokulparvati@gmail.com

TENDER/QUOTATION CALL NOTICE

Sealed tenders/quotations are invited from intending registered manufactures/firms/suppliers having PAN/GST registration with IT Clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting. Internet facilities, Odia literature & language books through Regd. Post/Speed Post on or before 3 P.M. on 31.07.2025.
For details of the requirement with specification terms and conditions please contact Mob. No. 7655028730 and visit website: gprcollegekuntara.in.
The undersigned reserves the right to cancel part or whole of the tenders/quotations without specifying any reason thereof.

Sd./- Principal-cum-Secretary
G.P.R. Degree College, Kuntara,
Dist.: Sambalpur



OFFICE OF THE EXECUTIVE ENGINEER
PLANNING AND INVESTIGATION DIVISION
ROAD CONSTRUCTION DEPARTMENT (RCD),RANCHI
NirupanBhawan, 3rd Floor, Room No. 401,56-Set, Doranda,Ranchi-834002

e-Procurement ( Short Tender Notice )
Letter of Invitation (LOI) No.-13/2025-26
2nd Call
e-Tender Ref No:–RCD/PID/RANCHI/13/2025-26 Date:-18.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of Murma Khurd PWD Road to Pandu Main Road via Dhanchabar including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Palamu District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 9 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.07.2025,At 05:30 PM |
| 7 | Online Last Date/Time of Bid Submission | 06.08.2025, 12:00 noon |
| 8 | Date and Time of Bid opening | 07.08.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 355580 Road(25-26).D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.

PR 357762 (Road) 25-26 (D)

# ୯ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର

**କୁଆଁରମୁଣ୍ଡା,୧୯।୭(ମହେନ୍ଦ୍ର କୁମାର ସାହୁ)**

- ଭିଡିଓ ଭାଇରାଲ ଭୟ ଦେଖାଇ ୫ ଲକ୍ଷ, ସୁନାଗହଣା ନେଇଗଲେ
- ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରିବା ଏବଂ ବଳାତ୍କାର ସମୟର ଭିଡିଓ ଭାଇରାଲ କରିବା ଧମକ ଦେଇ ୫ ଲକ୍ଷ ଟଙ୍କା ଓ ସୁନାଗହଣା ଠକି ନେବା ଭଳି ସଙ୍ଗିନ ଅଭିଯୋଗ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରୁ ଆସିଛି। ଏନେଇ ଅଭିଯୋଗ ପରେ ବୀରମିତ୍ରପୁର ଥାନା ପୋଲିସ ଅଭିଯୁକ୍ତ ରାଉରକେଲା ମଣି କଲୋନୀର ଇନ୍ଦ୍ରମଣି ସାମଲ(୫୬)ଙ୍କୁ ଶନିବାର ଗିରଫ କରିଛି। ଏ ନେଇ ଥାନାରେ ଆଇପିସି ଦଫା ୩୭୬(୨)(ଏନ୍)/୩୭୬(୩)/୫୦୬,ସେକ୍ସନ ୪ ପୋକ୍ସୋ ଆକ୍ଟ ସହ ଏସ୍‌ସି/ଏସ୍‌ଟିରେ ଏକ ମାମଲା (ନଂ. ୩୨୪/୨୫) ରୁଜୁ ହୋଇଛି। ଘଟଣାଟି ୨୦୨୪ ମେ ୩ରେ ଘଟିଥିବା ବେଳେ ଅଭିଯୁକ୍ତ ବଳାତ୍କାର ସମୟର ଭିଡିଓ ଭାଇରାଲ କରିବା ଭୟ ଦେଖାଇ ପୀଡ଼ିତାଙ୍କୁ ବ୍ଲାକମେଲିଂ କରିବା ପରେ ଏହି ଘଟଣା ସମ୍ନାନକୁ ଆସିଛି।

ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ପରିବାର ରାଉରକେଲାରେ ରହୁଥିଲେ। ପାରିବାରିକ ସମସ୍ୟା ସୃଷ୍ଟି ହେବା ବିଷୟରେ ପୀଡ଼ିତାଙ୍କ ମା'ଙ୍କ ଠାରୁ ଇନ୍ଦ୍ରମଣି ଜାଣି ତାଙ୍କୁ ସାହାଯ୍ୟ କରିବା ପାଇଁ କୁଆଁରମୁଣ୍ଡା ଯମୁନାନାକିରେ ସେମାନଙ୍କ ପାଇଁ ୨୦୨୩ ସେପ୍ଟେମ୍ବର ୬ ତାରିଖରେ ଘରଭଡ଼ା ବୁଝିଥିଲେ। ପରେ ପରିବାର ସହ ତାଙ୍କର ସମ୍ପର୍କ ସୃଷ୍ଟି ହୋଇଥିଲା। ଏପରିକି ପୀଡ଼ିତାଙ୍କ ଉପରେ ତାଙ୍କର ଆଖି ପଡ଼ିଥିଲା। ପୀଡ଼ିତା ଜଣଙ୍କ କୁଆଁରମୁଣ୍ଡାର ଏକ ଘରୋଇ ସ୍କୁଲରେ ୯ମ ଶ୍ରେଣୀରେ ପଢୁଥିଲେ। ୨୦୨୪ ମେ ୩ରେ ସ୍କୁଲ ଛୁଟି ହେବା ପରେ ଇନ୍ଦ୍ରମଣି ତାଙ୍କୁ ଘରେ ଛାଡ଼ିବା ପରିବର୍ତ୍ତେ ନିଜର ଏକ ହୋଟେଲକୁ ନେଇ ବଳାତ୍କାର କରିବା ସହ ଭିଡିଓ ମଧ୍ୟ କରିଥିଲେ। ପରେ ଭିଡିଓ ଭାଇରାଲ କରିବାର ଭୟ ଦେଖାଇ ପୀଡ଼ିତାଙ୍କୁ ବାରମ୍ବାର ବଳାତ୍କାର କରିବା ସହ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ପୀଡିତା ପରିବାର ଲୋକଙ୍କୁ କହିଥିଲେ। ପ୍ରଥମେ ଇନ୍ଦ୍ରମଣି ପୀଡ଼ିତାଙ୍କଠାରୁ ୫ ଲକ୍ଷ ଟଙ୍କା ସହ ୩ ହଳ ସୁନା କାନଫୁଲ,୨ଟି ସୁନା ମୁଦି ଓ ଗହଣା ନେଇଥିଲେ। ହେଲେ ଇନ୍ଦ୍ରମଣି ଭିଡିଓ ଡିଲିଟ କରି ନ ଥିଲେ। ପୀଡିତାଙ୍କ ପରିବାର ଲୋକେ ତାଙ୍କୁ ବାରମ୍ବାର ଫୋନ କରି ଭିଡିଓ ଡିଲିଟ୍ କରିବାକୁ କହିବାରୁ ସେ ଆହୁରି ଟଙ୍କା ମାଗିଥିଲେ। ଶେଷରେ ପରିବାର ଲୋକେ ଶୁକ୍ରବାର ବୀରମିତ୍ରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଇନ୍ଦ୍ରମଣିଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଇନ୍ଦ୍ରମଣି ପୂର୍ବରୁ ରାଉରକେଲା ମ୍ୟୁନସିପାଲଟିର ସାନିଟାରୀ ଅଧିକାରୀ ଥିବା ବେଳେ ବର୍ତ୍ତମାନ କୁଆଁରମୁଣ୍ଡାରେ ଡେପୁଟେସନରେ କାମ କରୁଛନ୍ତି। ଏଥିସହ ଯମୁନାନାକି ନିକଟରେ ଏକ ହୋଟେଲ ବ୍ୟବସାୟ କରୁଥିବା ଜଣାପଡିଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା ରବିବାର କରାଯିବ ବୋଲି ଥାନା ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

# ଘରକୁ ଡାକି ହତ୍ୟା, ପରେ ଆତ୍ମସମର୍ପଣ



ମୃତଦେହକୁ ଘରୁ ବାହାରକୁ ଅଣାଯିବାବେଳେ ଲୋକେ ରୁଣ୍ଡ ହୋଇଛନ୍ତି।

**ଦେବଗଡ଼,୧୯।୭ (ଶଶାଙ୍କ ଶେଖର ଝାଙ୍କର)**

- ଅଭିଯୁକ୍ତଙ୍କ ଘର ଭଙ୍ଗାରୁଜା କଲେ ଉତ୍ୟକ୍ତ ଲୋକେ

ଦେବଗଡ଼ ଜିଲା ସଦର ଥାନା ଅଧୀନ ନୂଆଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ପଞ୍ଚାନନ ସୁହୁଲା (୫୫) ଉକ୍ତ ଗ୍ରାମର ରତନ ପ୍ରଧାନ(୫୦)ଙ୍କୁ କୌଣସି କଥାରେ ଘରକୁ ଡାକି ଏକ କଟୁରିରେ ହାଣି ଦେଇଥିଲେ। ପରେ ରକ୍ତଲଗା କଟୁରି ଧରି ଦେବଗଡ଼ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଶନିବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିବା ଦାବିରେ ମୃତକଙ୍କ ସମ୍ପର୍କୀୟ ଓ ଉତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତଙ୍କ ଘରକୁ ଭଙ୍ଗାରୁଜା କରିଥିଲେ। ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଓ ଏସ୍‌ଡିପିଓ ରମେଶ ଚନ୍ଦ୍ର ମହାନା ଫୋର୍ସ ସହିତ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଆଇନ ହାତକୁ ନ ନେବାକୁ ଚେତାବନୀ ଦେବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଶୁକ୍ରବାର ରାତିରେ ରତନ ତାଙ୍କର ୨ବନ୍ଧୁଙ୍କ ସହ ବଲଣ୍ଡା ଗ୍ରାମରୁ ନିଜ ଘରକୁ ଫେରୁଥିଲେ। ରାସ୍ତାରେ ଦେଖାହେବାରୁ ରତନଙ୍କୁ ପଞ୍ଚାନନ ଘରକୁ ଡାକିଥିଲେ। ରତନ ତାଙ୍କ ସହିତ ଥିବା ୨ବନ୍ଧୁଙ୍କୁ ଚାଲିଯିବାକୁ କହି ସେ ଏକୁଟିଆ ପଞ୍ଚାନନଙ୍କ ଘରକୁ ଯାଇଥିଲେ। ପଞ୍ଚାନନଙ୍କ ସ୍ତ୍ରୀ, ପିଲାମାନେ ଅନ୍ୟତ୍ର ରହୁଥିବାବେଳେ ସେ ଏକୁଟିଆ ରହୁଥିଲେ। ତେବେ ରାତି ପ୍ରାୟ ୨ଟା ୩୦ରେ ପଞ୍ଚାନନ ଘରେ ତାଲା ପକାଇ ଏକ ସାଇକେଲ ଯୋଗେ ଦେବଗଡ଼ ଥାନାକୁ ଯାଇ ଆତ୍ମସମର୍ପଣ କରି ହତ୍ୟାକାଣ୍ଡ ସମ୍ପର୍କରେ କହିଥିଲେ। ପୋଲିସ ତାଙ୍କଠାରୁ ରକ୍ତଲଗା କଟୁରି ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଶନିବାର ସକାଳେ ଦେବଗଡ଼ ପୋଲିସ ଟିମ୍ ଓ ଅନୁଗୋଳରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରତନଙ୍କ ପୁଅ ତ୍ରିଲୋଚନ ପ୍ରଧାନ ବିଧିବଦ୍ଧ ଭାବେ ଏତଲା ଦେବାପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ତାଲା ଭଙ୍ଗାଯାଇ ଘର ଭିତରୁ ରତନଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୁଣ୍ଡ ସମେତ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତଚିହ୍ନ ରହିଥିବା ଏବଂ ମୃତଦେହର ପ୍ରାୟ ଅର୍ଦ୍ଧେକ ଅଂଶକୁ ଏକ ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତି କରାଯାଇଥିବା ଦେଖିବାକୁ ମିଳିଥିଲା। ହତ୍ୟାକାଣ୍ଡର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ଅଧିକ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।


ଲୋକେ ଅଭିଯୁକ୍ତଙ୍କ ଘରକୁ ଭଙ୍ଗାରୁଜା କରୁଛନ୍ତି।

## ଯୁବତୀଙ୍କୁ ଅସଦାଚରଣ କରି ଯୁବକ ଫେରାର

**ବଣ୍ଟଁରପାଳ,୧୯।୭ (ସୁବାସ ସାହୁ)**

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଞ୍ଚଳରେ ଶୁକ୍ରବାର ରାତି ପ୍ରାୟ ୯ଟା ୩୦ରେ ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଛି। ଏ ନେଇ ଥାନାରେ ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇ ନ ଥିଲେ ମଧ୍ୟ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ପୋଲିସ କହିଛି, ଗିରାଙ୍ଗ ଛକରୁ ଜଣେ ଯୁବତୀ ଘରକୁ ସାଇକେଲରେ ଫେରୁଥିବା ବେଳେ ବାଲିସାହି ପେଟ୍ରୋଲ ପମ୍ପ ନିକଟ ବଳରାମପ୍ରସାଦ ଗ୍ରାମ ମୁଖ୍ୟ ରାସ୍ତାରେ ଥିବା ଢାବା ନିକଟରେ ଜଣେ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ ଯୁବତୀ ଜଣଙ୍କ ସାଇକେଲରୁ ଖସି ପଡ଼ିବା ସହ ପାଟି କରିଥିଲେ। ଯୁବକଙ୍କ ବାଇକ୍‌ଟି ମଧ୍ୟ ଡ୍ରେନ୍ ଭିତରକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସୁଥିବା ଦେଖି ଯୁବକ ଜଣକ ବାଇକ୍ ଛାଡ଼ି ଚମ୍ପଟ ମାରିଥିଲେ। ସୂଚନାପାଇ ନାଲ୍‌କୋ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା ଅଭିଯୋଗ

**କୋଟପାଡ଼,୧୯।୭(କେ.ରାଜଶେଖର ରାଓ)**

କୋରାପୁଟ ଜିଲା କୋଟପାଡ଼ ସଡୋରଙ୍ଗା ପଞ୍ଚାୟତ ଖୋପରୀଗୁଡା ନିକଟ କେନାଲ ହିଡ଼ ନିକଟରେ ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଶନିବାର ଅଭିଯୋଗ ହୋଇଛି। ମୃତକ ହେଲେ ସଡୋରଙ୍ଗା ଗ୍ରାମର ସେନାପତି ଭତ୍ରା(୩୪)।

ସୂଚନା ଅନୁଯାୟୀ, ଶୁକ୍ରବାର ସେନାପତି କୋଟପାଡ଼ ଯାଇ ଗାଁକୁ ଫେରୁଥିବା ବେଳେ କେତେଜଣ ଲୋକ ତାଙ୍କୁ ମାରପିଟ କରି ମୁମୂର୍ଷୁ ଅବସ୍ଥାରେ କେନାଲ ହିଡ଼ ନିକଟ ଏକ ଗଛରେ ଟାଙ୍ଗି ଫେରାର ହୋଇଯାଇଥିବା ତାଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ଘଟଣା ପୂର୍ବରୁ ସେନାପତି ତାଙ୍କ ଭିଣୋଇଙ୍କୁ କେତେଜଣ ଲୋକ ତାଙ୍କ ଜୀବନ ପ୍ରତି ବିପଦ ଥିବା ଓ ସେ ଆଜି ଘରକୁ ଫେରି ନ ପାରନ୍ତି ବୋଲି ଫୋନ ମାଧ୍ୟମରେ ଜଣାଇଥିଲେ। ଏହା ପରେ ପରିବାର ଲୋକ ଆସି ସେନାପତିଙ୍କୁ ଖୋଜାଖୋଜି କରି ଏକ ଗଛ ନିକଟରୁ ତାଙ୍କୁ ଉଦ୍ଧାର କରି କୋଟପାଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହି ସମୟରେ ସେନାପତିଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ମୃତଦେହ ଯେଉଁଠାରୁ ଆଣିଛ ସେଠାକୁ ନିଅ ବୋଲି କହିବାରୁ ସେନାପତିଙ୍କ ପରିବାର ମୃତଦେହ ପୁଣି ଉକ୍ତ ଗଛ ନିକଟକୁ ନେଇ ରାତିସାରା ଅପେକ୍ଷା କରିଥିବା ତାଙ୍କ ଭଉଣୀ କହିଛନ୍ତି। ଏ ନେଇ ଶନିବାର ସକାଳୁ କୋଟପାଡ଼ ଥାନାରେ ସେନାପତିଙ୍କ ଭିଣୋଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଟପାଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ପ୍ରକାଶ ଯେ, ସଡୋରଙ୍ଗା ଗାଁରେ କିଛିଦିନ ପୂର୍ବେ ଜମି ବିବାଦକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ କୋଟପାଡ଼ ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା କେତେଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିବା ବେଳେ ଥାନାରୁ ଫେରିଲେ ଗୋଟିଏ ମୁଣ୍ଡ ଗଡ଼ାଇବୁ ବୋଲି ଧମକ ଦେଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିବା ସେନାପତିଙ୍କ ପରିବାର ଅଭିଯୋଗ ଆଣିଛନ୍ତି।

## ଦୋକାନ ଭିତରେ ଶିଶୁକନ୍ୟାଙ୍କୁ ବଳାତ୍କାର

**ଜେଲ୍ ଗଲେ ଅଭିଯୁକ୍ତ**

**ବାଲେଶ୍ୱର,୧୯।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଟାଉନ ଥାନା ଅଧୀନ ମଧୁଆମିଲ୍ ଛକ ନିକଟରେ ଥିବା ଏକ ଦୋକାନ ଭିତରେ ଜଣେ ୮ବର୍ଷର ଶିଶୁକନ୍ୟାକୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ ୧୭୧/୨୫) ରୁଜୁ କରି ଅଭିଯୁକ୍ତ ବଡ଼ଖୁଆ ଅଞ୍ଚଳର ସେକ ବାବୁଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ୧୭ ତାରିଖରେ ଶିଶୁକନ୍ୟାଙ୍କ ମା' ଦୋକାନରେ ନ ଥିବା ବେଳେ ଅଭିଯୁକ୍ତ ଜଣକ ସେଠାକୁ ଯାଇଥିଲେ। ସେହି ସମୟରେ ଶିଶୁକନ୍ୟାକୁ ବଳାତ୍କାର କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଆଇଆଇସି ବିଜୟ କୁମାର ଦାସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

BUSINESS

# ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରଣ

**ଭୁବନେଶ୍ୱର,୧୯।୭(ଅଭୟ ଦାଶ)**



ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ରାଜ୍ୟର ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରଣ କରାଯାଇଛି। ଗତ ୫ ବର୍ଷ ଧରି ଶକ୍ତି ଭରସାଯୋଗ୍ୟତା ସମସ୍ତଙ୍କ ପାଖରେ ବିଦ୍ୟୁତ୍ ପହଞ୍ଚାଇବା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭିତ୍ତିଭୂମି ପାଇଁ ଦୃଢ଼ ମୂଳଦୁଆ ସ୍ଥାପନ କରାଯାଇଛି। ଏହି କ୍ରମରେ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକ ପକ୍ଷରୁ ପ୍ରାୟ ୪୦,୦୦୦ରୁ ଅଧିକ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ସେହିଭଳି ଏହି ବ୍ୟାପକ ଧରଣର କ୍ଷମତା ବୃଦ୍ଧି ଯୋଗୁ ଭୋଲ୍‌ଟେଜ୍‌ରେ ସ୍ଥିରତା ଆଣିବା, ବୈଷୟିକ କ୍ଷତିରେ ହ୍ରାସ ଏବଂ ଉଭୟ ଗ୍ରାମୀଣ ଓ ସହରାଞ୍ଚଳ କ୍ଷେତ୍ରରେ ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକ ମାନରେ ଉନ୍ନତି ଆଣିବାରେ ଡିସ୍‌କମ୍‌ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ବିଶେଷକରି ପିକ୍ ସମୟରେ ଏହା ଉନ୍ନତ ଲୋଡ୍ ପରିଚାଳନା, ସ୍ଥାନୀୟ ଓଭରଲୋଡିଂକୁ ରୋକିବା ସହ ନୂତନ ଭାବେ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରାଯାଉଥିବା ଓ ଉଚ୍ଚ ଅଭିବୃଦ୍ଧି ଅଞ୍ଚଳରେ ଭରସାଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିଛି। ଏପରିକି ଉନ୍ନତ ନେଟ୍‌ୱର୍କ ଦକ୍ଷତା ଯୋଗୁ ବର୍ତ୍ତମାନ କୃଷି, ଏମ୍‌ଏସ୍‌ଏମ୍‌ଇ ଓ ଘରୋଇ ଗ୍ରାହକଙ୍କ କ୍ଷେତ୍ରରେ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ପୂରଣ କରିବାରେ ଏହା ଉତ୍ତମ ସ୍ଥିତିରେ ରହିଛି ଏବଂ ଭବିଷ୍ୟତରେ ଅକ୍ଷୟ ଶକ୍ତି ଓ ଇଲେକ୍ଟ୍ରିକ୍ ଯାନ ଭିତ୍ତିଭୂମିର ସମନ୍ୱୟ ପାଇଁ ତାହା ମୂଳଦୁଆ ସ୍ଥାପନ କରିଛି। ଭିତ୍ତିଭୂମି ସମ୍ପ୍ରସାରଣ ସହ ଏହି ଡିସ୍‌କମ୍‌ଗୁଡ଼ିକ ପରିଚାଳନା ପ୍ରଦର୍ଶନରେ ମଧ୍ୟ ଉଲ୍ଲେଖନୀୟ ଲାଭ ପ୍ରଦାନ କରିଛି। ଏଟି ଆଣ୍ଡ୍ ସି କ୍ଷତି ହାରାହାରି ୧୧% ହ୍ରାସ ଘଟିଛି ଏବଂ ୧୦ ଲକ୍ଷରୁ ଅଧିକ ନୂଆ ସଂଯୋଗ ପ୍ରଦାନ କରାଯାଇଛି। ଏହା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ କ୍ଷେତ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଉପଲବ୍ଧ କରିବାରେ ବେଶ୍ ସହାୟକ ହୋଇଛି।

ଉଲ୍ଲେଖଯୋଗ୍ୟ, ଟାଟା ପାୱାର ପକ୍ଷରୁ ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗ କରାଯାଇଛି। ଏହା ଜରିଆରେ ଓଡ଼ିଶା ଡିସ୍‌କମ ଯଥା ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍), ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍), ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ଓ ଟିପି ନଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଭଳି ଚାରିଟି ଡିସ୍‌କମ୍ ଓଡ଼ିଶାରେ କମ୍ପାନୀ ପକ୍ଷରୁ ପରିଚାଳନା କରାଯାଉଛି। ସାମଗ୍ରିକ ଭାବେ ଏହି ଡିସ୍‌କମ୍‌ଗୁଡ଼ିକ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାଖାପାଖି ୪.୬କୋଟି ଲୋକଙ୍କୁ ସେବା ପ୍ରଦାନ କରୁଛି।

## ଏଚ୍‌ପିର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୯।୭**

ଏଚ୍‌ପିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଲେଜର ଏମ୍୩୦୦ ସିରିଜ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଲେଜର ପ୍ରିଣ୍ଟର ରେଞ୍ଜକୁ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଏସ୍‌ଏମ୍‌ବି ଏବଂ ସ୍ଥାନୀୟ ବ୍ୟବସାୟ ଓ ପ୍ରିଣ୍ଟିଂ ସର୍ଭିସ ଦୋକାନଗୁଡିକର ଆବଶ୍ୟକତା ପୂରଣ କରିବା ପାଇଁ ନିର୍ମାଣ କରାଯାଇଛି। ସେହିଭଳି ଏହି ସିରିଜରେ ୫ଟି ମଡେଲ ଯଥା ଲେଜର ଏମ୍‌ଏଫ୍‌ପି ୩୨୩ଏସ୍‌ଡିଏନଡବ୍ଲ୍ୟୁ, ୩୨୩ଡିଏନଡବ୍ଲ୍ୟୁ, ୩୨୩ଡି, ୩୦୩ଡିଡବ୍ଲ୍ୟୁ ଓ ୩୦୩ଡି ସାମିଲ ରହିଛି, ଯାହା ସୁଲଭ ମୂଲ୍ୟ ବର୍ଗରେ ଦ୍ରୁତ ଅଟୋ-ଡୁପ୍ଲେକ୍ସ ପ୍ରିଣ୍ଟିଂ, ଉନ୍ନତ ପ୍ରିଣ୍ଟ୍ ଗୁଣବତ୍ତା ଓ ଶକ୍ତି ଦକ୍ଷତା ପ୍ରଦାନ କରୁଛି। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ବରିଷ୍ଠ ନିର୍ଦ୍ଦେଶକ ସତୀଶ କୁମାର କହିଛନ୍ତି, ଏଚ୍‌ପି ଲେଜର ଏମ୍୩୦୦ ସିରିଜ କମ୍ ରକ୍ଷଣାବେକ୍ଷଣ ସହ ଦ୍ରୁତ, ଉଚ୍ଚମାନର ଡୁପ୍ଲେକ୍ସ ପ୍ରିଣ୍ଟିଂ ପ୍ରଦାନ କରିବା ପାଇଁ ଉଦ୍ଦେଶ୍ୟମୂଳକ ଭାବେ ନିର୍ମିତ ହୋଇଛି।

## ଏନ୍‌ଏଲ୍‌ଏଫ୍‌ସିର ପ୍ରଥମ ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର, ୧୯।୭(ଅନୁରାଧା ମହାରଣା)**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଜିଏସ୍‌ଆଇ) କୋଲକାତାର ସଲ୍ଟ ଲେକ୍‌ରେ ଜାତୀୟ ଭୂସ୍ଖଳନ ପୂର୍ବାନୁମାନ କେନ୍ଦ୍ର (ଏନ୍‌ଏଲ୍‌ଏଫ୍‌ସି)ର ପ୍ରଥମ ବାର୍ଷିକୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏନ୍‌ଏଲ୍‌ଏଫ୍‌ସିର ଗତ ଏକ ବର୍ଷର ସଫଳତା ସମୀକ୍ଷା କରାଯାଇଥିଲା ଏବଂ ଦେଶବ୍ୟାପୀ ଭୂସ୍ଖଳନ ପୂର୍ବାନୁମାନ କ୍ଷମତାକୁ ଦୃଢ଼ୀକରଣ ପାଇଁ ଏକ କୌଶଳଗତ ରୋଡମ୍ୟାପ ପ୍ରସ୍ତୁତ କରାଯାଇଥିଲା। ଜିଏସ୍‌ଆଇର ମହାନିର୍ଦ୍ଦେଶକ ଅସିତ ସାହା କର୍ମଶାଳାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଏସ୍‌ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ଡ. ଜୟେଶ ବାଗଚୀ, ପଶ୍ଚିମବଙ୍ଗ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସ୍ୱତନ୍ତ୍ର ସଚିବ ପ୍ରିୟଙ୍କା ସିଂଗଲା, ବରିଷ୍ଠ ପରାମର୍ଶଦାତା ଦୀପାଳି ଜିନ୍ଦଲ, କୋଲକାତା ଆଞ୍ଚଳିକ ପାଣିପାଗ କେନ୍ଦ୍ର ଉପ-ମହାନିର୍ଦ୍ଦେଶକ ଡ. ସୋମନାଥ ଦତ୍ତ, ଏନ୍‌ଆର୍‌ଏସ୍‌ସି ବୈଜ୍ଞାନିକ-ଏସ୍‌ଏଫ୍ ପ୍ରିୟମ ରୟଙ୍କ ସମେତ ବିଭିନ୍ନ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ଆଇଆଇଟି, ବିଶ୍ୱବିଦ୍ୟାଳୟ ଓ ଗବେଷଣା ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଜେଏଫ୍‌ଏସ୍‌ଏଲ୍ ସହ ଆଲିଆଞ୍ଜର ବୁଝାମଣା

**ଭୁବନେଶ୍ୱର,୧୯।୭ (ଅଭୟ ଦାଶ)**

ଜିଓ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ (ଜେଏଫ୍‌ଏସ୍‌ଏଲ୍) ଏବଂ ଆଲିଆଞ୍ଜ ଗ୍ରୁପ୍ (ଆଲିଆଞ୍ଜ)ର ସହାୟକ କମ୍ପାନୀ ଆଲିଆଞ୍ଜ ୟୁରୋପ ବିଭି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ କମ୍ପାନୀ ଭାରତୀୟ ବୀମା ବଜାରରେ ପ୍ରବେଶ ପାଇଁ ଏକ ୫୦:୫୦ ଅନୁପାତରେ ଘରୋଇ ପୁନଃ ବୀମା ମିଳିତ ଉଦ୍ୟୋଗ ଗଠନ ନେଇ ଘୋଷଣା କରିଛନ୍ତି। ଏଥିପାଇଁ ଦୁଇଟି କମ୍ପାନୀ ଏକ ବାଧ୍ୟତାମୂଳକ ଚୁକ୍ତିରେ ଅନୁବନ୍ଧିତ ହୋଇଛନ୍ତି। ସେହିଭଳି ଜେଏଫ୍‌ଏସ୍‌ଏଲ୍ ପାଖରେ ସ୍ଥାନୀୟ ବୁଝାମଣା ଜ୍ଞାନର ଦୃଢ଼ତା ଏବଂ ଏକ ଦୃଢ଼ ଡିଜିଟାଲ ଉପସ୍ଥିତି ରହିଥିବାବେଳେ ଆଲିଆଞ୍ଜ ଦୃଢ଼ ଅଣ୍ଡରରାଇଟିଂ ଏବଂ ବିଶ୍ୱସ୍ତରୀୟ ପୁନଃ ବୀମା କ୍ଷମତା ଆଣିବ। ଏହି ମିଳିତ ଉଦ୍ୟୋଗ ଭାରତରେ ଆଲିଆଞ୍ଜର ବର୍ତ୍ତମାନ ରହିଥିବା ଆଲିଆଞ୍ଜ-ରି ଏବଂ ଆଲିଆଞ୍ଜ ବାଣିଜ୍ୟିକ ପୋର୍ଟଫୋଲିଓର ଲାଭ ମଧ୍ୟ ପାଇବ।

ଏ ନେଇ ଜେଏଫ୍‌ଏସ୍‌ଏଲ୍‌ର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଏମ୍.ଅମ୍ବାନୀ କହିଛନ୍ତି, ବୃଦ୍ଧି ପାଉଥିବା ସମୃଦ୍ଧି, ଆର୍ଥିକ ସଚେତନତା ଏବଂ ବର୍ଦ୍ଧିତ ଡିଜିଟାଲ୍ ପରିବେଶ ଦ୍ୱାରା ଭାରତରେ ବୀମା ଚାହିଦା ବୃଦ୍ଧି ପାଉଛି। ଏହି ସହଭାଗିତା ଆଲିଆଞ୍ଜର ବିଶ୍ୱସ୍ତରୀୟ ପୁନଃ ବୀମା ବିଶେଷଜ୍ଞତାକୁ ଜେଏଫ୍‌ଏସ୍‌ଏଲ୍‌ର ଭାରତୀୟ ବଜାରର ଦୃଢ଼ ବୁଝାମଣା ଜ୍ଞାନ ଏବଂ ଦୃଢ଼ ଡିଜିଟାଲ୍ ଭିତ୍ତିଭୂମି ସହ ସମାବେଶିତ କରିଛି, ଯାହା ବୀମାକାରୀମାନଙ୍କୁ ଅଭିନବ ଏବଂ ଆବଶ୍ୟକ ଅନୁଯାୟୀ ପୁନଃ ବୀମା ସମାଧାନ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି।

୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା ଜାତୀୟ ଲକ୍ଷ୍ୟ ସହ ଆମେ ଏକ ଦୃଢ଼ ଏବଂ ଅଧିକ ଅନ୍ତର୍ଭୁକ୍ତ କରୁଥିବା ବୀମା ପରିବ୍ୟବସ୍ଥା ନିର୍ମାଣ କରିବାକୁ ପ୍ରତିବଦ୍ଧ ରହିଛି। ଯାହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସୁରକ୍ଷା ସୁନିଶ୍ଚିତ କରିବ।

## ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସହ ଏଲ୍‌ଆଇସିର ଭାଗୀଦାରି

**ଭୁବନେଶ୍ୱର,୧୯।୭**



ଚୁକ୍ତିନାମା ଅବସରରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଏବଂ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ମଧ୍ୟରେ ଏକ ଭାଗୀଦାରି ସ୍ଥାପନ ହୋଇଛି। ଏପରି କି ଉଭୟ ସଂସ୍ଥା (କମ୍ପାନୀ) ମଧ୍ୟରେ କର୍ପୋରେଟ ଏଜେନ୍ସି ରାଜିନାମା ହୋଇଛି। ଫଳରେ ବ୍ୟବସାୟ ଅଭିବୃଦ୍ଧି ପାଇଁ ଉଭୟ କାର୍ଯ୍ୟ କରିବେ ବୋଲି ଚୁକ୍ତିରେ ବିସ୍ତୃତ ଉଲ୍ଲେଖ କରାଯାଇଛି। ସେହିଭଳି ଏକ ସ୍ୱତନ୍ତ୍ର ସମାରୋହରେ ଉଭୟ ସଂସ୍ଥା ମଧ୍ୟରେ ବାଣିଜ୍ୟିକ କାରବାର ଓ ସହଭାଗିତାର ଶୁଭାରମ୍ଭ ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏପରି କି ବ୍ୟବସାୟିକ ସମ୍ପ୍ରସାରଣ ଓ ଅଭିବୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ସହ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଉଭୟ କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିପରି ଏଲ୍‌ଆଇସିର ନେଟ୍‌ୱର୍କ ଓ ଉତ୍ପାଦଗୁଡ଼ିକର ବଣ୍ଟନ କାର୍ଯ୍ୟକ୍ରମକୁ ବ୍ୟାଙ୍କ ତା'ର ସମସ୍ତ ଶାଖା ଓ ଚ୍ୟାନେଲ ମାଧ୍ୟମରେ ବିତରଣ କରିବ ବୋଲି କୁହାଯାଇଛି। ଅପରପକ୍ଷରେ ବ୍ୟାଙ୍କର ଏକ ବୃହତ ନେଟ୍‌ୱର୍କ ଏହି ଚୁକ୍ତିକୁ ବଳ ଯୋଗାଇବ। ଫଳରେ ୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା (ଇନ୍‌ସ୍ୟୁରାନ୍ସ ଫର ଅଲ ବାଏ ୨୦୪୭) ଲକ୍ଷ୍ୟକୁ ଏଲ୍‌ଆଇସି ଏହା ଜରିଆରେ ପୂରଣ କରିବାକୁ ଆଶା ରଖିଛି। ବର୍ତ୍ତମାନ ୩୬୦୦ରୁ ଅଧିକ ଏଲ୍‌ଆଇସି ସାଟେଲାଇଟ କାର୍ଯ୍ୟାଳୟ ଓ ୨୫୦୦ରୁ ଅଧିକ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କର ଟଚ୍ ପଏଣ୍ଟ ରହିଛି।

## ସିଆଇଏଲ୍‌ର ୧୦ କୋଟି ଟଙ୍କାର ସହାୟତା ପ୍ରତିଶ୍ରୁତି

**ଭୁବନେଶ୍ୱର, ୧୯।୭**

ଜନଜାତୀୟ କାର୍ଯ୍ୟ ମନ୍ତ୍ରଣାଳୟ (ଏମ୍‌ଓଟିଏ) ଏବଂ କୋଲ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଛତିଶଗଡ଼ରେ ଆଦିବାସୀ ଛାତ୍ରଙ୍କ ଶିକ୍ଷାର ଗୁଣବତ୍ତା ବୃଦ୍ଧି ପାଇଁ ମିଳିତ ଭାବେ ପଦକ୍ଷେପ ଗ୍ରହଣ କରିଛନ୍ତି। ସିଆଇଏଲ୍ ତାଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ୬୮ଟି ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ (ଇଏମଆରଏସ୍) ପାଇଁ ୧୦ କୋଟି ଟଙ୍କାର ସହାୟତା ପ୍ରଦାନ କରିବ। ବର୍ତ୍ତମାନ ଦେଶରେ ୪୭୯ଟି ଇଏମଆରଏସ୍ କାର୍ଯ୍ୟକ୍ଷମ ଅଛି। ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପ୍ୟୁଟର ଲ୍ୟାବ ସ୍ଥାପନ କରିବା ପାଇଁ ପ୍ରାୟ ୩୨୦୦ କମ୍ପ୍ୟୁଟର ଏବଂ ୩୦୦ ଟାବ୍‌ଲେଟ କ୍ରୟ କରାଯିବ। ବିଦ୍ୟାଳୟ ଓ ଛାତ୍ରାବାସରେ ୧୨୦୦ ସାନିଟାରୀ ନାପକିନ ଭେଣ୍ଡିଂ ମେଶିନ ଏବଂ ୧୨୦୦ ଇନସିନାରେଟର ସ୍ଥାପନ। ସେହିପରି ଛାତ୍ରୀଛାତ୍ରମାନଙ୍କ ପାଇଁ ବ୍ୟାପକ କ୍ୟାରିଅର ମାର୍ଗଦର୍ଶନ କାର୍ଯ୍ୟକ୍ରମ କରାଯିବ। ଏହି ସହଯୋଗ ମାଧ୍ୟମରେ ଜନଜାତୀୟ କାର୍ଯ୍ୟ ମନ୍ତ୍ରଣାଳୟ ଏବଂ ସିଆଇଏଲ ଇଏମଆରଏସରେ ଆଧୁନିକ ଶିକ୍ଷଣ ପରିବେଶ ସୁନିଶ୍ଚିତ କରି ସମାଜର ବଞ୍ଚିତ ବର୍ଗର ଛାତ୍ରଙ୍କୁ ସମାନ ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଡିଜିଟାଲ ଶିକ୍ଷା, କ୍ୟାରିୟର ପ୍ରସ୍ତୁତି ଓ ଉଦ୍ୟମିତା ମାନସିକତା ମାଧ୍ୟମରେ ଆଦିବାସୀ ଯୁବକଙ୍କ ଶୈକ୍ଷିକ ଅନ୍ତରାଳ ଦୂର କରି ନୂଆ ପଥ ସୃଷ୍ଟି କରାଯିବ। ଏହା ୨୦୨୦ ରାଷ୍ଟ୍ରୀୟ ଶିକ୍ଷା ନୀତି ଅନୁଯାୟୀ ସମାଜର ସମସ୍ତ ବର୍ଗ ପାଇଁ ସମାନ ଓ ସମାବେଶୀ ଶିକ୍ଷା ସୁଯୋଗ ସୃଜନ କରିବାର ସରକାରୀ ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ପ୍ରକଳ୍ପ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଅର୍ଥ ଓ ବିକାଶ ନିଗମ (ଏନଏସଟିଏଫଡିସି) ମାଧ୍ୟମରେ କାର୍ଯ୍ୟକାରୀ ହେବ।

# ଲକ୍ଷ୍ୟ ପୂରଣ ଉପରେ ଗୁରୁତ୍ୱାରୋପ

## ଏକଦିବସୀୟ ଏସ୍‌ଡିଜି କର୍ମଶାଳା

ଜଗତ୍‌ସିଂହପୁର, ୧୯।୭ (ପ୍ରମୋଦ କୁମାର ନାୟକ)

କେହି ଭୋକିଲା କି ଗରିବ ରହିବେ ନାହିଁ। ପ୍ରତ୍ୟେକଙ୍କ ଉତ୍ତମ ସ୍ୱାସ୍ଥ୍ୟ ସହ ସେମାନେ ଯେପରି ଭଲ ମଣିଷ ହୋଇ ବଞ୍ଚିବେ ସେ ନେଇ କାର୍ଯ୍ୟ କରିବାକୁ ପଡ଼ିବ। ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସହ ଅନ୍ୟ ଅସମାନତା ଦୂର, ଶୁଦ୍ଧପାଣି ଓ ପରିମଳ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ହେବ। ଉତ୍ତମ ଭିତ୍ତିଭୂମି ସୃଷ୍ଟି ସାଙ୍ଗକୁ ପରିବେଶ ଯୋଜନା, ଶାନ୍ତି ଓ ନ୍ୟାୟ ଆଦି ସ୍ଥାପନ ସହ ପ୍ରତ୍ୟେକଙ୍କ ଆର୍ଥିକ ଉନ୍ନତି ଆଣିବାକୁ ହେବ।

ଏଭଳି ୧୭ଟି ଲକ୍ଷ୍ୟ ପୂରଣ ପାଇଁ ୨୦୧୫ରେ ୟୁନାଇଟେଡ୍ ନେସନ୍ସ (ୟୁଏନ୍)ରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ୨୦୩୦ ସୁଦ୍ଧା ପୃଥିବୀର ଉନ୍ନତି ପାଇଁ ଏହି ୧୭ଟି ନୂଆ ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ୍‌ସ(ଏସ୍‌ଡିଜି) ଉପରେ କାମ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।



ଏସ୍‌ଡିଜି କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଏହି ଅନୁଯାୟୀ ନିଲେ ଝଣ୍ଡେ ୱାଲେ ଓପନ ୟୁନିଟ, ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଓ ଗ୍ରୀନ ପିରାମିଡ୍‌ର ମିଳିତ ଉଦ୍ୟମରେ ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଜାହାନପୁରସ୍ଥିତ ସୋମନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ସଚେତନତା ପାଇଁ ଏସ୍‌ଡିଜି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଡିଜିର ୧୭ଟି ଲକ୍ଷ୍ୟ ପୂରଣ କରିବା କ୍ଷେତ୍ରରେ ଛାତ୍ରୀଛାତ୍ର ତଥା ଯୁବ ଗୋଷ୍ଠୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇ ସେମାନଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ପ୍ରେରଣା ଯୋଗାଯାଇଥିଲା। କର୍ମଶାଳାରେ ୟୁନିଟ ଲିଡର୍ ବିଜୟ କୁମାର ରଥ ବିଶେଷକରି ଛାତ୍ରୀଛାତ୍ରମାନଙ୍କ ଗୁଣାତ୍ମକ ଶିକ୍ଷାରେ ଆଧ୍ୟାତ୍ମିକ ଚେତନାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ୟୁନିଟର ଭାରପ୍ରାପ୍ତ ରୋଭର ଲିଡର୍ ଆଶୁତୋଷ ପଣ୍ଡା ଛାତ୍ରୀଛାତ୍ରମାନେ ସେମାନଙ୍କ ଦୈନନ୍ଦିନ ଜୀବନରେ ଏସ୍‌ଡିଜିର ଲକ୍ଷ୍ୟକୁ ଚରିତାର୍ଥ କରିବା ପାଇଁ କାର୍ଯ୍ୟ କରିବା ଉପରେ ବର୍ଣ୍ଣନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ସମ୍ମାନିତ ଅତିଥିଭାବେ ଭାବଗ୍ରାହୀ ପ୍ରଧାନ, ସୁଶୀଲ ଦାସ ଓ ଜ୍ୟୋତି ରଞ୍ଜନ ସ୍ୱାଇଁ ଯୋଗଦେଇ କୁଇଜ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିଥିଲେ। ଶେଷରେ ୟୁନିଟର ରୋଭର୍‌ମାନଙ୍କ ଦ୍ୱାରା ସ୍ଥାନୀୟ ଗୀତାଭବନ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକୁ ୟୁନିଟର ଉପସଭାପତି ଅତୁଲ ବିକ୍ରମ ପ୍ରଧାନ ସୁଚାରୁରୂପେ ପରିଚାଳନା କରିଥିଲେ। କର୍ମଶାଳାରେ ରୋଭରମେଟ୍ ସଂଗ୍ରାମ, କ୍ରାନ୍ତି, ସନ୍ତୋଷ, ରୁଦ୍ର, ଦୀପ୍ତି, ଆଶୁତୋଷ, ସୁବ୍ରତ, ନରେଶ, ସ୍ୱରାଜ, ଶୁଭାଶିଷ, ରାଜେଶ, ଜୟପ୍ରକାଶ, ସୌମ୍ୟାଜିତ, ସିଦ୍ଧାନ୍ତଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଥମେ ରୋଭର୍‌ମାନଙ୍କ ଦ୍ୱାରା ସ୍କାଉଟ ଫ୍ଲାଗ୍ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବୈଦିକ ମନ୍ତ୍ର ପାଠ ଓ ଦୀପ ପ୍ରଜ୍ୱଳନପୂର୍ବକ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ସ୍କାଉଟର ପ୍ରତିଷ୍ଠାତା ବାଡେନ ପାୱେଲ ଓ ତାଙ୍କ ସ୍ତ୍ରୀ ତଥା ବ୍ରିଟେନ୍‌ର ପ୍ରଥମ ମୁଖ୍ୟ ଗାଇଡ୍ ଲେଡି ବାଡେନ ପାୱେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା।

## ପ୍ରଶାସନର ଅଜାଣତରେ ଚାଲିଛି ଉନ୍ନୟନମୂଳକ କାର୍ଯ୍ୟ
### ଥାନାରେ ଅଭିଯୋଗ, ତଦନ୍ତ ପରେ କାର୍ଯ୍ୟ ବନ୍ଦ

ନାଉଗାଁ, ୧୯।୭(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ପ୍ରାଣୀ ଚିକିତ୍ସାଳୟ ପରିସରରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଗାଡ଼ି ରହିବା ପାଇଁ ଏକ ଶେଡ୍ ନିର୍ମାଣ କରାଯାଉଛି। ଉକ୍ତ ଶେଡ୍‌କୁ କିଏ ନିର୍ମାଣ କରୁଛି ତାହାର କୌଣସି ସୂଚନା ବ୍ଲକ ପ୍ରଶାସନ ପାଖରେ ନାହିଁ। କାର୍ଯ୍ୟାରମ୍ଭରେ କୌଣସି ସୂଚନା ଫଳକ କାର୍ଯ୍ୟସ୍ଥଳରେ ଲଗା ଯାଇ ନ ଥିଲା। କୌଣସି ଠିକାଦାର ଚତୁରତାର ସହ ଉକ୍ତ ଶେଡ୍‌କୁ ତିଆରି କରି ପଛରେ କାର୍ଯ୍ୟ ତୁଳନାରେ ଅଧିକ ବିଲ୍ କରିବା ପାଇଁ ମସୁଧା ରଖିଥିବା ଜଣାପଡ଼ିବା ପରେ ସ୍ଥାନୀୟ ସଭ୍ୟ ମାନସୀ ଲେଙ୍କା, ଘୋଡାଂଶ ସରପଞ୍ଚ ନୀହାର ରଞ୍ଜନ ବସ୍ତିଆ, ସଭ୍ୟ ତରୁଣକାନ୍ତ ବାରିକ ପ୍ରମୁଖ ବିରୋଧ କରିଥିଲେ। କେଉଁ ପାଣ୍ଠିରୁ ଉକ୍ତ କାର୍ଯ୍ୟ କରାଯାଉଛି ଓ କାର୍ଯ୍ୟର ନିର୍ଦ୍ଦେଶନାମା ପ୍ରଦାନ କରିବା ପାଇଁ ସେମାନେ ବିଡିଓ ଏବଂ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ କହିଥିଲେ। ଉକ୍ତ କାର୍ଯ୍ୟ ବିଷୟରେ ବିଡିଓ ନିରଞ୍ଜନ ପରିଡା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଙ୍କିତା ଜାଲି, କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ ଖୁଣ୍ଟିଆ ଜାଣି ନ ଥିବା ଓ କୌଣସି ନିର୍ଦ୍ଦେଶନାମା ଦିଆଯାଇ ନ ଥିବା କହିଥିଲେ। ଏନେଇ ବିରୋଧ ହେବା ପରେ କାର୍ଯ୍ୟ ବନ୍ଦ କରାଯାଇଥିଲା। ମାତ୍ର କାର୍ଯ୍ୟ ବନ୍ଦ ହେବାରୁ ବିସ୍ମୟାନନ୍ଦ ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଘଟଣାସ୍ଥଳକୁ ଏସ୍‌ଆଇ ନୀଳମଣି ନାୟକ ପହଞ୍ଚି ତଦନ୍ତ କରିବା ସହ ବିନା ନିର୍ଦ୍ଦେଶରେ କାର୍ଯ୍ୟ କରାଯାଉ ଥିବାରୁ କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି।

## ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି, ଡାକ୍ତର ସମସ୍ୟା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର

ରଘୁନାଥପୁର,୧୯।୭(ରାଜେନ୍ଦ୍ର ନାରାୟଣ ସିଂହ)

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଥିବା ବିଭିନ୍ନ ଗୋଷ୍ଠୀ ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଏବଂ ଡାକ୍ତର ପଦବୀ ପୂରଣ ନିମନ୍ତେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ବେହେରା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ କୁମାର ମହାଲିଙ୍ଗଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍‌ସିଏଚ୍ ବିଲ୍‌ଡିଂ, ଲାବ୍ ଟେକ୍ନିସିଆନ ସହ ବିଲ୍‌ଡିଂ ନିର୍ମାଣ, ଗଭୀର ନଳକୂପ ଖନନ ସହ ମେଡିସିନ, ସର୍ଜରି ଓ ଗାଇନିକ୍ ବିଶେଷଜ୍ଞ ନିଯୁକ୍ତି, ରେଡ୍ଡୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଜଣ ଡାକ୍ତର ନିଯୁକ୍ତି ଓ ନୂତନ ବିଲ୍‌ଡିଂ ନିର୍ମାଣକୁ ତ୍ୱରାନ୍ୱିତ କରିବା, ଜୟୀପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ ସହ ଦିବାରାତ୍ର ଡାକ୍ତର ବ୍ୟବସ୍ଥା, ତରିକୁନ୍ଦ ସ୍ୱାସ୍ଥ୍ୟକେନ୍ଦ୍ରର ନୂଆ ବିଲ୍‌ଡିଂ ନିର୍ମାଣ ସହ ସମ୍ମୁଖରେ ଥିବା ଜଳାଶୟକୁ ପୋତାଯିବା,ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଡାକ୍ତର ଓ ବାଗଲପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ୪ ଡାକ୍ତର ପଦବୀ ପୂରଣ ପାଇଁ ବେହେରା ପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ ଏ ସମ୍ପର୍କରେ ଅବଗତ ହେବାପରେ ସମସ୍ୟାର ସମାଧାନ ପାଇଁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ଉକ୍ତ ପତ୍ର ପଠାଇଛନ୍ତି।



ଶୋଭାଯାତ୍ରାରେ ସାମିଲ ହୋଇଥିବା ପାରାଦୀପର କଳିଙ୍ଗ ମହିଳା ଶକ୍ତି ସଂଗଠନ ସଦସ୍ୟ ଓ ଅନ୍ୟମାନେ।

## ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ପାରାଦୀପ, ୧୯।୭(ଶରତ ରାଉତ)

**ପାରାଦୀପ ମହିଳା ଶକ୍ତି ସଂଗଠନ ପକ୍ଷରୁ ଥାନାରେ ଦାବିପତ୍ର**

ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ସମଗ୍ର ମହିଳା ସମାଜ ପ୍ରତି ନକାରାତ୍ମକ ବାର୍ତ୍ତା ଯାଇଛି। ଘଟଣା ପଛରେ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରି ପାରାଦୀପର କଳିଙ୍ଗ ମହିଳା ଶକ୍ତି ସଂଗଠନ ପକ୍ଷରୁ ଶନିବାର ଏକ ଶୋଭାଯାତ୍ରା କରାଯିବା ସହ ସ୍ଥାନୀୟ ଥାନାରେ ଏକ ଦାବିପତ୍ର ଦିଆଯାଇଛି। ସଙ୍ଗଠନ ସଭାପତି ମନୋରମା ଖଟୁଆଙ୍କ ନେତୃତ୍ୱରେ କମଳା ଓଝା, ବିଜୟାଲକ୍ଷ୍ମୀ ଦାସ, ସରୋଜିନୀ ସ୍ୱାଇଁ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମରେ ବାର୍ଷିକ ଉତ୍ସବ

ତିର୍ତ୍ତୋଲ, ୧୯।୭ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ମହାନଦୀ ପଠାସ୍ଥିତ ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ, ମାତୃ ସଙ୍ଗୀତ ଗାନ, ଧୂପଦୀପ ଦାନ, ସମୂହ ଧ୍ୟାନ, ଦିବ୍ୟ ପାଠଚକ୍ର ଓ ଆଧ୍ୟାତ୍ମିକ ସଭା ଆଦି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଶ୍ରମର ଟ୍ରଷ୍ଟି ପ୍ରଭୁପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ଆଲୋଚକଭାବେ ଜଗତ୍‌ସିଂହପୁର ଜିଲା ପାଠଚକ୍ର ସଂଯୋଜକ ବାସୁଦେବ ନାୟକ, ମାତୃ ଉପାସିକା ମୀରାରାଣୀ ଦାସ, ଅନ୍ତର୍ଯ୍ୟାମୀ ପ୍ରଧାନ, ପଙ୍କପାଳ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ମନୋଜ କୁମାର ମନୋହରୀ, ଚିତ୍ତରଞ୍ଜନ ସାମଲ, ରବୀନ୍ଦ୍ର କୁମାର ରାଉତ, ଧ୍ରୁବଚନ୍ଦ୍ର ସାହୁ, ରାକେଶ କୁମାର ବଳ, ମୁକେଶ କୁମାର ବଳ ପ୍ରମୁଖ ଉପସ୍ଥିତ ରହି ପାଠ୍ୟକ୍ରମର ମହତ୍ତ୍ୱ ଉପରେ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଜିଲା ସମେତ ବିଭିନ୍ନ ସ୍ଥାନରୁ ବହୁ ମାତୃପ୍ରେମୀ ଯୋଗଦେଇଥିଲେ।

## ଟ୍ରେନ୍ ଲାଇନ୍‌ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ପାରାଦୀପ,୧୯।୭(ଶରତ ରାଉତ)– ପାରାଦୀପ ରଙ୍ଗିଆଗଡ଼ ରେଲୱେ ଷ୍ଟେଶନ ପାଖ ବାଉରିଆପାଳନ୍ଦା ସୀମାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଶନିବାର ଅପରାହ୍ଣରେ ଜିଆରପି ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡ଼ିଛି ଯେ, ମୃତକ କୋଇଲା ସଂଗ୍ରହ କରିବା ସମୟରେ ଅଘଟଣ ଘଟିଛି। ତାଙ୍କ ଶରୀର ଦୁଇଖଣ୍ଡ ହୋଇଯିବା ସହ ସମ୍ପୂର୍ଣ୍ଣ କଳା ପଡ଼ିଯାଇଛି। ଘଟଣାସ୍ଥଳରେ ଜିଆର୍‌ପି ପୋଲିସ ତଦନ୍ତ ଚଳାଇଛି।

## ନୋଟିସ ବୁଲାଯାଇ ଦସ୍ତଖତ ସଂଗ୍ରହକୁ ବିରୋଧ

### ଡେରିକି ପଞ୍ଚାୟତର ଗଙ୍ଗଦାହାଟ ନିଲାମ ପାଇଁ ବିଜ୍ଞପ୍ତି

ନାଉଗାଁ,୧୯।୭(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପଞ୍ଚାୟତର ଗଙ୍ଗଦାହାଟକୁ ନିଲାମ ଦେବା ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତିକୁ ଭିତ୍ତିକରି ପଞ୍ଚାୟତ ପକ୍ଷରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ଖାତାରେ ଦସ୍ତଖତ କରାଯିବା ସହ ଡେଙ୍ଗୁରା ମଧ୍ୟ ପିଟାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉକ୍ତ ନୋଟିସ୍ ଖାତାରେ କାର୍ଯ୍ୟକ୍ରମର କୌଣସି ବିଷୟ ଉଲ୍ଲେଖ କରାଯାଇ ନ ଥିଲା। ମାତ୍ର କେତେଜଣ ବ୍ୟକ୍ତି ଏହି ଖାତାରେ ଦସ୍ତଖତ କରିଥିବାବେଳେ ବଜାର କମିଟି ସମ୍ପାଦକ ନରେଶ ସେଠୀ ଏହାକୁ ବିରୋଧ କରିଥିଲେ। ଫଳରେ ନୋଟିସ ବୁଲା ବନ୍ଦ ହୋଇଛି।

ସୂଚନାଯୋଗ୍ୟ, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଗଙ୍ଗଦା ହାଟ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଡେରିକି ବିଜ୍ଞାପନ ସଂଖ୍ୟା (ନଂ.୯/୧୬। ୭।୨୦୨୫) ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପଜିଲାପାଳଙ୍କ ଅନୁମୋଦନ କ୍ରମେ ନିଲାମ ପ୍ରଦାନ କରାଯିବ ବୋଲି ସେଥିରେ ଉଲ୍ଲେଖଥିଲା। ଏହି ନିଲାମ ପାଇଁ ଇଚ୍ଛୁକ ବ୍ୟକ୍ତି ସରକାରୀ ଧାର୍ଯ୍ୟ ମୂଲ୍ୟର ଶତକଡ଼ା ୧୦ ଭାଗ ଅର୍ଥ ଅମାନତ ଆକାରରେ ଦାଖଲ କରି ନିଲାମରେ ଅଂଶଗ୍ରହଣ କରିବେ। ସର୍ବୋଚ୍ଚ ନିଲାମର ୭୫ ଭାଗ ଅର୍ଥ ନିଲାମ ସ୍ଥାନରେ ଦାଖଲ କରିବେ। ଅବଶିଷ୍ଟ ୨୫ ଭାଗ ନିଲାମ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତରେ ଦାଖଲ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନିଲାମ ୨୫ ଜୁଲାଇ ୨୦୨୫ ପୂର୍ବାହ୍ନ ୧୧ଟା ସମୟରେ କରାଯିବା ପାଇଁ ସ୍ଥିର କରାଯାଇଛି।


ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଡେରିକି

ପରିପତ୍ର ସଂଖ୍ୟା - 10

ପରିପତ୍ର ସଂଖ୍ୟା - 11

Sarapanch Deriki Gramapanchayat

ଗଙ୍ଗଦାହାଟ ନିଲାମ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି।

ଉକ୍ତ ବିଜ୍ଞପ୍ତିକୁ ପରିପତ୍ର ସଂଖ୍ୟା ନଂ.୧୦ ଓ ୧୧ରେ ବିଡିଓ ନାଉଗାଁ ଓ ପଞ୍ଚାୟତ ସମିତି ସଭ୍ୟ ଡେରିକି ଓ ସମସ୍ତ ଓାର୍ଡ ସଭ୍ୟାସଭ୍ୟଙ୍କ ଅବଗତି ନିମନ୍ତେ ପଠାଯାଇଛି। ଏହି ବିଜ୍ଞପ୍ତିରେ ଯେଉଁ ଦସ୍ତଖତ ରହିଛି ତାହା ଡି.କେ. ଜେନା ରହିଥିବା ବେଳେ ପଞ୍ଚାୟତର ସରପଞ୍ଚଙ୍କ ନାମ ପ୍ରଶାନ୍ତ ଜେନା ବୋଲି ଉଲ୍ଲେଖ ରହିଛି। ସେହିପରି ଜନସାଧାରଣଙ୍କ ଅବଗତି ନିମନ୍ତେ ବୁଲା ଯାଇଥିବା ନୋଟିସ ଖାତାରେ ବିଜ୍ଞାପନ (ନଂ. ୯/୧୬।୭।୨୦୨୫) ବୋଲି ଉଲ୍ଲେଖ କରାଯାଇ ଜନସାଧାରଣଙ୍କ ଦସ୍ତଖତ ସଂଗ୍ରହ କରାଯାଉଥିଲା। ଏବିଷୟରେ ସରପଞ୍ଚ ପ୍ରଶାନ୍ତ ଜେନାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଜେନାଙ୍କୁ ପଚାରିବାରେ ନୋଟିସ ବୁଲାଇବାର ନିୟମ ନ ଥିବା କହିଛନ୍ତି।


भारतीय रिज़र्व बैंक
RESERVE BANK OF INDIA
www.rbi.org.in

## ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ

### ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା (ଆରବି-ଆଇଓଏସ୍)

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥାମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯାଏ ।
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 (ଆରବି-ଆଇଓଏସ) ମାଧ୍ୟମରେ ଏକ ତ୍ୱରିତ ଏବଂ ନିଃଶୁଳ୍କ ବିକଳ୍ପ ଅଭିଯୋଗ ସମାଧାନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ରଖିଛି ।
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧିନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ ।
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗଗୁଡିକ ପାଇଁ ଆରବି-ଆଇଓଏସ "ଗୋଟିଏ ରାଷ୍ଟ୍ର ଗୋଟିଏ ଓମ୍ବୁଡ୍ସମେନ" ପଦ୍ଧତି ଗ୍ରହଣ କରେ । ତେଣୁ ଜଣେ ଅଭିଯୋଗକାରୀଙ୍କୁ, କେଉଁ ଓମ୍ବୁଡ୍ସମେନ ଯୋଜନା/ ଅଫିସ୍ ମାଧ୍ୟମରେ, ଓମ୍ବୁଡ୍ସମେନଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍, ତାହା ଚିହ୍ନଟ କରିବାର ଆଉ ଆବଶ୍ୟକତା ନାହିଁ ।
- ଆରବି-ଆଇଓଏସ ଅଧୀନରେ ଆସୁନଥିବା ସଂସ୍ଥା ଗୁଡିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ ।
- ଆରବି-ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକର ତାଲିକା https://cms.rbi.org.in ରୁ ପାଇପାରିବେ ।

### ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କଣ କରିବେ?

ଆପଣ ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଏହାର ଶାଖାରେ, କିମ୍ବା ଅନଲାଇନ୍ ମାଧ୍ୟମରେ ଅଭିଯୋଗ ନିବାରଣ ପୋର୍ଟାଲରେ, କିମ୍ବା ଏହାର ୱେବସାଇଟରେ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ । ଅଭିଯୋଗର ସ୍ୱୀକୃତି ପ୍ରାପ୍ତ କରନ୍ତୁ କିମ୍ବା ଅଭିଯୋଗର ରେଫରେନ୍ସ ନମ୍ବରକୁ ସୁରକ୍ଷିତ ରଖନ୍ତୁ ।

### ଆରବିଆଇ ଓମ୍ବୁଡ୍ସମେନଙ୍କୁ କେବେ ଯୋଗାଯୋଗ କରିବେ?

ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଓମ୍ବୁଡ୍ସମେନଙ୍କ ସହ ଯୋଗାଯୋଗ କରିପାରିବେ:
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ 30 ଦିନ ଭିତରେ କୌଣସି ଉତ୍ତର ପ୍ରାପ୍ତ ନ ହୁଏ** – ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖ ଠାରୁ ଏକ ବର୍ଷ ଏବଂ 30 ଦିନ ମଧ୍ୟରେ ଯେ କୌଣସି ସମୟରେ ।
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ ପ୍ରାପ୍ତ ଉତ୍ତର ସନ୍ତୋଷଜନକ ନୁହେଁ** – ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥାରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ ।

**ଧ୍ୟାନ ଦିଅନ୍ତୁ:**
- ଆରବି-ଆଇଓଏସ୍‌ରେ ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ଫର୍ମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ ।
- ଅଭିଯୋଗ ଅନ୍ୟ କୌଣସି ମଂଚ (ଯେପରି ନ୍ୟାୟାଳୟ)ରେ ବିଚାର ହୋଇ ନ ଥିବ /ବିଚାରାଧୀନ ନ ଥିବ କିମ୍ବା ଆରବିଆଇ ଓମ୍ବୁଡ୍ସମେନ ଦ୍ୱାରା ପୂର୍ବରୁ ବିଚାର ହୋଇନଥିବ ।
- **ନିୟନ୍ତ୍ରିତ ସଂସ୍ଥା ସହିତ ଯୋଗାଯୋଗ ନକରି ଆରବିଆଇ ଓମ୍ବୁଡ୍ସମେନଙ୍କ ପାଖରେ ସିଧାସଳଖ ଅଭିଯୋଗ ଦାଖଲ କରିଲେ ଏହାର ପ୍ରତ୍ୟାଖାନ ହୋଇପାରେ ।**

### ଆରବିଆଇ ପାଖରେ ଅଭିଯୋଗ କିପରି କରିବେ?

ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:
- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମଏସ) ପୋର୍ଟାଲ https://cms.rbi.org.in ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ ।
- ଆରବି-ଆଇଓଏସର ଅନୁବନ୍ଧରେ ଉଲ୍ଲେଖିତ ଫର୍ମ ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା "କେନ୍ଦ୍ରୀଭୂତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ, ସେକ୍ଟର – 17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ – 160017" କୁ ପଠାଯାଇ ପାରିବ ।

### ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇ ପାରିବେ ?

ଅଧିକ ସୂଚନା ପାଇଁ ଆପଣ ଆରବିଆଇର ସମ୍ପର୍କ କେନ୍ଦ୍ର ଟୋଲ୍ ଫ୍ରି ନମ୍ବର: 14448 ରେ ଯୋଗାଯୋଗ କରିପାରିବେ । ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ (IVRS) ଯୁକ୍ତ ସମ୍ପର୍କ କେନ୍ଦ୍ର 24x7 ଉପଲବ୍ଧ ଥିବାବେଳେ ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହିତ ଇଂରାଜୀ, ହିନ୍ଦୀ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମାଲାୟାଲମ୍, ମରାଠୀ, ଓଡିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍)ରେ ଯୋଗାଯୋଗ କରିବାର ସୁବିଧା ଜାତୀୟ ଛୁଟିଦିନ ବ୍ୟତୀତ ସୋମବାର ଠାରୁ ଶନିବାର ସକାଳ 8:00 ରୁ ରାତି 10:00 ମଧ୍ୟରେ ଉପଲବ୍ଧ ଅଛି ।

### ଅଧିକ ସୂଚନା ପାଇଁ

ଦୟାକରି ପରିଦର୍ଶନ କରନ୍ତୁ :
ଭାରତୀୟ ରିଜର୍ଭ ବ୍ୟାଙ୍କ – ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ –
https://www.rbi.org.in/scripts/FS_FAQs.aspx?fn=2745
କିମ୍ବା
ସିଏମଏସ ପୋର୍ଟାଲ – https://cms.rbi.org.in

**(ଡ଼ିଆଇସିଜିସି ବିରୁଦ୍ଧରେ ଅଭିଯୋଗ ପାଇଁ, ଜନସାଧାରଣ ନିମ୍ନଲିଖିତ ଠିକଣା / ଇ-ମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ)**

**ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡ଼ିଆଇସିଜିସି)**
ମହାପ୍ରବନ୍ଧକ
ଡ଼ିଆଇସିଜିସି, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭ ବ୍ୟାଙ୍କ, 2ୟ ମହଲା
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ୍ ସମ୍ମୁଖ
ବାଇକୁଲା, ମୁମ୍ବାଇ – 400 008
ଇ-ମେଲ: dicgc.complaints@rbi.org.in
ଟେଲିଫୋନ୍ ନମ୍ବର. 022-23019645

# ହାଇସ୍କୁଲରେ ଇ-ବିଦ୍ୟାଳୟ ଯୋଜନା ପ୍ରହସନ




ଇ- ବିଦ୍ୟାଳୟ ଯୋଜନାରେ ଲ୍ୟାବ୍‌ରେ ପଡ଼ିରହିଥିବା କମ୍ପ୍ୟୁଟର ଓ ସାମଗ୍ରୀ ।

## ଶିକ୍ଷା ସଂଯୋଜକ ବିଦା ହେବା ପରେ କମ୍ପ୍ୟୁଟର ଲ୍ୟାବ୍ ଅଲୋଡ଼ା

**ଖଣ୍ଡପଡ଼ା,୧୯।୭ (ଅଜୟ କୁମାର ମହାରଣା)**

ହାଇସ୍କୁଲରେ କମ୍ପ୍ୟୁଟର ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ୨୦୧୩ରେ କେନ୍ଦ୍ର ଓ ରାଜ୍ୟ ସରକାର ଇ-ବିଦ୍ୟାଳୟ ଯୋଜନା ଆରମ୍ଭ କରିଥିଲେ । ଏହି ଯୋଜନାରେ ପ୍ରାୟ ୪୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଥିଲା । ଉକ୍ତ ଯୋଜନାରେ କେନ୍ଦ୍ର ସରକାର ୭୫ ପ୍ରତିଶତ ଓ ରାଜ୍ୟ ସରକାର ୨୫ ପ୍ରତିଶତ ଅର୍ଥ ପ୍ରଦାନ କରିଥିଲେ । ଏବେ ଏହି ଯୋଜନା ପ୍ରହସନରେ ପରିଣତ ହୋଇଛି ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ ରାଜ୍ୟରେ ୪ ହଜାର କମ୍ପ୍ୟୁଟର ଆଇସିଟି/ ଇ-ବିଦ୍ୟାଳୟ ଯୋଜନା ମାଧ୍ୟମରେ କମ୍ପ୍ୟୁଟର ଶିକ୍ଷାଦାନ ଯୋଜନା ଆରମ୍ଭ କରାଯାଇଥିଲା । ଏଥିପାଇଁ ପ୍ରତି ସରକାରୀ ହାଇସ୍କୁଲରେ ଜଣେ ଲେଖାଏ ଶିକ୍ଷା ସଂଯୋଜକ(ସ୍କୁଲ କୋଡିନେଟର)ଙ୍କୁ ନିଯୁକ୍ତିକାରୀ ସଂସ୍ଥା ମାଧ୍ୟମରେ ରଖାଯାଇଥିଲା । ଏହି ସଂସ୍ଥା ସହିତ ୫ବର୍ଷିଆ ଚୁକ୍ତିନାମା ହୋଇଥିଲା । ଚୁକ୍ତିନାମା ଅନୁଯାୟୀ ନିର୍ଦ୍ଧାରିତ ଅବଧି ମଧ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ କମ୍ପ୍ୟୁଟର ଜ୍ଞାନ ଆହରଣ କରିବେ ଓ ସଂଯୋଜକମାନଙ୍କ ଚୁକ୍ତିନାମା ଅନୁସାରେ କାର୍ଯ୍ୟ ଅବଧି ସମ୍ପନ୍ନ ହୋଇ ବିଦା ହେବା ପରେ ଶିକ୍ଷା ଲାଭ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବେ। ଏଥିପାଇଁ ରାଜ୍ୟ ସରକାରଙ୍କ ସହ ଇନ୍‌ଫ୍ରାଷ୍ଟ୍ରକଚର ଲିଜିଙ୍ଗ ଆଣ୍ଡ ଫାଇନାନ୍ସ ସର୍ଭିସେସ(ଆଇଏଲ ଆଣ୍ଡ ଏଫ୍‌ଏସ୍) ଓ ଟେଲି କମ୍ୟୁନିକେଶନ କନସଲାଣ୍ଟ ଇଣ୍ଡିଆ ଲିମିଟେଡ(ଟିସିଆଇଏଲ) ନାମକ ଦୁଇଟି ସଂସ୍ଥା ଚୁକ୍ତିନାମା କରିଥିଲା । ଇତିମଧ୍ୟରେ ୫ବର୍ଷିଆ ଚୁକ୍ତି ଅବଧି ସରିଯାଇଥିବା ବେଳେ ଚୁକ୍ତିନାମା ଅନୁଯାୟୀ ବିଦ୍ୟାଳୟରୁ ସଂଯୋଜକମାନେ ହଟିଯାଇଛନ୍ତି। ମାତ୍ର ଅଧିକାଂଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ କମ୍ପ୍ୟୁଟର ଶିକ୍ଷାରେ ଆଜିବି ପାରଙ୍ଗମ ହୋଇ ପାରିନାହାନ୍ତି । ତେବେ ବର୍ତ୍ତମାନର ଆବଶ୍ୟକତା ଅନୁଯାୟୀ କମ୍ପ୍ୟୁଟର ଶିକ୍ଷକ ବିନା ଅନ୍‌ଲାଇନ କ୍ଲାସ କିପରି ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପ୍ରତି ଅନ୍‌ଲାଇନ କ୍ଲାସ ପାଠପଢାକୁ ତ୍ୱରାନ୍ୱିତ କରିବା ପାଇଁ କମ୍ପ୍ୟୁଟର ଶିକ୍ଷକଙ୍କ ଆବଶ୍ୟକତା ଅନୁଭୁତ ହେଉଛି। ହେଲେ ସେମାନେ ଛଟେଇ ହୋଇ ଘରେ ବସିଛନ୍ତି।

ଏଠାରେ ନୟାଗଡ଼ ଜିଲାକୁ ଉଦାହରଣ ଭାବେ ନିଆଯାଇଛି । ଜିଲାରେ ୧୧୯ଟି ସରକାରୀ ବିଦ୍ୟାଳୟରେ ଇ-ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ ହୋଇଥିଲା । ନିଯୁକ୍ତ କମ୍ପ୍ୟୁଟର ଶିକ୍ଷକମାନଙ୍କୁ ଗତ ୫ ବର୍ଷ ତଳେ ଛଟେଇ କରାଯାଇଥିଲା । ଏହାପରେ ଛାତ୍ରୀଛାତ୍ରଙ୍କ ଆଗ୍ରହ ଥିଲେ ମଧ୍ୟ କମ୍ପ୍ୟୁଟର ଶିକ୍ଷା ଦିଆଯାଇପାରୁନାହିଁ। ଏହି ଯୋଜନାରୁ ବାଦ ପଡିଥିବା ରାଜ୍ୟର ୪ହଜାରରୁ ଉର୍ଦ୍ଧ୍ୱ ସଂଯୋଜକ ଓ ତାଙ୍କ ପରିବାର ସମସ୍ୟା ମଧ୍ୟରେ ଗତି କରୁଥିବା ଅଭିଯୋଗ ହେଉଛି। ତେବେ ଏହି ଯୋଜନାରେ ଜିଲାର ବିଭିନ୍ନ ସ୍କୁଲରେ ଖର୍ଚ୍ଚ ହୋଇଥିବା ଅନେକ କୋଟି ଟଙ୍କାର ଭିତ୍ତିଭୂମି ପାଣିରେ ପଡିଛି। ୨୦୧୪ ଏପ୍ରିଲ ୨ରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୧୯ ମାର୍ଚ୍ଚ ୩୧ରେ ବନ୍ଦ ହେବା ପରେ ବିଦ୍ୟାଳୟରେ ଥିବା କମ୍ପ୍ୟୁଟର ଲ୍ୟାବ୍‌ଗୁଡିକ ତାଲା ପଡି ରହିଛି। ଶତାଧିକ ଶହ ହାଇସ୍କୁଲରେ ଖୋଲିଥିବା ଆଇସିଟି ଲ୍ୟାବ୍ ମଧ୍ୟରେ ଥିବା ଅନେକ କମ୍ପ୍ୟୁଟର, ପ୍ରିଣ୍ଟର, ଇଲୋକଟ୍ରୋନିକ ଧଳାପଟା, ଇନ୍‌ଭେଟର, ପ୍ରୋଜେକ୍ଟର, ଜେନେରେଟର, ଟେବୁଲ, ଚୌକି ଆଦି ମୂଲ୍ୟବାନ ସାମଗ୍ରୀ ପଡି ରହି ନଷ୍ଟ ହେବାକୁ ବସିଛି।

ଏହି ଯୋଜନାରେ ନୟାଗଡ଼ ଜିଲା ସମେତ ୨୭ ଜିଲାରେ ଆଇଏଲ୍‌ଏଫ୍‌ଏସ୍ ସଂସ୍ଥା ଶିକ୍ଷକ ନିଯୁକ୍ତି କରିଥିବା ବେଳେ କେନ୍ଦ୍ରାପଡ଼ା ସମେତ ଅନ୍ୟ ୩ଟି ଜିଲାରେ ଟିସିଆଇଏଲ୍ ସଂସ୍ଥା କମ୍ପ୍ୟୁଟର ଶିକ୍ଷକଙ୍କୁ ନିଯୁକ୍ତି କରି ମାସିକ ୫୯୩୩ ରୁ ୬୯୦୦ ଟଙ୍କା ପର୍ଯ୍ୟନ୍ତ ବେତନ ପ୍ରଦାନ କରୁଥିଲା । ଏହି ଶିକ୍ଷକମାନେ ପ୍ରତିଦିନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର ଶିକ୍ଷା ବ୍ୟତୀତ ବିଦ୍ୟାଳୟର ଆବଶ୍ୟକତା ଅନୁଯାୟୀ ଜେରକ୍ସ, ଡିଟିପି ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ହେଉଥିଲେ । ଏହି ପରିପ୍ରେକ୍ଷୀରେ ପୁଣିଥରେ ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବାକୁ ଅଭିଭାବକ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# କଣ୍ଟିଲୋ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି ତେଜିଲା

**ଖଣ୍ଡପଡ଼ା,୧୯।୭ (ଅଜୟ କୁମାର ମହାରଣା)**

ରାଜ୍ୟର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଚିତ କଣ୍ଟିଲୋ ନୀଳମାଧବ ପୀଠରେ ବସ୍‌ଷ୍ଟାଣ୍ଡ ନାହିଁ । ଏହି ପର୍ଯ୍ୟଟନ କ୍ଷେତ୍ରକୁ ପ୍ରତିଦିନ ଶତାଧିକ ସରକାରୀ ଓ ବେସରକାରୀ ଯାନବାହାନ ଚଳାଚଳ କରୁଛି। ହେଲେ କୌଣସି ସ୍ଥାୟୀ ବସ୍‌ଷ୍ଟାଣ୍ଡ ନ ଥିବାରୁ ଯାତ୍ରୀ ଓ ବିଦେଶୀ ପର୍ଯ୍ୟଟକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଇ କଣ୍ଟିଲୋରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଛି । ସୂଚନାଯୋଗ୍ୟ, ଭୁବନେଶ୍ୱର-ଦଶପଲ୍ଲା ଭାୟା ବାଘମାରି, କଳାପଥର, କଣ୍ଟିଲୋ ଓ ଗଣିଆ ମଧ୍ୟ ଦେଇ ଦଶପଲ୍ଲା ପର୍ଯ୍ୟନ୍ତ ୪୮ ନମ୍ବର ରାଜ୍ୟ ରାଜପଥ ଲମ୍ବିଛି। ଏହି ରାସ୍ତାରେ ସରକାରୀ ଓ ବେସରକାରୀ ବସ ଚଳାଚଳ କରୁଥିବା ବେଳେ ପ୍ରତିଦିନ ଯାତ୍ରୀବାହୀ ଯାନବାହାନ ଚଳାଚଳ କରୁଛି। ଏଥିସହିତ ସେହି ରାସ୍ତାରେ ବାଲି ବୋଝେଇ ଟ୍ରକ ଆଦି ଚାଲୁଛି। ହେଲେ ଯାତ୍ରାବାହୀଗାଡ଼ିଗୁଡ଼ିକ କଣ୍ଟିଲୋରେ ବସ୍‌ଷ୍ଟାଣ୍ଡ ନ ଥିବାରୁ ରାସ୍ତା କଡ଼ ଓ ବଜାରରେ ଅଟକି ଯାତ୍ରୀମାନଙ୍କୁ ଓହ୍ଲାଇବା ସହ ଉଠାଉଛନ୍ତି। ବସ ରହଣି ପାଇଁ କଣ୍ଟିଲୋରେ ଷ୍ଟାଣ୍ଡ ନିର୍ମାଣ ହୋଇ ନ ଥିବାରୁ ଯାତ୍ରୀ ଓ ପର୍ଯ୍ୟଟକମାନେ ହଇରାଣ ହେଉଛନ୍ତି । ଏଥି ସହିତ ଯାତ୍ରୀମାନଙ୍କ ପାଇଁ ଶୌଚାଳୟଟିଏ ନ ଥିବାରୁ ମହିଳା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଟକ ଜିଲାରୁ ନୟାଗଡ଼, ଫୁଲବାଣୀ ଓ ବୌଦ୍ଧରୁ କଣ୍ଟିଲୋ ଭୁବନେଶ୍ୱରକୁ ଦୂରଗାମୀ ବସ ଚଳାଚଳ କରୁଥିଲେ ମଧ୍ୟ କଣ୍ଟିଲୋରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଜରୁରୀ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।



ରାସ୍ତାରେ ଅଟକି ରହିଥିବା ବସ୍ ।

# ଖବରଦାତାଙ୍କ ପରଲୋକ

**ଓଡ଼ଗାଁ,୧୯।୭**
**(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ବିଜୟ ମଣ୍ଡପ ସାହିରେ ରହୁଥିବା ଖବରଦାତା ନବକିଶୋର ପଣ୍ଡା (୫୯)ଙ୍କ ଶନିବାର ପରଲୋକ ହୋଇଯାଇଛି । ଶରଣକୁଳ ଥାନା ପଞ୍ଚିରିଡା ମାନପୁରରେ ନବକିଶୋରଙ୍କ ଜନ୍ମ ।ଏଇ କିଛି ମାସ ହେଲା ସେ ଓଡ଼ଗାଁରେ ଘର କିଣି ସପରିବାର ରହୁଥିଲେ । ଗତ କିଛିଦିନ ହେଲା ସେ ଅସୁସ୍ଥ ଥିଲେ । ଶନିବାର ଅପରାହ୍ନରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ଓଡ଼ଗାଁ ଡାକ୍ତରଖାନା ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ସଂସ୍କାର କରିବା ନିମନ୍ତେ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଛି।

# ପକ୍କାରାସ୍ତା ପାଲଟିଛି ସାତସପନ



୩ ଗ୍ରାମକୁ ପଡିଥିବା ମାଟି ରାସ୍ତା ।

## ମାଟିରାସ୍ତା ପାଲଟିଛି ଠିକାଦାରଙ୍କ ପାଇଁ ଭାତହାଣ୍ଡି

**ନୂଆଗାଁ,୧୯।୭ (ଧନେଶ୍ୱର ସାହୁ)**

ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଅନେକ ଗ୍ରାମକୁ ଭଲ ମାଟି ରାସ୍ତାଟିଏ ନ ଥିବା ବେଳେ ପକ୍କା ରାସ୍ତା ଗ୍ରାମବାସୀଙ୍କ ପାଇଁ ସାତସପନ ହୋଇଛି। ଅନ୍ୟପଟେ ସେଠାରେ ଥିବା ମାଟି ରାସ୍ତା ଠିକାଦାରମାନଙ୍କ ପାଇଁ ଭାତହାଣ୍ଡି ପାଲଟିଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତରୁ ଏପରି ଅଭିଯୋଗ ଆସିଛି ।

ରାଜ୍ୟର ପ୍ରତି ଗାଁ ସହିତ ପଞ୍ଚାୟତ ଓ ବ୍ଲକକୁ ସଂଯୋଗୀକରଣ ପାଇଁ ପକ୍କା ରାସ୍ତା ନିର୍ମାଣ କରାଯାଉଛି । କିନ୍ତୁ ନୂଆଗାଁ ବ୍ଲକ ଆଦିବାସୀ ଅଧ୍ୟୁଷିତ କାପ୍ତାପଲି ପଞ୍ଚାୟତ ସୀମା, କଣବାଙ୍କ ଓ ବାମୁରୀବାସୀ ସେଥିରୁ ବାଦ୍ ପଡିଛନ୍ତି। ସୀମା , କଣବାଙ୍କ ଓ ବାମୁରୀ ଗ୍ରାମରେ ପ୍ରାୟ ୨୫୦ ଆଦିବାସୀ ପରିବାର ବସବାସ କରନ୍ତି। ସେମାନେ କୌଣସି କାମରେ ପଞ୍ଚାୟତ କିମ୍ବା ବାହାରକୁ ଯିବାକୁ ହେଲେ କାଦୁଅ ପଚପଚ ମାଟି ରାସ୍ତାରେ ଅନେକ ଦୂର ଆସିବା ପରେ ପିଚୁ ରାସ୍ତା ଦେଖନ୍ତି। ପକ୍କା ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ମାଟି ରାସ୍ତାରେ ମାଟି ମୋରମ ପକାଇବା ନାଁରେ ପ୍ରତିବର୍ଷ ସରକାରୀ ଅନୁଦାନ ଆଣି ଠିକାଦାର ସେଥିରୁ ଅଳ୍ପ କିଛି ଖର୍ଚ୍ଚ କରି ନିମ୍ନମାନର କାମ କରି ଅର୍ଥ ହଡପ କରନ୍ତି। ତେଣୁ ଠିକାଦାରଙ୍କ ଭାତ ହାଣ୍ଡି ପାଲଟି ଥିବା ମାଟି ରାସ୍ତା ପକ୍କା ରାସ୍ତା ହୋଇଗଲେ ଠିକାଦାରଙ୍କ ରୋଜଗାର ବନ୍ଦ ହୋଇଯିବ । ତେଣୁ ସ୍ଥାନୀୟ ନେତାମାନେ ପକ୍କା ରାସ୍ତା କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ତେବେ ୩ ଗ୍ରାମବାସୀଙ୍କ ପାଇଁ ପକ୍କା ରାସ୍ତା ନିର୍ମାଣ ବାବଦରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ ସେହି ରାସ୍ତା ଆରଡି ବିଭାଗ ନିର୍ମାଣ କରିବା ପାଇଁ ରିପୋର୍ଟ ଦିଆଯାଇଛି । ଯଦି ସେମାନେ ନ କରନ୍ତି ତା'ହେଲେ ଆମେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଯେତିକି ସମ୍ଭବ କାମ କରିବୁ ବୋଲି ସେ କହିଛନ୍ତି ।

# 'ସଫାଇ ଆପ୍‌ନାଓ, ବେମାରି ଭଗାଓ' କାର୍ଯ୍ୟକ୍ରମର ଶୁଭାରମ୍ଭ

**ଓଡ଼ଗାଁ,୧୯।୭ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ କ୍ରମେ 'ସଫାଇ ଆପ୍‌ନାଓ, ବେମାରୀ ଭଗାଓ' କାର୍ଯ୍ୟକ୍ରମ ମାଧ୍ୟମରେ ସାମୁହିକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଶନିବାର ଏକ ନମ୍ବର ୱାର୍ଡ ବିଲମାନପୁରଠାରୁ ଶୁଭାରମ୍ଭ ହୋଇଛି। ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ୧୫ୱାର୍ଡ ମଧ୍ୟରୁ ଦିନକୁ ଗୋଟିଏ ୨ଟି ୱାର୍ଡକୁ ଚିହ୍ନଟ କରିବା ସହିତ ଉକ୍ତ ୱାର୍ଡରେ ଥିବା ସର୍ବସାଧାରଣ ଅନୁଷ୍ଠାନ,ଡାକ୍ତରଖାନା, ମନ୍ଦିର, ଶୌଚାଳୟ, ପରିବା ବଜାର, ହୋଟେଲ, ଜଳଖିଆ ଦୋକାନ ଓ ପୁଷ୍କରିଣୀ ଇତ୍ୟାଦିକୁ ସ୍ୱଚ୍ଛତା ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ସଫେଇ କାର୍ଯ୍ୟ ଚାଲୁ ରହିଥିବା ବେଳେ ଯଦି କୌଣସି ସ୍ଥାନ ଦୃଷ୍ଟି ଆଢୁଆଳରେ ରହିଯାଏ ତେବେ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଅନୁରୋଧ କରାଯାଇଛି। ଚଳିତ ମାସ ୨୦ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ସଫେଇ ଅଭିଯାନ ଚାଲୁ ରହିବ। ପ୍ରତ୍ୟେକ ୱାର୍ଡର ପଥପ୍ରାନ୍ତ ଆଲୋକ, ପାନୀୟଜଳ ବିତରଣ ବ୍ୟବସ୍ଥା ଠିକ ଭାବେ ପରିଚାଳିତ ହେଉଛି କି ନାହିଁ ତା'ର ତଦନ୍ତ କରାଯିବ। ଇତି ମଧ୍ୟରେ ସମଗ୍ର ସହରକୁ ଆବର୍ଜନା ମୁକ୍ତ କରାଯାଇ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତ କର୍ମଚାରୀ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନଗରବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ସଚେତନତା ସୃଷ୍ଟି କରିବା ପଦକ୍ଷେପ ନିଆଯାଇଛି।

भारतीय रिज़र्व बैंक
**RESERVE BANK OF INDIA**
www.rbi.org.in

## ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ

### ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା (ଆରବି-ଆଇଓଏସ୍)

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥାମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯାଏ ।
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 (ଆରବି-ଆଇଓଏସ) ମାଧ୍ୟମରେ ଏକ ତ୍ୱରିତ ଏବଂ ନିଃଶୁଳ୍କ ବିକଳ୍ପ ଅଭିଯୋଗ ସମାଧାନ ପ୍ରଣାଳୀର ମଧ ବ୍ୟବସ୍ଥା ରଖିଛି ।
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧିନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ ।
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗଗୁଡିକ ପାଇଁ ଆରବି-ଆଇଓଏସ "ଗୋଟିଏ ରାଷ୍ଟ୍ର ଗୋଟିଏ ଓମ୍ବୁଡ୍ସମେନ" ପଦ୍ଧତି ଗ୍ରହଣ କରେ । ତେଣୁ ଜଣେ ଅଭିଯୋଗକାରୀଙ୍କୁ, କେଉଁ ଓମ୍ବୁଡ୍ସମେନ ଯୋଜନା/ ଅଫିସ୍ ମାଧ୍ୟମରେ, ଓମ୍ବୁଡ୍ସମେନଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍, ତାହା ଚିହ୍ନଟ କରିବାର ଆଉ ଆବଶ୍ୟକତା ନାହିଁ ।
- ଆରବି-ଆଇଓଏସ ଅଧୀନରେ ଆସୁନଥିବା ସଂସ୍ଥା ଗୁଡିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ ।
- ଆରବି-ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକର ତାଲିକା https://cms.rbi.org.in ରୁ ପାଇପାରିବେ ।

### ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କଣ କରିବେ?

ଆପଣ ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଏହାର ଶାଖାରେ, କିମ୍ବା ଅନଲାଇନ୍ ମାଧ୍ୟମରେ ଅଭିଯୋଗ ନିବାରଣ ପୋର୍ଟାଲରେ, କିମ୍ବା ଏହାର ୱେବସାଇଟରେ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ । ଅଭିଯୋଗର ସ୍ୱୀକୃତି ପ୍ରାପ୍ତ କରନ୍ତୁ କିମ୍ବା ଅଭିଯୋଗର ରେଫରେନ୍ସ ନମ୍ବରକୁ ସୁରକ୍ଷିତ ରଖନ୍ତୁ ।

### ଆରବିଆଇ ଓମ୍ବୁଡ୍ସମେନଙ୍କୁ କେବେ ଯୋଗାଯୋଗ କରିବେ?

ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଓମ୍ବୁଡ୍ସମେନଙ୍କ ସହ ଯୋଗାଯୋଗ କରିପାରିବେ:
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ 30 ଦିନ ଭିତରେ କୌଣସି ଉତ୍ତର ପ୍ରାପ୍ତ ନ ହୁଏ** - ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖ ଠାରୁ ଏକ ବର୍ଷ ଏବଂ 30 ଦିନ ମଧ୍ୟରେ ଯେ କୌଣସି ସମୟରେ ।
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ ପ୍ରାପ୍ତ ଉତ୍ତର ସନ୍ତୋଷଜନକ ନୁହେଁ** - ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥାରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ ।

**ଧ୍ୟାନ ଦିଅନ୍ତୁ:**
- ଆରବି-ଆଇଓଏସ୍‌ରେ ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ଫର୍ମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ ।
- ଅଭିଯୋଗ ଅନ୍ୟ କୌଣସି ମଂଚ (ଯେପରି ନ୍ୟାୟାଳୟ)ରେ ବିଚାର ହୋଇ ନ ଥିବ /ବିଚାରାଧୀନ ନ ଥିବ କିମ୍ବା ଆରବିଆଇ ଓମ୍ବୁଡ୍ସମେନ ଦ୍ୱାରା ପୂର୍ବରୁ ବିଚାର ହୋଇନଥିବ ।
- **ନିୟନ୍ତ୍ରିତ ସଂସ୍ଥା ସହିତ ଯୋଗାଯୋଗ ନକରି ଆରବିଆଇ ଓମ୍ବୁଡ୍ସମେନଙ୍କ ପାଖରେ ସିଧାସଳଖ ଅଭିଯୋଗ ଦାଖଲ କରିଲେ ଏହାର ପ୍ରତ୍ୟାଖାନ ହୋଇପାରେ ।**

### ଆରବିଆଇ ପାଖରେ ଅଭିଯୋଗ କିପରି କରିବେ?

ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:
- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମଏସ) ପୋର୍ଟାଲ https://cms.rbi.org.in ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ ।
- ଆରବି-ଆଇଓଏସର ଅନୁବନ୍ଧରେ ଉଲ୍ଲେଖିତ ଫର୍ମ ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା "କେନ୍ଦ୍ରୀଭୂତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ୍, ସେକ୍ଟର - 17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ - 160017" କୁ ପଠାଯାଇ ପାରିବ ।

### ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇ ପାରିବେ ?

ଅଧିକ ସୂଚନା ପାଇଁ ଆପଣ ଆରବିଆଇର ସମ୍ପର୍କ କେନ୍ଦ୍ର ଟୋଲ୍ ଫ୍ରି ନମ୍ବର: 14448 ରେ ଯୋଗାଯୋଗ କରିପାରିବେ । ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ (IVRS) ଯୁକ୍ତ ସମ୍ପର୍କ କେନ୍ଦ୍ର 24x7 ଉପଲବ୍ଧ ଥିବାବେଳେ ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହିତ ଇଂରାଜୀ, ହିନ୍ଦୀ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମାଲାୟାଲମ୍, ମରାଠୀ, ଓଡିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍) ରେ ଯୋଗାଯୋଗ କରିବାର ସୁବିଧା ଜାତୀୟ ଛୁଟିଦିନ ବ୍ୟତୀତ ସୋମବାର ଠାରୁ ଶନିବାର ସକାଳ 8:00 ରୁ ରାତି 10:00 ମଧ୍ୟରେ ଉପଲବ୍ଧ ଅଛି ।

### ଅଧିକ ସୂଚନା ପାଇଁ

ଦୟାକରି ପରିଦର୍ଶନ କରନ୍ତୁ :
ଭାରତୀୟ ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ -
https://www.rbi.org.in/scripts/FS_FAQs.aspx?fn=2745
କିମ୍ବା
ସିଏମଏସ ପୋର୍ଟାଲ - https://cms.rbi.org.in

**(ଡ଼ିଆଇସିଜିସି ବିରୁଦ୍ଧରେ ଅଭିଯୋଗ ପାଇଁ, ଜନସାଧାରଣ ନିମ୍ନଲିଖିତ ଠିକଣା / ଇ-ମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ)**

**ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡ଼ିଆଇସିଜିସି)**
ମହାପ୍ରବନ୍ଧକ
ଡ଼ିଆଇସିଜିସି, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭ ବ୍ୟାଙ୍କ୍, 2ୟ ମହଲା
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ୍ ସମ୍ମୁଖ
ବାଇକୁଲା, ମୁମ୍ବାଇ - 400 008
ଇ-ମେଲ: dicgc.complaints@rbi.org.in
ଟେଲିଫୋନ୍ ନମ୍ବର. 022-23019645

## ବନ୍ୟାଞ୍ଚଳ ପରିଦର୍ଶନ କଲେ ଏମ୍‌ପି ବୈଜୟନ୍ତ ପଣ୍ଡା

# ଆଳିରେ ବନ୍ୟା ସ୍ଥିତି ଗମ୍ଭୀର


ରାସ୍ତାରେ ପାଣି ଜମିରହିଛି।


ଜଣେ ବ୍ୟକ୍ତିଙ୍କ ଘରେ ବନ୍ୟାପାଣି ପଶିଛି।


ଏମ୍‌ପି ବୈଜୟନ୍ତ ପଣ୍ଡା ବନ୍ୟାଞ୍ଚଳ ବୁଲି ଦେଖୁଛନ୍ତି।

**ଆଳି,୧୯।୭(ବନମାଳୀ ସେନାପତି )**

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ପ୍ରବାହିତ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀରେ ବନ୍ୟା ଆସି ଲୋକମାନଙ୍କ ଦୁର୍ଦ୍ଦଶା ବଢ଼ାଇଦେଇଛି। ପ୍ରଶାସନିକ ଅବହେଳା ସେମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଦେଇଛି। ଖରସ୍ରୋତା ଓ ବ୍ରାହ୍ମଣୀ ବନ୍ୟାରେ ବ୍ଲକ୍‌ର ୧୭ଟି ପଞ୍ଚାୟତର ୬୫ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଥିବା ବେଳେ ୯ ହଜାରରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ଚରିବାକୁ ଯାଇ ନ ପାରି ଗୁହାଳରେ ବନ୍ଧା ହୋଇଛନ୍ତି। ସପ୍ତାହେରୁ ଅଧିକ ହେବ ବନ୍ୟାପାଣିରେ ଜଳବନ୍ଦୀ ଲୋକଙ୍କ ନିକଟରେ ପ୍ରଶାସନିକ ସହାୟତା ମିଳିପାରିନାହିଁ। ପ୍ରଶାସନ ପକ୍ଷରୁ କିଛି ଅଞ୍ଚଳକୁ ଡଙ୍ଗା ଯୋଗାଇ ଦିଆଯାଇଥିବାବେଳେ ଗୋଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥାରେ ରହିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। କିନ୍ତୁ ବନ୍ୟାଘେରରେ ଜଳବନ୍ଦୀ ଲୋକମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ବ୍ୟବସ୍ଥା କରାଯାଇନାହିଁ। ବନ୍ୟା ଅଞ୍ଚଳରେ ଥିବା ନଳକୂଅଗୁଡ଼ିକ ପାଣିରେ ବୁଡ଼ି ରହିଥିବାରୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ କେହି ବି ବିପନ୍ନଙ୍କ ନିକଟରେ ପିଇବା ପାଣି ଟୋପେ ଯୋଗାଇଦେଇ ନ ଥିବା ବିପନ୍ନ ଅଭିଯୋଗ କରିଛନ୍ତି। ଫଳରେ ବନ୍ୟାଞ୍ଚଳବାସୀଙ୍କ ପାଇଁ କିଣା ପାଣି ଭରସା ପାଲଟିଛି। ଶୁକ୍ରବାର ବିଧାୟକ ପ୍ରତାପ କେଶରୀ ଦେବ ଖବରଦାତା ସମ୍ମିଳନୀକରି ବ୍ଲକ୍ ପ୍ରଶାସନ ଓ ଜିଲା ପ୍ରଶାସନର ଅବହେଳାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ପ୍ରଶାସନ କିନ୍ତୁ ବନ୍ୟା ବିପନ୍ନଙ୍କ ପାଇଁ କିଛି ବି ବ୍ୟବସ୍ଥା କରନାହିଁ। ଏଥିଯୋଗୁ ବନ୍ୟା ବିପନ୍ନଙ୍କ ଦୁଃଖ ଦୁର୍ଦ୍ଦଶା ବଢିବାରେ ଲାଗିଛି। ଶନିବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଏମ୍‌ପି ପଣ୍ଡା ଆଳିରେ ପହଞ୍ଚିବା ପରେ ଆଳି ସଦର ମହକୁମା ସହ ଧୋୟାଞ୍ଚଳର ୧୦ ପଞ୍ଚାୟତକୁ ସଂଯୋଗ କରୁଥିବା ମାନପୁର-ଗୋବିନ୍ଦପୁର ରାସ୍ତାର ବନ୍ୟା ସ୍ରୋତ ପ୍ରବାହିତ ହେଉଥିବା ମାନପୁର ଘୋଷରା ନିକଟରେ ବନ୍ୟା ସ୍ଥିତି ପରଖିଥିଲେ। ରାସ୍ତାର ସେହି ସ୍ଥାନକୁ ଉଚ୍ଚ କରିବା ନିମନ୍ତେ ସେ ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ। ସେହିପରି କଳସପୁରଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ନିକଟରେ ପହଞ୍ଚି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଜିଲା ଓ ବ୍ଲକ୍ ପ୍ରଶାସନ ସହ ଏକ ସମୀକ୍ଷା ବୈଠକ କରି ସେ ଫେରିଯାଇଥିଲେ। କିନ୍ତୁ ବନ୍ୟାବିପନ୍ନଙ୍କ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ବୈଜୟନ୍ତଙ୍କ ଏହି ଗସ୍ତ ସମୟରେ ସହିତ ଜିଲା ସଭାପତି ଶଶାଙ୍କ ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ମୁଖ୍ୟ ବିଚାରପତିଙ୍କ ବିଭିନ୍ନ ପୀଠ ପରିଦର୍ଶନ


ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନର କର୍ମକର୍ତ୍ତା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କୁ ସ୍ୱାଗତ ଜଣାଉଛନ୍ତି।

**ଚଣ୍ଡିଖୋଲ/ଛତିଆ/ ବଡ଼ଚଣା,୧୯।୭ (ପ୍ରଦୀପ୍ତ କୁମାର ପୃଷ୍ଟି/ ସୌମ୍ୟ ରଞ୍ଜନ ସାହୁ/ ଦିଲୀପ କୁମାର ମହାନ୍ତି)**

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ତାଙ୍କ ସ୍ତ୍ରୀଙ୍କ ସହ ଶନିବାର ଯାଜପୁର ଜିଲା ଗସ୍ତ କରି ବିଭିନ୍ନ ଧାର୍ମିକ ପୀଠ ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ଛତିଆସ୍ଥିତ ପ୍ରସିଦ୍ଧ ଛତିଆ ବଟ ମନ୍ଦିର, ଚଣ୍ଡିଖୋଲସ୍ଥିତ ପ୍ରସିଦ୍ଧ ଶୈବ ପୀଠ ମହାବିନାୟକ ପରିଦର୍ଶନ କରିଥିଲେ। ପରେ ଯାଜପୁରର ଶକ୍ତି ପୀଠ ମା' ବିରଜା ମନ୍ଦିର ଓ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପୀଠ ଓଲାଶୁଣି ଗୁମ୍ଫା ପରିଦର୍ଶନ କରିଥିଲେ। ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନର କର୍ମକର୍ତ୍ତା ଜଷ୍ଟିସ ଟଣ୍ଡନ ଓ ତାଙ୍କ ସ୍ତ୍ରୀଙ୍କୁ ମହାବିନାୟକଠାରେ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ ଦାଶ, ଉପସଭାପତି ରାମଚନ୍ଦ୍ର ତ୍ରିପାଠୀ, ଯୁଗ୍ମ ସମ୍ପାଦକ, ଶିରୀଶ ସାମଲ, ପୂର୍ବତନ ସଭାପତି ଦେବରାଜ ବେହେରା, ପ୍ରିୟଗୋବିନ୍ଦ ଦାସ, ଦୀନବନ୍ଧୁ ନାୟକ, ଅବିନାଶ ପଣ୍ଡା, ବୀରେନ ବିଶ୍ୱାଳ, ଜ୍ୟୋତି ଶଙ୍କର ମହାପାତ୍ର, ସଂଗ୍ରାମ ନାୟକ, ସୁରେଶ ସାହାଣୀ ଓ ବେବିନା ଓଝାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ମୁଖ୍ୟ ବିଚାରପତିଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ ଅଶାନ୍ତ ଦାସ, ମୁଖ୍ୟ ବିଚାର ପତିଙ୍କ ପ୍ରଧାନ ସଚିବ ଆନନ୍ଦ ଚନ୍ଦ୍ର ଦାସ, ଯାଜପୁର ଜିଲା ଜଜ୍ ଅମୃତ ରଞ୍ଜନ ନନ୍ଦ, ଚଣ୍ଡିଖୋଲ ଅତିରିକ୍ତ ଜିଲା ଜଜ ଗୋପବନ୍ଧୁ ଗଡ଼ନାୟକ, ଉଚ୍ଚ ନ୍ୟାୟାଳୟର ପ୍ରୋଟୋକଲ ଜଜ୍ ଦେଶପ୍ରିୟ ବାରିକ, ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଏବଂ ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କ ସମେତ ଜିଲାର ବିଚାର ବିଭାଗୀୟ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଛୁରାମାଡ଼ରେ ୨ ନାବାଳକ ଗୁରୁତର

## ବିଲ ମଧ୍ୟରୁ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମାଦେଲେ ଗ୍ରାମବାସୀ

**ରଘୁନାଥପୁର,୧୯।୭(ରାଜେନ୍ଦ୍ର ନାରାୟଣ ସିଂହ)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଛୁରାମାଡ଼ରେ ୨ ଜଣ ନାବାଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଏହି ଗ୍ରାମର ଏନ୍ ମାରାଣ୍ଡିଙ୍କ ପୁଅ ଓମ୍‌ପ୍ରକାଶ (୧୨) ଓ ଅନ୍ୟ ଜଣେ ହେଲେ ମନୋଜ ନାୟକଙ୍କ ପୁଅ ଆକାଶ (୧୪)। ଉଭୟ ନିକଟସ୍ଥ ସ୍କୁଲରେ ପାଠ ପଢ଼ନ୍ତି। ଛୁରାମାଡ଼ରେ ଓମପ୍ରକାଶଙ୍କ ପେଟ ଓ ଆକାଶଙ୍କ ବେକରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଓମ୍‌ପ୍ରକାଶ ଓ ଆକାଶ ସନ୍ଧ୍ୟାରେ ନିକଟସ୍ଥ ଦୋକାନରୁ କୁରୁକୁରେ ନେଇ ଫେରୁଥିବାବେଳେ ହଠାତ୍ ଉକ୍ତ ଗ୍ରାମର ନିତ୍ୟାନନ୍ଦ ଦାସ ଓରଫ ବଳିଆ ଛୁରିରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଗ୍ରାମବାସୀ ପାଟି କରିବାରୁ ବଳିଆ ସେଠାରୁ ଫେରାର ହୋଇଯାଇଥିଲେ। ମାତ୍ର ଗ୍ରାମବାସୀ ତାଙ୍କୁ ଗୋଡ଼ାଇ ବିଲ ମଧ୍ୟରୁ ଧରିଛନ୍ତି। ପରେ ପୋଲିସ ପହଞ୍ଚି ବଳିଆଙ୍କୁ ଥାନାକୁ ନେବା ସହ ତାଙ୍କ ପାଖରୁ ଏକ ଧାରୁଆ ଛୁରି ଜବତ କରିଛି। ସୂଚନାଯୋଗ୍ୟ, ୨୦୧୯ରେ ବଳିଆ ନିଶାସେବନ ପାଇଁ ନିଜ ମା'ଙ୍କୁ ଟଙ୍କା ମାଗି ନିରାଶ ହେବା ପରେ ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଗତ ଦେଢ଼ମାସ ତଳେ ଜେଲରୁ ଫେରି ପୁରୀସ୍ଥିତ ଏକ ହୋଟେଲରେ କାମ କରୁଥିଲେ। ସେଠାରୁ ଚାଲିଆସି ଗତ ୪ ଦିନ ହେଲା ନିଜଘରେ ରହୁଥିଲେ। ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ. ୧୫୧/୨୫) ରୁଜୁ କରାଯାଇଛି ବୋଲି ଏସ୍‌ଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି।


ଅଭିଯୁକ୍ତଙ୍କୁ ପୋଲି ଧରି ନେଉଛି।

# କଳାପଥର ଲିଜ୍‌ଧାରୀଙ୍କୁ ଆକ୍ରମଣ ଅଭିଯୋଗ

## ୫୦୦ ଜଣଙ୍କ ନାଁରେ ମାମଲା

**ଯାଜପୁର,୧୯।୭(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ରାହାଡ଼ପୁର କଳାପଥର ଖଣି ଲିଜ୍‌ଧାରୀ ମିର୍ଜା ଅକିବ ଅଲି ବେଗ୍‌ଙ୍କୁ ଶତାଧିକ ବ୍ୟକ୍ତି ଘେରି ଯାଇ ପ୍ରାୟ ୩ ଘଣ୍ଟା ଅଟକ ରଖି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଲିଜ୍‌ଧାରୀ ମିର୍ଜାଙ୍କ ଅଭିଯୋଗ ଆଧାରରେ ଜେନାପୁର ଥାନାରେ ୨୩୫/୧୯।୭।୨୦୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏଥିରେ ଟୁବୁଲା ଟୁବୁଲି, ସିପୁନ, ରବି ଦାସ, ଜୁଡୁକା, ବବନ, କୁନା, ବିକି ପ୍ରମୁଖ ୫୦୦ ଜଣଙ୍କ ନାମରେ ଆର୍ମ୍ସ ଆକ୍ଟ ୨୫ ସମେତ ଭାରତୀୟ ନ୍ୟାୟ ସଂହିତା ଦଫା ୧୧୫(୨), ୧୨୬(୨),୩(୫) ଲାଗୁ ହୋଇଛି। ଅଭିଯୋଗ ଅନୁସାରେ ମିର୍ଜା ତାଙ୍କ ଖଣି ରାହାଡ଼ପୁର ଅଞ୍ଚଳକୁ ଯାଇଥିବା ସମୟରେ ପ୍ରଥମେ ୨୦ରୁ ୨୫ ଜଣ ଏବଂ ପରେ ୫୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଲୋକେ ତାଙ୍କୁ ଘେରି ଯାଇଥିଲେ। ତାଙ୍କ ଛାତି ଉପରେ ଚଢ଼ି ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏହାପୂର୍ବରୁ ଅଭିଯୋଗକାରୀ ମିର୍ଜା ଜେନାପୁର ଥାନାଧିକାରୀ, ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ, ଏସ୍‌ପି ଓ ଜିଲାପାଳଙ୍କୁ ଲିଜ୍ ପାଇଥିବା ଉକ୍ତ ଖଣିରୁ କାମ କରିବାକୁ ଦିଆଯାଉ ନ ଥିବା ନେଇ ମେଲ୍ ଯୋଗେ ଦୃଷ୍ଟି ଆକର୍ଷଣ କରିଥିଲେ।

# ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

**ବ୍ରହ୍ମବରଦା,୧୯।୭ (ଯଯାତି କେଶରୀ ବେହେରା)**

ନାବାଳିକାଙ୍କୁ ଅପହରଣ ଅଭିଯୋଗ ବ୍ରହ୍ମବରଦା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ ବନ୍ଧଡିଅ ପଞ୍ଚାୟତ କିଆଁବାରିଆସାହି ଗ୍ରାମର ସନ୍ତୋଷ ମଳିକ(୩୬)। ଗତ ୧୬ ତାରିଖ ବୁଧବାର ଉକ୍ତ ଥାନା ଅଞ୍ଚଳର ଜଣେ ନାବାଳିକା ବ୍ରହ୍ମବରଦା ବାଳିକା ଉଚ୍ଚ ବିଦ୍ୟାଳୟରୁ ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ତାଙ୍କୁ ଅପହରଣ କରି ନେଇଥିଲେ। ନାବାଳିକାଙ୍କୁ ତାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୧/୨୫ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଥିଲା। ପୋଲିସ ଅଭିଯୁକ୍ତ ସନ୍ତୋଷଙ୍କୁ ବ୍ରହ୍ମପୁର ଅଞ୍ଚଳରୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା।

# ସାହାଣୀ କପ୍: କଟକ, ପାରାଦୀପ ବିଜୟୀ

**ରାଜକନିକା, ୧୯।୭ (ରବୀନ୍ଦ୍ର କୁମାର ଦାସ/ସଞ୍ଜୟ କୁମାର ଦାଶ)**

ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ୍ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲା କ୍ରୀଡ଼ା ସଂସଦ ଅନୁବନ୍ଧିତ ରାଜକନିକା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆର୍.ଏନ୍. ହାଇସ୍କୁଲ ମିନି ଷ୍ଟାଡିୟମରେ ସିନିୟର ଆନ୍ତଃଜିଲା ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ୪ର୍ଥଦିନ ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ କଟକ ସହ ଖୋର୍ଦ୍ଧା ମଧ୍ୟରେ ହୋଇଥିଲା। ଏଥିରେ କଟକ ୩-୦ ଗୋଲରେ ବିଜୟ ଲାଭ କରିଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ସ୍ମୃତିରଞ୍ଜନ ନାୟକ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ପୁରୀ ବନାମ ପାରାଦୀପ ପୋର୍ଟ ମଧ୍ୟରେ ହୋଇଥିଲା। ଏଥିରେ ପାରାଦୀପ ୯-୨ ଗୋଲରେ ବିଜୟ ଲାଭ କରିଥିଲା। ପ୍ରଥମ ମ୍ୟାଚରେ ପାରଓ ଟୁଡୁ ଓ ଦ୍ୱିତୀୟ ମ୍ୟାଚରେ ପ୍ରକାଶ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ରେଫରି ଭାବେ ଶଶିକାନ୍ତ ଦାସିଆ, ଦୈତାରୀ କାରୁଆ ଖେଳ ପରିଚାଳନା କରିଥିବାବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଶୈଳେନ୍ଦ୍ର ସୂତାର, ସ୍ୱତନ୍ତ୍ର ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଏଡିଏମ୍ ନବକ୍ରିଷ୍ଣା ଜେନା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, କନିକା ତହସିଲଦାର ଭାନୁମତୀ ମାଝୀ, ଅତିରିକ୍ତ ତହସିଲଦାର ଦେବଲାଭ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜକନିକା ଆଥଲେଟିକ ଆସୋସିଏଶନର ସଭାପତି ଦୋଳଗୋବିନ୍ଦ ନାୟକ, ଉପସଭାପତି କପିଳେନ୍ଦ୍ର ମଲ୍ଲିକ ଓ ବୈକୁଣ୍ଠନାଥ ପରିଡା, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡିଆ ସମ୍ପାଦକ ଅଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖେଳକୁ ଡା.ରାମଚନ୍ଦ୍ର ସୂତାରଙ୍କୁ ଉତ୍ସର୍ଗ କରାଯାଇଥିଲା।


ଅତିଥିଙ୍କ ଗହଣରେ ଖେଳାଳିମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅବିନାଶ


@ ପୁପୁନ୍


@ ସାଗରିକା


@ ସଞ୍ଜୀବ


@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବୋହୂକୁ ଗୋଇଠା ମାରି ଗର୍ଭ ନଷ୍ଟ: ଶାଶୁଶ୍ୱଶୁର ଗିରଫ

**ରାଜକନିକା,୧୯।୭(ସଞ୍ଜୟ କୁମାର ଦାଶ)**

ଗର୍ଭବତୀ ବୋହୂଙ୍କୁ ଶ୍ୱଶୁର ଗୋଇଠା ମାରିବାରୁ ଗର୍ଭ ନଷ୍ଟ ହୋଇଥିବା ରାଜକନିକା ଥାନାରେ ଶୁକ୍ରବାର ଅଭିଯୋଗ ହୋଇଥିଲା। ପୋଲିସ ଶନିବାର ନଂ. ୩୭୪/୨୫ରେ ମାମଲା ରୁଜୁ ଶାଶୁଶ୍ୱଶୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନାରେ ଅଭିଯୋଗ ମୁତାବକ କଣ୍ଡିଆ ଫାଣ୍ଡି ଅନ୍ତର୍ଗତ ବଡ଼ହଲୁପଡ଼ା ଗାଁର ସିଦ୍ଧାର୍ଥ ଦାସଙ୍କ ସ୍ତ୍ରୀ ତନୁଶ୍ରୀ ମଳିକ। ତନୁଶ୍ରୀ ତାଙ୍କ ଶାଶୁଶ୍ୱଶୁରଙ୍କ ସହ ମତଭେଦ ହେବାରୁ ସେ ନିଜ ବାପଘର ହଟିଆପଡାରେ ରହି ଚିକିତ୍ସିତ ହେଉଥିଲେ। ମାତ୍ର କିଛି ଜରୁରୀ କାଗଜପତ୍ର ଆଣିବାକୁ ସେ ଶ୍ୱଶୁରଘର ବଡହଲୁପଡ଼ାକୁ ଯାଇଥିଲେ। ତାଙ୍କ ସହ ଶ୍ୱଶୁର ବିଚିତ୍ର ଦାସ, ଶାଶୁ ନନ୍ଦିନୀ ଦାସଙ୍କର ଝଗଡ଼ା ହୋଇଥିଲା। ପରେ ଶ୍ୱଶୁର ଗୋଇଠା ମାରିଥିଲେ। ଗୋଇଠା ମାଡ଼ରେ ବୋହୂ ତନୁଶ୍ରୀ ତଳେ ପଡ଼ି ଅଚେତ ହେବା ପରେ ଗୁରୁତର ଅବସ୍ଥାରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଚିକିତ୍ସିତ ହୋଇଥିଲେ। ଚିକିତ୍ସା ବେଳେ ତାଙ୍କ ୫ ମାସର ଗର୍ଭ ନଷ୍ଟ ହୋଇଯାଇଥିଲା। ଅଭିଯୋଗ ପରେ ପୋଲିସ ଶାଶୁଶ୍ୱଶୁରଙ୍କୁ ଆଣି ଥାନାରେ ଅଟକ ରଖିଥିଲା। ଏଭଳି ଏକ ଘଟଣାରେ ପୋଲିସ ତଦନ୍ତ କରି ଶନିବାର ଶାଶୁ ଓ ଶ୍ୱଶୁର ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା କଣ୍ଡିଆ ଫାଣ୍ଡି ଅଧିକାରୀ ସୁମନ୍ତ ସେଠୀ ଓ ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଭିନାଶ


@ ପୁପୁନ୍


@ ସାଗରିକା


@ ସଞ୍ଜୀବ


@ ସୂର୍ଯ୍ୟକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୟୁରିଆ ସାର କଳାବଜାର

- ସୋସାଇଟିରେ ୨୦ରୁ ୪୦ ଟଙ୍କା ଅଧିକ ନେଉଛନ୍ତି
- ୧୮୫ ସୋସାଇଟିରୁ ୭୪ ସୋସାଇଟିକୁ ଯାଇଛି ସାର

ନୟାଗଡ଼,୧୯।୭ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ସାରର କଳାବଜାର ହେଉଥିବାର ଅଭିଯୋଗ ହୋଇ ଆସୁଛି। ତେବେ ସାର କଳାବଜାରକୁ ରୋକିବାକୁ ପ୍ରଶାସନର ପଦକ୍ଷେପ ନ ଥିବାରୁ ଚାଷୀମାନେ ୪୫ କେଜି ସାର ବସ୍ତାକୁ ୩୫୦ରୁ ୪୦୦ ଟଙ୍କାରେ କିଣୁଛନ୍ତି। ୪୫ କେଜି ୟୁରିଆ ସାରର ସରକାରୀ ଦାମ ୨୬୬.୫୦ ରହିଥିବାବେଳେ ସାରର କଳାବଜାର ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଜିଲାର ୧୮୫ ସୋସାଇଟିରୁ ୭୨ ସୋସାଇଟିକୁ ସାର ଯାଇଥିଲେ ମଧ୍ୟ ହାତ ଗଣତି କିଛି ସୋସାଇଟିରେ ସାର ବିକ୍ରି ହେଉଛି। ପୁଣି ସୋସାଇଟିରେ ସରକାରୀ ମୂଲ୍ୟଠାରୁ ୨୦ରୁ ୪୦ ଟଙ୍କା ଅଧିକ ନେଉଥିଲେ ମଧ୍ୟ ନାହିଁ କାର୍ଯ୍ୟାନୁଷ୍ଠାନ। ସବୁଠାରେ ଗୋଟିଏ କଥା ଶୁଣିବାକୁ ମିଳୁଛି ସବୁ ସୋସାଇଟିରେ ସାର କାହିଁକି ମିଳୁନି।

ଜିଲାରେ ୧୮୫ ସୋସାଇଟି ରହିଛି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଜିଲାର ୭ ବ୍ଲକର ୧୫୧ ସୋସାଇଟ୍ ଏବଂ ରଣପୁର ବ୍ଲକର ଦର୍ପନାରାୟଣପୁର, ଖଡିଆ, ରଙ୍କଦେଉଳ ଓ ଡମସାହି ପରି ୧୫୫ ସୋସାଇଟି ରହିଛି। ଅନ୍ୟପକ୍ଷେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରଣପୁର ବ୍ଲକର ୩୦ ସୋସାଇଟି ରହିଛି। ତେବେ ୧୫୭ ସୋସାଇଟି କାର୍ଯ୍ୟକ୍ଷମ ରହିଛି। ନୂଆ ସୋସାଇଟିଗୁଡିକ ପୂର୍ବ ସୋସାଇଟିରେ କାମ କରୁଛି। ୧୫୭ ସୋସାଇଟିରୁ ୧୫୩ ସୋସାଇଟିପଞ୍ଜୀକରଣ ରହିଛି। ପଞ୍ଜୀକରଣ ୧୫୩ ସୋସାଇଟିରୁ ଗତ ବର୍ଷ ୧୦୦ ସୋସାଇଟି ସାର ନେଇଥିଲେ। ଚଳିତ ବର୍ଷ ୭୪ ସୋସାଇଟିରେ ସାର ପହଞ୍ଚିଛି। ୟୁରିଆ ସାର ଜିଲାକୁ ୮୫୯.୯୫ ମେଟ୍ରିକଟନଆସିଥିବାବେଳେ୭୫୭.୪୮୫ ମେଟ୍ରିକ ଟନ ୭୪ ସୋସାଇଟିରେ ପହଞ୍ଚିଛି। ତେବେ ସବୁ ସୋସାଇଟିକୁ ସାର ଆସି ନ ଥିବାରୁ ଚାଷୀ ସାର ପାଇଁ ସୋସାଇଟିକୁ ଆସି ଫେରୁଛନ୍ତି। କେତେକ ସୋସାଇଟିରେ ସାର ସରକାରୀ ଦରଠାରୁ ୨୦ରୁ ୪୦ ଟଙ୍କା ଅଧିକ ବିକ୍ରି ହେଉଛି। ତେବେ ପ୍ରମାଣ ନାହିଁ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନାହିଁ। ଏନେଇ ଏକ ସୋସାଇଟି ସଭାପତି ଓ ସମ୍ପାଦକ ନାମ ଗୋପନ ରଖି କହିଛନ୍ତ, ସରକାରୀ ଦରରେ ସାର ବିକିବା ସମ୍ଭବ ନୁହେଁ। ସରକାରୀ ଦରଠାରୁ ୨୦ରୁ ୪୦ ଟଙ୍କା ନେଲେ ଅପରାଧ ନୁହେଁ। ବାହାରୁ ଚାଷୀ ଦେଢ଼ ଶହରୁ ୩୦୦ ଟଙ୍କା ଅଧିକ ଦରରେ ସାର କିଣିବା ଅପେକ୍ଷା ମାତ୍ର ୨୦ରୁ ୪୦ ଟଙ୍କା ଅଧିକ ଦେଲେ କ'ଣ ଅସୁବିଧା ଅଛି। ତେବେ ଏଥିପାଇଁ ବିଲ୍ ଦେଇ ହେବନି। ବହୁ କମ୍ ଚାଷୀ ବିଲ୍ ମାଗୁଛନ୍ତି। ବିଲ୍ ଦେଲେ ଚିହ୍ନି ଥିବାରୁ ବୁଝାସୁଝା କରି କାମ ଚଳାଇ ନିଆଯାଉଛି ବୋଲି କହିଥିଲେ। ନୟାଗଡ଼ର ବଳଭଦ୍ର ସ୍ୱାଇଁ ନାମକ ଚାଷୀ କୁହନ୍ତି,ୟୁରିଆ ସାର କଳାବଜାର ଏକ ସାଧାରଣ ଘଟଣା। ପ୍ରତିବର୍ଷ ଏପରି ହେଉଛି। ଗଣମାଧ୍ୟମରେ ଖବର ପ୍ରକାଶ ହେଉଛି। ତେବେ ପ୍ରମାଣ ନାହିଁ କହି ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇ ସବୁ କିଛି ଠିକ୍ ଚାଲିଛି ବୋଲି କୁହାଯାଉଛି। ବେଳେ ବେଳେ ଚଢ଼ାଉ କରି ବାହାବା ନିଆ ଯାଉଛି। ହେଲେ ଚାଷୀମାନଙ୍କ ସମସ୍ୟା ହଟୁ ନାହିଁ। ଖଣ୍ଡପଡା ବ୍ଲକ ଜଗନ୍ନାଥ ପ୍ରସାଦର ଚାଷୀ ଭାସ୍କର ଜେନା କୁହନ୍ତି, ଆମ ସୋସାଇଟିକୁ ସାର ଆସିନି। ଆମେ ପଡୋଶୀ ଜିଲା ସୋସାଇଟିରୁ ୩୨୦ ଟଙ୍କାରେ କିଣୁଥିବାବେଳେ କଳାବଜାରରୁ ୪୦୦ ଟଙ୍କାରେ କିଣୁଛି। ବାଲୁଗାଁର ଚାଷୀ ଗୋକୁଳ ପ୍ରଧାନ କୁହନ୍ତି, ବାଲୁଗାଁ ସୋସାଇଟିକୁ ସାର ଆସିନି। ଆମେ ଖୋଲା ବଜାରରୁ ୩୮୦ରୁ ୪୦୦ ଟଙ୍କାରେ କିଣୁଛୁ। ରଣପୁର ଚାଷୀ ଶିଶିର ଚନ୍ଦ୍ର ଭଞ୍ଜ କହିଛନ୍ତି, ଚାଷୀର ସାର ସମସ୍ୟା ନେଇ ସମସ୍ତେ ଅବଗତ ଥିଲେ ବି ସବୁକିଛି ଠିକ୍ ଚାଲିଛି ନ୍ୟାୟରେ ସମସ୍ତେ ଚୁପ ରହୁଛନ୍ତି। ସାର କଳାବଜାର ନେଇ ଜିଲା ଓ ବ୍ଲକ କୃଷି ବିଭାଗ ଅଧିକାରୀଙ୍କୁ ଅଭିଯୋଗ କଲେ ସୁଫଳ ମିଳୁନି ବୋଲି କହିଥିଲେ।

ଏନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ଗୌରାଙ୍ଗ ଚରଣ ମିଶ୍ର କୁହନ୍ତି, ସାରର ଅଭାବ ହୋଇନି। ସୋସାଇଟିରେ ସାର୍ ପଡି ରହିଛି। ସାର କଳାବଜାର ହେଉଥିଲେ ଅଥବା ସରକାରୀ ରେଟରୁ ଅଧିକ ନେଉଥିଲେ ପ୍ରମାଣ ଦେଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ। ଏଆରସିଏସ୍ ପ୍ରାର୍ଥନା ପ୍ରୀୟଦର୍ଶିନୀଙ୍କୁ ଫୋନ୍ ନଂ.୮୧୪୪୦ ୭୫୪୭୯କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିଲେ। ଡିଆରସିଏସ୍ ଅନନ୍ତ କୁମାର ନାୟକ କୁହନ୍ତି, ଚଳିତ ବର୍ଷ ୭୪ ସୋସାଇଟିରେ ସାର ମିଳୁଛି। ଗତବର୍ଷ ୧୦୦ ସୋସାଇଟିରେ ସାର ଉପଲବ୍ଧ ହେଉଥିଲା। ୧ ସପ୍ତାହ ଭିତରେ ୧୧୦ ସୋସାଇଟିରେ ସାର ବିକ୍ରୟ କରାଯିବାକୁ ପ୍ରାୟସ ଚାଲିଛି।

# ଶ୍ରାବଣ ଦ୍ୱିତୀୟ ସୋମବାର ପାଇଁ କାଉଡ଼ିଆଙ୍କ ଭିଡ଼

## ରାସ୍ତାଘାଟ ଜାମ୍, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଗୁରୁତର

ଖଣ୍ଡପଡ଼ା,୧୯।୭ (ଅଜୟ କୁମାର ମହାରଣା)


କଣ୍ଟିଲୋ ଯାତ୍ରାପଦ ବଜାରରେ କାଉଡ଼ିଆଙ୍କ ଭିଡ଼।

ଶ୍ରାବଣ ମାସର ଦ୍ୱିତୀୟ ସେମାବାରରେ ବିଭିନ୍ନ ଶୈବପୀଠରେ ପାଣି ଲାଗି ପାଇଁ କାଉଡ଼ିଆମାନେ ଶନିବାରଠାରୁ ମହାନଦୀରୁ ପାଣି ଉଠାଇବା ଆରମ୍ଭ କରିଛନ୍ତି। ସେଥିପାଇଁ କଣ୍ଟିଲୋ ନୀଳମାଧବଙ୍କ ପୀଠ ମହାନଦୀକୂଳରେ କାଉଡ଼ିଆଙ୍କ ଭିଡ଼ ଜମିଥିଲା। ପ୍ରାୟ ୩୦ହଜାର କାଉଡ଼ିଆ ପାଣି ଉଠାଇବା ପାଇଁ ଆସିଥିଲେ। ଏଥିପାଇଁ କଣ୍ଟିଲୋ ଓ ତାର ଆଖପାଖ ରାସ୍ତା ଜାମ୍ ହୋଇଯାଇଥିଲା। ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇଥିଲା। ଯାତ୍ରାପଦା ବଜାର ମୁଖ୍ୟରାସ୍ତା ଉପରେ ପ୍ରତିଦିନ ପରିବା ବ୍ୟବସାୟୀମାନେ ପସରା ମେଲାଇ ବସୁଥିବା ଯୋଗୁ ଟ୍ରାଫିକ ସମସ୍ୟା ଅଣାୟତ ହୋଇଥିଲା। ପାଗ ଭଲ ଥିବାରୁ ଶନିବାର ପୁରୁଷମାନଙ୍କ ତୁଳନାରେ ମହିଳା କାଉଡିଆଙ୍କ ସଂଖ୍ୟା ଅଧିକ ଥିଲା।

ଶ୍ରାବଣ ମାସର ପ୍ରତି ଶନିବାରରୁ ସୋମବାର ପର୍ଯ୍ୟନ୍ତ କାଉଡିଆମାନଙ୍କ ଭିଡକୁ ଦୃଷ୍ଟିରେ ରଖି ଏକ ପ୍ଲାଟୁନ ଫୋର୍ସର ଆବଶ୍ୟକତା ରହିଛି। ହେଲେ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ ପାଳିରେ ମାତ୍ର ୪ଜଣ ପୋଲିସଙ୍କୁ ଏଠାରେ ଅବସ୍ଥାପିତ କରାଯାଇଥିଲା। ଅପରପକ୍ଷେ ଖଣ୍ଡପଡା ଅଗ୍ନିଶମ ବିଭାଗ କର୍ମଚାରୀମାନେ କଣ୍ଟିଲୋ ନଦୀଘାଟରେ ସଜାଗ ରହିଥିଲେ। ହେଲେ ଓଡ୍ରାଫ୍ଟ ଟିମ୍ ନ ଥିଲେ। ତେଣୁ ଏଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ବିଶେଷ କରି କଣ୍ଟିଲୋ ଯାତ୍ରାପଦା ବଜାରଠାରୁ ଶ୍ରୀନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ ରାସ୍ତା ଦେଇ ମହାନଦୀ ଘାଟ ଓ ମନ୍ଦିରକୁ ଯିବା ରାସ୍ତାର ଦୂରତା କମ୍। ସେଥିପାଇଁ କାଉଡିଆମାନେ ସେହି ରାସ୍ତାଦେଇ ଯାଇଥାଆନ୍ତି। କାଉଡିଆମାନଙ୍କ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାନୀୟ ଅଞ୍ଚଳର ଅନେକ ଯୁବକ ଅସ୍ଥାୟୀ ଦୋକାନ ଖୋଲିଛନ୍ତି। ଫଳରେ ସେହି ରାସ୍ତାରେ ଯାତାୟାତରେ ସମସ୍ୟା ଲାଗି ରହୁଛି। ବିଶେଷ କରି କଣ୍ଟିଲୋ ପଞ୍ଚାୟତ ଅଧୀନ ଖୁଦବେହେରା ପାଟଣା, କୃଷ୍ଣେଶ୍ୱର ପାଟଣା ଆଦି ଗ୍ରାମର ମହିଳାମାନେ ମହାନଦୀକୁ ପ୍ରତ୍ୟେହ ସ୍ନାନ ଶୌଚାଦି ପାଇଁ ଯିବା ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିକାର ପାଇଁ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କ ସହ ଯୋଗାଯୋଗ କରାଯାଇଥିଲା। ପୋଲିସ ପକ୍ଷରୁ ଟ୍ରାଫିକ ସମସ୍ୟାର ସୁପରିଚାଳନା କରାଯାଉଛି। କୌଣସି ସମସ୍ୟା ସୃଷ୍ଟି ହୋଇ ନ ଥିବା ସେ କହିଛନ୍ତି।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ଖଣ୍ଡପଡ଼ା,୧୯।୭
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଶୁଭଲକ୍ଷ୍ମୀ ସାହୁ ଯୋଗଦେଇଛନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷ ବିଦ୍ୟାଧର ମହାରଣାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅଧ୍ୟକ୍ଷାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି। ନୂତନ ଅଧ୍ୟକ୍ଷା ସାହୁ ଏଥିପୂର୍ବରୁ ଭୁବନେଶ୍ୱର ଆଇଗିଣିଆସ୍ଥିତ ଆଇକନିକ ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ଥିଲେ। ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାଦାନ ସହ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତିକରଣ ନିମନ୍ତେ ଅଧ୍ୟକ୍ଷା ଦୃଷ୍ଟି ଦେବେ ବୋଲି କହିଛନ୍ତି।

# ଅସ୍ୱାସ୍ଥ୍ୟକର ପରିବେଶରେ ଶିଶୁମାନେ କରୁଛନ୍ତି ମଧ୍ୟାହ୍ନଭୋଜନ

## ବେସରକାରୀ ବିଦ୍ୟାଳୟ ମାନୁନାହାନ୍ତି ସରକାରୀ କଟକଣା

ରଣପୁର,୧୯।୭(ସୁକାନ୍ତ କିଶୋର ଡାକୁଆ)


ଅସ୍ୱାସ୍ଥ୍ୟକର ପରିବେଶରେ ପିଲାମାନେ ବସି ଖାଉଛନ୍ତି।

ନୟାଗଡ଼ ଜିଲା ରଣପୁର ବ୍ଲକ ଶିକ୍ଷାବିଭାଗ ଅଧୀନରେ ଥିବା ଚାନ୍ଦପୁରର କେତେକ ବେସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ମାଧ୍ୟାହ୍ନ ଭୋଜନ କରିବାକୁ ଦିଆଯାଉଛି । ଉପରୋକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ସରକାରୀ ନିର୍ଦ୍ଦେଶନାମା ମାନୁ ନ ଥିବାରୁ ଜଣ୍ଡିସ ଓ ଡ଼ାଇରିଆ ସଂକ୍ରମଣ ବଢ଼ି ଚାଲିଥିବା ଅଭିଯୋଗ ହୋଇଛି। ସ୍କୁଲ କର୍ତ୍ତୃପକ୍ଷ ସଚେତନ ହେଉ ନ ଥିବାରୁ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଜଣ୍ଡିସରେ ଏହି ଅଞ୍ଚଳରେ ୨ଜଣ ପରଲୋକ ଘଟିଛି। ଏପରି କି ରାଇପଡା ପ୍ରାଥମିକ ବିଦ୍ୟାଳୟର କେତେଜଣ ଛାତ୍ରୀଛାତ୍ର ଜଣ୍ଡିସରେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ଏପରି ସ୍ଥିତିରେ ଚାନ୍ଦପୁରର ଏକ ଘରୋଇ ସ୍କୁଲର ଛାତ୍ରୀଛାତ୍ରମାନେ ଶନିବାର ଅସ୍ୱାସ୍ଥ୍ୟକର ପରିବେଶରେ ତଳେ ବସି ମଧ୍ୟାହ୍ନ ଭୋଜନ କରୁଥିବା ଦେଖିବାକୁ ମିଳିଥିଲା । ଶୌଚାଳୟ ଯିବା ରାସ୍ତାରେ ବସି ସେମାନେ ଖାଦ୍ୟ ଖାଉଥିଲେ । ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଚାନ୍ଦପୁରରେ ୩ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ଥିବା ହେତୁ ଏପରି ହୋଇଥିବା ସଫେଇ ଦେଇଥିଲେ। ଏଥିପାଇଁ ସ୍କୁଲ ପକ୍ଷରୁ କାହିଁକି ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା କରୁନାହାଁନ୍ତି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

# ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ନାଗରିକ ସମ୍ବର୍ଦ୍ଧନା

ଓଡ଼ଗାଁ,୧୯।୭
(ଆଦର୍ଶ କୁମାର ପଟ୍ଟନାୟକ)

ଭାଜପାର ନବ ନିର୍ବାଚିତା ରାଷ୍ଟ୍ରୀୟ ପରିଷଦ ସଦସ୍ୟା ତଥା କନ୍ଧମାଳ ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ଶନିବାର ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରତ୍ୟୁଷାଙ୍କୁ ଏକ ବାଇକ ଶୋଭାଯାତ୍ରାରେ ନନ୍ଦିଘୋର ନିକଟସ୍ଥ ପେଟାପଲ୍ଲୀ ଛକରୁ ସମ୍ବର୍ଦ୍ଧନା ସ୍ଥଳକୁ ଅଣାଯାଇଥିଲା। ବ୍ଲକ୍ ରୋଡ଼ ସରକାରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ଏନଏସି ଓ ବ୍ଲକ ଭାଜପାର ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ, ତପନ ସାମନ୍ତରାୟ, ମାନସ କୁମାର ସାହୁ, କାର୍ତ୍ତିକ ପଣ୍ଡା, ଭାଜପା ଜିଲା ଉପ ସଭାପତି ନାସିର ଅହମଦ, ଶ୍ରୀମତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୟାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୮ ପଞ୍ଚାୟତ, ସଦର ଏନଏସି, ସାମ୍ବାଦିକ, ଓକିଲ ସଂଘ ସମେତ ବିଭିନ୍ନ ବ୍ୟକ୍ତି ପ୍ରତ୍ୟୁଷାଙ୍କୁ ଫୁଲ ତୋଡ଼ା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।


ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଅନିୟମିତ ବୃଷ୍ଟିପାତ ଯୋଗୁ ଚାଷୀକୁଳ ହତାଶ

ଖଣ୍ଡପଡ଼ା,୧୯।୭(ଅଜୟ କୁମାର ମହାରଣା)


ଚାଷଜମିରେ ତଳିରୁଆ ଚାଲିଛି।

ଚଳିତବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁ ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଗତ ୪ ଦିନ ଧରି ବର୍ଷାର ନାଁ ଗନ୍ଧ ନାହିଁ। ଆକାଶ ମେଘାଛନ୍ନ ରହୁଥିଲେ ମଧ୍ୟ ଦିନବେଳା ପ୍ରବଳ ଖରା ଯୋଗୁ ଅସହ୍ୟ ଗରମ ଅନୁଭୂତ ହେଉଛି। ଏଥିପାଇଁ ଖାଲୁଆ ଅଞ୍ଚଳରେ ଥିବା ଚାଷଜମିରେ ପାଣି ଥିବା ବେଳେ ଢିପ ଅଞ୍ଚଳରେ ଥିବା ଚାଷଜମି ବର୍ଷା ଅଭାବରୁ ଶୁଖିଲା ପଡିଛି । ଫଳରେ ଚାଷ କାର୍ଯ୍ୟ ବ୍ୟାହତ ହୋଇଛି। ଏବେ ଧାନ ରୁଆ କାମ ହେବା କଥା, ମାତ୍ର ବର୍ଷା ଯୋଗୁ ଜମିରେ ପାଣିର ଅଭାବ ଦେଖାଦେଇଥିବାରୁ ଚାଷୀକୂଳ ହତାଶ ହୋଇଛନ୍ତି। ସେହିପରି ନଦୀ ତଟବର୍ତ୍ତୀ ଓ କେନାଲ ପାର୍ଶ୍ୱବର୍ତ୍ତୀ ଚାଷଜମିରେ ସମାନ ଅବସ୍ଥା ଦେଖିବାକୁ ମିଳୁଛି । ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଓ ଏହାର ଶାଖା ସୁନାମୁହିଁ ଆମ୍ବନାଳ, କୁସୁମୀ, କୁଆଁରିଆ, ଲୁଣିଝରା, ଡାହୁକା ଆଦି ନଦୀ ବର୍ଷା ଅଭାବରୁ ଶୁଖିଲା ପଡିଛି । ବିଭିନ୍ନ ଜଳଭଣ୍ଡାରରେ ସଂରକ୍ଷିତ ଥିବା ପାଣିକୁ କେନାଲ ଯୋଗେ ଚାଷଜମିଗୁଡିକୁ ଛଡାଗଲେ କେନାଲ ପାର୍ଶ୍ୱବର୍ତ୍ତୀ ଚାଷଜମିରେ ଚାଷବାସ ସୁଗମ ହୋଇପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମୃତଦେହ ମେଡିକାଲକୁ ଦାନ ପରେ ସଚେତନତା

- ୨୦ ଜଣଙ୍କ ଇଚ୍ଛାପତ୍ର ସ୍ୱାକ୍ଷରିତ
- କେବଳ ଏକାଦଶାହ ପାଳନ କଲେ ମୃତକଙ୍କ ପୁଅ

ନୟାଗଡ଼,୧୯।୭ (ଲୋକନାଥ ମିଶ୍ର)



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

ଶ୍ରମିକ ନେତା ପବିତ୍ର ଇନ୍ଦ୍ରଜିତଙ୍କ ବାପା ହଜାରୀ ବରାଡ଼ଙ୍କର ଗତ ୯ ତାରିଖରେ ପରଲୋକ ହୋଇଥିଲା। ଶରଣକୁଳ ନିକଟବର୍ତ୍ତୀ କଟରାଝରି ଗାଁର ହଜାରୀ ବରାଡ଼ ନିଜ ମୃତ୍ୟୁ ପରେ ତାଙ୍କ ଶରୀର କଟକ ବଡ଼ ଡ଼ାକ୍ତରଖାନାକୁ ହସ୍ତାନ୍ତର କରି ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଗବେଷଣାରେ ଲାଗିବା ପାଇଁ ଇଚ୍ଛାପତ୍ରରେ ସ୍ୱାକ୍ଷରିତ କରିଥିଲେ। ହଜାରୀଙ୍କ ପରଲୋକ ପରେ ତାଙ୍କର ଏକମାତ୍ର ପୁଅ ପବିତ୍ର ଇନ୍ଦ୍ରଜିତ ବାପାଙ୍କ ଶେଷ ଇଚ୍ଛା ପୂରଣ କରିଥିଲେ । ଏହାପରେ ସେ ବାପାଙ୍କ ପାଇଁ ଶୁଦ୍ଧି ନ ହୋଇ କେବଳ ଏକଦଶାହ ପାଳନ କରିଥିଲେ। ଏହି ଅବସରରେ କଟରାଝରୀ ଗ୍ରାମରେ ଶନିବାର ହଜାରିଙ୍କ ଏକାଦଶାହ ଅବସରରେ ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ନୟାଗଡ଼ ତଥା ସ୍ଥାନୀୟ ଅଞ୍ଚଳର ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପିତା ଓ ପୁତ୍ରଙ୍କ ଏପରି ପଦକ୍ଷେପକୁ ପ୍ରଶଂସା କରିଥିଲେ। ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସ୍ୱର୍ଗତ ବରାଡଙ୍କ ପଦାଙ୍କ ଅନୁସରଣ କରିବାକୁ ଶପଥ ନେଇଥିଲେ। ବୈଜ୍ଞାନିକ ବିଚାରଧାରାର ପ୍ରାଦେଶିକ ପ୍ରବକ୍ତା ଦେବେନ୍ଦ୍ର ସୁତାର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଅନ୍ଧବିଶ୍ୱାସ, କୁସଂସ୍କାର ବିରୋଧରେ ଏକ ବିଜ୍ଞାନ ସମ୍ମତ ବିଚାରଧାରାକୁ ଭିତ୍ତିକରି ସମାଜ ଆଗକୁ ବଢ଼ିପାରିବ ବୋଲି ମତବ୍ୟକ୍ତ କରିଥିଲେ। କଟରାଝରୀ ଗ୍ରାମବାସୀ ହଜାରିଙ୍କ ତ୍ୟାଗକୁ ସମ୍ମାନ ଜଣାଇ ଏହି ସଭାରେ ଯୋଗଦେଇଥିଲେ। ୨୦ଜଣ ନିଜ ମୃତ୍ୟୁ ପରେ ନିଜ ଶରୀରକୁ ଦାହ ନ କରି ମେଡିକାଲ କଲେଜକୁ ପ୍ରଦାନ ନିମନ୍ତେ ଇଛାପତ୍ରରେ ସ୍ୱାକ୍ଷରିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବାନ ସାହୁ, ଅନାଦି ଚରଣ ମହାନ୍ତି, ପାଣ୍ଡବ ନାୟକ, ହରିଶ୍ଚନ୍ଦ୍ର ମିଶ୍ର, ଗୋଲକବିହାରୀ ମୁଦୁଲି, ବିଭୁପ୍ରସାଦ ମିଶ୍ର, ଆଲୋକ ପ୍ରଧାନ, କାମାକ୍ଷାପ୍ରସାଦ ଦାଶ, ସନ୍ତୋଷ କୁମାର ଷଡ଼ଙ୍ଗୀ, ଋଷି ପ୍ରଧାନ, ଦୀପକ ଜେନା, ମନୋଜ କୁମାର ମିଶ୍ର, ଅଧ୍ୟାପକ ଅନ୍ତର୍ଯ୍ୟାମୀ ଜେନା, ପରମାନନ୍ଦ ସ୍ୱାଇଁ, ସୁକାନ୍ତ କୁମାର ଚୌଧୁରୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସର୍ଗତ ବରାଡଙ୍କ ପୁତ୍ର ପବିତ୍ର ଇନ୍ଦ୍ରଜିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଗ୍ଧଚାଷୀଙ୍କୁ ମିଳିବ ଗୀର୍ ଗାଈ, ଗୋବର ଗ୍ୟାସ୍ ପ୍ଲାଣ୍ଟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୭
(ସୁନିତ ମିଶ୍ର/ଅନୁରାଧା ମହାରଣା)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏନ୍‌ଡିଡିବି ଏବଂ ଓମ୍‌ଫେଡ୍ ମଧ୍ୟରେ ହୋଇଥିବା ଚୁକ୍ତି ସ୍ୱାକ୍ଷର।

ରାଜ୍ୟରେ ଦୁଗ୍ଧଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ ସରକାରଙ୍କ ପଦକ୍ଷେପ ଜାରି ରହିଛି। ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ କାମଧେନୁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଈ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାରେ ଶ୍ୱେତ ବିପ୍ଳବର କର୍ଣ୍ଣଧାର ଓମଫେଡ୍ ମାଧ୍ୟମରେ ଦୁଗ୍ଧଚାଷକୁ ପ୍ରୋତ୍ସାହନ ଦିଆଯାଇ ରାଜ୍ୟର 'ଗୋ ଅର୍ଥନୀତି'କୁ ସମୃଦ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କଟକ ଅରିଲୋଠାରେ ନ୍ୟାଶନାଲ ଡେଏରୀ ଡେଭେଲପ୍‌ମେଣ୍ଟ ବୋର୍ଡ (ଏନ୍‌ଡିଡିବି) ଏବଂ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ଅବସରରେ କହିଛନ୍ତି। ଏହି ଚୁକ୍ତିନାମା ଜରିଆରେ ଏନ୍‌ଡିଡିବି ରାଜ୍ୟର ଦୁଗ୍ଧଚାଷୀଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ଗୀର୍, ସହିୱାଲ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ପ୍ରାୟ ୩ରୁ ୪ ହଜାର ଗାଈ ଯୋଗାଇଦେବ। ଏଥିସହିତ ଆଗାମୀ ଦିନରେ ଏନ୍‌ଡିଡିବି ସହାୟତାରେ ରାଜ୍ୟରେ ଗୋବର ଗ୍ୟାସ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭.୫୦ କୋଟି ଟଙ୍କା ବିନିଯୋଗରେ ୨ ହଜାରରୁ ୧୫ ହଜାର ଲିଟରବିଶିଷ୍ଟ ୨୨ଟି ମିଲ୍କ ଟ୍ୟାଙ୍କର ରାଜ୍ୟର ବିଭିନ୍ନ ଦୁଗ୍ଧଚାଷୀ ସଂଘକୁ ପ୍ରଦାନ କରିବା ସହିତ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ୩ଟି ଗୁଣ୍ଡ ଦୁଗ୍ଧ ପ୍ୟାକିଙ୍ଗ ମେଶିନ ଏବଂ ଓମଫେଡ୍ ଡେଏରୀ ପ୍ଲାଣ୍ଟର କର୍ମଚାରୀଙ୍କ ପାଇଁ ୬୨ଟି କ୍ୱାର୍ଟର୍ସ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଲେ, ଏବେ ରାଜ୍ୟର ଦୈନିକ ଦୁଗ୍ଧ ଉତ୍ପାଦନ ୭୨ ଲକ୍ଷ ଲିଟର ରହିଛି। ୨୦୩୬ ସୁଦ୍ଧା ଏହି ପରିମାଣ ୧୬୫ ଲକ୍ଷ ଲିଟର ଏବଂ ୨୦୪୭ ସୁଦ୍ଧା ଏହାକୁ ୨୭୪ ଲକ୍ଷ ଲିଟରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ଦୀର୍ଘ ୪୫ ବର୍ଷ ଧରି ଦୁଗ୍ଧ ଉତ୍ପାଦନ, ସଂଗ୍ରହ ଏବଂ ବିକ୍ରୟ ସହିତ ରାଜ୍ୟର ଦୁଗ୍ଧଚାଷୀଙ୍କ ଆର୍ଥିକ ବିକାଶରେ ଓମଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଆସୁଛି। ଏବେ ଓମ୍‌ଫେଡ୍ ଉତ୍ପାଦଗୁଡିକର ବିବିଧକରଣ କରିବା ସହିତ ଗୁଣ୍ଡ ଦୁଗ୍ଧ, ପନିର, ବଟର, ଛେନାପୋଡ, ଆଇସ୍କ୍ରିମ, ସୁବାସିତ ଦୁଗ୍ଧ, ମିଠା ଦହି, ପେଡା, ରାବିଡ଼ି ଆଦି ଅନେକ ଉତ୍ପାଦ ପ୍ରସ୍ତୁତ କରୁଛି। ଯୁବବର୍ଗ ମଧ୍ୟ ଏହା ମାଧ୍ୟମରେ ଭଲ ରୋଜଗାର କରିପାରୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓ ଅନ୍ୟାନ୍ୟ ନୀତିକାନ୍ତି ପାଇଁ ପ୍ରାୟ ୩୦ ମେଟ୍ରିକ ଟନ ଘିଅ ଯୋଗାଇଦେବାକୁ ଓମଫେଡ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଚୁକ୍ତି ହୋଇଛି। ସେହିପରି ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ମାଧ୍ୟମରେ ଗୋପାଳକମାନେ ଗୋବରରୁ ଗ୍ୟାସ ଉତ୍ପାଦନ କରି ନିଜେ ବ୍ୟବହାର କରିବା ସହ ବଳକା ଗ୍ୟାସ ମଧ୍ୟ ବିକ୍ରି କରି ରୋଜଗାର ବୃଦ୍ଧି କରିପାରିବେ। ବାୟୋଗ୍ୟାସ ବାହାରିବା ପରେ ଗୋବର ମଣ୍ଡକୁ ଚାଷଜମିରେ ବ୍ୟବହାର କରି ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି କରାଯାଇପାରିବ। ଦେଶରେ ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନ ୪୭୧ ଗ୍ରାମ୍ ରହିଛି। ରାଜ୍ୟ ସରକାର ମଧ୍ୟ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଗାଈଗୋରୁଙ୍କ ସୁରକ୍ଷା ସହ ପରିଚାଳନା ଏବଂ ଚିକିତ୍ସା ପାଇଁ ମଧ୍ୟ ଆମ ସରକାର ଗୋମାତା ଯୋଜନା ଲାଗୁ କରିଛନ୍ତି। ନୂତନ ଗୋଶାଳା ପ୍ରତିଷ୍ଠା ଏବଂ ପଞ୍ଜୀକୃତ ଗୋଶାଳାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନାରେ ସହାୟତା ଦେବାକୁ ଲକ୍ଷ୍ୟ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଏନ୍‌ଡିଡିବି-ଓମ୍‌ଫେଡ୍ ମଧ୍ୟରେ ଚୁକ୍ତି**
- କର୍ମଚାରୀଙ୍କ ପାଇଁ ୬୨ କ୍ୱାର୍ଟର୍ସ ଉଦ୍‌ଘାଟିତ
- ଦୁଗ୍ଧଚାଷୀ ସଂଘକୁ ୨୨ ଦୁଗ୍ଧ ପରିବହନ ଟ୍ୟାଙ୍କର ପ୍ରଦାନ

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏମ୍‌ପି ଭର୍ତ୍ତୃହରି ମହତାବ, ଓମଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍‌ଡିଡିବି ଡେଏରୀ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ଓମଫେଡ୍ ପରିଚାଳନା ସମିତି ସଦସ୍ୟ ଓ ବିଭିନ୍ନ ଦୁଗ୍ଧ ସଂଘର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।

## ତୁରନ୍ତ ମହିଳା କମିଶନର ନିଯୁକ୍ତି ନ କଲେ ତାଲା ପକାଇବୁ: ବିଜେଡି



ବିଜୁ ମହିଳା ଜନତା ଦଳ ପକ୍ଷରୁ ମହିଳା କମିଶନରଙ୍କ ଅଫିସ୍ ସମ୍ମୁଖରେ ଧାରଣା।

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର): ରାଜ୍ୟରେ ଦିନକୁ ଦିନ ମହିଳା ଓ ଶିଶୁମାନେ ଅସୁରକ୍ଷିତ ମନେକରିବା ସହ ନିର୍ଯାତନା ଓ ବଳାତ୍କାର ହାର ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ରାଜ୍ୟରେ ଭାଜପା ସରକାର ଆସିବାର ୧୪ ମାସ ବିତିଗଲା ପରେ ମଧ୍ୟ ରାଜ୍ୟ ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ପଦବୀ ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଏହାର ପ୍ରତିବାଦରେ ଶନିବାର ପୂର୍ବାହ୍ନ ୧୧ଟା ସମୟରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟ ମହିଳା କମିଶନ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟେ ପର୍ଯ୍ୟନ୍ତ ଗଣଧାରଣା ଦିଆଯାଇଛି। ଜଣେ ନାରୀ ଉପରେ ଅତ୍ୟାଚାର ହେଲେ ପ୍ରଥମେ ସେ ମହିଳା କମିଶନର ଦ୍ୱାରସ୍ଥ ହୋଇଥାନ୍ତି। ହେଲେ ଦୁଃଖ ଓ ପରିତାପର କଥା ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନର ଅଧ୍ୟକ୍ଷ ଏପର୍ଯ୍ୟନ୍ତ ନିଯୁକ୍ତ ଦେଲେ ନାହିଁ। ଯଦି ସରକାର ଆଗାମୀ ଦିନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନ କରନ୍ତି ବିଜୁ ମହିଳା ଜନତା ଦଳ କମିଶନ ଅଫିସରେ ତାଲା ପକାଇବା ସହ ଘେରାଉ କରିବ ବୋଲି ଚେତାବନୀ ଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନ ହେବାରୁ ରାଜ୍ୟର ବିଭିନ୍ନ ଅତ୍ୟାଚାରର ଶିକାର ହୋଇଥିବା ମହିଳା ଓ ଶିଶୁ ନିଜ ନିଜର ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଆନ୍ଦୋଳନରେ ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଯୋଗଦେଇଥିଲେ।

No.CAD-1154

idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No. IDCO:H.O./P&C/EST/E-2833/01/2025/20496 Dated : 11.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Construction of proposed 4-lane Approach Road and 2-lane Internal Road along with CD Structure at Sahaspur Industrial Area in Khordha Dist., Odisha.
2. Estimated cost : Rs.1368.22 lakh
3. Period of completion : 10 (Ten) Calendar months
4. Other details :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender Reference No. P&C/EST/E-28/ 2025-26 | 21.07.2025 at 17.00 Hrs | 05.08.2025 up to 17.00 Hrs |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
OIPR-14003/11/0204/2526 IDCO, Bhubaneswar

# ଭୁବନେଶ୍ୱର ରେଳଷ୍ଟେଶନ ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ କଲେ ଭି. ସୋମନ୍ନା

## ଓଡ଼ିଶାକୁ ୧୨.୫ ଗୁଣ ଅଧିକ ବଜେଟ ଆବଣ୍ଟନ କରାଯାଉଛି

ଭୁବନେଶ୍ୱର, ୧୯।୭(ଅନୁରାଧା ମହାରଣା)


କେନ୍ଦ୍ରମନ୍ତ୍ରୀ ଭି. ସୋମନ୍ନା ଭୁବନେଶ୍ୱର ରେଳ ଷ୍ଟେଶନରେ ପୁନଃବିକାଶ କାର୍ଯ୍ୟର ନିରୀକ୍ଷଣ କରୁଛନ୍ତି।

ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଶନିବାର ଭୁବନେଶ୍ୱର ରେଳଷ୍ଟେଶନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଏହି ଅବସରରେ ସୋମନ୍ନା କହିଛନ୍ତି, ନରେନ୍ଦ୍ର ମୋଦି ସରକାରଙ୍କ ଅଧୀନରେ ଓଡ଼ିଶା ରେଳ ବିକାଶ ପାଇଁ ବଜେଟ ବଣ୍ଟନରେ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାକୁ ୧୦,୫୯୯ କୋଟି ଟଙ୍କା ବରାଦ ହୋଇଛି, ଯାହା ୨୦୦୯-୧୪ ସମୟରେ ବରାଦ ହୋଇଥିବା ୮୩୮ କୋଟି ଟଙ୍କାର ୧୨.୫ ଗୁଣ ଅଧିକ। ରାଜ୍ୟରେ ୫୯ଟି ରେଳଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ୨,୩୭୯ କୋଟି ଟଙ୍କା ବ୍ୟୟରେ ଚାଲିଛି। ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ଅନୁମୋଦିତ କାର୍ଯ୍ୟ ଅଧୀନରେ ୮୦ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଗତ ବର୍ଷକ ମଧ୍ୟରେ ରାଜ୍ୟରେ ୮ଟି ନୂଆ ରେଳ ପ୍ରକଳ୍ପ, ମଲ୍ଟିଟ୍ରାକିଂ ଏବଂ ଫ୍ଲାଇଓଭର କାର୍ଯ୍ୟ ପାଇଁ ୨୫ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ଅନୁମୋଦନ କରାଯାଇଛି। 'ଅମୃତ ଭାରତ ଷ୍ଟେଶନ ଯୋଜନା'ରେ ଭୁବନେଶ୍ୱର ରେଳଷ୍ଟେଶନର ପୁନଃବିକାଶ କାର୍ଯ୍ୟ କରାଯାଉଛି ଏବଂ ଏହି କାର୍ଯ୍ୟ ବହୁତ ଭଲ ଗତିରେ ଆଗେଇ ଚାଲିଛି। ରେଳଷ୍ଟେଶନ ବିକାଶ କାର୍ଯ୍ୟରେ ଉଚ୍ଚ ଆପ୍ରୋଚ ରୋଡ୍ ଏବଂ ଷ୍ଟେଶନକୁ ଯାଉଥିବା ଯାତ୍ରୀ ଏବଂ ଷ୍ଟେଶନ ବାହାରକୁ ଆସୁଥିବା ଯାତ୍ରୀଙ୍କ ଗମନାଗମନକୁ ପୃଥକୀକରଣ ଅନ୍ତର୍ଭୁକ୍ତ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ନିରୀକ୍ଷଣ ସମୟରେ ତାଙ୍କ ସହ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭୁବନେଶ୍ୱର ରେଳ ଷ୍ଟେଶନର ଏହି ପୁନଃବିକାଶ ପ୍ରକଳ୍ପରେ ଯାତ୍ରୀଙ୍କ ପାଇଁ ଆଧୁନିକ ସୁବିଧା ସୁଯୋଗ ଥିବା ପ୍ରବେଶପଥ, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷା ହଲ, ଶୌଚାଳୟ, ଲିଫ୍ଟ/ଏସ୍କାଲେଟର, ପରିଷ୍କାର ପରିଚ୍ଛନ୍ନତା, 'ୱାନ ଷ୍ଟେଶନ ୱାନ ପ୍ରଡକ୍ଟ' ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କ, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ, ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ସମାଧାନ, କାର୍ଯ୍ୟନିର୍ବାହୀ ଲାଉଞ୍ଜ, ବାଣିଜ୍ୟିକ ବିକାଶ ବୈଠକସ୍ଥଳ ଆଦି ସୁବିଧା ରହିବ।

## ୱେବ୍ ଚ୍ୟାନେଲ ଖବରଦାତାଙ୍କୁ ହତ୍ୟା ଘଟଣା, ୨ ଗିରଫ

**ମାଲକାନଗିରି,୧୯।୭(ଦୁର୍ଯ୍ୟୋଧନ ପାତ୍ର):** ମାଲକାନଗିରି ଜିଲା ମୋଟୁ ଥାନା ମୁରଲିଗୁଡା ଗ୍ରାମରେ ଜଣେ ୱେବ୍ ଚ୍ୟାନେଲ ଖବରଦାତାଙ୍କୁ ଗତ ୧୨ ତାରିଖରେ ହତ୍ୟା କରାଯାଇଥିଲା। ଶନିବାର ଏହି ଘଟଣାର ପର୍ଦ୍ଦାଫାଶ ହୋଇଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ହାଇଦ୍ରାବାଦ୍‌ରୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଏମ୍‌ଭି ୭୫ ଗ୍ରାମର ସୁକୁମାର ରାୟ ଓ ଏମ୍‌ପିଭି ୮୨ ଗ୍ରାମର କୋଙ୍କନ ଜୋଦ୍ଦାର ।ଖବରଦାତା ସମ୍ମିଳନୀରେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲଙ୍କ ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ମୋଟୁ ଗ୍ରାମର ୱେବ୍ ଚ୍ୟାନେଲ ଖବରଦାତା ସି.ହେଚ୍. ନରେଶ ଓ ତାଙ୍କ ସହ ୪ ଜଣ ଖବର ସଂଗ୍ରହ କରିବା ପାଇଁ ନିକଟସ୍ଥ ମୁରଲିଗୁଡା ଗ୍ରାମକୁ ଯାଇଥିଲେ। ସେଠାରେ ଥିବା ସମୟରେ ଦୁଇଟି ବାଇକ୍‌ରେ ୫ ଜଣ ଆସି କୌଣସି କାରଣରୁ ସେମାନଙ୍କ ମଧ୍ୟରୁ ଦୁଇଜଣ ନରେଶଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କ ବାମହାତରେ ଖଣ୍ଡା ଚୋଟ ବାଜିଥିଲା, ଫଳରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପାଖରେ ଥିବା ଅନ୍ୟମାନେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ନରେଶଙ୍କ ପାଖରେ ଥିବା ତରୁଣ କୁମାରଙ୍କ ଉପରେ ମଧ୍ୟ ଆକ୍ରମଣ କରିବାକୁ ଚେଷ୍ଟା କରୁଥିବା ବେଳେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ଘଟଣାର ତଦନ୍ତକରି ପୋଲିସ ସୁକୁମାର ରାୟ ଓ କୋଙ୍କନ ଜୋଦ୍ଦାରଙ୍କୁ ହାଇଦ୍ରାବାଦରୁ ଗିରଫ କରି ଆଣିଛି। ତେବେ କେଉଁ କାରଣରୁ ନରେଶଙ୍କ ଉପରେ ଆକ୍ରମଣ ହୋଇଥିଲା ସେ ସମ୍ପର୍କରେ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହାର ତଦନ୍ତ ଜାରି ରହିଥିବା ଏସ୍‌ପି ପାଟିଲ କହିଛନ୍ତି।

**BOARD OF SECONDARY EDUCATION, ODISHA, CUTTACK**

**Notification**

**Correction of Enrolment Data for HSC Examination, 2026**

**No.1055/(Exam. Conf.)/Dt.16.07.2025**

**No.N-132** : The Board of Secondary Education, Odisha offers one more chance for every school to correct the enrolment data of their students who are going to appear High School Certificate Examination, 2026 at their respective zonal offices in the manner enumerated below.

[a] The enrolment data, 2024 shall be made live online in the website www.bseodisha.ac.in from 21/07/2025 till 31/07/2025 midnight.

[b] The Head of the Institutions by logging into thier User ID & Password can assess the data in the following manner.

1. Correction of data excepting Enrolment No., Name, Photograph & Caste can be effected online by the respective Head of the Institutions.
2. Third language subjects can be corrected if entered wrongly. Any change in third language subject shall not be entertained in future.
3. The print copy of Descriptive Roll sheet can be taken out again.
4. For effecting correction in name & photograph, head of the institution has to produce relevant original records of the student/ school at the respective zonal offices of the Board.
5. For re-enrolment of candidate on transfer and change in caste, the head of the institution has to produce relevant original records of the students/school at Head Office, Cuttack for effecting correction offline in between 21/07/2025 to 31/07/2025.

**Under no circumstances, further correction of data will be allowed.**

The above process of both online and offline correction is allowed till 31/07/2025.

**OIPR-27004/11/0094/2526** **Sd./- Secretary**

# ୩ ଦିନରେ ପ୍ରଦର୍ଶନ ହେବ ୧୦୮ ସିନେମା

## ୨୪ରୁ ସପ୍ତମ ବାଇସ୍କୋପ୍ ଫିଲ୍ମ ଫେଷ୍ଟିଭାଲ



କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

କଟକ,୧୯।୭(କାର୍ତ୍ତିକ ସାହୁ)

ଗାଜିଆବାଦର ପ୍ରିଜ୍‌ମ ମୋଶନ ପିକ୍‌ଚର ପକ୍ଷରୁ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସହଯୋଗରେ ସପ୍ତମ ବାଇସ୍କୋପ୍ ଫିଲ୍ମ ଫେଷ୍ଟିଭାଲ ଆସନ୍ତା ୨୪ ତାରିଖରୁ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ପରିସରରେ ୩ଦିନ ବ୍ୟାପୀ ହେବାକୁ ଥିବା ଫେଷ୍ଟିଭାଲରେ ୧୦୮ଟି ସିନେମା ପ୍ରଦର୍ଶିତ ହେବ। ଆୟୋଜକଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବେଦ କୁମାରୀ କହିଲେ, ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି ଭରପୂର ରହିଛି। ଚଳିତ ବର୍ଷ ମହିଳା ସଶକ୍ତୀକରଣ, ଆଇନ ଓ ନ୍ୟାୟ ପ୍ରସଙ୍ଗକୁ ନେଇ ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ପ୍ରତ୍ୟେକଟି ଭିତରେ ଆଇନ ରହିଛି। ସେ ଦୃଷ୍ଟିରୁ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ହେବାକୁ ଥିବା ଏହି ଫେଷ୍ଟିଭାଲ ଆଇନ ଛାତ୍ରୀଛାତ୍ରମାନଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ହେବ। ଦେଶ ବିଦେଶରୁ ଆସିଥିବା ଅନୁଷ୍ଠାନ ବିଭିନ୍ନ ଭାଷାଭାଷୀର ଚଳଚ୍ଚିତ୍ର ପ୍ରଦର୍ଶନ କରିବେ। ସିନେମା ହେଉଛି ସମାଜର ପ୍ରତିଛବି। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମନୋରଞ୍ଜନ ସାଙ୍ଗକୁ ସମାଜର ନାନା ରକମର ଚିତ୍ରକୁ ମଧ୍ୟ ହୃଦ୍‌ବୋଧ କରିବାର ସୁଯୋଗ ପାଇବେ।

ବିଶ୍ୱବିଦ୍ୟାଳୟ ସେଣ୍ଟର ଫର ଫିଲ୍ମ ଷ୍ଟଡିଜ୍‌ର ନିର୍ଦ୍ଦେଶିକା ସୋହିନି ମହାପାତ୍ର କହିଲେ, ସାଇଲେଣ୍ଟ ମୁଭି ଫେଷ୍ଟିଭାଲର ଅନ୍ୟତମ ଆକର୍ଷଣ ସାଜିବ। ଏଥିରେ ପ୍ରାମାଣିକ ଚଳଚ୍ଚିତ୍ର ସମେତ ବିଭିନ୍ନ ପ୍ରକାର କ୍ଷୁଦ୍ର ଓ ଦୀର୍ଘ ଚଳଚ୍ଚିତ୍ରମାନ ପ୍ରଦର୍ଶନ କରାଯିବାକୁ ସ୍ଥିର ହୋଇଛି। ଫେଷ୍ଟିଭାଲର ପ୍ରତିଷ୍ଠାତା ଆଲୋକ ଭରଦ୍ୱାଜ କହିଲେ, ପୂର୍ବରୁ ଅନ୍ୟ ରାଜ୍ୟରେ ୬ବର୍ଷ ଧରି ଏହିପରି ଫିଲ୍ମ ଫେଷ୍ଟିଭାଲ ଆୟୋଜନ କରାଯାଇ ସଫଳତା ମିଳିଛି। ପୂର୍ବରୁ ଅମ୍ରିତସରସ୍ଥିତ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଦିଲ୍ଲୀର ଏନ୍‌ଡିଏମ୍‌ସି କନଭେନଶନ୍ ସେଣ୍ଟର, ଜଳନ୍ଧରରେ ଲଭଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟ, ନାଗାଲାଣ୍ଡରେ ହର୍ନବିଲ ଫେଷ୍ଟିଭାଲ ଆଦି ଅନୁଷ୍ଠିତ ହୋଇସାରିଛି। ସାମାଜିକ ଚେତନା ସହ ସିନେମାକୁ ଯୋଡ଼ିବା ନିମନ୍ତେ ଏହା ଏକ ପ୍ରୟାସ। ଫେଷ୍ଟିଭାଲ ନିର୍ଦ୍ଦେଶିକା ଜ୍ୟୋତି ଆରୋରା କହିଲେ, ତିନିଦିନ ବ୍ୟାପୀ ଫେଷ୍ଟିଭାଲରେ ଆଇନ, ସିନେମା, ଶିକ୍ଷା, ରାଜନୀତି, ସାମାଜିକ ସେବା ଆଦି କ୍ଷେତ୍ରରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନେ ଏଥିରେ ଯୋଗଦେଇ ସେମାନଙ୍କ ଅଭିଜ୍ଞତା ବଖାଣିବେ। ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା ସମ୍ପଦ ମହାପାତ୍ର, କନ୍ନଡ଼ ସିନେମା ନିର୍ମାତା ଚମ୍ପା ପି. ସେଟ୍ଟୀ, ଚଳଚ୍ଚିତ୍ର ନିର୍ମାତା ଲଳିତ ରାଓ ଏବଂ ସିନେ ନିର୍ଦ୍ଦେଶକ ଗଦାଧର ପୁଟ୍ଟୀ ବିଚାରକ ଭାବେ ଚଳଚ୍ଚିତ୍ରଗୁଡ଼ିକର ମୂଲ୍ୟାୟନ କରିବେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସେନଜିତ ହରିଚନ୍ଦନ, ଓମ ପ୍ରକାଶ ମହାନ୍ତି ଓ ଗଦାଧର ପୁଟ୍ଟୀ ଉପସ୍ଥିତ ଥିଲେ।

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
No.O-443

E-mail : sencrwangul@yahoo.co.in, Ph. : 06764-236404

**Tender Call Notice for Building Works in Odisha**
**Bid Identification No. Building Online AGL-06/2025-26**

**No. 2045//** **Dt. 15.07.2025//**

1. Name of the work : Building work, 2. Total No. of work : 04 Nos., 3. Estimated cost : Rs.118.18 Lakh Approx, 4. Class of Contractor : 'B' & 'A' Class, 5. Period of completion : 15 (Fifteen) Calendar Months, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Building Online - AGL-06/2025-26 | 23.07.25 at 10.00 A.M. | 06.08.25 up to 5.00 P.M. | 05.08.25 up to 1.00 P.M. | 07.08.25 at 11.00 A.M. | Will be intimated later on |

For detailed Notice inviting Tenders, Please visit to the website www.tendersorissa.gov.in

Sd./- Chief Construction Engineer, Rural Works Circle, Angul
**OIPR-25180/11/0058/2526**

**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

SAMS Student Academic Management System
Skilled in ODISHA

**ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ ୨୦୨୫-୨୬ ଶିକ୍ଷା ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବିଜ୍ଞାପନ**

ନଂ. ୧୦୨୬୪ ତା୧୮।୦୭।୨୦୨୫

No. KK-: ସ୍ୱଳ୍ପ ଅବଧି ମଧ୍ୟରେ ନିଯୁକ୍ତି/ଆତ୍ମନିଯୁକ୍ତିକ୍ଷମ ହେବା ନିମିତ୍ତ, ଆଇ.ଟି.ଆଇ.ର କୁଶଳୀ ତାଲିମ ଆଣିଦିଏ ଏକ ସୁଯୋଗ। ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଅଗଷ୍ଟ ମାସରୁ ଆରମ୍ଭ ହେବାକୁଥିବା ୨୦୨୫-୨୬ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ **ଦ୍ୱିତୀୟ ପର୍ଯ୍ୟାୟ** ନାମଲେଖା ତା୨୪।୦୬।୨୦୨୫ରିଖଠାରୁ ବିନା Choice Fillରେ ଚାଲୁ ଅଛି। ଆବେଦନ କରୁଥିବା ଛାତ୍ର ଓ ଛାତ୍ରୀମାନେ ତା୧୯।୦୭।୨୦୨୫ରୁ ତା୨୩।୦୭।୨୦୨୫ରିଖ ପର୍ଯ୍ୟନ୍ତ SAMS Portalରେ Online ମାଧ୍ୟମରେ Choice Fill କରିପାରିବେ। **ଦ୍ୱିତୀୟ ପର୍ଯ୍ୟାୟ** ଆବେଦନର ଶେଷ ତା୨୩।୦୭।୨୦୨୫ରିଖ ରଖାଯାଇଛି।

**ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ସରକାରୀ ଆଇ.ଟି.ଆଇ.ରେ ଉପଲବ୍ଧ ସୁଯୋଗ:**
୧. ଆବାସିକ ସୁବିଧା (ଅଧିକାଂଶଙ୍କ ପାଇଁ)।
୨. ସୁଦକ୍ଷା ଯୋଜନାରେ ସମସ୍ତ ବର୍ଗର ଝିଅ ପିଲାଙ୍କ ପାଇଁ, ନିର୍ମାଣ କୁସୁମ ଯୋଜନାରେ ନିର୍ମାଣ ଶ୍ରମିକଙ୍କ ପୁଅ ଝିଅଙ୍କ ପାଇଁ, ବାଣିଶ୍ରୀ ଯୋଜନାରେ ସମସ୍ତ ଦିବ୍ୟାଙ୍ଗମାନଙ୍କ ପାଇଁ ଓ ଗ୍ରୀନ ପ୍ୟାସେଜ ଯୋଜନାରେ ସମସ୍ତ ଅନାଥପିଲାଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ତାଲିମ।
୩. ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରେରଣା ବୃତ୍ତି।
୪. ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଟ.୩୦୦୦/-ଙ୍କାର ମାଗଣା ୟୁନିଫର୍ମ।

**ନାମଲେଖା ପ୍ରଣାଳୀ:**
କ) ଆବେଦନକାରୀ ତା୦୧।୦୮।୨୦୨୪ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ।
ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ୍/୧୦ମ ଶ୍ରେଣୀ ଫେଲ୍) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ **www.samsodisha.gov.in** ବା **www.dtetodisha.gov.in**ରେ ଉପଲବ୍ଧ ଅଛି।
ଗ) SAMS ପୋର୍ଟାଲ **www.samsodisha.gov.in** ବା **www.dtetodisha.gov.in**ରେ ଲଗ୍‌ଇନ୍ କରି, ତା୨୩।୦୭।୨୦୨୫ରିଖ ମଧ୍ୟରେ Onlineରେ ଆବେଦନ କରିପାରିବେ।

ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline - ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦କୁ ଯୋଗାଯୋଗ କରି କୁଶଳୀ କାରିଗର ହେବା ପାଇଁ ଏହି ସୁଯୋଗ ନିଅନ୍ତୁ।

ସ୍ୱା./- ନିର୍ଦ୍ଦେଶକ
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା
**OIPR-44008/11/0040/2526**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସଂହତି

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁନ୍ଦରଗଡ଼, ବାଲେଶ୍ୱର ବିଜୟୀ



ଅତିଥିଙ୍କ ସହ ବାଲେଶ୍ୱର ଓ ଢେଙ୍କାନାଳର ଖେଳାଳିମାନେ।

**ସାହାଣୀ କପ୍ ଫୁଟ୍‌ବଲ**

**କେନ୍ଦୁଝର,୧୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଷ୍ଟାଡ଼ିୟମରେ ଆୟୋଜିତ ୬୪ତମ ସାହାଣୀ କପ୍ ସିନିୟର ଆନ୍ତଃ ଜିଲା ପୁରୁଷ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସର ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ସୁନ୍ଦରଗଡ଼ ୨-୦ ଗୋଲରେ ସୁବର୍ଣ୍ଣପୁରକୁ ଏବଂ ଦ୍ୱିତୀୟ ମ୍ୟାଚରେ ବାଲେଶ୍ୱର ୪-୦ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଛି। ପ୍ରଥମ ଖେଳ ପ୍ରଥମାର୍ଦ୍ଧର ଦ୍ୱିତୀୟ ମିନିଟ୍‌ରେ ଦଳ ପକ୍ଷରୁ ଗୋଲର ଶୁଭାରମ୍ଭ ହୋଇଥିଲା। ପୁନଶ୍ଚ ୧୮ତମ ମିନିଟ୍‌ରେ ଷ୍ଟ୍ରାଇକର ମହେଶ ପ୍ରଧାନ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ଖେଳ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ସମାପ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ୫୯ତମ ମିନିଟରେ ବାଲେଶ୍ୱରର ଜଗନ୍ନାଥ ସୋରେନ ଦଳ ପକ୍ଷରୁ ଗୋଲ ଦେଇଥିଲେ। ପରେ ୬୨ତମ ଏବଂ ୬୯ତମ ମିନିଟରେ ରାଜୁ ସିଂ ଦୁଇଟି ଗୋଲ ସ୍କୋର କରିଥିଲେ। ୮୦+୧ ମିନିଟରେ ବାଲେଶ୍ୱର ପକ୍ଷରୁ ୧୦ ନମ୍ବର ଖେଳାଳି ମଧୁ ସୋରେନ ଦଳ ପକ୍ଷରୁ ଆଉ ଏକ ଗୋଲ ସ୍କୋର କରି ବିଜୟ ବ୍ୟବଧାନ ୪-୦କୁ ବୃଦ୍ଧି କରିଥିଲେ। ପ୍ରଥମ ଖେଳରେ ଆଶୀର୍ବାଦ କାନୁନ୍‌ଗୋ ରେଫରି ଦାୟିତ୍ୱ ତୁଲାଇ ଥିବାବେଳେ ଲାଇନ୍‌ରେ ଶୁଭମ ପାତ୍ର ଓ ଉତ୍କଳମଣି ବେହେରା ସହାୟତା କରିଥିଲେ। ଅରୁଣ ନାୟକ ଚତୁର୍ଥ ରେଫରି ଥିଲେ। ଦ୍ୱିତୀୟ ଖେଳରେ ଚକ୍ରଧର ଚାଟାର ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ଲାଇନରେ ରତ୍ନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ରାଇ ମୋହନ ମୁର୍ମୁ ଚତୁର୍ଥ ରେଫରି ଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଚୟନକର୍ତ୍ତା ଭାବେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା, ସନ୍ତୋଷ ମହାରଣା ଏବଂ ମ୍ୟାଚ କମିଶନର ଭାବେ ସୁରେଶ କୁମାର ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥିଭାବେ କେନ୍ଦୁଝର ପୌରପାଳିକାର ନଗରପାଳ ନିକୁ ସାହୁ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇଥିଲେ।

### ଅନ୍ୟ ଜୋନ୍ ମ୍ୟାଚ ଫଳାଫଳ

**ବୌଦ୍ଧ**

କଳାହାଣ୍ଡି-୧, ନୟାଗଡ଼-୦

ବରଗଡ଼-୩, ଦେବଗଡ଼-୦

**କେନ୍ଦ୍ରାପଡ଼ା**

କଟକ-୩, ଖୋର୍ଦ୍ଧା-୦

ପାରାଦୀପ ପୋର୍ଟ ଟ୍ରଷ୍ଟ-୯, ପୁରୀ-୨

**ବ୍ରହ୍ମପୁର**

ମୟୂରଭଞ୍ଜ-୯, ରାୟଗଡ଼ା-୦

କୋରାପୁଟ-୨, ମାଲକାନଗିରି-୦

# ପ୍ରତ୍ୟେକ ପରବର୍ତ୍ତୀ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ

**ଆଜି ଅନ୍ତର୍ଜାତୀୟ ଚେସ୍ ଦିବସ**

ପ୍ରତ୍ୟେକ ବର୍ଷ ଜୁଲାଇ ୨୦ ତାରିଖରେ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରାଯାଇଆସୁଛି। ଏହିଦିନ ୧୯୨୪ରେ ପ୍ୟାରିସଠାରେ ବିଶ୍ୱ ଚେସ୍ ପରିଚାଳନାକାରୀ ସଂସ୍ଥା ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ(ଫିଡେ) ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ଫିଡେର ମୁଖ୍ୟ କାର୍ଯ୍ୟାଳୟ ସୁଇଜରଲାଣ୍ଡରେ ରହିଛି। ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରିବା ଲାଗି ୟୁନେସ୍କୋ ପକ୍ଷରୁ ପ୍ରଥମ ଥର ପାଇଁ ପ୍ରସ୍ତାବ ଦିଆଯାଇଥିଲା। ୧୯୬୬ଠାରୁ ଏହାକୁ ପାଳନ କରାଯାଉଛି। ଫିଡେର ପୂର୍ବତନ ସଭାପତି କିର୍ସାନ ଇଲ୍ୟୁମଝିନୋଭଙ୍କ କହିବା ଅନୁସାରେ ୨୦୧୩ରେ ଅନ୍ତର୍ଜାତୀୟ ଚେସ୍ ଦିବସ ୧୭୮ଦେଶରେ ପାଳନ ହୋଇଥିଲା। ୨୦୧୯ ଡିସେମ୍ବର ୧୨ ତାରିଖରେ ମିଳିତ ଜାତିସଂଘ ସାଧାରଣ ସଭାରେ ସର୍ବସମ୍ମତି କ୍ରମେ ଜୁଲାଇ ୨୦ତାରିଖକୁ ଅନ୍ତର୍ଜାତୀୟ ଚେସ୍ ଦିବସ ଭାବେ ପାଳନ କରିବାକୁ ମଞ୍ଜୁରୀ ଦିଆଯାଇଥିଲା। ଚଳିତବର୍ଷ ଅନ୍ତର୍ଜାତୀୟ ଚେସ୍ ଦିବସ ଲାଗି 'ପ୍ରତ୍ୟେକ ମୁଭ ଗୁରୁତ୍ୱପୂର୍ଣ୍ଣ' ଶୀର୍ଷକ ଥିମ ରଖାଯାଇଛି। ଏହା ଦର୍ଶାଉଛି ଯେ, ଚେସ୍ ବୋର୍ଡ ହେଉ କି ଜୀବନ, ପରବର୍ତ୍ତୀ ପ୍ରତ୍ୟେକ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ନିଷ୍ପତ୍ତି ଆମ ଅଭିଯାନ ରୂପରେଖ ନିର୍ଣ୍ଣୟ କରେ। ଚେସ୍ ଖେଳର ଆବିଷ୍କାର ଭାରତରେ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀରେ ହୋଇଥିଲା। ସେତେବେଳେ ଏହି ଖେଳ 'ଚତୁରଙ୍ଗା' ନାମରେ ପରିଚିତ ଥିଲା। କାଳକ୍ରମେ ଏହି ଖେଳ ୟୁରୋପ ଓ ପର୍ସିଆକୁ ବ୍ୟାପି ଯାଇଥିଲା। ସେଠାରେ ଖେଳର ନିୟମକୁ ପରିପ୍ରକାଶ କରାଯାଇଥିଲା। ଗତବର୍ଷ ଫିଡେର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱ ଚେସ୍ ଜଗତ ପକ୍ଷରୁ ୨୪ଘଣ୍ଟା ମଧ୍ୟରେ ସର୍ବାଧିକ ସଂଖ୍ୟକ ଚେସ୍ ଗେମ୍ ଖେଳାଯାଇ ଏକ ଗିନିଜ ୱାର୍ଲ୍ଡ ରେକର୍ଡ ପ୍ରତିଷ୍ଠା କରାଯାଇଥିଲା। ସେହି ଦିନ ସମଗ୍ର ବିଶ୍ୱରେ ୩୫୦ ଟୁର୍ନାମେଣ୍ଟରେ ୭.୨୮ ନିୟୁତ ଚେସ୍ ମୁକାବିଲା ହୋଇଥିଲା।



**ଜାତୀୟ ସିନିୟର ମହିଳା ହକି କ୍ୟାମ୍ପ**

# କୋର୍ ଗ୍ରୁପ୍‌ରେ ଓଡ଼ିଶାର ୬ ଖେଳାଳି

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)**

ଆଗକୁ ଏସିଆ କପ୍ ଆସୁଥିବାରୁ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଜାତୀୟ ସିନିୟର ମହିଳା ହକି ଦଳର କ୍ୟାମ୍ପ ଚଳିତ ମାସ ୨୧ରୁ ଅଗଷ୍ଟ ୨୯ ପର୍ଯ୍ୟନ୍ତ ଚାଲିବ। ଏହି କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ଶନିବାର ଘୋଷିତ ୪୦ ଜଣିଆ କୋର୍ ଗ୍ରୁପ୍‌ରେ ଓଡ଼ିଶାର ୬ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲକିପର ମାଧୁରୀ କିଣ୍ଡୋ, ଡିଫେଣ୍ଡର ଜ୍ୟୋତି ଛତ୍ରୀ, ମିଡ୍‌ଫିଲ୍ଡର ସୁଜାତା କୁଜୁର, ଆଜମିନା କୁଜୁର, ସୁନେଲିତା ଟପ୍ପୋ ଏବଂ ଫରୱାର୍ଡ ଦୀପି ମୋନିକା ଟପ୍ପୋ। ୨୦୨୫ ମହିଳା ଏସିଆ କପ୍ ଚାଇନାର ହାଙ୍ଗଝୋଠାରେ ସେପ୍ଟେମ୍ବର ୫ରୁ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଦଳ ସିଧାସଳଖ ୨୦୨୬ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ତେଣୁ ଆଗାମୀ କ୍ୟାମ୍ପରେ ଖେଳାଳିଙ୍କ ଟ୍ରେନିଂ ବହୁ ଗୁରୁତ୍ୱ ବହନ କରିବ। ''ଏହି କ୍ୟାମ୍ପ୍ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏସିଆ କପ୍ କେବଳ ସମ୍ମାନଜନକ ମହାଦେଶୀୟ ଟୁର୍ନାମେଣ୍ଟ ନୁହେଁ, ୨୦୨୬ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତାର ସୁଯୋଗ ଆଣିବ। ହାଙ୍ଗଝୋରେ ପହଞ୍ଚିବା ବେଳକୁ ଆମେ ଯେପରି ମାନସିକ ଓ ଶାରୀରିକ ସ୍ତରରେ ପ୍ରସ୍ତୁତ ଥିବୁ ସେହି ଅନୁସାରେ ଆଗାମୀ କ୍ୟାମ୍ପ୍‌ରେ ଟ୍ରେନିଂ କରିବୁ'' ବୋଲି ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ପ୍ରକାଶ କରିଛନ୍ତି। ପ୍ରୋ ଲିଗ୍‌ର ୟୁରୋପ ଚରଣରେ ଆମେ ଆଶାନୁସାରେ ପ୍ରଦର୍ଶନ କରିପାରି ନ ଥିଲୁ। ତେଣୁ ଏହି କ୍ୟାମ୍ପ ଆମକୁ ପ୍ରୋ-ଲିଗ୍‌ରେ ଦେଖାଦେଇଥିବା ତ୍ରୁଟିକୁ ସୁଧାରି ପୁଣିଥରେ ସତେଜ ମନରେ ପ୍ରସ୍ତୁତ ହେବାକୁ ସୁଯୋଗ ଆଣିବ।

# ବିନ୍ନିଙ୍କୁ ନେଇ କଳ୍ପନାଜଳ୍ପନା

**ନୂଆଦିଲ୍ଲୀ, ୧୯।୭ (ପି.ଟି.):** ବର୍ତ୍ତମାନର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ରୋଜର ବିନ୍ନି ଶନିବାର ୭୦ବର୍ଷ ବୟସରେ ପଦାର୍ପଣ କରିଛନ୍ତି। କିନ୍ତୁ ସେ ସେପ୍ଟେମ୍ବରରେ ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍) ପର୍ଯ୍ୟନ୍ତ କାର୍ଯ୍ୟ କରିବେ କି ଉପ-ସଭାପତି ରାଜୀବ ଶୁକ୍ଲା ତୁରନ୍ତ ଅନ୍ତରୀଣ ଦାୟିତ୍ୱ ସମ୍ଭାଳିବେ ଏବଂ ବିନ୍ନି ବିଦାୟ ନେବେ ସେ ସେନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପାର୍ଲାମେଣ୍ଟର ଆସନ୍ତା ମୌସୁମି ଅଧିବେଶନରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଜାତୀୟ କ୍ରୀଡ଼ା ବିଲ୍ ଚିଠା ଉପସ୍ଥାପନ କରିବେ। ଏଥିରେ ଜଣେ ପ୍ରଶାସକଙ୍କ କାର୍ଯ୍ୟକାଳ ବୟସସୀମା ୭୦ବର୍ଷରୁ ୭୫ ବର୍ଷ ବୃଦ୍ଧି ପାଇଁ ପ୍ରସ୍ତାବ ରହିଛି। ଜଷ୍ଟିସ ଲୋଧା କମିଟି ଦ୍ୱାରା ସଂଶୋଧିତ ହୋଇଥିବା ବିସିସିଆଇ ସମ୍ବିଧାନରେ ଏହାର କର୍ମକର୍ତ୍ତାଙ୍କ ସର୍ବୋଚ୍ଚ ବୟସ ସୀମା ୭୦ ବର୍ଷ ରଖାଯାଇଛି। ପ୍ରସ୍ତାବିତ କ୍ରୀଡ଼ା ବିଲ୍ ଯଦି କାର୍ଯ୍ୟକାରୀ ହୁଏ ତେବେ ଏକ ଜାତୀୟ କ୍ରୀଡ଼ା ମହାସଂଘ ଭାବେ ବିସିସିଆଇ ଏହାର ପରିସରଭୁକ୍ତ ହେବ ବୋଲି ଆଶା କରାଯାଉଛି। ବିସିସିଆଇ ଯଦିଓ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ନୁହେଁ, ଭାରତୀୟ କ୍ରିକେଟ ଦଳ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ରେ ଅଂଶଗ୍ରହଣ ପାଇଁ ପ୍ରସ୍ତୁତ ହେବାକୁଥିବାରୁ ଦେଶର ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂସ୍ଥା ନୂଆ କ୍ରୀଡ଼ା ବିଲ୍‌କୁ ପାଳନ କରିବ ବୋଲି ଆଶା କରାଯାଉଛି। ଖବର ଅନୁସାରେ ବିନ୍ନି ଯଦି ତାଙ୍କ ପଦବୀରେ ରହିବାକୁ ଚାହିଁବେ ସେ ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆଇ ଏବଂ ଆଇନ ବିଭାଗର ଯୋଗାଯୋଗରେ ରହିବେ। ନୂତ କ୍ରୀଡ଼ା ବିଲ୍ ଯଦି ଅଗଷ୍ଟ ସୁଦ୍ଧା କାର୍ଯ୍ୟକାରୀ ହୁଏ ତେବେ ୧୯୮୩ ବିଶ୍ୱକପ୍ ହିରୋ ହୁଏତ ପୁଣି ଥରେ ଆଉ ୩ବର୍ଷ ସଭାପତି ପଦବୀରେ ରହିପାରନ୍ତି। ସୂଚନାଯୋଗ୍ୟ, ଆଇସିସି ଚାର୍ଟରରେ ଫିଫା ଓ ଆଇଓସି ଭଳି ଅନ୍ୟ କ୍ରୀଡ଼ା ସଂସ୍ଥାଗୁଡ଼ିକରେ କୌଣସି ବୟସ ସୀମା ନାହିଁ। ତଥାପି ଶୁକ୍ଲାଙ୍କୁ ଦୁଇ ମାସ ପାଇଁ ପଦୋନ୍ନତି ଦିଆଯିବ କିମ୍ବା କ୍ରୀଡ଼ା ବିଲ୍ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଅପେକ୍ଷା କରାଯିବ ସେ ବିଷୟରେ ଅନୌପଚାରିକ ଆଲୋଚନା ଚାଲିଛି। ବିସିସିଆଇ ମହଲରେ ଏକ ଧାରଣା ରହିଛି ଏହାର ସଭାପତି ପଦ ସୌରଭ ଗାଙ୍ଗୁଲି ଓ ବିନ୍ନିଙ୍କ ଭଳି କୌଣସି ପୂର୍ବତନ ଭାରତୀୟ କ୍ରିକେଟର ଅଳଙ୍କୃତ କରିବା ଉଚିତ।

**ଫ୍ରିଷ୍ଟାଇଲ ଚେସ୍ ଗ୍ରାଣ୍ଡସ୍ଲାମ**

# ସେମିରୁ ବିଦାୟ ନେଲେ ଏରିଗେସି

**ଲାସ୍ ଭେଗାସ (ୟୁଏସ୍ଏ), ୧୯।୭**

ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ଏଠାରେ ଚାଲିଥିବା ଫ୍ରିଷ୍ଟାଇଲ ଚେସ୍ ଗ୍ରାଣ୍ଡସ୍ଲାମର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଆର୍ମେନୀୟରୁ ଆମେରିକୀୟ ହୋଇଥିବା ଲେଭନ ଆରୋନିଆନଙ୍କଠାରୁ ୦-୨ରେ ପରାଜିତ ହୋଇଛନ୍ତି। ଏରିଗେସି ଚମତ୍କାର ପ୍ରଦର୍ଶନ ସହ ପ୍ରଥମ ଭାରତୀୟ ଭାବେ ଫ୍ରିଷ୍ଟାଇଲ ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରିଲିମ୍‌ରେ ଟପ୍-୪ ସ୍ଥାନ ପାଇ ମାଗ୍ନସ କାର୍ଲସେନଙ୍କୁ ପରାସ୍ତ କରିବା ପରେ କ୍ୱାର୍ଟରଫାଇନାଲରେ ସେ ହିକାରୁ ନାକାମୁରାଙ୍କୁ ହରାଇ ଦେଇଥିଲେ। ଅର୍ଜୁନ ତାଙ୍କୁ ପ୍ରଥମ ଗେମ୍‌ରେ ମିଳିଥିବା ସୁଯୋଗକୁ କନଭର୍ଟ କରିବାରେ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ଆରୋନିଆନ ଖରାପ ସ୍ଥିତିରେ ଥାଇ ମଧ୍ୟ ଦୃଢ଼ତାର ସହିତ ପ୍ରତ୍ୟାବର୍ତ୍ତନ କରିବାରେ ସକ୍ଷମ ହୋଇଥିଲେ। ଗେମ୍ ଏକଦା ଡ୍ର ଆଡ଼କୁ ଅଗ୍ରସର ହେଉଥିବା ବେଳେ ମ୍ୟାଚରେ ତିଷ୍ଠି ରହିବା ଲାଗି ଏକ ବିଜୟ ଆବଶ୍ୟକ କରୁଥିବା ଏରିଗେସି ଅଯଥା ରିସ୍କ ନେଇଥିଲେ, ଯାହା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଅନ୍ୟତମ ଖେଳାଳି ଭାବେ ଯୁକ୍ତରାଷ୍ଟ୍ର ଆମେରିକାର ହାନ୍ସ ମୋକ୍ ନିମାନ ଫାଇନାଲରେ ପ୍ରବେଶ କରିଥିଲେ। ସେ ତାଙ୍କ ଦେଶର ଫାବିଆନୋ କାରୁଆନୋଙ୍କୁ ହରାଇ ଦେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଭାରତର ଅନ୍ୟତମ ଖେଳାଳି ଆର୍. ପ୍ରଜ୍ଞାନନ୍ଦ ୩ୟରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେଅଫ୍ ମ୍ୟାଚରେ ଜର୍ମାନୀର ଭିନ୍‌ସେଣ୍ଟ କିମରଙ୍କୁ ୧.୫-୦.୫ରେ ହରାଇ ଦେଇଛନ୍ତି। ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଥିବା ବିଶ୍ୱର ନମ୍ବର-୧ ମାଗ୍ନସ କାର୍ଲସେନ ମଧ୍ୟ ସମାନ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ସେ ଉଜ୍‌ବେକିସ୍ତାନର ଜାଭୋଖିର ସିନ୍ଦାରୋଭଙ୍କୁ ହରାଇ ଦେଇଛନ୍ତି।


## Classified Everyday 0674-2580101, 9692975378



MATRIMONIAL

**BRIDE WANTED**

Handsome Karan Boy 1995, 5'10", B.Tech Serving Officer SBI, Bhubaneswar. "SUNASANSAR". 9937512659. D-76294

**GROOM WANTED**

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050

ବୟସ 28 କୌଣସି ଚାକିରୀ କରୁନଥିବା ସୁନ୍ଦରୀ ସୁଶୀଳ ଘରୋଇ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7326056138. D-1351



REAL ESTATE

**SALE**

**4.52 Acres of gharabari land with boundary for sale near Satasankha Puri, Price- 6.15Cr. Only outright basis. 9438400633 (Brokers not allowed).** D-76293

Buy Or Sale Property: 8984071303 - Wanted Yellow Zone Gharabari Land on Outright/Sharing Basis minimum 30' Road around Bhubaneswar for Housing Purpose. D-1345

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

6.4 Decimal plot for sale, sthitiban and gharabari, Municipal Road facing, wide frontage approx. 50', area approx. 2800sqft., ahead of Dakbunglow and Post Office, with boundary wall, in the middle of locality in Jatni Municipality Township close to Bhubaneswar, NISER and IIT. Contact Owner: 8335080230. No Brokers please. D-1338

ଗୃହୋପଯୋଗି **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347.** D-1241





5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278





**Full body massage experience, good looking therapist @999 (Bhubaneswar). 9078484455.** D-1325

Newly open SPA positively health benefits (expert therapist). Contact- 7327030529. D-76929

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open Jyoti SPA positively health benefits (expert therapist). 8458067955. D-76927

Newly open health benefits SPA by expert therapist. Contact- 8280961126. D-76928

Positively health benefits SPA expert female therapist homely atmosphere. 9114559860. D-1310

**AFFIDAVIT**

I, PRAGNYA SASWAT PANDA, S/o- Premanjan Panda, resident of At- Khajuria, P.O.- Sagar, P.S.- Kanpur, Dist.- Cuttack- 754037, Odisha declare by this affidavit No.- 7635, dated- 19.07.2025. That now onwards I shall be known as PRAGYAN SASWAT PANDA for all future purposes. D-1353

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମୁଁ ARJUN JENA, ପିତା- Late CHAITANYA JENA, ଗ୍ରାମ- Deuliamrutamanohi, ପୋଷ୍ଟ- Gambharidihi, ଥାନା- Itamati, ଜିଲ୍ଲା- Nayagarh ଆଗରୁ ମୋର ଜନ୍ମ ତାରିଖ ୨୧।୦୬।୧୯୭୫ ଥିଲା। ସତ୍ୟପାଠ କରି ୦୭।୦୭।୨୦୨୫ ତାରିଖରେ ମୋର ପୂର୍ବ ନାମ ARJUNA JENA, ଜନ୍ମ ତାରିଖ ୧୫।୦୫।୧୯୭୫ ଆଜିଠାରୁ ଏହି ଜନ୍ମ ତାରିଖ ସହିତ ଏହି ନାମରେ ପରିଚିତ ହେବି। ARJUNA JENA ଗୋଟିଏ ବ୍ୟକ୍ତି ଅଟନ୍ତି। ଏଣିକି ମୋର ପ୍ରତ୍ୟେକ କାମରେ ମୁଁ ARJUNA JENA, ଜନ୍ମ ତାରିଖ ୧୫।୦୫।୧୯୭୫ ନାମରେ ପରିଚିତ ହେବି। ଧ-୧୩୫୨

I, Santos Kumar Nayak, S/o- Rajkishore Nayak, resident of At- Tikarapanga, Gatanai, Dist.- Kendrapara, Odisha- 754141 declare by this affidavit No.- C.F. No.- 48, dated- 19.07.2025 that now onwards I shall be known as SANTOSH KUMAR NAYAK for all future purposes. D-1349

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବିଶେଷଜ୍ଞ

**ଅର୍ଶ ଭଗନ୍ଦର ମଳକଣ୍ଟକ**

ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ

**PILES CLINIC**

ADDRESS

DR. R.PRASAD, BAMS

DR. PREM KUMAR, BAMS., LLB (UTKAL)

**10 A.M. TO 8 PM.**

Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR

9861146916

8917362388

VSS Nagar, BBSR

9861917646


## ମନେ ପଡ଼ନ୍ତି


ଦଶାହ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପତିତପାବନ ମିଶ୍ର

ଏଏଲ୍ ୭୩, ଭିଏସ୍ଏସ୍ ନଗର, ଭୁବନେଶ୍ୱର

ଆବିର୍ଭାବ: ୦୨.୦୭.୧୯୪୨

ତିରୋଧାନ: ୧୧.୦୭.୨୦୨୫

ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକ ସନ୍ତପ୍ତ

କ୍ଷେତ୍ରବାସୀ ମିଶ୍ର, ପ୍ରଭାକର ମିଶ୍ର, ସୁବାଷ ଚନ୍ଦ୍ର ମିଶ୍ର, ଶ୍ରୀନିବାସ ମିଶ୍ର ଏବଂ ମିଶ୍ର ପରିବାର

ଧ-୧୩୫୦

# ଟିମ୍ ୱାର୍କ



**କଥାରେ ଅଛି ଏକତା ହିଁ ବଳ। ତେଣୁ ଯେଉଁ କ୍ଷେତ୍ରରେ ଏକାଧିକ କୁଶଳୀ ଓ ଦକ୍ଷତାସମ୍ପନ୍ନ ବ୍ୟକ୍ତିବିଶେଷ ଏକ ଲକ୍ଷ୍ୟ ନେଇ ଟିମ୍ ୱାର୍କ କରନ୍ତି, ସେଠାରେ ଶୀଘ୍ର ଉନ୍ନତି ସହ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଦେଖିବାକୁ ମିଳିଥାଏ...**

ଟିମ୍ ୱାର୍କ ଠିକ୍ ଭାବେ କରିପାରିଲେ ଶୀଘ୍ର ସଫଳତା ସହ ଅଧିକ ଲାଭ ମିଳିଥାଏ। ତେଣୁ ଯେକୌଣସି ଦଳଗତ କାର୍ଯ୍ୟ କରୁଥିଲେ ଏହାକୁ ସଫଳ କରିବା ଲାଗି କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ନିହାତି ଆବଶ୍ୟକ...

**ଟିମ୍ ସ୍ପିରିଟ୍:** କେତେକ କ୍ଷେତ୍ରରେ ଦେଖାଯାଏ ଦଳଗତ କାର୍ଯ୍ୟ କରୁଥିଲେ ବି ଅନେକଙ୍କ ମନରେ ଟିମ୍ ସ୍ପିରିଟ୍ ନ ଥାଏ। ସାଧାରଣ ଭୁଲ୍ ହେଲେ ଜଣେ ଅନ୍ୟଜଣଙ୍କୁ ନିନ୍ଦା କରିବାରେ ଲାଗିପଡ଼ନ୍ତି। ଏହାଦ୍ୱାରା ଯେ, ସେମାନେ



ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟମାନେ।



ଅଜାଣତରେ ନିଜ କାର୍ଯ୍ୟରେ ଅବହେଳା କରିବସନ୍ତି ସେ ଦିଗରେ ଧ୍ୟାନ ଦିଅନ୍ତି ନାହିଁ। ତେଣୁ ପରସ୍ପରକୁ ସହଯୋଗ କରିବା ଟିମ୍ ୱାର୍କର ସବୁଠୁ ବଡ଼ ନିୟମ। ଏପରି କରିବା ଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ସହଜ ଏବଂ ଶୀଘ୍ର ସମାପ୍ତ ହୋଇଥାଏ।

**ମନ ମିଶିବା:** ଟିମ୍ ୱାର୍କରେ ସମସ୍ତଙ୍କ ମନବୃତ୍ତି ଏକ ହେବା ଦରକାର। କାରଣ ଯେକୌଣସି କାର୍ଯ୍ୟ ଏକାଠି କରିବା ବେଳେ ସଭିଙ୍କ ମତ ଭିନ୍ନ ଭିନ୍ନ ହେବା ଦ୍ୱାରା ମତଭେଦ ହୋଇଥାଏ, ଯାହାକି କାର୍ଯ୍ୟ ସମ୍ପନ୍ନ ହେବାରେ ସବୁଠୁ ବଡ଼ ବାଧକ ସାଜିଥାଏ।

**ପରସ୍ପର ପ୍ରତି ବିଶ୍ୱାସ:** ଯେବେ କୌଣସି କାର୍ଯ୍ୟକୁ ସଫଳ କରାଇବା ଲାଗି ଏକ ଟିମ୍ ଗଠନ ହୁଏ, ସେତେବେଳେ ସବୁ ସଦସ୍ୟଙ୍କ ପରସ୍ପର ପ୍ରତି ବିଶ୍ୱାସ ରହିବା ନିହାତି ଜରୁରୀ।

**ସମାନ ଭାବେ କାମ ବାଣ୍ଟିବା:** ଟିମ୍ ୱାର୍କରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପରସ୍ପର ମଧ୍ୟରେ କାମ ଠିକ୍ ଭାବେ ବାଣ୍ଟିବା। କାରଣ କାହା ଉପରେ କାମର ଅଧିକ ଚାପ କିମ୍ବା କାହା ଉପରେ କାମର କମ୍ ଚାପ ପଡ଼ିବା ଦ୍ୱାରା ପରସ୍ପର ମଧ୍ୟରେ ପ୍ରତିଯୋଗିତା, ମନୋମାଳିନ୍ୟ ହୋଇ ଏହାକୁ ସୁଚାରୁରୂପେ ତୁଲାଇବା କଷ୍ଟକର ହୋଇଥାଏ।

**ଆପୋସ ବୁଝାମଣା:** କୌଣସି ସଦସ୍ୟଙ୍କ ଦ୍ୱାରା ଭୁଲ୍ ହୋଇଗଲେ ସମସ୍ତେ ମିଶି ଏହାର ସମାଧାନ କରିବା ଆବଶ୍ୟକ। ଏପରି ନ କରି ତାଙ୍କୁ ଗାଳି କରିବା, ରାଗିବା ଆଦି କଲେ ଏହାର ନକାରାତ୍ମକ ପ୍ରଭାବ ସମ୍ପୂର୍ଣ୍ଣ ଟିମ୍ ୱାର୍କ ଉପରେ ପଡ଼ିଥାଏ। ତେଣୁ ଟିମ୍‌କୁ ମଜଭୁତ କରିବା ଲାଗି ଆପୋସ ବୁଝାମଣା ରହିବା ନିହାତି ଜରୁରୀ।

**ଟିମ୍ ୱାର୍କକୁ କିପରି କରିବେ ମଜଭୁତ:**

– ସବୁବେଳେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଟିମ୍ ୱାର୍କ ଆରମ୍ଭ କରିବା ଦରକାର। ଯଦି ପ୍ରଥମେ ଏକାଠି ହୋଇ ଟିମ୍ ଗଢ଼ିବେ ଏବଂ କେଉଁ କାର୍ଯ୍ୟ କରିବେ ତାହା ନିର୍ଦ୍ଧାରିତ ନ କରିପାରିବେ ତେବେ କୌଣସି କାର୍ଯ୍ୟ ଠିକ୍ ଭାବେ ସମ୍ପନ୍ନ କରିବା ସହଜ ହେବ ନାହିଁ।

– ଟିମ୍‌ରେ ସବୁ ସଦସ୍ୟ ପରସ୍ପରକୁ ସପୋର୍ଟ କରିବା, ମନବଳ ବଢ଼ାଇବା ଏବଂ ପ୍ରୋତ୍ସାହିତ କରିବା ଦ୍ୱାରା ଟିମ୍ ସ୍ପିରିଟ୍ ବଢ଼ିଥାଏ ଏବଂ କାର୍ଯ୍ୟ ହାସଲ ହୋଇଥାଏ।

– କୌଣସି କାର୍ଯ୍ୟ ଏକାଠି ଆରମ୍ଭ କରିଥିଲେ ସାମାନ୍ୟ ବିଫଳତାରେ ଅଧୈର୍ଯ୍ୟ ନ ହୋଇ ଦୃଢ଼ ମନବଳ ଓ ସକାରାତ୍ମକ ଭାବନା ରଖି ଉଦ୍ୟମ ଚାଲୁରଖିଲେ ଟିମ୍ ୱାର୍କ ଦ୍ୱାରା ନିଶ୍ଚୟ ଲକ୍ଷ୍ୟ ହାସଲ ହୋଇପାରିବ।

**ଟିମ୍ ୱାର୍କର ରହିଛି ଅନେକ ଉପକାରିତା:**

– ଏକାଠି କାର୍ଯ୍ୟ କରିବା ଦ୍ୱାରା କମ୍ ସମୟରେ ଅଧିକ ଟାର୍ଗେଟ୍ ପୂରଣ କରିବା ସହଜ ହୋଇଥାଏ। ଏହାଦ୍ୱାରା ଜଣେ ଅନ୍ୟ ଜଣଙ୍କୁ ଗାଇଡ୍ କରିବାର ସୁଯୋଗ ମିଳୁଥିବାରୁ ଭୁଲ କମ୍ ହୋଇଥାଏ।

– କାମ ବାଣ୍ଟିହୋଇଯିବା ଦ୍ୱାରା ୱାର୍କଲୋଡ୍ କମିଯାଏ। କେବଳ ଏତିକି ନୁହେଁ ଏକାଠି କାମ କଲେ ଯେକୌଣସି ଅସୁବିଧାର ସମାଧାନ କରିବା ଏବଂ ଠିକ୍ ନିଷ୍ପତ୍ତି ନେବା ସହଜ ହୋଇଥାଏ।

– ଅଧିକ ଜଣ ଏକାଠି କାମକଲେ ଏକାଧିକ ନୂଆ ନୂଆ ଆଇଡିଆ ମିଳିଥାଏ। ଯାହାକି ଧୀରେ ଧୀରେ ଅଧିକରୁ ଅଧିକ ସଫଳତା ଆଣିଦେବାରେ ସାହାଯ୍ୟ କରିଥାଏ।

– ପ୍ରତ୍ୟେକ ମଣିଷଙ୍କର ଭିନ୍ନ ଭିନ୍ନ କାର୍ଯ୍ୟରେ ଦକ୍ଷତା ରହିଥାଏ। ତେଣୁ ଟିମ୍ ୱାର୍କ କରିବା ଦ୍ୱାରା ପରସ୍ପରଠୁ ନୂଆ କୌଶଳ ଶିଖିବାର ବି ସୁଯୋଗ ମିଳିଥାଏ, ଯାହାକି ଏକାଧିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିଥାଏ। ଫଳରେ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ବିକାଶର ସୁଯୋଗ ମିଳିଥାଏ।

– ଟିମ୍ ୱାର୍କର ସବୁଠାରୁ ବଡ଼ ଫାଇଦା ହେଉଛି ପରସ୍ପର ମଧ୍ୟରେ ଦୃଢ଼ ସମ୍ପର୍କ, ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ଗଢ଼ିଉଠେ ଯାହାକି କାମ କରିବା ଲାଗି ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଥାଏ। ଏହା ମଧ୍ୟ ମାନସିକ ଶାନ୍ତି ଦେଇଥାଏ।

**–ପୌର୍ଣ୍ଣମାସୀ**



## ଅଭିନବ ଚିନ୍ତାଧାରା ସୃଷ୍ଟି ସହ ସମସ୍ୟାର ସମାଧାନ ହୋଇପାରେ

ଦଳଗତ କାର୍ଯ୍ୟ ବା ଟିମ୍ ୱାର୍କ ମାଧ୍ୟମରେ ପରସ୍ପର ଉପରେ ବିଶ୍ୱାସ ମଜଭୁତ ହୁଏ, ଯାହା ଆମର ଆତ୍ମବିଶ୍ୱାସ ବୃଦ୍ଧି ସହ ନୂତନ କାର୍ଯ୍ୟ କରିବାର ଇଚ୍ଛା ବୃଦ୍ଧି କରାଏ। ଏହାକୁ ଆମେ ଅନୁଭବ କରିଛୁ। ୨୦୧୧ ମସିହାରେ ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ୍ ଗୁଣ୍ଡବନ୍ଧ ଗ୍ରାମରେ ମୁଁ ମୋର କେତେଜଣ ବନ୍ଧୁ ଓ କିଛି ଛାତ୍ରଙ୍କୁ ନେଇ ଗଠନ କରିଥିଲୁ ଆଞ୍ଚଳିକ ବିକାଶ ପରିଷଦ ନାମକ ସ୍ୱେଚ୍ଛାସେବୀ ସଂଗଠନ। ବର୍ତ୍ତମାନ ଆମ ଅନୁଷ୍ଠାନରେ ପଚିଶରୁ ଊର୍ଦ୍ଧ୍ୱ ସକ୍ରିୟ ସଦସ୍ୟଙ୍କ ସମେତ ବହୁସଂଖ୍ୟାରେ ସହଯୋଗୀ ଅଛନ୍ତି। ଛାତ୍ର, ଶ୍ରମଜୀବୀ ଓ ବରିଷ୍ଠ ଅବସରପ୍ରାପ୍ତ ନାଗରିକ ମିଳିତ ଭାବେ ଏକ ମନ ଏକ ପ୍ରାଣ ହୋଇ ସମାଜ ପାଇଁ କାମ କରୁଛନ୍ତି। ଯୁବକମାନଙ୍କ ଶ୍ରମ ଓ ବରିଷ୍ଠମାନଙ୍କ ଅଭିଜ୍ଞତା ଆମର ମୂଳ ପୁଞ୍ଜି, ଅନୁଷ୍ଠାନ ତରଫରୁ ଘରଚଟିଆ, କୃଷ୍ଣସାର ମୃଗ ସୁରକ୍ଷା, ବୃକ୍ଷ ରୋପଣ, ପ୍ରକୃତି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଏକ ସଂଘରେ କାମ କରି ଆମେ ପରସ୍ପରଠାରୁ ଅଧିକ ଶିଖିପାରୁଛୁ ଏବଂ ଏକାଠି କାମ କରି ଅଧିକ କାର୍ଯ୍ୟ ମଧ୍ୟ କମ୍ ସମୟରେ ହାସଲ କରିପାରୁଛୁ। ଦଳଗତ କାର୍ଯ୍ୟରେ, ସଦସ୍ୟମାନେ ପରସ୍ପରର ଚିନ୍ତାଧାରା ଏବଂ ଦୃଷ୍ଟିକୋଣ ଆଦାନ ପ୍ରଦାନ ଦ୍ୱାରା ନୂତନ ଏବଂ ଅଭିନବ ଚିନ୍ତାଧାରା ସୃଷ୍ଟି ସହ ସମସ୍ୟାର ମଧ୍ୟ ସମାଧାନ ହୋଇପାରୁଛି। ଦଳଗତ କାର୍ଯ୍ୟ ମାଧ୍ୟମରେ, ସଦସ୍ୟଙ୍କ ପରସ୍ପର ସହିତ ଭଲ ଭାବରେ ସମ୍ପର୍କ ସ୍ଥାପନ ସହ ଅଧିକ ସକାରାତ୍ମକ କାର୍ଯ୍ୟ କରିବାକୁ ଶକ୍ତି ମିଳୁଛି।

*– ସାଗର କୁମାର ପାତ୍ର*
*(ସଭାପତି, ଆଞ୍ଚଳିକ ବିକାଶ ପରିଷଦ)*



## ଏ ସପ୍ତାହର ପ୍ରଶ୍ନ

୧– ସେପେକ୍ୟାଟ୍ ଜାଗୁଆର୍ ଏୟାର୍‌କ୍ରାଫ୍ଟ ..........ର ମିଳିତ ଉଦ୍ୟମରେ ନିର୍ମିତ ହୋଇଛି ?
୨–ଫ୍ରେଡ୍ ଡାରିଙ୍ଗଟନ୍ ସ୍ୟାଣ୍ଡ ମାଷ୍ଟର ଆୱାର୍ଡ ପାଇଥିବା ପ୍ରଥମ ଭାରତୀୟ ............ ?
୩– ୟୁରୋକୁ ଜାତୀୟ ମୁଦ୍ରା ଭାବେ ଗ୍ରହଣ କରିଥିବା ୨୧ତମ ଦେଶ ............ ?
୪– ଗଜ ମିତ୍ର ସ୍କିମ୍ ......... ରାଜ୍ୟ ପକ୍ଷରୁ ଆରମ୍ଭ କରାଯାଇଛି ?
୫– ଋଷିକୁଲ୍ୟା ନଦୀ .......... ରାଜ୍ୟରେ ପ୍ରବାହିତ ହେଉଛି ?

## ଗତ ଥରର ଉତ୍ତର

୧ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ୍ସ ଡିଜିଟାଲ୍ ଇଣ୍ଟେଲିଜେନ୍ସ ୟୁନିଟ୍
୨ କର୍ଣ୍ଣାଟକ
୩ ତାଇୱାନ୍
୪ ତାମିଲନାଡୁ
୫ ୧୯୫୪ ମସିହା

## ଉତ୍ତରଦାତା

ମଦନ ହରିଜନ, କୋରାପୁଟ

ଶେଖ୍ ୟାକୁବ୍, ଗୋପ

ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ପ୍ରାଣୀ



| | |
|---|---|
| ୧– ବ୍ଲୁ ହ୍ୱେଲ୍ | ୧୦୦–୧୧୦ ଫୁଟ୍ |
| ୨– ଫିନ୍ ହ୍ୱେଲ୍ | ୮୦–୯୦ ଫୁଟ୍ |
| ୩– ସ୍ପର୍ମ ହ୍ୱେଲ୍ | ୬୦–୭୦ ଫୁଟ୍ |
| ୪– ହ୍ୱେଲ୍ ଶାର୍କ | ୪୦–୬୦ ଫୁଟ୍ |
| ୫– କଲୋସାଲ୍ ସ୍କ୍ୱିଡ୍ | ୩୦– ୪୫ ଫୁଟ୍ |
| ୬– ଆଫ୍ରିକାନ୍ ହାତୀ | ୧୩– ୩୫ ଫୁଟ୍ |
| ୭– ସଲ୍ଟୱାଟର କ୍ରୋକୋଡାଇଲ୍ | ୨୩ ଫୁଟ୍ |
| ୮– ଜିରାଫ୍ | ୧୬–୧୯ ଫୁଟ୍ |
| ୯– କୋଡିଆକ୍ ବିୟର୍ | ୧୨ ଫୁଟ୍ |
| ୧୦– ଅଷ୍ଟ୍ରିଚ୍ | ୯ ଫୁଟ୍ |

**ୟୁଥ୍ ଆଲର୍ଟ**

## ସ୍କିନ୍‌ଫିଟ୍ ଆଉଟ୍‌ଫିଟ୍ ପିନ୍ଧୁଥିଲେ...

**ଆଟ୍ରାକ୍ଟିଭ୍ ଲୁକ୍ ପାଇଁ ଅନେକ ଯୁବପିଢ଼ି ସ୍କିନ୍‌ଫିଟ୍ ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ହେଲେ ଆପଣ ଜାଣନ୍ତିକି ଯୁବପିଢ଼ିଙ୍କର ଏହି ଆଇକ୍ୟାଚି ଦେଖାଯିବା ନିଶା ବିଭିନ୍ନ ଶାରୀରିକ ସମସ୍ୟାର ବି କାରଣ ସାଜିପାରେ...**

❖ଅଧିକ ଆଇକ୍ୟାଚି ଲାଗିବା ନିଶାରେ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଟାଇଟ୍ ଟି–ଶାର୍ଟ, ଜିନ୍ସ, ଜେଗିଙ୍ଗ୍ସ, ଅନ୍ୟାନ୍ୟ ପ୍ୟାଣ୍ଟ ବ୍ୟବହାର କରୁଛନ୍ତି। ହେଲେ ଏଭଳି ପୋଷାକ ଅଧିକ ସମୟ ପିନ୍ଧିବା ଦ୍ୱାରା ଚର୍ମ ସଙ୍କୁଚିତ ହେବା ସହ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଯାହାଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟ ଦେଖାଦେଉଛି।

❖ବର୍ଷାଦିନେ ଏଭଳି ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଓଦା ହୋଇଗଲେ ସହଜରେ ଶୁଖି ନ ଥାଏ। ଫଳରେ କୁଣ୍ଡେଇହେବା ସହ ବିଭିନ୍ନ ଫଙ୍ଗାଲ ଇନ୍‌ଫେକ୍‌ଶନ ହୋବର ଆଶଙ୍କା ବି ରହିଛି।

❖ଟାଇଟ୍ ପ୍ୟାଣ୍ଟ ବିଶେଷ କରି ସ୍କିନି ଜିନ୍ସ ପିନ୍ଧିଲେ ୟୁରିନାରି ଟ୍ରାକ୍ ଇନ୍‌ଫେକଶନ୍ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହୁଏ। ଯାହାକି ଖୁବ୍ କଷ୍ଟଦାୟକ ଏବଂ ଭଲ ହେବାକୁ ଅଧିକ ସମୟ ମଧ୍ୟ ଲାଗିଥାଏ।

❖ଫିଗର୍‌କୁ ଅଧିକ ହାଇଲାଇଟ୍ କରିବା ଲାଗି ଅନେକ ଯୁବତୀ ଟାଇଟ୍ ଅଣ୍ଡର ଗାର୍ମେଣ୍ଟ୍ସ ବା ଅନ୍ତଃବସ୍ତ୍ର ମଧ୍ୟ ବ୍ୟବହାର କରିଥାନ୍ତି। ଆମେରିକାରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଟାଇଟ୍ ଅଣ୍ଡର ଗାର୍ମେଣ୍ଟ୍ସ ପିନ୍ଧିବା ଅଭ୍ୟାସ ଭବିଷ୍ୟତରେ ଅନେକଙ୍କ ଠାରେ ବ୍ରେଷ୍ଟ କ୍ୟାନ୍ସରର ଆଶଙ୍କା ବୃଦ୍ଧି କରିଥାଏ।

❖ କେବଳ ଏତିକି ନୁହେଁ, ଏକ ଗବେଷଣା ରିପୋର୍ଟ ମୁତାବକ ସର୍ବଦା ଏଭଳି ଟାଇଟ୍ ପୋଷାକ ବିଶେଷ କରି ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ପ୍ରଜନନ କ୍ଷମତା ହ୍ରାସ ହେବାର ମଧ୍ୟ ଆଶଙ୍କା ରହିଛି।

❖ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୁବତୀ ହୁଅନ୍ତୁ ଅବା ଯୁବକ ଅଧିକ ଟାଇଟ୍ ଡ୍ରେସ୍ ସବୁବେଳେ ପିନ୍ଧିଲେ ଅଳ୍ପ ବୟସରୁ ନ୍ୟୁରୋ ପ୍ରୋବ୍ଲେମ୍ ବା ସ୍ନାୟୁ ଜନିତ ସମସ୍ୟା ଦେଖାଦେବାର ଆଶଙ୍କା ଅଧିକ।



**ଜାଣନ୍ତୁ ଦୁନିଆ**

## ଯେଉଁ ଦେଶରେ ମହିଳା ସଂଖ୍ୟା ଅଧିକ

**ପୃଥିବୀରେ ଏମିତି କେତୋଟି ଦେଶ ରହିଛି ଯେଉଁଠି ପୁରୁଷଙ୍କ ଅନୁପାତରେ ମହିଳାଙ୍କ ସଂଖ୍ୟା ଖୁବ୍ ଅଧିକ। ସେଠାରେ ଏପରି ଜନସଂଖ୍ୟା ଅସନ୍ତୁଳନ କାରଣରୁ ମହିଳାଙ୍କ ବିବାହ ନିମନ୍ତେ ବର ମିଳିବା କଷ୍ଟ ହୋଇଥାଏ, ଏମିତିକି ଏଥିପାଇଁ ମହିଳାଙ୍କୁ ବାହାର ଦେଶର ପୁରୁଷଙ୍କୁ ବିବାହ କରିବାକୁ ପଡ଼ିଥାଏ। ଜାଣନ୍ତୁ ଏଭଳି କେତେକ ମହିଳା ବହୁଳ ଦେଶ ସମ୍ପର୍କରେ...**

**ଡିଜିବୌତି:** ପୃଥିବୀର ପୁରୁଷଙ୍କ ଅନୁପାତରେ ସର୍ବାଧିକ ମହିଳାଥିବା ଦେଶ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି ଡିଜିବୌତି। ଏହି ଦେଶରେ ସମୁଦାୟ ଜନସଂଖ୍ୟା ପ୍ରାୟ ୧.୧୨ମିଲିୟନ ହୋଇଥିବା ବେଳେ ପ୍ରତି ୧୦୦ ଜଣ ମହିଳାଙ୍କ ଅନୁପାତରେ ପୁରୁଷଙ୍କ ସଂଖ୍ୟା ମାତ୍ର ୮୩। ସେଠାରେ ୨୦୨୩ରେ ହୋଇଥିବା ଜନଗଣନା ରିପୋର୍ଟ ଅନୁଯାୟୀ ମହିଳାଙ୍କ ସଂଖ୍ୟା ୫୪.୬୫% ହୋଇଥିବା ବେଳେ ପୁରୁଷ ୪୫.୩୫%। ଏଠାରେ ଅଧିକାଂଶ ପୁରୁଷ ପାଠପଢ଼ା ପରେ ଚାକିରି ପାଇଁ ବାହାର ଦେଶକୁ ଯାଇ ସେଠାକାର ନାଗରିକତ୍ୱ ଗ୍ରହଣ କରିନେଉଥିବା ଏପରି ଜନସଂଖ୍ୟା ଅସନ୍ତୁଳନର ଏକ ମୁଖ୍ୟ କାରଣ ବୋଲି କୁହାଯାଏ।



ରୁଷୀୟ ମହିଳା

**ହଂକଂ:** ଏଠାରେ ପ୍ରତି ୧୦୦ ମହିଳାଙ୍କ ଅନୁପାତରେ ପୁରୁଷଙ୍କ ସଂଖ୍ୟା ୮୬। ଅର୍ଥାତ୍ ସମୁଦାୟ ଜନସଂଖ୍ୟା(ପ୍ରାୟ ୭.୫ ମିଲିୟନ)ର ୫୩.୭୬% ମହିଳା ହୋଇଥିବା ବେଳେ ୪୬.୨୪% ପୁରୁଷ। ଏପରି ହେବା ପଛରେ ଏଠାକାର ମହିଳା ପୁରୁଷଙ୍କ ତୁଳନାରେ ଦୀର୍ଘାୟୁ ହୋଇଥିବା କେତେକ ଗବେଷଣାରୁ ଜଣାପଡ଼ିଛି।



ଡିଜିବୌତି ମହିଳା

**ଲିଥୁଆନିଆ ଏବଂ ବାହାମସ:** ୨୦୨୩ରେ ହୋଇଥିବା ସର୍ଭେ ରିପୋର୍ଟ ମୁତାବକ ହଂକଂ ଭଳି ଏହି ଦୁଇ ଦେଶରେ ମଧ୍ୟ ମହିଳା ପୁରୁଷଙ୍କ ଅନୁପାତ ୧୦୦ରେ ୮୬ ବା ମହିଳା ୫୩.୭୬% ହୋଇଥିବା ବେଳେ ପୁରୁଷ ୪୬.୨୪%। ତେବେ ଲିଥୁଆନିଆରେ ବୟସ୍କ ହେବା ପରେ ପୁରୁଷମାନେ ଶୀଘ୍ର ରୋଗଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ମହିଳାମାନେ କମ୍ ରୋଗରେ ପୀଡ଼ିତ ହୋଇ ଦୀର୍ଘଦିନ ବଞ୍ଚୁଥିବାରୁ ସେମାନଙ୍କ ସଂଖ୍ୟା ଅଧିକ ରହୁଥିବା ଏହାର ମୁଖ୍ୟ କାରଣ ବୋଲି ବିଶ୍ୱାସ ରଖାଯାଏ।

**ରୁଷିଆ:** ପୃଥିବୀରେ ସର୍ବାଧିକ ଜନସଂଖ୍ୟା ତାରତମ୍ୟ ଦେଖାଦେଉଥିବା ଦେଶ ମଧ୍ୟରେ ରୁଷିଆ ମଧ୍ୟ ସାମିଲ ରହିଛି। ଏଠାରେ ସମୁଦାୟ ପ୍ରାୟ ୧୪୪ ମିଲିୟନ ଜନସଂଖ୍ୟାର ୫୩.୪୮% ମହିଳା ହୋଇଥିବା ବେଳେ ୪୬.୫୨% ପୁରୁଷ ଅଛନ୍ତି। ଏଠାରେ ପୁରୁଷମାନେ ଅଧିକ ନିଶାସେବନ ଏବଂ ଫାଇଟିଂ ଗେମ୍ ଯୋଗୁ ପ୍ରାଣ ହରାଉଥିବା ଏହାର ମୁଖ୍ୟ କାରଣ ବୋଲି ଅନୁମାନ କରାଯାଏ।

ଏହି ଦେଶଗୁଡ଼ିକ ବ୍ୟତୀତ ବେଲାରୁଷ୍, ୟୁକ୍ରେନ୍, ଲାଟ୍‌ଭିଆ, ଆଙ୍ଗୁଇଲା, ପୁର୍ଟୋରିକୋ, ମାଲ୍‌ଡୋଭା ଭଳି ଦେଶରେ ମଧ୍ୟ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ।

# ଲକ୍ଷ୍ମୀପ୍ରିୟା, ମନୀଷା, ସରୁନଙ୍କୁ ସ୍ୱର୍ଣ୍ଣ


ଲକ୍ଷ୍ମୀପ୍ରିୟା କିଷାନ



ମନୀଷା ମେରେଲ


ସରୁନ ପାୟାସିଂ

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)**

### ଇଣ୍ଡିଆନ ଓପନ ଆଥ୍‌ଲେଟିକ୍ସ

ବିହାରର ପାଟଣାସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଶନିବାର ଇଣ୍ଡିଆନ ଓପନ ଆଥ୍‌ଲେଟିକ୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଲକ୍ଷ୍ମୀପ୍ରିୟା କିଷାନ, ମନୀଷା ମେରେଲ ଓ ସରୁନ ପାୟାସିଂ ସ୍ୱର୍ଣ୍ଣ, ଶ୍ରାବଣୀ ନନ୍ଦ, ପୂର୍ଣ୍ଣିମା ହେମ୍ବ୍ରମ ଓ ଅବିନାଂଶୁ ସାହୁ ରୌପ୍ୟ ଏବଂ ଦୟାନିଧି ମୁଣ୍ଡା ଓ ଅମିୟ କୁମାର ମଲିକ ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ୧୫୦୦ ମିଟର ରେସ୍‌ରେ ଲକ୍ଷ୍ମୀପ୍ରିୟା ୪:୩୭.୯୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୩ ପ୍ରତିଯୋଗୀ ବିଶିଷ୍ଟ ରେସ୍‌ରେ ବିହାରର ନିତୁ କୁମାରୀ ୪:୩୯.୧୬ ଓ ରାଜସ୍ଥାନର ମହିମା ଚୌଧାରୀ ୪:୫୭.୩୯ ସେକେଣ୍ଡ ସହିତ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ମହିଳା ଲଙ୍ଗଜମ୍ପରେ ଓଡ଼ିଶା ପ୍ରତିଯୋଗୀମାନେ ୱାନ୍-ଟୁ ଫିନିଶ୍ କରିଛନ୍ତି। ମନୀଷା ମେରେଲ ୫.୭୯ ଏବଂ ପୂର୍ଣ୍ଣିମା ହେମ୍ବ୍ରମ ୫.୬୭ ମିଟର ସହ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ଆନ୍ଧ୍ର ପ୍ରଦେଶର ଲକ୍ଷ୍ମୀ ଗେମେଲା ୫.୬୦ ମିଟର ସହିତ ବ୍ରୋଞ୍ଜ ପାଇଛନ୍ତି। ସେହିପରି ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ସରୁନ ପାୟାସିଂ ୭.୬୨ ମିଟର କ୍ଲିୟର କରି ସ୍ୱର୍ଣ୍ଣ ଜିତିଛନ୍ତି। ହିମାଚଳ ପ୍ରଦେଶର ଅମନ ସିଂ (୭.୫୬) ଓ ଉତ୍ତର ପ୍ରଦେଶର ଆଦିତ୍ୟ କୁମାର ସିଂ (୭.୫୪) ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି।

ମହିଳା ୧୦୦ ମିଟର ରେସ୍‌ରେ ଶ୍ରାବଣୀ ରୌପ୍ୟ ପଦକ ଲାଭ କରିଛନ୍ତି। ରେସ୍-ସି'ରେ ଅଂଶଗ୍ରହଣ କରି ସେ ୧୨.୦୫ ସେକେଣ୍ଡ ସମୟ ନେଇ ଓଭରଅଲ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିହାରର ଶତାକ୍ଷୀ ରାୟ ୧୨.୦୪ ସେକେଣ୍ଡ ସହ ପ୍ରଥମ ହୋଇଛନ୍ତି। ପୁରୁଷ ୧୫୦୦ ମିଟର ରେସ୍‌ରେ ଦୟାନିଧି ୩:୫୩.୩୦ ସେକେଣ୍ଡ ନେଇ ତୃତୀୟ ସ୍ଥାନରେ ରହିଛନ୍ତି। ଦିଲ୍ଲୀର ରାହୁଲ (୩:୪୮.୪୨) ଓ ବେଙ୍ଗାଲୁରୁ ଏନ୍‌ସିଓଇର ମନୋଜ କାମି (୩:୫୨.୨୭) ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ପୁରୁଷ ୧୦୦ ମିଟରରେ ଅବିନାଂଶୁ ସାହୁ ୧୦.୭୧ ଓ ଅମିୟ କୁମାର ମଲିକ ୧୦.୭୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଛତିଶଗଡ଼ର ୟେର୍ନେନା ବାଲବର୍ଦ୍ଧନ ୧୦.୬୬ ସେକେଣ୍ଡ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।


ବିହାରର ପାଟଣାରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଓପନ ଆଥଲେଟିକ୍ସ ଅବସରରେ ମହିଳା ୧୦,୦୦୦ ମିଟରରେ ପ୍ରତିଯୋଗୀମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ଓଡ଼ିଶାର ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ପଦକ ବିଜୟୀ ଓଡ଼ିଶା ଆଥ୍‌ଲେଟ୍‌ମାନେ।

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)**

### ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା

ଆମେରିକାର ବର୍ମିଂହାମ୍‌ରେ ଅନୁଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ା-୨୦୨୫ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଶା ପୋଲିସର ପଦକ ବିଜେତା କ୍ରୀଡ଼ାବିତ୍‌ମାନେ ଶନିବାର ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି। ରାଜ୍ୟ ପୋଲିସର ଏହି ସଫଳ କ୍ରୀଡ଼ାବିତ୍‌ମାନେ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଜିପି ଖୁରାନିଆ ପଦକ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଖେଳାଳିଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତା ନିମନ୍ତେ ଭୂୟସୀ ପ୍ରଶଂସା କରିଛନ୍ତି। କ୍ରୀଡ଼ାବିତଙ୍କ ଏହି ଅସାଧାରଣ ସଫଳତା ଦେଶ, ଓଡ଼ିଶା ରାଜ୍ୟ ତଥା ଓଡ଼ିଶା ପୋଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆମେରିକାର ବର୍ମିଂହାମ୍‌ରେ ଜୁନ୍ ୨୭ରୁ ଜୁଲାଇ ୬ ପର୍ଯ୍ୟନ୍ତ ଆୟୋଜିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ାରେ ୭ ଜଣ ଓଡ଼ିଶା ପୋଲିସ କର୍ମଚାରୀ (୫ ପୁରୁଷ ଏବଂ ୨ ମହିଳା)ଙ୍କ ଏକ ଦଳ ଭାରତୀୟ ପୋଲିସ ଦଳର ପ୍ରତିନିଧିତ୍ୱ କରି ୨୦ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଶା ପୋଲିସରଆଥଲେଟ୍‌ମାନେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଏବଂ ୪ ବ୍ରୋଞ୍ଜ ସହ ମୋଟ ୨୦ ପଦକ ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଭୁବନେଶ୍ୱର-କଟକ ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଆଇଜି, ଗୋଇନ୍ଦା ଜୟ ନାରାୟଣ ପଙ୍କଜ, ରେଳବାଇ ଏସ୍‌ପି ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ପୋଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଦକ ବିଜେତା କ୍ରୀଡ଼ାବିତମାନେ ପୂର୍ବାହ୍ନରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ। ସେଠାରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଖେଳାଳିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।

# ଦ୍ୱିତୀୟ ଦିନିକିଆରେ ଇଂଲଣ୍ଡ ବିଜୟୀ

**ଲଣ୍ଡନ, ୧୯।୭ (ପି.ଟି.):** ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡ ଡି/ଏଲ୍ ପଦ୍ଧତିରେ ୮ଉଇକେଟରେ ବିଜୟୀ ହୋଇଛି। ଫଳରେ ଦୁଇ ଦଳ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ବରାବର ସ୍ଥିତିକୁ ଚାଲିଆସିଛି। ବର୍ଷାରେ ବାଧାପ୍ରାପ୍ତ ଏହି ମ୍ୟାଚରେ ୧୧୫ରନର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୨୧ ଓଭରରେ ୨ଉଇକେଟ ବିନିମୟରେ ଅତିକ୍ରମ କରିଥିଲା। ଦଳ ତରଫରୁ ଓପନର ଆମି ଜୋନ୍ସ ସର୍ବାଧିକ ୪୬ରନ କରିଥିଲେ। ବର୍ଷାଯୋଗୁ ମ୍ୟାଚ୍‌କୁ ୨୯ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୯ଓଭରରେ ୮ଉଇକେଟ ବିନିମୟରେ ୧୪୩ ରନ କରିଥିଲା। ସ୍ମୃତି ମନ୍ଧାନା ସର୍ବାଧିକ ୪୨ରନ କରିଥିଲେ। ସୂଚନାଯୋଗ୍ୟ, ମ୍ୟାଚରେ ପ୍ରଥମେ ଇଂଲଣ୍ଡ ପାଇଁ ୨୯ଓଭରରେ ୧୪୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ପୁଣି ବର୍ଷା ବାଧା ଦେବାରୁ ବିଜୟ ଲକ୍ଷ୍ୟକୁ ପରିବର୍ତ୍ତନ କରାଯାଇ ୨୪ ଓଭରରେ ୧୧୫ ରନ ଧାର୍ଯ୍ୟ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ମହିଳା ଦଳ: ୨୯ ଓଭରରେ ୧୪୩/୮ (ସମ୍ୟତି ମନ୍ଧାନା-୪୨, ଦିପ୍ତୀ ଶର୍ମା-୩୦*; ସୋଫି ଏକ୍କେଷ୍ଟୋନ୍-୩/୨୭)। ଇଂଲଣ୍ଡ ମହିଳା ଦଳ: ୨୧ ଓଭରରେ ୧୧୬/୨ (ଆମି ଜୋନ୍ସ-୪୬*, ଟାମି ବିମଣ୍ଟ-୩୪; ସ୍ନେହ ରାଣା-୧/୧୨)।

# ଥାଇମେନଙ୍କ ପ୍ରଥମ ଷ୍ଟେଜ୍ ବିଜୟ

**ପ୍ୟାରିସ, ୧୯।୭**

ନେଦରଲାଣ୍ଡ୍‌ସର ଥାଇମେନ ଆରେନ୍ସମାନ ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ୧୪ତମ ଷ୍ଟେଜ ବିଜେତା ହୋଇଛନ୍ତି। ପ୍ରତିଯୋଗିତାରେ ଏହା ହେଉଛି ତାଙ୍କର ପ୍ରଥମ ଷ୍ଟେଜ୍ ବିଜୟ। ପାଉ ଓ ସୁପର ବ୍ୟାଗନର୍ସ ମଧ୍ୟରେ ୧୮୩ କି.ମି (୧୧୩ ମାଇଲ) ଦୂରତା ବିଶିଷ୍ଟ କଷ୍ଟସାଧ୍ୟ ଏହି ମାଉଣ୍ଟେନ ଟ୍ରେକ୍‌ରେ ସ୍ଲୋଭେନିଆର ଷ୍ଟେଜ୍‌ରେ ଟାଡେଜ ପୋଗାକାର ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଜୋନାସ ଭିଙ୍ଗେଗାର୍ଡଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଓଭରଅଲ ଲିଡର ଭାବେ ସେ ତାଙ୍କ ୟେଲୋ ଜର୍ସି ବଜାୟ ରଖିପାରିଛନ୍ତି। ଏହି ଦୁଇ ରାଇଡର ଷ୍ଟ୍ରିଙ୍ଗ୍ ଫିନିଶ ସହ ଇନିଅସ ଗ୍ରେନାଡିଅର୍ସ ରାଇଡର ଆରେନ୍ସମାନଙ୍କଠାରୁ ୧ ମିନିଟ ୧୨ ସେକେଣ୍ଡ ପଛରେ ରହିଥିଲେ। ଜେନେରାଲ କ୍ଲାସିଫିକେଶନରେ ୨୦୨୦, ୨୦୨୧ ଓ ୨୦୨୪ ବିଜେତା ପୋଗାକାର ଭିଙ୍ଗେଗାର୍ଡଙ୍କଠାରୁ ତାଙ୍କ ଅଗ୍ରଣୀ ବ୍ୟବଧାନ ୬ ସେକେଣ୍ଡରୁ ୪: ୧୩କୁ ବୃଦ୍ଧି କରିପାରିଛନ୍ତି। ଫ୍ଲୋରିଆନ ଲିପୋୱିଜ୍ ୭ମିନିଟ ୫୩ ସେକେଣ୍ଡ ପଛରେ ତୃତୀୟ ସ୍ଥାନରେ ଅଛନ୍ତି।




# ଅର୍ଶଦୀପ ଆହତ

**ମାଞ୍ଚେଷ୍ଟର, ୧୯।୭ (ପି.ଟି.):** ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜରେ ଏପର୍ଯ୍ୟନ୍ତ ଖେଳିବାକୁ ସୁଯୋଗ ପାଇ ନ ଥିବା ବାମହାତୀ ପେସ୍ ବୋଲର ଅର୍ଶଦୀପ ସିଂ ଆହତ ହୋଇଛନ୍ତି। ଫଳରେ ସେ ଚଳିତ ମାସ ୨୩ରୁ ଆରମ୍ଭ ହେବାକୁ ଯାଉଥିବା ୪ର୍ଥ ଟେଷ୍ଟ ପାଇଁ ଉପଲବ୍ଧ ହେବା ସମ୍ଭାବନା ନାହିଁ। ଗୁରୁବାର ବେକେନହାମ୍‌ରେ ସାଇ ସୁଦର୍ଶନଙ୍କୁ ନେଟ୍ସରେ ବୋଲିଂ କରିବାବେଳେ ଫଲୋ ଥ୍ରୁରେ ବଲ୍‌କୁ ରୋକିବା ପ୍ରୟାସରେ ଅର୍ଶଦୀପ ବାମ ହାତରେ ଆଘାତ ପାଇଥିଲେ। ଏହାପରେ ତାଙ୍କ ହାତକୁ ବ୍ୟାଣ୍ଡେଜ କରି ରଖାଯାଇଛି। ଚତୁର୍ଥ ଟେଷ୍ଟ ପାଖେଇ ଆସିଲେ ଟିମ୍ କମ୍ବିନେଶନ ଏବଂ ଅର୍ଶଦୀପଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୁହାଯାଇପାରିବ ବୋଲି ସହକାରୀ କୋଚ୍ ର୍ୟାନ୍ ଟେନ୍ ଡୋଶ୍ଚେଟ ପ୍ରକାଶ କରିଛନ୍ତି।

# ଭାରତ କ୍ୱାର୍ଟର ଫାଇନାଲରେ

**ସୋଲୋ, ୧୯।୭ (ପି.ଟି.)**

### ଏସିଆ ଜୁନିୟର ମିକ୍ସଡ ଟିମ୍ ବ୍ୟାଡ୍‌ମିଣ୍ଟନ

ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ୧୧୦-୮୩ରେ ବିଜୟ ହାସଲ କରି ଭାରତ ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ର ଗ୍ରୁପ୍ 'ଡି'ରୁ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ପ୍ରଥମ ଦିବସରେ ଶ୍ରୀଲଙ୍କା ବିପକ୍ଷରେ ମଧ୍ୟ ଭାରତ ଜବରଦସ୍ତ ବିଜୟ ହାସଲ କରିଥିଲା। ସେହିପରି ହଂକଂ ମଧ୍ୟ ଦୁଇଟି ବିଜୟ ସହ ଏହି ଗ୍ରୁପ୍‌ରୁ ଅନ୍ୟତମ ଦଳ ଭାବେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଗ୍ରୁପ୍-'ଡି'ର ପ୍ରଥମ ସ୍ଥାନ ପାଇଁ ରବିବାର ଭାରତ ଓ ହଂକଂ ମଧ୍ୟରେ ମୁକାବିଲା ହେବ। ଏହି ଟୁର୍ନାମେଣ୍ଟ ଏକ ରିଲେ ସ୍କୋରିଂ ଫର୍ମାଟରେ ଖେଳାଯାଉଛି। ଏଥିରେ ୧୦ଟି ମ୍ୟାଚ୍‌ରେ ୧୧୦ ପଏଣ୍ଟ ହାସଲ କରିବାଲାଗି ଦୌଡ଼ ଲଗାଇବାକୁ ପଡ଼ିଥାଏ। ୨୦୧୧ରେ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରି ଏକ ବ୍ରୋଞ୍ଜ ପଦକ ହାସଲ କରିପାରିଥିଲା।


ଭାରତୀୟ ଜୁନିୟର ମିକ୍ସଡ୍ ବ୍ୟାଡ୍‌ମିଣ୍ଟନ ଦଳ।

# ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନରେ ଭାରତକୁ ସଫଳତା

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)**

### ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଜର୍ମାନୀର ରାଇନେ-ରୁହରଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ଟେବୁଲ ଟେନିସ ଓ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଭାରତକୁ ସଫଳତା ମିଳିଛି। ଭାରତୀୟ ମହିଳା ଟେବୁଲ ଟେନିସ ଓ ପୁରୁ: ବ୍ୟାଡ୍‌ମିଣ୍ଟନ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଫଳରେ ଉଭୟ ଇଭେଣ୍ଟରେ ପଦକ ଜିତିବାରେ ଭାରତ ଗୋଟିଏ ପାଦ ଦୂରରେ ରହିଛି। ପୁରୁଷ ଡବଲ୍ସ ବ୍ୟାଡ୍‌ମିଣ୍ଟନରେ କିଟ୍ ଛାତ୍ର ଅବିନାଶ ମହାନ୍ତି ଚମତ୍କାର ପ୍ରଦର୍ଶନ କରି ଦଳକୁ କ୍ୱାର୍ଟର ଫାଇନାଲ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଏସିଆନ ଗେମ୍ସ ପାୱାର ହାଉସ ମାଲେସିଆକୁ ଭେଟିବ। ପ୍ରତିଯୋଗିତାର ଆଥ୍‌ଲେଟିକ୍ସ ଓ ଆର୍ଚେରୀ ଇଭେଣ୍ଟ ୨୧ ତାରିଖରୁ ଆରମ୍ଭ ହେବ। ଆଥ୍‌ଲେଟିକ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ଅନିମେଶ କୁଜୁରଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେ ୧୦୦, ୨୦୦ ମିଟର ଏବଂ ୪୦୦ ମିଟର ରିଲେରେ ଅଂଶଗ୍ରହଣ କରିବେ। ପ୍ରକାଶଯୋଗ୍ୟ, ଜର୍ମାନୀ ଯିବା ପୂର୍ବରୁ ଭାରତୀୟ ଦଳର ଟ୍ରେନିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି, କୋଚ୍ ଏବଂ ରାଜ୍ୟ ଏବଂ ଦେଶର କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।


ୱାର୍ଲ୍ଡ ୟୁନିଭର୍ସିଟି ଗେମ୍‌ରେ ଭାଗ ନେଇଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ